ଟ. : ୨୫

# ଆମରି ସତ୍ୟ


**AMARISATYA**

RNI Regn. No. - 107608/2010

Postal Regd. No. - PURI-33/2019-21

ଦଶମ ବର୍ଷ, ଅଷ୍ଟମ ସଂଖ୍ୟା

ମାସିକ, ଫେବୃଆରୀ - ୨୦୨୦

ପୃଷ୍ଠା ସଂଖ୍ୟା-୫୨






ମନୋଜ ଦାସ


ଶଶଧର ଆଚାର୍ଯ୍ୟ


ସାବରମତୀ


ମନମୋହନ ମହାପାତ୍ର


ବଟକୃଷ୍ଣ ସାହୁ


ମିତ୍ରଭାନୁ ଗୌନ୍ତିଆ


ଉତ୍ସବ ଚରଣ ଦାସ


ଦିଗମ୍ବର ମହାନ୍ତି


ରାଧାମୋହନ


ବୀଣାପାଣି ମହାନ୍ତି


ଦମୟନ୍ତି ବେଶ୍ରା


ପ୍ରଶାନ୍ତ ପଟ୍ଟନାୟକ



ବନ୍ଧୁମିଳନ, ଗଡମାଣତିର, ଖୋର୍ଦ୍ଧା




ଫକୀରମୋହନ ଜୟନ୍ତୀ ପାଳନ,
ଜଟଣୀ ଶାଖା



# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଦଶମ ବର୍ଷ - ଅଷ୍ଟମ ସଂଖ୍ୟା - ଫେବ୍ରୁଆରୀ, ୨୦୨୦**

**ପ୍ରତିଷ୍ଠାତା**
**ଡ. ପ୍ରମୋଦ ଚନ୍ଦ୍ର ଦାଶ**
୯୪୩୭୨୮୧୬୫୫

**ସଂପାଦକ**
**ଡ. ପ୍ରସନ୍ନ କୁମାର ଜେନା**
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
**ସତ୍ୟବାଦୀ ବଳିଆରସିଂହ**
୯୨୩୭୦୮୯୫୦୯

**ସହ ସମ୍ପାଦକ**
**ତ୍ରିଲୋଚନ ମହାପାତ୍ର**
୯୯୩୮୯୯୪୮୨୨
**ସତ୍ୟନାରାୟଣ ସାମନ୍ତରାୟ**
୯୪୩୮୭୩୪୮୧୬
**ଡ. ଅଜୟ କୁମାର ସ୍ୱାଇଁ**
୯୪୩୭୨୮୧୪୮୨
**ଭବାନୀ ଶଙ୍କର ଦାଶ**
୯୪୩୭୧୩୧୯୯୬

**ସଂଯୋଜକ**
**ଡ. ନିରଞ୍ଜନ ମହାନ୍ତି**
୯୪୩୭୧୬୦୩୫୫
**ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ**
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
**ସର୍ବେଶ୍ୱର ମହାପାତ୍ର**
୯୯୩୮୪୪୨୪୨୮
**ସମରଜିତ୍ ପଟ୍ଟନାୟକ**
୯୮୬୧୧୨୧୨୦୫
**ବିଭୂପ୍ରସାଦ ହରିଚନ୍ଦନ**
୭୦୭୭୯୮୩୮୪୦
**ଡ. ପ୍ରେମଚାନ୍ଦ ମହାନ୍ତି**
୯୪୩୭୧୨୭୮୨୦

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
**ରାଜୀବ ରଥ**
୭୯୭୮୭୧୫୧୪୯

**ଯୋଗାଯୋଗ:**

**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
**ଶ୍ରୀମତୀ ରୁନା ମହାପାତ୍ର**
ପ୍ଲଟ ନ-୧୦୭୧/ପି,ଲେନ ନ-୪,ଶତାବ୍ଦୀ ନଗର
ଭୁବନେଶ୍ୱର-୩ ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦

**ଜଟଣୀ ଅଫିସ -**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳି କଲୋନୀ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ମୋ-୯୩୩୮୨୨୧୩୭୪

## ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

**(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ )**

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
**ଡ. ଅଭୟ କୁମାର ନାୟକ**
କୁଳସଚିବ ,ନାଇଜର, ଭୁବନେଶ୍ୱର
**ଡ.ଶରଚ୍ଚନ୍ଦ୍ର ମହାପାତ୍ର**
ପୂର୍ବତନ ଅଧ୍ୟକ୍ଷ,
ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ.ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର।
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର୍।
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ,
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151**


**'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।**

AMARISATYA
AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in Email:amarisatya@gmail.com / amarisatya@rediffmail.com

କାପୁରୁଷ ଓ ନିର୍ବୋଧମାନେ କହନ୍ତି - ଏହା ମୋର ଭାଗ୍ୟ, ମାତ୍ର ବଳିଷ୍ଠ ପୁରୁଷ କହେ ମୁଁ ମୋର ଭାଗ୍ୟ ନିର୍ମାଣ କରିବି-- ସ୍ୱାମୀ ବିବେକାନନ୍ଦ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : | ରମେଶ ମଙ୍ଗରାଜ | ୦୪ |
| ୨. | ସମ୍ପାଦକୀୟ | | ୦୫ |
| ୩. | ହିତ ବାଣୀ | | ୦୬ |
| ୪. | ପଦ୍ମଭୂଷଣ ଏବଂ ପଦ୍ମ ପୁରସ୍କାର-୨୦୨୦ | | ୦୭ |
| ୫. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୧୦ |
| ୬. | ମୋ ପରିବାର | ତୁଳସୀ ଜୈନ | ୧୩ |
| ୭. | ପରିଭାଷା | ପଦ୍ମଲୋଚନ ସାହୁ | ୧୪ |
| ୮. | ଆମେ ଓ ଆମ ପରିବେଶର... | ବିଭୂତି ଭୂଷଣ ସେନାପତି | ୧୫ |
| ୯. | ହାତୀଛୁଆର ଚିକିତ୍ସା | ନିର୍ମଳା କୁମାରୀ ମହାପାତ୍ର | ୧୬ |
| ୧୦. | ମନର ମୂଳେ ଏ ଜଗତ | ପଦ୍ମନାଭ ପାଣିଗ୍ରାହୀ | ୧୭ |
| ୧୧. | ମୁଁ କନ୍ୟାରତ୍ନ କହୁଛି | ଜ୍ୟୋତିପ୍ରଭା ପଟ୍ଟନାୟକ | ୧୮ |
| ୧୨. | ସହନଶୀଳତାର ବିଜୟ | ନିତ୍ୟାନନ୍ଦ ସ୍ୱାଇଁ | ୧୯ |
| ୧୩. | ନିର୍ଭୟା | ନଳିନୀ ଦାଶ | ୨୦ |
| ୧୪. | ଆ'ରେ କହ୍ନେଇ ଆ' | ତେଜସ୍ୱିନୀ ସାହୁ | ୨୦ |
| ୧୫. | ପ୍ରତିଶ୍ରୁତି | ସତ୍ୟନାରାୟଣ ସାମନ୍ତରାୟ | ୨୧ |
| ୧୬. | ବୋଉ | ଆନନ୍ଦିକା ସାମନ୍ତରାୟ | ୨୨ |
| ୧୭. | ଓଡ଼ିଶାରେ ଗାନ୍ଧିଜୀଙ୍କ... | ରବିନ୍ଦ୍ରନାଥ ପ୍ରଧାନ | ୨୩ |
| ୧୮. | ପାଦ | ସଚ୍ଚି ମହାନ୍ତି | ୨୫ |
| ୧୯. | ନିଅ ଆମ ବିପ୍ଳବୀ ସଲାମ୍ | ଧ୍ରୁବ ରଣା | ୨୫ |
| ୨୦. | ମିଳିମିଳା | ଡା.ଧନେଶ୍ୱର ସାହୁ | ୨୬ |
| ୨୧. | ଆମରିସତ୍ୟ | ହେମଲତା ସାହୁ | ୨୮ |
| ୨୨. | ମୋର ପରିବାର ଆପଣଙ୍କୁ | ଡ.ପ୍ରମୋଦ ଚନ୍ଦ୍ର ଦାଶ | ୨୯ |
| ୨୩. | ତୀର୍ଥସ୍ଥାନ କୋଣାର୍କ | ଜବାହରଲାଲ ସୁବୁଦ୍ଧି | ୩୦ |
| ୨୪. | ମନର କୋହ | ଶିବସୁନ୍ଦର ପଟ୍ଟନାୟକ | ୩୦ |
| ୨୫. | ଓଡ଼ିଆ ଏବଂ ତେଲୁଗ | ଗାୟତ୍ରୀ ଦେବୀ ପାଲମାଲ | ୩୧ |
| ୨୬. | ଆମ୍ଭା ପକ୍ଷୀରେ | ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ | ୩୨ |
| ୨୭. | ୨୦୧୯-ଜାତୀୟ... | ଡ.ବିଷ୍ଣୁ ଚରଣ ସାହୁ | ୩୩ |
| ୨୯. | ଭାଗ୍ୟ | ଅକ୍ଷୟ ମହାନ୍ତି | ୩୪ |
| ୩୦. | ମଧୁ ମଳୟ | ଶାନ୍ତିଲତା ସାହୁ | ୩୪ |
| ୩୧. | କେଉଁଠି କରିଛି ଘର | ପ୍ରମୋଦ କୁମାର ନନ୍ଦ | ୩୫ |
| ୩୨. | ପ୍ରାତଃଭବନ ସବୁ ଆମରି ପାଇଁ | ଲାବଣ୍ୟଚନ୍ଦ୍ର ସାହୁ | ୩୫ |
| ୩୩. | କାଠଚମ୍ପାର ସୁରଭି | ଗୋପୀନାଥ ଦାଶ | ୩୬ |
| ୩୪. | ଛତ୍ରପତି | ନାମଯଜ୍ଞ ମିଶ୍ର | ୩୭ |
| ୩୫. | ଗଙ୍ଗଶିଉଳୀ | ସୁକାନ୍ତି ତ୍ରିପାଠୀ | ୩୭ |
| ୩୬. | ଚିକେନ ମସଲା | ସୌମିତ୍ରା ହରିଚନ୍ଦନ | ୩୭ |
| ୩୭. | ଲୋତକର ଇସ୍ତାହାର | ସଂଯୁକ୍ତା ବେହେରା | ୩୮ |
| ୩୮. | ପାଚେରି | ବୈଜୟନ୍ତୀ ପଟ୍ଟନାୟକ | ୩୮ |
| ୩୯. | ସତୀ ସୀତା ରୂପେ | ଅର୍ଜ୍ଜୁନ ମେହେର | ୩୮ |
| ୪୦. | ଲଜ୍ଜାବତୀ ମାଙ୍କଡ଼ | ମନୋଜ କୁମାର ମହାପାତ୍ର | ୩୯ |
| ୪୧. | ଭାରତୀୟ କ୍ରିକେଟର ପଥ | ଆଶିଷ କୁମାର ରାୟ | ୪୦ |
| ୪୨ | ସମ୍ବାଦ ବିଚିତ୍ରା | | ୪୨ |
| ୪୩. | ସାଧାରଣ ଜ୍ଞାନ | | ୪୩-୫୦ |


## ସକାଳ ବନ୍ଦନା : ସଂଜପ୍ରାର୍ଥନା
## (୪୫)

**ରମେଶ ମଙ୍ଗରାଜ**

କାହାକୁ କାହିଁକି ଡାକିବି ପ୍ରଭୁ ହେ
ତମେ ଥାଇ ମହାବାହୁ
କୁଟା ଖିଅ କିଆଁ ଆସରା କରିବି
ଦାରୁ ବ୍ରହ୍ମ ଥାଉ ଥାଉ । ॥୦॥
କାମିନୀ କାଞ୍ଚନ ଲୋଡ଼ା ନାହିଁ ମୋର
କ୍ଷଣିକ ଆନନ୍ଦ ପାଇଁ
କରୁଣା କଣିକା ଦେଲେ ଦେବ ପ୍ରଭୁ
ନଦେଲେ ବି ଦୁଃଖନାହିଁ
କଳୁଷିତ ପଥେ ନେବନାହିଁ କେବେ
ଏ ଜୀବନ ପଛେ ଯାଉ। ॥୧॥
କାହାକୁ କାହିଁକି.............
କରମ ଧରମ ନୁହେଁ ମୋର କିଛି
ସବୁତ ତୁମରି ଦାନ
କଣ୍ଠରେ ମୋଅର ତୁମନାମ ଧରି
ଦେଇଛି ତୁମକୁ ମନ
କାଚ ଭଳି କ୍ଷଣ ଭଙ୍ଗୁର ଜୀବନ
ମୁଁ'କାର ସାଧୁଛି ଦାଉ । ॥୨॥
କାହାକୁ କାହିଁକି.........

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା**
**ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୨୬୨୮୦**

# ସମ୍ପାଦକୀୟ....





ଗତମାସରେ ଆମେ ନିନ୍ଦା ଉପରେ କିଛି ଲେଖିଥିଲୁ। ବ୍ୟକ୍ତି ନିନ୍ଦାକୁ ଯେତିକି ଭୟ କରେ ପ୍ରଶଂସାକୁ ସେତିକି ଆଦରକରେ। କାରଣ ବ୍ୟକ୍ତିର ଜନ୍ମ ଆଲୋକରୁ ଓ ଗତି ମଧ୍ୟ ଆଲୋକ ଆଡ଼କୁ। ସିଏ ଅମୃତର ସନ୍ତାନ। ପାରମାତ୍ମିକ ସତ୍ତାର ଏକ ଆଧାରୀଭୂତ ମୁର୍ତ୍ତି ଅବୟବ। ସିଏ ପୂର୍ଣ୍ଣ, ପୂର୍ଣ୍ଣରୁ ଆସି ପୁଣି ପୂର୍ଣ୍ଣରେ ବିଲୀନ ହୋଇଯାଏ। ପୂର୍ଣ୍ଣତା ତାର କେନ୍ଦ୍ରୀଭୂତ ଆତ୍ମସତ୍ତା। ପୂର୍ଣ୍ଣ ହେଉଛି ଆଲୋକର ପରିପୂର୍ଣ୍ଣ ପ୍ରକାଶ। ଆନନ୍ଦ, ଉତ୍ସାହ, ଉତ୍ସବ, ଉଲ୍ଲାସ, ଉଦ୍ଦାମତା, ଉତ୍ଥାନଭଳି ଅନେକ ଆଲୋକର ଗୋଟିଏ ଗୋଟିଏ ଉତ୍ସରିତ ଅଂଶୁ। ତାହା ବ୍ୟକ୍ତିକୁ ବିକିରିତ କରେ। ଯଶ ପ୍ରକଟିତ କରେ। ବିଶ୍ୱ ଭାବନାରେ ଉଜ୍ଜୀବିତ ରଖେ। ବ୍ୟକ୍ତି ପ୍ରଶଂସିତ ହୁଏ।

ସୁତରାଂ, ବ୍ୟକ୍ତି ଜନ୍ମତଃ ବିଶେଷକରି ଦୈବତଃ ପ୍ରଶଂସା ଦିଗକୁ ଆଗୁସାର ହୁଏ। ପ୍ରଶଂସା ଟିକିଏ ପାଇବା ପାଇଁ ତା'ମନରେ ପିଲାଟି ଦିନରୁ ଉତ୍କଣ୍ଠା ଜାତ ହୁଏ। ଦୁଇଟି ପିଲାଙ୍କ ଭିତରୁ ଜଣକୁ ପ୍ରଶଂସାକଲେ ଅପର ଜଣକ ମନଦୁଃଖ କରେ। ସିଏ ପ୍ରକାରାନ୍ତରେ ଅପମାନିତ ହୁଏ କିମ୍ବା ତାକୁ ନିନ୍ଦା କରାଯାଉଛି ବୋଲି ବିଚାରକରେ। ପିଲାର ହସ ସହିତ ହସ ମିଶାଇ ହସିଲେ ତାକୁ ପ୍ରଶଂସା କରାଯାଉଛି ବୋଲି ଭାବେ। ସେହିପରି ତା କାନ୍ଦ ସହିତ କାନ୍ଦିଲେ, ଖେଳ ସହିତ ଖେଳିଲେ, ଚାଲି ସହିତ ଚାଲିଲେ, ଗୀତ ସହିତ ଗୀତ ମିଶାଇ ଗାଇଲେ ତାକୁ ପ୍ରଶଂସା କରାଯାଉଛି ବୋଲି ସିଏ ଭାବେ ଓ ଉତ୍ସାହିତ ହୁଏ। ତା ଭିତରେ ପ୍ରଶଂସିତ ହେବାର ଇଚ୍ଛା କ୍ରମେ ବଳବତ୍ତର ହୁଏ ଓ ଅଧିକ ଘନୀଭୂତ ହୋଇ ଉତ୍ତମ ଚରିତ୍ର ଗଠନରେ ସହାୟକ ହୁଏ।

ଉତ୍ତମ ଚରିତ୍ର ଉତ୍ତମ ନାଗରିକ ଗଠନ କରେ। ଏହିହେତୁ ବ୍ୟକ୍ତିର କାର୍ଯ୍ୟ ନିର୍ବାଚନ ତା ନିଜର ତଥା ପରିବାରର ସଂସ୍କାର ଉପରେ ନିର୍ଭରଶୀଳ। ଏହି ସଂସ୍କାର ତାକୁ ଉତ୍କୃଷ୍ଟ କିମ୍ବା ନିକୃଷ୍ଟ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଏ। ଏହାରି ଉପରେ ପ୍ରଶଂସା ଓ ନିନ୍ଦା ସବାରି ଥାଏ।

ପ୍ରଶଂସିତ ହେବା ପାଇଁ ବ୍ୟକ୍ତି କେତେ ଯୋଗ୍ୟ ତାହା ତା'ର ଆଧାରକୁ ନେଇ ବିଚାର କରାଯାଏ। କାର୍ଯ୍ୟଧାରା ଓ ବିଚାରଧାରାର ବିଚାରବୋଧତା ଏକମୁଖୀ ହେଲେ ବ୍ୟକ୍ତି ପ୍ରଶଂସିତ ହୁଏ ଓ ଏଥିରୁ କୌଣସିଟିରେ ବିଭେଦ ପରିଲକ୍ଷିତ ହେଲେ ପ୍ରଶଂସା ତା' ଠାରୁ ଦୂରେଇଯାଏ। ବ୍ୟକ୍ତି ଅପନିନ୍ଦିତ ହୁଏ।

ତେବେ, ନିନ୍ଦା ଯେପରି ସବୁବେଳେ ଅନ୍ଧାର ଦିଗକୁ ସୂଚନା ନଦେଇ ବେଳେବେଳେ ଆଲୋକ ଆଡ଼କୁ ବାଟ ଦେଖାଏ ପ୍ରଶଂସାର ମଧ୍ୟ ସେହିପରି ଦୁଇଟି ଦିଗ ଥାଏ। ପ୍ରଶଂସା ବ୍ୟକ୍ତିକୁ ଏତେ ଦଉଡ଼ାଏ ଯେ ବେଳେବେଳେ ସିଏ ବନ୍ଧବାଡ଼, କଣ୍ଟାଝଣ୍ଟା କିଛି ନମାନି ଖଣ୍ଡିଆଖାବଡ଼ା ହୋଇଯାଏ। ପ୍ରଶଂସାର ଉଦ୍ଦାମ ଉନ୍ମାଦତା ବ୍ୟକ୍ତିକୁ ଅନ୍ଧ କରିଦିଏ। ନିଜର ସ୍ଥିତି, ଅବସ୍ଥିତି, ପରିସ୍ଥିତି ସଂଗତି ଓ ବିସଂଗତି କୌଣସିକୁ ଖାତିର ନକରି ଏପରି କାର୍ଯ୍ୟ କରିବସେ ଯେ ପ୍ରକାରାନ୍ତରେ ନିନ୍ଦାର ପାତ୍ର ହୁଏ। ପ୍ରଶଂସାର ଖାତିରରେ ପ୍ରଗଲ୍ଭ ହୋଇ ବିଚାରଧାରାର ବିଚାରବୋଧକୁ ବିପରୀତମୁଖୀ କରାଇ ପରିଶେଷରେ ଅପନିନ୍ଦିତ ହୁଏ।


ବ୍ୟକ୍ତି ପ୍ରଶଂସା ଚାହେଁ। ମାତ୍ର ପ୍ରଶଂସାର ଆଲୋକକୁ ନିଜଭିତରେ ଧରିରଖିବାର କ୍ଷମତା ନଥିଲେ, ସେ ସ୍ୱେଚ୍ଛାଚାରୀ ହୁଏ। ମନେ ରଖିବାର କଥା ପ୍ରଶଂସା ଚିରସ୍ଥାୟୀ ନୁହେଁ !



ଡ. ପ୍ରସନ୍ନ କୁମାର ଜେନା

# ହିତ ବାଣୀ





## ଗୀତା

ଅନ୍ତବତ୍ତୁ ଫଳଂ ତେଷାଂ ତଦ୍‌ଭବତ୍ୟଳ୍ପମେଧସାମ୍।
ଦେବାନ୍ ଦେବଯପୋ ଯାନ୍ତି ମଭକ୍ତା ଯାନ୍ତି ମାମପି । ୭/୨୩

ପରନ୍ତୁ ସେହି ଅଳ୍ପବୁଦ୍ଧିମାନଙ୍କର ସେହି ଫଳ ନାଶବାନ୍ ହୁଏ; ତଥା ସେହି ଦେବପୂଜକମାନେ ଦେବତାଙ୍କୁ ପାଆନ୍ତି; କିନ୍ତୁ ମୋର ଭକ୍ତମାନେ ମୋତେ ଯେ କୌଣସି ରୂପରେ ଭଜନ କଲେ ମଧ୍ୟ ଶେଷରେ ମୋତେ ହିଁ ପାଆନ୍ତି।

## ମଧୁସୂଦନ ଦାସ

ମାଆ ମାଆ ବୋଲି ଯେତେ ମୁଁ ଖୋଜିଲି
ନ ପାଇଲି ମାଆ କାହିଁ,
ଭାଇ ଭାଇ ବୋଲି ଯେତେ ମୁଁ ଡାକିଲି
ନ ଶୁଣିଲେ ଜଣେ କେହି।

## ଭାଗବତ ବାଣୀ

ମନ ଅର୍ଜନେ ଧର୍ମ କରି।     ଧର୍ମେ ପ୍ରାପତ ନରହରି।।
ସେ ଧନ ପୋଷେ ନିଜ ଦେହୀ   ମୃତ୍ୟୁ ଭାବନା ନକରଇ।।

## ଶଙ୍କରାଚାର୍ଯ୍ୟ

ପ୍ରଧାନ ଶତ୍ରୁ କିଏ ? ନିଜର ଇନ୍ଦ୍ରିୟ ସମୂହ ହେଉଛନ୍ତି ସମସ୍ତଙ୍କଠାରୁ ବଡ଼ ଶତ୍ରୁ। କିନ୍ତୁ ଇନ୍ଦ୍ରିୟମାନଙ୍କୁ ଜୟ କରିପାରିଲେ ,ସେମାନେ ମିତ୍ର ପରି ସହାୟକ ହୋଇଥାନ୍ତି।

## ଚାଣକ୍ୟ ନୀତି

**ଲଲାଟ ଲିଖନକୁ କେହି ବଦଳାଇ ଦେଇପାରନ୍ତି ନାହିଁ :-**

ପତ୍ରଂ ନୈବ ଯଦା କରୀର ବିଟପେ ଦୋଷୋ ବସନ୍ତସ୍ୟ କିଂ
ନୋଲୂ କେଽପ୍ୟବଲୋକତେ ଯଦି ଦିବା ସୂର୍ଯ୍ୟସ୍ୟ କିଂ ଦୂଷଣମ୍।
ବର୍ଷା ନୈବ ପତନ୍ତି ଚାତକମୁଖେ ମେଘସ୍ୟ କିଂ ଦୂଷଣଂ
ଯତ୍ ପୂର୍ବଂ ବିଧିନା ଲଲାଟଲିଖିତଂ ତନ୍ମାର୍ଜିତୁଂ କଃ କ୍ଷମଃ ॥

ଯଦି ବାଉଁଶ ବୃକ୍ଷରେ ପତ୍ର ଆସେନାହିଁ ତେବେ ବସନ୍ତର କ'ଣ ଦୋଷ ଅଟେ? ଯଦି ପେଚାକୁ ଦିନରେ ଦେଖାଯାଏନା ତେବେ ସୂର୍ଯ୍ୟ କ'ଣ କରିବେ? ବର୍ଷାଜଳ ଯଦି ଚାତକର ମୁଖରେ ପଡ଼ିପାରେନା ତେବେ ଏଥିରେ ମେଘର କ'ଣ ଅପରାଧ? ତେଣୁ ବ୍ରହ୍ମା ପ୍ରଥମରୁ ଯାହା ଲଲାଟରେ ଲେଖି ଦେଇଛନ୍ତି ତାକୁ ଲିଭାଇବାରେ କେହି ସମର୍ଥ ହୋଇପାରିବେନି।

## ଢଗ ଢମାଳି

ଉତ୍ତର ଦୁଆରୀ ହୁଅନ୍ତି ରୋଗୀ
ଦକ୍ଷିଣ ଦୁଆରୀ ଜାଣିବ ଭୋଗୀ
ପୂରୁବ ଦୁଆରୀ ପାଆନ୍ତି ଇଷ୍ଟ
ପଶ୍ଚିମ ଦୁଆରୀ ପାଆନ୍ତି କଷ୍ଟ ।

(ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର ଲକ୍ଷଣ।)

## ରୂଢ଼ି ପ୍ରୟୋଗ

କଳାକାଠ ପଡ଼ିଯିବା -
(ମଳିନ ଦେଖାଯିବା)
କାଲ ଠାର କାଲ ମା' ଜାଣେ -
(ସୂତ୍ରଧର ସୂତ୍ର ଜାଣିଥିବା ଲୋକର କଥା ବୁଝିପାରେ।)

ଯେତେବେଳେ ଖରାପ ବ୍ୟକ୍ତି ସଂଗଠିତ ହୋଇଯାଅନ୍ତି,ସେତେବେଳେ ଭଲମାନଙ୍କୁ ମଧ୍ୟ ମିଶିଯିବା ଦରକାର, ନଚେତ ସେମାନେ ଜଣେ ଜଣେ କରି ପରାସ୍ତ ହୋଇଯିବେ।

# ପଦ୍ମଭୂଷଣ ଏବଂ ପଦ୍ମ ପୁରସ୍କାର-୨୦୨୦

୭୧ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଦେଶର ନାଗରିକ ସମ୍ମାନ ପଦ୍ମ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ବର୍ଷ ୧୪୧ଟି ପଦ୍ମ ପୁରସ୍କାର (୪ଟି ପୁରସ୍କାର ଦ୍ୱୈତ ଭାବେ) ପ୍ରଦାନ କରାଯିବ। ୭ ଜଣଙ୍କୁ ପଦ୍ମ ବିଭୂଷଣ, ୧୬ ଜଣଙ୍କୁ ପଦ୍ମଭୂଷଣ ଏବଂ ୧୧୮ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଯେଉଁ ୭ ଜଣ ପଦ୍ମବିଭୂଷଣ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଜର୍ଜ ଫର୍ଣ୍ଣାଣ୍ଡେଜ୍, ଅରୁଣ ଜେଟଲୀ ଓ ସୁଷମା ସ୍ୱରାଜଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯିବ। ଏହା ବ୍ୟତୀତ ସାର୍ ଅନିରୁଦ୍ଧ ଜଗନ୍ନାଥ (ମରିସସ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ), ଶ୍ରୀମତୀ ମ୍ୟାରିକମ୍ (କ୍ରୀଡ଼ା), ଛନ୍ନୁଲାଲ ମିଶ୍ର (ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟକ) ଓ ଶ୍ରୀ ବିଶ୍ୱେଶତୀର୍ଥ ସ୍ୱାମୀଜୀ, ଶ୍ରୀ ପେଜଭରା ଅଧୋଖାଜା ମଠ, ଉଡୁପି (ମରଣୋତ୍ତର)ଙ୍କୁ ମଧ୍ୟ ଏହି ସମ୍ମାନ ପ୍ରଦାନ କରାଯିବ। ଯେଉଁ ୧୬ ଜଣ ପଦ୍ମଭୂଷଣ ପାଇବାକୁ ମନୋନୀତ ହୋଇଛନ୍ତି ସେମାନେ ହେଲେ, ଏମ୍ ମମତାଜ ଅଲ୍ଲି (କେରଳ), ସୟଦ ମୁଆଜିମ ଅଲ୍ଲି (ମରଣୋତ୍ତର), ବାଂଲାଦେଶ, ଅଜୟ ଚକ୍ରବର୍ତ୍ତୀ (କଳା), ବାଲକ୍ରିଷ୍ଣ ଦୋଶୀ (ସ୍ଥପତି), କ୍ରିଷ୍ଣାମଲ ଜଗନ୍ନାଥନ୍ (ସମାଜସେବା), ଏସ୍‌ସି ଜମିର (ସାଧାରଣ ବ୍ୟାପାର), ଅନୀଲ ପ୍ରକାଶ ଜୋଶୀ (ସମାଜସେବା), ଡକ୍ଟର ସେରିଙ୍ଗ୍ ଲାଣ୍ଡୋଲ ମେଡିସିନ୍), ଆନନ୍ଦ ମହିନ୍ଦ୍ରା (ଶିଳ୍ପ ଓ ବାଣିଜ୍ୟ), ନୀଳକଣ୍ଠ ରାମକ୍ରିଷ୍ଣ ମାଧବ ମେନନ (ମରଣୋତ୍ତର) (ସାଧାରଣ ବ୍ୟାପାର), ମନୋହର ଗୋପାଳକ୍ରିଷ୍ଣ ପ୍ରଭୁ ପାରିକର (ମରଣୋତ୍ତର) (ସାଧାରଣ ବ୍ୟାପାର), ପ୍ରଫେସର ଜଗଦୀଶ ସେଠ (ସାହିତ୍ୟ ଓ ଶିକ୍ଷା), ପି .ଭି ସିନ୍ଧୁ (କ୍ରୀଡ଼ା) ଓ ବେନୁ ଶ୍ରୀନିବାସନ୍ (ଶିଳ୍ପ ଓ ବାଣିଜ୍ୟ)। ଏହାବ୍ୟତୀତ ଯେଉଁ ୧୧୮ ଜଣଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯିବ ସେମାନଙ୍କ ମଧ୍ୟରେ ଅଛନ୍ତି, କରଣ ଜୋହର, ଏକତା କାପୁର ଓ ଉସ୍ତାଦ ଅନୱାର୍ ଖାନ୍ ମଙ୍ଗନିୟାର ପ୍ରମୁଖ। ଏମାନଙ୍କୁ ମାର୍ଚ୍ଚ କିମ୍ବା ଏପ୍ରିଲରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ବିଶେଷ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରିବେ।

ବିଶିଷ୍ଟ ସାହିତ୍ୟିକ ମନୋଜ ଦାସ ଚଳିତ ବର୍ଷ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନଜନକ ପଦ୍ମଭୂଷଣ ପାଇବାକୁ ମନୋନୀତ ହୋଇଛନ୍ତି।

ଅନ୍ୟପକ୍ଷରେ ଚଳିତବର୍ଷ ଭାରତର ଚତୁର୍ଥ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମଶ୍ରୀ ପାଇବ ଲାଗି ଓଡ଼ିଶାର ୧୦ ଓଡ଼ିଆ ମନୋନୀତ ହୋଇଛନ୍ତି। ନୟାଗଡ଼ ଜିଲାର ବାପା-ଝିଅ ଯୋଡ଼ି ପ୍ରଫେସର ରାଧାମୋହନ ଓ ସାବରମତୀ ଜୈବିକ କୃଷିରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ପୁରସ୍କାର ପାଇବେ।

କଳା କ୍ଷେତ୍ରରେ ବିଶିଷ୍ଟ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ସ୍ୱର୍ଗତଃ ମନମୋହନ ମହାପାତ୍ରଙ୍କୁ ମରଣୋତ୍ତରଭାବେ ପଦ୍ମଶ୍ରୀ ସମ୍ମାନ ମିଳିବ। ସେହିଭଳି କଳା କ୍ଷେତ୍ରରେ ପ୍ରସିଦ୍ଧ "ରଙ୍ଗବତୀ" ଗୀତର ରଚୟିତା ତଥା ଗୀତିକାର ମିତ୍ରଭାନୁ ଗୌନ୍ତିଆ ଏବଂ କଟକ ଚୌଦ୍ୱାରର ବିଖ୍ୟାତ ଘୋଡ଼ାନାଚ ଶିଳ୍ପୀ ଉତ୍ସବ ଚରଣ ଦାସ ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ପଦ୍ମଶ୍ରୀ

ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଏହାବ୍ୟତୀତ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ସାନ୍ତାଳୀ ଲେଖିକା ଡ. ଦମୟନ୍ତୀ ବେଶ୍ରା ଏବଂ ସାହିତ୍ୟିକା ବୀଣାପାଣି ମହାନ୍ତି, ପଶୁପାଳନ କ୍ଷେତ୍ରରେ ଡ. ବଟକୃଷ୍ଣ ସାହୁ ଓଡ଼ିଶାରୁ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି। ଅନ୍ୟପକ୍ଷରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପ୍ରଫେସର ତଥା ଓଡ଼ିଶା ଜନ୍ମିତ ବରିଷ୍ଠ ଅର୍ଥନୀତିଜ୍ଞ ଡ. ପ୍ରଶାନ୍ତ କୁମାର ପଟ୍ଟନାୟକ ସମ୍ମାନଜନକ ପଦ୍ମଶ୍ରୀ ପାଇବେ। ସେହିଭଳି କଟକ ଜିଲ୍ଲାରେ ଜନ୍ମିତ ପ୍ରଫେସର ଡ. ଦିଗମ୍ବର ବେହେରା ମେଡିସିନ୍ କ୍ଷେତ୍ରରେ ଚଣ୍ଡିଗଡ଼ ସରକାରଙ୍କ ସୁପାରିସରେ ପଦ୍ମଶ୍ରୀ ପାଇବାକୁ ମନୋନୀତ ହୋଇଛନ୍ତି। ଓଡ଼ିଶାର ପୂର୍ବତନ ରାଜ୍ୟପାଳ ତଥା ନାଗାଲାଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ସି. ଜମିର ଚଳିତବର୍ଷ ପଦ୍ମଭୂଷଣ ପାଇବାକୁ ଘୋଷଣା ହୋଇଛି।

## ମନୋଜ ଦାସ - ପଦ୍ମଭୂଷଣ

ମନୋଜ ଦାସ ଜଣେ ଯଶସ୍ୱୀ ଲେଖକ। ଓଡ଼ିଆ ସାହିତ୍ୟର ଜୀବନ୍ତ କିମ୍ବଦନ୍ତୀ। ଏହି ପ୍ରଜ୍ଞାପୁରୁଷ ଆଧ୍ୟାତ୍ମିକତା ଓ ସାରସ୍ୱତ ସାଧନାର ଜଣେ ଜୀବନ୍ତ ପ୍ରତୀକ। ଓଡ଼ିଶାରେ ସେ ଯେତିକି ପରିଚିତ, ଦେଶ ବାହାରେ ଭାରତୀୟ ଇଂରାଜୀ ସାହିତ୍ୟର ଜଣେ ସଫଳ ରୂପକାର ଭାବରେ ସେ ସେତିକି ପରିଚିତ। ଏହି ବରପୁତ୍ରଙ୍କୁ "ପଦ୍ମଭୂଷଣ"ରେ ବିଭୂଷିତ କରିବାକୁ ଘୋଷଣା କରାଯାଇଛି।

୧୯୩୪ ମସିହା ଫେବୃଆରୀ ୨୭ ତାରିଖରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ଶଙ୍ଖାରୀ ଗାଁରେ ଏକ ସମ୍ପନ୍ନ ଓ ସମ୍ଭ୍ରାନ୍ତ ପରିବାରରେ ମନୋଜ ଦାସଙ୍କ ଜନ୍ମ। ନବମ ଶ୍ରେଣୀରେ ପଢୁଥିବାବେଳେ ସେ ଗଳ୍ପରଚନା ଆରମ୍ଭ କରିଥିଲେ ଏବଂ "ଦିଗନ୍ତ" ନାମରେ ଏକ ଉଚ୍ଚକୋଟୀର ପତ୍ରିକାର ସମ୍ପାଦନ କରୁଥିଲେ। ସେହି ସମୟରେ ସେ ଲେଖିଥିବା ପ୍ରଥମ ଗଳ୍ପ "ସମୁଦ୍ରର କ୍ଷୁଧା"।

ଫକୀରମୋହନ କଲେଜରେ ପାଠ ପଢ଼ିବାବେଳେ ସେ ଛାତ୍ର ରାଜନୀତିରେ ଭାଗ ନେଇ କଲେଜ ଛାତ୍ର ସଂସଦର ସଭାପତି ହୋଇଥିଲେ। ଜଣେ କମ୍ୟୁନିଷ୍ଟ ଛାତ୍ରନେତା ଭାବେ ତାଙ୍କର ପରିଚିତି ଥିଲା। ଛାତ୍ର ରାଜନୀତି ଭିତରେ ବି ଲେଖନୀ ଚାଳନା ଜାରି କରି ଓଡ଼ିଶାର ଜଣେ ଅଗ୍ରଣୀ ଲେଖକ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ପରେ ସେ ରେଭେନ୍ସା କଲେଜରୁ ଇଂରାଜୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି କଟକ ଖ୍ରୀଷ୍ଟ କଲେଜରେ ଅଧ୍ୟାପକଭାବେ କାର୍ଯ୍ୟ କରିଥିଲେ।

ଅଳ୍ପ କିଛିବର୍ଷର ଅଧ୍ୟାପନା ପରେ ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଉଦ୍‌ବୁଦ୍ଧ ହୋଇ ୬୦ଦଶକର ପ୍ରାରମ୍ଭରେ ସେ ଓଡ଼ିଶା ଛାଡ଼ି ପଣ୍ଡିଚେରୀ ଚାଲିଯାଇଥିଲେ। ଶ୍ରୀଅରବିନ୍ଦ ଆନ୍ତର୍ଜାତୀକ ଶିକ୍ଷାକେନ୍ଦ୍ରରେ ଇଂରାଜୀ ବିଭାଗର

ପ୍ରାଧ୍ୟାପକ ଭାବେ ଯୋଗଦେଇଥିଲେ।

ତାଙ୍କର ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ବହୁ କାଳଜୟୀ ଗଳ୍ପ ଓ ଉପନ୍ୟାସ ସୃଷ୍ଟି ହୋଇ ତାଙ୍କୁ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକର ପ୍ରସିଦ୍ଧି ଆଣିଦେଇଥିଲା। ତାଙ୍କର ଶ୍ରେଷ୍ଠ ଓଡ଼ିଆ ସାହିତ୍ୟ କୃତି ମଧ୍ୟରେ ରହିଛି "ଶେଷ ବସନ୍ତର ଚିଠି", "ମନୋଜ ଦାସଙ୍କ କଥା ଓ କାହାଣୀ", "ଧୂମାଭ ଦିଗନ୍ତ ଓ ଅନ୍ୟାନ୍ୟ କାହଣୀ", ମନୋଜ ପଞ୍ଚବିଂଶତି, ଆରଣ୍ୟକ, ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ, ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ, ଲକ୍ଷ୍ମୀର ଅଭିସାର, କେତେ ଦିଗନ୍ତ, ଅନ୍ତରଙ୍ଗ ଭାରତ, ଦୂର ଦୂରାନ୍ତର, ଅମୃତଫଳ, ଆକାଶର ଇସାରା, ପ୍ରଭଞ୍ଜନ, ଗୋଧୂଳିର ବାଘ, କନକ ଉପତ୍ୟକାର କାହାଣୀ, ସମୁଦ୍ର କୂଳର ଏକ ଗାଁ (ବାଲ୍ୟସ୍ମୃତି) ଇତ୍ୟାଦି। ଏହାବ୍ୟତୀତ "ଦି ଏସ୍‌କେପିଷ୍ଟ", ଟାଇଗର ଏଟ୍ ଟୁଇଲାଇଟ୍, ସାଇକ୍ଲୋନ୍, ବୁଲଡ଼ୋଜର୍ସ, ଦି କ୍ରୋକୋଡ଼ାଇଲ୍‌ସ ଲେଡ଼ି ଆଦି ଇଂରାଜୀ ଉପନ୍ୟାସ ଓ ଗଳ୍ପ ସଂକଳନ ମଧ୍ୟ ବିଶ୍ୱସାହିତ୍ୟରେ ଖୁବ୍ ଆଦୃତ ଲାଭକରିଛି। "ଦି ହେରିଟେଜ୍"ପତ୍ରିକାର ସଂପାଦନ କରି ସେ ଖୁବ୍ ପ୍ରଶଂସା ଭାଜନ ହୋଇପାରିଥିଲେ।

ମନୋଜ ଦାସ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର (୧୯୬୫, ୧୯୮୭), କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର (୧୯୭୨), ଶାରଳା ପୁରସ୍କାର, ବିଷୁବ ପୁରସ୍କାର, ସାହିତ୍ୟ ଭାରତୀ ପୁରସ୍କାର, ସାରସ୍ୱତୀ ସମ୍ମାନ, ଅତିବଡ଼ି ଜଗନ୍ନାଥ ପୁରସ୍କାର, ବେଦବ୍ୟାସ ସମ୍ମାନ ଓ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଫେଲୋସିପ୍ ଆଦି ରାଜ୍ୟ ଓ ଦେଶର ଅନେକ ବଡ଼ ବଡ଼ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ୨୦୦୧ରେ ପଦ୍ମଶ୍ରୀ ପୁରସ୍କାର ପାଇଥିବା ମନୋଜ ଦାସଙ୍କୁ ବିଳମ୍ବରେ ହେଲେ ବି ଚଳିତ ବର୍ଷ "ପଦ୍ମଭୂଷଣ" ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି।

## ପ୍ରଫେସର ରାଧାମୋହନ ଓ ଝିଅ ସାବରମତୀ - ପଦ୍ମଶ୍ରୀ

ନୟାଗଡ଼ର ବାପା-ଝିଅ ଯୋଡ଼ି ପ୍ରଫେସର ରାଧାମୋହନ ଓ ତାଙ୍କ ଝିଅ ସାବରମତୀଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍‌ର ରଙ୍ଗଣିପାଟଣା ଗ୍ରାମରେ ଜନ୍ମିତ ଏହି ଦୁଇ ମହାନ୍ ବ୍ୟକ୍ତିତ୍ୱ। ଓଡ଼ଗାଁରେ ଥିବା ମରୁଭୂମି ସଦୃଶ ଜମିକୁ ସବୁଜିମାରେ ପରିଣତ କରିବା, ଜୈବିକ କୃଷିକୁ ଆପଣାଇ ସ୍ଥାନୀୟ ଅଞ୍ଚଳରେ କୃଷିକୁ ଏକ ନୂତନ ଦିଗ୍ ଦର୍ଶନ ଦେଇଥିଲେ ପ୍ରଫେସର ରାଧାମୋହନ ନିଜଦ୍ୱାରା ପ୍ରତିଷ୍ଠିତ "ସମ୍ଭବ" ଅନୁଷ୍ଠାନ ଜରିଆରେ ଏହି ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିଦେଖାଇଛନ୍ତି। ଯାହାକୁ ପରବର୍ତ୍ତୀ ସମୟରେ ତାଙ୍କ ଝିଅ ଆଗେଇ ନେଇଛନ୍ତି। ଓଡ଼ଗାଁ ହାଇସ୍କୁଲରେ ଶିକ୍ଷାଲାଭ ପରେ ପୁରୀ ଏସ୍.ସି.ଏସ୍ କଲେଜରୁ ଅର୍ଥନୀତି ସମ୍ମାନରେ ସ୍ନାତକ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆପ୍ଲାଏଡ୍ ଇକନମିକ୍ସରେ ସ୍ନାତକୋତ୍ତର ଶିକ୍ଷା ଲାଭକରିଥିଲେ। କମିଶନର ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଭାରତ ସରକାରଙ୍କ ସମେତ ରାଜ୍ୟ ସରକାରଙ୍କ ଯୋଜନା ବୋର୍ଡ଼, ଜଳଛାୟା ମିଶନ, ରାଜ୍ୟ ବନପ୍ରାଣୀ ଉପଦେଷ୍ଟା ଭଳି ବହୁ କମିଟିରେ ସେ ଉପଦେଷ୍ଟା ଭାବେ କାର୍ଯ୍ୟ କରିଛନ୍ତି। ଲୋକସେବାରେ ତାଙ୍କ ଅବଦାନ ପାଇଁ ରାଜ୍ୟ ସରକାର ତାଙ୍କୁ ଉତ୍କଳ ସେବା ସମ୍ମାନ ମଧ୍ୟ ପ୍ରଦାନ କରିଛନ୍ତି। ସେହିଭଳି ୨୦୧୭ ମସିହାରେ ରାଷ୍ଟ୍ରପତିଙ୍କଠାରୁ ସାବରମତୀ "ନାରୀଶକ୍ତି" ପୁରସ୍କାର ପାଇଛନ୍ତି। ଅର୍ଥନୀତିରେ ସ୍ନାତକ ପରେ ରୁରାଲ୍ ଡ଼େଭଲପମେଣ୍ଟରେ ଏମ୍.ଏ କରିଥିବା ସାବରମତୀ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସଂଗଠନ ଅକ୍ସଫାମ୍ ପାଇଁ ମଧ୍ୟପ୍ରଦେଶରେ ନିଜର ବୃତିନିର୍ବାହ କରୁଥିଲେ। କିନ୍ତୁ ନିଜ ଅଞ୍ଚଳ, ନିଜ ମାଟି ପାଇଁ କିଛି କରିବାର ନିଶା ତାଙ୍କୁ ନିଜ ମାଟିକୁ ଟାଣି ଆଣିଥିଲା। ବର୍ତ୍ତମାନ ପ୍ରାୟ ୯୦ ଏକରରୁ ଏହିଭଳି ଟାଙ୍ଗରା ଭୂମିରେ ସେ ସୁନାର ଫସଲ ଫଳାଇଛନ୍ତି।

## ପ୍ରଶାନ୍ତ ପଟ୍ଟନାୟକ - ପଦ୍ମଶ୍ରୀ

ଆମେରିକାରେ ରହୁଥିବା ୭୬ ବର୍ଷୀୟ ପ୍ରସିଦ୍ଧ ଶିକ୍ଷାବିତ୍ ତଥା ଅର୍ଥନୀତି ବିଶାରଦ ପ୍ରଶାନ୍ତ ପଟ୍ଟନାୟକଙ୍କୁ ମିଳିଛି ପଦ୍ମଶ୍ରୀ ପୁରସ୍କାର।ଏବେ ଆମେରିକାର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏହା ସହିତ ଅକ୍ସଫୋର୍ଡ଼ ପଭର୍ଟି ଆଣ୍ଡ୍ ହ୍ୟୁମାନ୍ ଡ଼େଭଲପମେଣ୍ଟ୍ ଇନିସିଏଟିଭ୍ ପାଇଁ ସହାୟକ ଗବେଷକ ଦାୟିତ୍ୱ ତୁଲାଉଛନ୍ତି। ଶ୍ରୀ ପଟ୍ଟନାୟକ ୧୯୬୩ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକ କରିବା ପରେ ଦିଲ୍ଲୀ ସ୍କୁଲ୍ ଅଫ୍ ଇକୋନୋମିକ୍‌ସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଅର୍ଥନୀତିରେ ନୋବେଲ୍ ପୁରସ୍କାର ପ୍ରାପ୍ତ ଅମର୍ତ୍ତ୍ୟ ସେନ୍‌ଙ୍କ ତତ୍ତ୍ୱାବଧାନରେ ସେ ସାମାଜିକ ନୀତି ଉପରେ ଗବେଷଣା କରି ଉଚ୍ଚ ପ୍ରଶଂସିତ ହୋଇଥିଲେ।

## ଡ. ଦମୟନ୍ତୀ ବେଶ୍ରା - ପଦ୍ମଶ୍ରୀ

ମୟୁରଭଞ୍ଜ ଜିଲ୍ଲାର ବଣପାହାଡ଼ ଘେରା କୁସୁମୀ ବ୍ଲକ୍ ଅନ୍ତର୍ଗତ ଦେଉଳି ଗ୍ରାମରେ ୧୯୬୨ ମସିହା ଫେବୃଆରୀ ୧୬ରେ ଜନ୍ମଗ୍ରହଣ କରିଥିଲେ। ସାନ୍ତାଳୀ ଭାଷା ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ପାଇଁ ପଦ୍ମଶ୍ରୀ ଉପାଧି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବାରିପଦାସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଦମୟନ୍ତୀ ୨୦୦୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ଶ୍ରୀମତୀ ବେଶ୍ରା ଆଉ ଆଜି ପଦ୍ମଶ୍ରୀ ପାଇଁ ତାଙ୍କ ନାମ ଘୋଷଣା ହେବାପରେ ମୟୁରଭଞ୍ଜ ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ସେ ଉଭୟ ଓଡ଼ିଆ ଓ ସାନ୍ତାଳୀ ଭାଷାରେ ପ୍ରାୟ ୨୦ରୁ ଅଧିକ ପୁସ୍ତକ ରଚନା କରିଛନ୍ତି। ଶ୍ରୀମତୀ ବେଶ୍ରାଙ୍କ ସ୍ୱାମୀ ଡ. ଗଙ୍ଗାଧର ହାଁସଦା ମଧ୍ୟ ଜଣେ ସ୍ୱନାମଧନ୍ୟ ସାନ୍ତାଳୀ ଲେଖକ।

## ବଟକୃଷ୍ଣ ସାହୁ - ପଦ୍ମଶ୍ରୀ

ବାଲିଅନ୍ତା ସରକଣା ପଞ୍ଚାୟତର ୬୯ ବର୍ଷୀୟ ବଟକୃଷ୍ଣ ସାହୁଙ୍କୁ ମାଛ ଜାଆଁଳ ଉତ୍ପାଦନ ବ୍ୟବସାୟ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ୧୯୮୮ ମସିହାରୁ ପଞ୍ଚାୟତ ପୋଖରୀରେ ସେ ମାଛଚାଷ ଆରମ୍ଭ କରିଥିଲେ। ସିଫାରୁ ଜାଆଁଳ ନେଇ ଚାଷ ଆରମ୍ଭ କରିଥିବାବେଳେ ପ୍ରଥମେ ୩ଲକ୍ଷ ଜାଆଁଳ ଉତ୍ପାଦନ କରିଥିଲେ। ମାତ୍ର ଦେଢ଼ ଏକର ପୋଖରୀରୁ ଆରମ୍ଭ କରିଥିବା ମାଛଚାଷ ଏବେ ୧୦ ଏକରରେ ପହଞ୍ଚିଛି। ୧୫ଟି ପୋଖରୀରୁ ସେ ଏବେ ୨୦କୋଟି ଜାଆଁଳ ଉତ୍ପାଦନ କରି ବିକ୍ରି କରୁଛନ୍ତି। ବଟକୃଷ୍ଣ ଓ ତାଙ୍କ ସହଯୋଗୀ ହୃଷିକେଶ

ପଣ୍ଡାଙ୍କ ସମତେ ବଟକୃଷ୍ଣଙ୍କ ୩ପୁଅ ମଧ ଏହି ବ୍ୟବସାୟରେ ସମ୍ପୃକ୍ତ ଅଛନ୍ତି। ଏହାବ୍ୟତୀତ ଏହି ଜାଆଁଳ ଉତ୍ପାଦନ କେନ୍ଦ୍ରରେ କାମ କରି ୧୦ଜଣ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଶ୍ରୀ ସାହୁ ସଚିବାଳୟ ଅର୍ଥ ବିଭାଗରୁ ସିନିଅର ଆସିଷ୍ଟାଣ୍ଟ ରୂପେ ୨୦୧୦ ମସିହାରେ ଋକିରୀରୁ ଅବସର ନେଇଥିଲେ। ବର୍ତ୍ତମାନ ବି ସେ ମୋଟ୍ ୨୪ଟି ପୋଖରୀରେ ମାଛ ଋଷ କରିଛନ୍ତି ଏବଂ ନିଜର ପରିବାର ପ୍ରତିପୋଷଣ କରୁଛନ୍ତି।ଏଥିରେ ତାଙ୍କର ତିନିପୁଅ ମଧ ସହଯୋଗ କରୁଛନ୍ତି।

## ଡାକ୍ତର ଦିଗମ୍ବର ବେହେରା - ପଦ୍ମଶ୍ରୀ

ମେଡ଼ିସିନ କ୍ଷେତ୍ରରେ ଡାକ୍ତର ଦିଗମ୍ବର ବେହେରାଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବା ଅତ୍ୟନ୍ତ ଖୁସିର କଥା। ଡାକ୍ତର ଦିଗମ୍ବର ବେହେରା କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରୁ ୧୯୭୮ ମସିହାରେ ପାସ୍ କରିଥିଲେ। ପରେ ଚଣ୍ଡୀଗଡ଼ସ୍ଥିତ ଡାକ୍ତରୀ ଶିକ୍ଷା ଗବେଷଣା କେନ୍ଦ୍ରରେ ଜୁନିଅର ରେସିଡେ଼ଣ୍ଟ ଡାକ୍ତର ଭାବେ ଯୋଗ ଦେଇଥିଲେ। ସେଠାରେ ସେ ଫୁସ୍‌ଫୁସ୍, କର୍କଟ ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଉପରେ ଗବେଷଣା କରି ସୁଫଳ ପାଇଛନ୍ତି। ଜାତୀୟ ଆନ୍ତର୍ଜାତୀୟ ସ୍ତରୀୟ ପତ୍ରିକାରେ ତାଙ୍କର ସ୍ୱାସ୍ଥ୍ୟ ଗବେଷଣାତ୍ମକ ଲେଖା ପାଠକୀୟ ଆଦୃତିଲାଭ କରିଛି।

## ମିତ୍ରଭାନୁ ଗୌନ୍ତିଆ - ପଦ୍ମଶ୍ରୀ

ପ୍ରସିଦ୍ଧ "ରଂଗବତୀ" ଗୀତର ଗୀତିକାର ମିତ୍ରଭାନୁ ଗୌନ୍ତିଆ ପଦ୍ମଶ୍ରୀ ସମ୍ମାନ ପାଇବେ । ତାଙ୍କର ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଦେଶାଇବାହାଲ ଜରାବଗା ପଂଚାୟତ ଅନ୍ତର୍ଗତ ବିଲୁଙ୍ଗ ଗ୍ରାମରେ ୧୯୪୨ ମସିହା ଏପ୍ରିଲ୍ ୬ରେ ଜନ୍ମ। ୧୯୭୮ ମସିହାରେ ସେ ପ୍ରସିଦ୍ଧ ରଂଗବତୀ ଗୀତ ରଚନା କରିଥିଲେ। ଆକାଶବାଣୀ ଓ ଦୂରଦର୍ଶନର ଗୀତିକାରଭାବେ ତାଙ୍କର ସୁନାମ ରହିଛି। ଶ୍ରୀ ମିତ୍ରଭାନୁ ଗୌନ୍ତିଆ ଅନେକ କବିତା, ଗଳ୍ପ, ନାଟକ ମଧ ରଚନା କରିଛନ୍ତି। ତାଙ୍କର ୬୦ ବର୍ଷର ସାଧନାକୁ ସମ୍ମାନ ପ୍ରଦର୍ଶନ କରାଯାଇଛି।

## ମନମୋହନ ମହାପାତ୍ର - ପଦ୍ମଶ୍ରୀ

ସମାନ୍ତରାଳ ଚଳଚିତ୍ର ପାଇଁ ସମର୍ପିତ ପ୍ରାଣ ମନମୋହନ ମହାପାତ୍ରଙ୍କୁ ଚଳଚ୍ଚିତ୍ର ଜଗତ ପ୍ରତି ଅନବଦ୍ୟ ଅବଦାନର ସ୍ୱୀକୃତି ସ୍ୱରୂପ "ପଦ୍ମଶ୍ରୀ" ପୁରସ୍କାର ପ୍ରଦାନପାଇଁ ଘୋଷଣା କରାଯାଇଛି। ଜୀବନକାଳ ଭିତରେ ସେ ୧୨ଟି ଚଳଚ୍ଚିତ୍ର ନିର୍ମାଣ କରିଥିବା ମଧ୍ୟରେ ସେଥିମଧ୍ୟରୁ ୮ଟି ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ପୁରସ୍କାର ଲାଭ କରିଥିଲା। ୧୯୭୫ ମସିହାରେ "ଆଣ୍ଟି ମେମୋରିକ୍" ନାମକ ଏକ ପ୍ରାମାଣିକ ଚିତ୍ର ନିର୍ମାଣ କରିଥିଲେ।

ତେବେ ୧୯୭୬ରେ "ଶୀତରାତି" ଚଳଚ୍ଚିତ୍ରରୁ ଆରମ୍ଭ ହୋଇଥିଲା ପ୍ରକୃତଯାତ୍ରା। ପ୍ରଥମ ଫିଲ୍ମ ଶୀତରାତି ଜାତୀୟ ପୁରସ୍କାର ଲାଭକରିବା ପରେ ତାଙ୍କ ନିର୍ମିତ ଜୀବନ ଝଡ଼, କ୍ଲାନ୍ତ ଅପରାହ୍ଣ, ମଝି ପାହାଚ, ନିଶିଦ୍ଧ ସ୍ୱପ୍ନ, କିଛି ସ୍ମୃତି କିଛି ଅନୁଭୂତି, ଅନ୍ଧ ଦିଗନ୍ତ ଓ ଭିନ୍ନ ସମୟ ଭଳି ଚଳଚ୍ଚିତ୍ର ଜାତୀୟ ପୁରସ୍କାର ଲାଭ କରିଥିଲା।

## ଉତ୍ସବ ଚରଣ ଦାସ - ପଦ୍ମଶ୍ରୀ

ଡ.ଉତ୍ସବ ଚରଣ ଦାସ ଚଇତି ଘୋଡ଼ା ନାଚ କ୍ଷେତ୍ରରେ ଜଣେ ସାଧକ। ତାଙ୍କର କଟକ ଟାଙ୍ଗୀ ଚୌଦ୍ୱାରସ୍ଥିତ ମଣିଆ ଗାଁରେ ୧୯୪୫ ମସିହା ଏପ୍ରିଲ୍ ୧୪ରେ ଜନ୍ମ ଗ୍ରହଣ କରିଥିଲେ। ସେ ଅଷ୍ଟମ ଶ୍ରେଣୀରେ ପଢ଼ିବାବେଳୁ ଘୋଡ଼ା ନାଚ ପ୍ରତି ଆକର୍ଷିତ ହୋଇଥିଲେ। ଏହି ପାରମ୍ପାରିକ ଚଇତି ଘୋଡ଼ାନାଚକୁ ସର୍ବଦା ବଞ୍ଚେଇ ରଖିବା ସହ ଏହାକୁ ସମଗ୍ର ଦେଶରେ ପହଞ୍ଚାଇବାପାଇଁ ସେ ଚେଷ୍ଟା କରିଥିଲେ।

୧୯୬୪ ମସିହାରେ ୧୦ମ ପଢ଼ିବା ସମୟରେ ସଂଗୀତ କଳା ସଂସଦ ନାମରେ ଏକ ସାଂସ୍କୃତିକ ସଂଗଠନ ଗଢ଼ିଥିଲେ। ୧୯୬୫ରେ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ହୋଇଥିଲେ। ପରେ ୧୯୭୧ରେ ସ୍ୱାଧୀନତାର ୨୫ ବର୍ଷ ପୂର୍ତ୍ତି ଅବସରରେ ଆଦିବାସୀ ପଡ଼ିଆରେ ନୃତ୍ୟ ପ୍ରଦର୍ଶନ କରି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୀକୃତି ପାଇଥିଲେ। ୧୯୬୫ ରୁ ୮୦ ପର୍ଯ୍ୟନ୍ତ ତାଙ୍କ ଦାଦାଙ୍କ ରଚନାକୁ ନେଇ ସେ ଘୋଡ଼ାନାଚ ପରିବେଷଣ କରୁଥିଲେ। ୧୯୮୦ ପରଠାରୁ ନିଜେ ଗାଇ, ରଚନା ସହ ନୃତ୍ୟ ପ୍ରଦର୍ଶନ କରିଆସୁଛନ୍ତି। ଜାମ୍ମୁ କାଶ୍ମୀର ବ୍ୟତୀତ ଭାରତର ଅନ୍ୟ ସମସ୍ତ ରାଜ୍ୟରେ ସେ ଘୋଡ଼ାନାଚକୁ ପହଞ୍ଚାଇପାରିଛନ୍ତି। ୧୯୯୭ ମସିହାରେ ସେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ସମ୍ମାନ ଲାଭ କରିଥିଲେ। ଜାତୀୟ ସ୍ତରରେ ବହୁ ପୁରସ୍କାର ସହ ୨୦୧୫ରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଲାଭ କରିଥିଲେ।

## ବୀଣାପାଣି ମହାନ୍ତି - ପଦ୍ମଶ୍ରୀ

କେନ୍ଦ୍ରାପଡ଼ା ଜିଲ୍ଲା ଋନ୍ଦୋଳର ମୂଳ ବାସିନ୍ଦା ବୀଣାପାଣି ମହାନ୍ତି। ଏବେ ସେ କଟକର ବାଦାମବାଡ଼ିରେ ରହୁଛନ୍ତି। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ପାଟଦେଇ, ତୃତୀୟ ପାଦ, ଅର୍ଘ୍ୟ, କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ, ବସ୍ତ୍ର ହରଣ, ଏକାକୀ ପରାଶର, ନବତରଙ୍ଗ, ମଧ୍ୟାନ୍ତର, ବହ୍ନିବଳୟ, ଉତ୍ତରାୟଣ ଭଳି ୩୪ଟି ଗଳ୍ପ ସଂକଳନ, ସୀତାର ଶୋଣିତ, ମନସ୍ୱିନୀ ଓ କୁନ୍ତି କୁନ୍ତଳା ଶକୁନ୍ତଳା ଭଳି ୩ଟି ଉପନ୍ୟାସ। ପ୍ରଖ୍ୟାତ ସାହିତ୍ୟିକା ବୀଣାପାଣି ମହାନ୍ତି "ପଦ୍ମଶ୍ରୀ" ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି।

ସେ ଓଡ଼ିଆ ସାହିତ୍ୟ ଏକାଡ଼େମୀ, ବିଷୁବ ସମ୍ମାନ, ସାହିତ୍ୟ ସମ୍ମାନ, ସାହିତ୍ୟ ଭାରତୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଭଳି ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ଏବେ ତାଙ୍କୁ ୮୪ ବର୍ଷ। ଅର୍ଥନୀତିରେ ଅଧ୍ୟାପିକା ଭାବେ କାର୍ଯ୍ୟକରି ଅବସର ନେଇଛନ୍ତି।


ସୂଚନାଯୋଗ୍ୟ ଯେ ବୀଣାପାଣି ୧୯୬୮ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର, ୧୯୭୪ ମସିହାରେ ଝଂକାର ପୁରସ୍କାର, ବିଷୁବ ପୁରସ୍କାର ୨୦୦୨ ରେ ଏବଂ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ୧୯୯୦ ମସିହାରେ ପାଇଥିଲେ।

## ଶ୍ରୀ ଶଶଧର ଆଚାର୍ଯ୍ୟ - ପଦ୍ମଶ୍ରୀ

ଶ୍ରୀ ଶଶଧର ଆଚାର୍ଯ୍ୟ ଷଢ଼େଇକଳା, ଛଉନୃତ୍ୟର ଗୁରୁ ଅଟନ୍ତି। ସେ ଓଡ଼ିଶା ଓ ଝାଡଖଣ୍ଡରେ ଛଉନୃତ୍ୟ ଗ୍ରାମାଞ୍ଚଳରେ ପ୍ରସାର କରି ତାଙ୍କର ସଫଳତା ପ୍ରକାଶ କରିଛନ୍ତି। ୨୦୦୪ ମସିହାରେ ସେ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି।

((ବିଭିନ୍ନ ସମ୍ବାଦ ପତ୍ରରୁ ସଂଗୃହିତ)


# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## ମୁଣ୍ଡର ଏକ ସାଧାରଣ ଆଘାତ ଆପଣଙ୍କ ଘ୍ରାଣ ଶକ୍ତିକୁ ପ୍ରଭାବିତ କରିପାରେ :-


ଜୀବନରେ ପ୍ରତ୍ୟେକ ବ୍ୟକ୍ତି ନିଶ୍ଚିତ ଭାବେ କେବେ ଚାଲୁ ଚାଲୁ ପଡିଥିବେ, ମୁଣ୍ଡରେ ହେଲମେଟ ଥାଇ ବି ପଡି ଯାଇଥିବେ, ବରଫରେ ସ୍କେଟିଂ କଲାବେଳେ ଗୋଡ ଖସି ଯାଇଥିବ, କିମ୍ବା କୌଣସି ଓଜନିଆ ଜିନିଷ ମୁଣ୍ଡ ଉପରେ ନିଜ ଜ୍ଞାତସାରରେ ହେଉ ବା ଅଜ୍ଞତାରେ ପଡିଗଲେ ଆମେ ଏହାକୁ ବେଶୀ ଗୁରୁତ୍ୱ ଦେଇ ନଥାଉ। କିନ୍ତୁ କାନାଡାର



ମଂଟ୍ରିଲ୍ ୟୁନିଭର୍ସିଟିର ପ୍ରଫେସର ଫେନି ଲେକୁୟର ଗିଗୁଏରେଙ୍କ ଗବେଷଣାରୁ ଜଣା ପଡିଛି ଯେ ଏପରି ଆଘାତ ଲାଗିଲେ ତା'ର ତୀବ୍ରତାକୁ ଭିତ୍ତି କରି ଜଣେ ବ୍ୟକ୍ତି ଅସ୍ଥାୟୀଭାବେ ନିଜ ଘ୍ରାଣ ଶକ୍ତି ହରାଇ ବସିଥାଏ। ପ୍ରାୟ ୨୨ ଜଣ ଏପରି ରୋଗୀଙ୍କ ପରୀକ୍ଷାରୁ ଜଣା ପଡିଛି ଯେ, ଏମାନେ ସବୁ ବିଭିନ୍ନ ପ୍ରକାର ଆଘାତ ପାଇ ଚିକିତ୍ସିତ ହେବା ସମୟରେ ନିଜ ଘ୍ରାଣ ଶକ୍ତି ହରାଇଥିବା ବିଷୟ ଡାକ୍ତରଙ୍କୁ କହିଛନ୍ତି ଯାହାକୁ ଡାକ୍ତରମାନେ ଗମ୍ଭୀରତା ସହ ନେଇ ନାହାନ୍ତି। ଏପରି ଅବସ୍ଥା ପ୍ରାୟ ୬ ମାସ ରହିଲା ପରେ ସେମାନେ ଆପେ ଆପେ ସେମାନଙ୍କ ଘ୍ରାଣ ଶକ୍ତି ଫେରି ପାଇଥିଲେ।

## ଗୋଟିଏ ସେଓରେ ପ୍ରାୟ ୧୦୦ ମିଲିଅନ୍ ଜୀବାଣୁ ଘର କରି ରହିଥାନ୍ତି :-

ଭିଟାମିନ ପରିପୂର୍ଣ୍ଣ ଫଳ ମଧ୍ୟରେ ତନ୍ତୁଯୁକ୍ତ ହୋଇଥିବା ସ୍ୱାଦିଷ୍ଟ ଫଳ ହେଲା ସେଓ ବା ଏପଲ୍। ୨୦୧୮ ମସିହାରେ ପୃଥିବୀରେ ପ୍ରାୟ ୮୩ ମିଲିଅନ ଏପଲ ବଜାରକୁ ଛଡା ଯାଇଥିଲା। ଏହାର ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। କିନ୍ତୁ ଆପଣ ଜାଣିନଥିବେ ଯେ ସେ ଉପକାରୀ ହୁଅନ୍ତୁ ବା ଅଦରକାରୀ ଗୋଟିଏ ଏପଲରେ ପ୍ରାୟ ୧୦୦ ମିଲିଅନ ଜୀବାଣୁ ରହିଥାନ୍ତି। ଏ ତଥ୍ୟ ପ୍ରକାଶ କରିଛନ୍ତି



ଅଷ୍ଟ୍ରିଆର ଗ୍ରାଜ୍ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକ ଗାବ୍ରିଏଲ୍ ବର୍ଗ। ତାଙ୍କ ମତରେ ଯେଉଁ ପନିପରିବା ବା ଖାଦ୍ୟକୁ ଆମେ ରାନ୍ଧିକରି ଖାଉ ସେଥିରେ ଜୀବାଣୁଙ୍କ ସଂଖ୍ୟା ବହୁ ପରିମାଣରେ କମିଯାଇଥାଏ। କିନ୍ତୁ ଯେଉଁ ଫଳ ବା ପନିପରିବାକୁ କଂଚାରେ ଖିଆଯାଏ ସେଥିରେ ଏମାନଙ୍କ ସଂଖ୍ୟା ଅତ୍ୟଧିକ ପରିମାଣରେ ଥାଏ ଏବଂ ଏମାନେ ଆମର ଖାଦ୍ୟ ନଳୀରେ ବସା ବାନ୍ଧି ବିଭିନ୍ନ ରୋଗ କରାଇଥାନ୍ତି। ପରୀକ୍ଷା ସ୍ୱରୂପ ସେମାନେ ବଜାରରେ ମିଳୁଥିବା ଏପଲର ଚୋପା , ମାଂସଳ ଅଂଶ , ମଞ୍ଜି ଓ ଡେଂଫରେ ଜୀବାଣୁଙ୍କ ସଂଖ୍ୟାର ଆକଳନ କଲେ। ହାରାହାରି ଭାବେ ୨୪୦ ଗ୍ରାମ ଓଜନର ଏପଲକୁ ନେଇ ପରୀକ୍ଷା କଲାପରେ ସେମାନେ ଦେଖିଲେ ଯେ ମୂଖ୍ୟଭାବେ ମଞ୍ଜି ଓ ମାଂସଳ ଅଂଶରେ ଏମାନଙ୍କ ସଂଖ୍ୟା ସର୍ବାଧିକ କିନ୍ତୁ ଚୋପା ଅଂଶରେ ଏଥିରୁ ପ୍ରାୟ ୧୦ ମିଲିଅନ୍ ଅବସ୍ଥାନ କରନ୍ତି। ଏଥିରୁ ଅଧିକାଂଶ ଜୀବାଣୁ Escherichia shigella ଶ୍ରେଣୀର ଥିଲେ। କେତେକ ଅର୍ଗାନିକ ଫାର୍ମିଂ ଦ୍ୱାରା ଉତ୍ପାଦିତ ସେଓରେ ମିଥାଇଲୋ ବ୍ୟକ୍ଟେରିଅମ୍‌କୁ ବି ଦେଖିବାକୁ ମିଳିଲା। ପୂର୍ବରୁ ଏହି ଫଳରେ କବକ ଓ ଭୂତାଣୁର ଉପସ୍ଥିତି ପ୍ରମାଣିତ ହୋଇଥିଲା

## ଅତ୍ୟଧିକ ରାଗମସଲା ଯୁକ୍ତ ଖାଦ୍ୟ ଆପଣଙ୍କୁ ଦୀର୍ଘସ୍ଥାୟୀ ମାନସିକ ବିକୃତି ଦେଇପାରେ :-

ଆପଣଙ୍କ ଖାଦ୍ୟରେ ଅତ୍ୟଧିକ ଚିଲିସସ୍ , ସୋୟାସସ୍ ,ଅଜିନୋମୋଟୋ କିମ୍ବା ଜାଲାପିନୋ ପକାନ୍ତୁ ନାହିଁ। ଏହା ଆପଣଙ୍କୁ ମାନସିକ ବିକୃତି କିମ୍ବା ଡିମେନସିଆ ଦେଇପାରେ। ୫୫ ବର୍ଷ ବୟସ ମଧ୍ୟରେ ଥିବା ୪୫୮୨ ଜଣ ଚୀନ ନାଗରିକଙ୍କୁ ନେଇ ହୋଇଥିବା ଏକ ପରୀକ୍ଷଣରୁ ଜଣା ଯାଇଛି ଯେ ଯେଉଁମାନେ ଦିନକୁ ୫୦ ଗ୍ରାମରୁ ଅଧିକ ଲଙ୍କା କିମ୍ବା ମସଲା ବ୍ୟବହାର କରୁଛନ୍ତି ସେମାନଙ୍କଠାରେ ସ୍ମୃତିଶକ୍ତି ବିଲୋପ, ଚିଡିଚିଡାପଣ ଓ ବିରକ୍ତିଭାବ ପ୍ରାୟ ଦୁଇଗୁଣ ଅଧିକ ଥିବା ପରିଲକ୍ଷିତ ହେଲା।ଏହି ତଥ୍ୟ ନ୍ୟୁଟ୍ରିଏଂଟସ ନାମକ ପତ୍ରିକାରେ ପ୍ରକାଶ ପାଇଛି।

## ମାଣ୍ଡ୍ରିଲ୍‌ସ :-

ନିକଟରେ ରିଲିଜ ହୋଇଥିବା ଆନିମେସନ୍ ଫିଲ୍ମ ଲାୟନ କିଙ୍ଗ୍ ସମଗ୍ର ପୃଥିବୀର ଥିଏଟର ପ୍ରେମୀମାନଙ୍କୁ ଏକ ଭିନ୍ନ ସ୍ୱାଦ ଆଣି ଦେଇଛି। ଏଥିରେ ରାଫକି ନାମକ ଏକ ମାଙ୍କଡର ଚରିତ୍ର ଆକର୍ଷଣୀୟ



ହୋଇଛି। ଏହାକୁ ସମସ୍ତେ ବବୁନ ମାଙ୍କଡ ବୋଲି ଭାବନ୍ତି। ପ୍ରକୃତରେ ଏହା ସତ୍ୟ ନୁହଁ। ଏହା ହେଉଛି ପ୍ରକୃତରେ ଏକ ଲୁପ୍ତପ୍ରାୟ ପ୍ରଜାତିର ମାଙ୍କଡ ଯାହାର ବୈଜ୍ଞାନିକ ନାମ Mandrillus sphinx. ଏହି ମାଙ୍କଡଟି ପୃଥିବୀର ବୃହତକାୟ ଓ ରଙ୍ଗୀନ ମୁହଁଥିବା ମାଙ୍କଡମାନଙ୍କ ମଧ୍ୟରେ ଅନ୍ୟତମ ଅଟେ। ଏମାନେ Cercocebus mangabeys ଶ୍ରେଣୀର ନିକଟତର ବୋଲି ଜଣାପଡେ। ଏମାନଙ୍କ ଜୀବନକାଳ ମାତ୍ର ୨୦ ବର୍ଷ। ପୁରୁଷଙ୍କ ଓଜନ ୩୨.୩ କେଜି ହୋଇଥିବାବେଳେ ମହିଳାଙ୍କ ଓଜନ ୧୨.୪ କେଜି ହୋଇଥାଏ। ଏମାନେ ମୁଖ୍ୟତଃ କାମେରୁନ, ଗିନି, କଙ୍ଗୋ ଉପତ୍ୟକା ଅଂଚଳରେ ଦେଖା ଯାଆନ୍ତି। ଏମାନେ ଉଭୟଭୋଜୀ ପ୍ରାଣୀ ହୋଇଥିବାରୁ ମୁଖ୍ୟତଃ ଫଳମୂଳ ଓ ଛୋଟ ଛୋଟ କୀଟ ପତଙ୍ଗଙ୍କୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି। ବିଷୁବ ଅଂଚଳରେ ଜଙ୍ଗଲର ହ୍ରାସ, ମଣିଷ, ଚିତାବାଘ ଓ ଆଫ୍ରିକୀୟ ଅଜଗର ସାପଙ୍କ ଦ୍ୱାରା ଏମାନଙ୍କ ଅବାଧ ହତ୍ୟା ଏମାନଙ୍କ ସ୍ଥିତିକୁ ସଂକଟରେ ପକାଇଛି। ଏକ ପ୍ରକାର ଶାଗୁଣା ପକ୍ଷୀ ଏମାନଙ୍କ ଶାବକମାନଙ୍କୁ ଖାଇ ଯାଉଥିବାରୁ ଏମାନଙ୍କ ବଂଶ ବୃଦ୍ଧି ବି ହେଉନାହିଁ।

## ସିଜୋଫ୍ରେନିଆ ରୋଗର ବାହକ ଜିନ୍ :-

ଦୀର୍ଘ ୨୦ ବର୍ଷର ଗବେଷଣା ପରେ ଅଷ୍ଟ୍ରେଲିଆ ଓ ଭାରତୀୟ ବୈଜ୍ଞାନିକମାନେ ସିଜୋଫ୍ରେନିଆ ରୋଗର ବାହକ ଜିନ୍ ରୂପେ NAPRTI କୁ ଚିହ୍ନଟ କରିଛନ୍ତି। ଅଷ୍ଟ୍ରେଲିଆର କୁଇନ୍ସଲେଣ୍ଡ ୟୁନିଭର୍ସିଟିର ବ୍ରିୟାନ୍ ମୌରୀ ଓ ଭାରତର ରଙ୍ଗସ୍ୱାମୀ ଥାରାଙ୍କ ଦ୍ୱାରା ହୋଇଥିବା ୩୦୦୦ ଏପରି ରୋଗୀଙ୍କୁ ନେଇ ଏକ ଗବେଷଣାରୁ ଏହା ଉପଲବ୍ଧ ହୋଇଛି। ଏହି ଜିନ୍ ଟି ଭିଟାମିନ ବି-୩ ର ମେଟାବଲିଜମ୍‌ରେ ସହାୟକ ହେଉଥିବା ଏକ ଏଞ୍ଜାଇମର କୋଡିଙ୍ଗ ପାଇଁ ସକ୍ରିୟ ସହଯୋଗ କରିଥାଏ। ଏମାନେ ସିଜୋଫ୍ରେନିଆ ପୀଡିତ ୟୁରୋପୀୟ ବଂଶଧର ମାନଙ୍କ ଜିନୋମିକ୍ ଡାଟାସେଟରେ ବି ଏହି ଜିନ୍ ଥିବାର ଲକ୍ଷ୍ୟ କରିଛନ୍ତି। ବିଶ୍ୱର କେବଳ ୧% ଲୋକଙ୍କଠାରେ ଏହି ରୋଗରେ ଭିନ୍ନତା ପ୍ରକାଶ ପାଇଥାଏ।

## କୃତ୍ରିମ ବୁଦ୍ଧିମତା ପ୍ରୟୋଗରେ ଛାତି ଏକ୍ସ ରେ ପରୀକ୍ଷଣ:-

ଛାତି ଏକ୍ସରେ ଫଟୋରୁ ଡାକ୍ତର ଅନେକ ରୋଗର ଆଭାସ ପାଇ ତାର ସଠିକ ଚିକିତ୍ସା ଉପଉୟ



ବତାଇଥାନ୍ତି। ଏବେ ହାର୍ଭାଡ୍ ମେଡିକାଲ ସ୍କୁଲ୍‌ର ବୈଜ୍ଞାନିକ ମାଇକେଲଲୁଙ୍କ ନେତୃତ୍ୱରେ ହୋଇଥିବା ଏକ ଗବେଷଣା ରେ ପ୍ରାୟ୪୨୦୦୦ ଲୋକଙ୍କ ୮୫୦୦୦ ଛାତିର ଏକ୍ସ ରେ କୁ ଏକ କନଭଲୁସନାଲ ନ୍ୟୁରାଲ ନେଟୱାର୍କ ସଂଯୋଜିତ କୃତ୍ରିମ ବୁଦ୍ଧିମତା ପ୍ରୟୋଗ କରି ସେହି ବ୍ୟକ୍ତିମାନଙ୍କ ବିଭିନ୍ନ ରୋଗ ସଂପର୍କରେ,ଏପରିକି ତାଙ୍କ ଜୀବନର ସ୍ଥାୟୀତ୍ୱ ଉପରେ ବି ସଠିକ ଅନୁମାନ ଲଗା ଯାଇ ପାରିଲା। ପୂର୍ବରୁ ଏହି ଛବିଗୁଡିକରୁ କେବଳ ଗୋଟିଏ ରୋଗ ସଂପର୍କରେ ଆଲୋକପାତ କରାଯାଉଥିଲା କିନ୍ତୁ କୃତ୍ରିମ ବୁଦ୍ଧିମତା ପ୍ରୟୋଗ କରି ସେଥିରୁ ଅନ୍ୟ ରୋଗ ସଂପର୍କରେ ବି ଧାରଣା କରି ହେଲା। ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ୫୩% ରୋଗୀଙ୍କୁ ହାଇ ରିସ୍କ ଗ୍ରୁପରେ ରଖା ଯାଇଥିଲା। ଦେଖାଗଲା ଯେ ବିଗତ ୧୨ ବର୍ଷ ମଧ୍ୟରେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ମୃତ୍ୟୁ ହୋଇ ସାରିଥିଲା। ପ୍ରଫେସର ଲୁଙ୍କ ମତରେ ପୂର୍ବରୁ ମଧ୍ୟ ଏହି ସୂଚନା ଗୁଡିକ ଏକ୍ସ-ରେ ଥିଲା କିନ୍ତୁ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଯୋଗୁଁ ଏହି ତଥ୍ୟ ବାହାରକୁ ଆସି ପାରିଲା।

## ଥାଇଲାଣ୍ଡରେ ଶାମୁକାର ଲାଳର ମୂଲ୍ୟ ସୁନାଠାରୁ ମଧ୍ୟ ଅଧିକ :-

ଥାଇଲାଣ୍ଡର ଫାଟିନିସିରି ଥାଙ୍ଗକିଉ ନାମକ ସ୍ଥାନ ଅଛି ଯେଉଁଠି



ଚାଷୀ ମାନଙ୍କ ମୁଖ୍ୟ ବ୍ୟବସାୟ ଦିନେ ଧାନଚାଷ ଥିଲା କିନ୍ତୁ ହଠାତ ଆଡେନସ ସ୍ନେଲ୍ ନାମକ ଏକ ପ୍ରକାର ଶାମୁକା ବା ଗେଣ୍ଡା ଆକ୍ରମଣ ଯୋଗୁଁ ସେମାନେ ବାଧ୍ୟ ହୋଇ ଏହି ଚାଷକୁ ବାଦ ଦେଇ ଗେଣ୍ଡା ବଂଶ ନିପାତ କରିବାକୁ ଲାଗିଲେ। କିନ୍ତୁ ଆଜି ଏମିତି ପରିସ୍ଥିତି ଆସି ଉପୁଜିଛି ଯେ ଏହି ପ୍ରଜାତିର ୧୦୦୦ଟି ଗେଣ୍ଡାକୁ ୩୨୦ ରୁ ୬୫୦ ବହତ୍ (ଥାଇଲାଣ୍ଡ ମୁଦ୍ରା) ରେ ସେମାନେ ବିକୁଛନ୍ତି। ନାଖୋନ ନାୟୋକ୍‌ରେ ଥିବା ୮୦ ଟି ଫାର୍ମ ଏ ବ୍ୟବସାୟରୁ ବର୍ଷକୁ ପ୍ରାୟ ୩୧୪ ମିଲିଅନ୍ ବହତ୍ ରୋଜଗାର କରୁଛନ୍ତି। ସେମାନେ ଏହି ଶାମୁକାର ପାଟିରେ ପାଣି ବୁନ୍ଦା ବୁନ୍ଦା କରି ପକାଇ ସେଥିରୁ ତାର ଲାଳ ସଂଗ୍ରହ କରି ଅନେକ ଇଂଟରନେସନାଲ ନାମକ କସମେଟିକ୍ସ ତିଆରି କରୁଥିବା କଂପାନୀକୁ ବିକ୍ରି କରୁଛନ୍ତି। ସେଠାରୁ ଏହି କଂପାନୀ କୋରିଆ ଓ ଆମେରିକାକୁ କିଗ୍ରା ପିଛା ୧.୮ ମିଲିଅନ୍ ବହତ ଦରରେ ବିକ୍ରୟ କରୁଛନ୍ତି। ଅନୁମାନ କରନ୍ତୁ ସେଠାରେ ସୁନାଦର ଏବେ କିଗ୍ରା ପିଛା ୪୬,୩୦୦ ବହତ ଥିଲାବେଳେ ଏହି ଗେଣ୍ଡାର ଲାଳ ଦାମ୍ କେତେ ଅଧିକ ଅଛି। ତେବେ ଆପଣଙ୍କ ମନରେ ପ୍ରଶ୍ନ ଉଠିପାରେ ଏହାର କଣ ଉପଯୋଗିତା ରହିଛି ଯୋଉଁଥିପାଇଁ ଏହାର ଦାମ ଏତେ ବେଶୀ ରହିଛି। ସେମାନଙ୍କ ପ୍ରଦତ୍ତ ତଥ୍ୟାନୁଯାୟୀ ଏଥିରୁ ତିଆରି ଅଏଂଟମେଂଟ ପରା ସୂର୍ଯ୍ୟକିରଣ ଜନିତ କ୍ଷତ କିମ୍ବା ଅନ୍ୟ ଗୁରୁତର କ୍ଷତକୁ ଅଚିରେ ଭଲ କରି ଦେଉଛି। ଅବଶ୍ୟ ଏ ସଂପର୍କରେ ଅଧିକ କିଛି ଗବେଷଣା ହୋଇନାହିଁ। କିନ୍ତୁ ଦିନକୁଦିନ ଏହାର ଚାହିଦା ବଢି ବଢି ଚାଲିଛି। ମନେ ରଖିଥାଆନ୍ତୁ ଯେ ଏହି ଜାତୀୟ ଗେଣ୍ଡା ସବୁ ପ୍ରକାର ଖାଦ୍ୟ ଯେପରିକି ଫଳ ପନିପରିବା ଶସ୍ୟ

ଓ ଛତୁକୁ ବି ଖାଇ ହଜମ କରିପାରେ ।

## ବେଙ୍ଗ ଚର୍ମରେ ଥିବା ଜୀବାଣୁ ମାଧ୍ୟମରେ ଫଙ୍ଗସ୍ ସଂକ୍ରମଣକୁ ରୋକି ହେବ :-

ଆଜିକାଲି ବିଭିନ୍ନ ପ୍ରକାର ଫଙ୍ଗାଲ ଇନଫେକ୍ସନ ମନୁଷ୍ୟ ପାଇଁ ମହା ବିପଦ ସୃଷ୍ଟି କରିଛି । କାରଣ ଏମାନେ ଆମ ହାତ ପାହାନ୍ତାରେ ମିଳୁଥିବା ଅନେକ ଔଷଧକୁ ପ୍ରଭାବହୀନ କରି ଡାକ୍ତରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି । ଏହି ଅସୁବିଧାକୁ ଦୁର କରିବାକୁ ପାନାମା ସିଟି ୟୁନିଭର୍ସିଟିର କେତେକ ଗବେଷକ ଜାଣି ପାରିଛନ୍ତି ଯେ



ବେଙ୍ଗର ଚମଡାରେ Pseudomonas Cichorii ନାମକ ଜୀବାଣୁ ବାସ କରନ୍ତି ଯେଉଁମାନେ ଆସ୍ପରଜିଲୋସିସ୍ ନାମକ ରୋଗ ସୃଷ୍ଟି କରୁଥିବା Aspergillus Fumigatus ନାମକ ଫଙ୍ଗସ୍ ସଂକ୍ରମଣ ଜନିତ ରୋଗକୁ ପ୍ରତିହତ କରିବାର କ୍ଷମତା ବହନ କରିଥାଏ । ଗବେଷକମାନେ ଏହି ଧାରଣା ବେଙ୍ଗ ପରିଏକ ଉଭୟଚର ପ୍ରାଣୀ ମାନଙ୍କଠାରେ ଦେଖା ଯାଉଥିବା Chytridio mycosis ନାମକ ମହାମାରୀ ଆପେ ଆପେ ଅପସରି ଯିବା ଘଟଣାରୁ ପାଇଥିଲେ । ଏହି ରୋଗ ବଳବତ୍ତର ରହିଲେ ଅନେକ ବେଙ୍ଗକୁ ମୃତ୍ୟୁମୁଖକୁ ଟାଣି ନେଇ ଯାଇଥାଆନ୍ତା କିନ୍ତୁ ବେଙ୍ଗ ଚର୍ମରେ ଥିବା ଏହି ବିଶେଷ ଧରଣର ଜୀବାଣୁ ଯୋଗୁଁ ରକ୍ଷା ପାଇ ଯାଇଥିଲେ । ତେଣୁ ସେମାନଙ୍କ ମତରେ ଯଦି ବେଙ୍ଗ ଚର୍ମରୁ ପ୍ରସ୍ତୁତ ଏହି ଔଷଧକୁ ମନୁଷ୍ୟ କ୍ଷେତ୍ରରେ ବ୍ୟବହାର କରା ଯାଆନ୍ତା ତେବେ ଅନେକ ଜଟିଳ ଫଙ୍ଗାଲ ସଂକ୍ରମଣରୁ ରକ୍ଷା କରା ଯାଇ ପାରନ୍ତା ।

## ସୌର ରଶ୍ମୀ ପ୍ରୟୋଗରେ ଉଦଜାନ ପ୍ରସ୍ତୁତି :-

ସୂର୍ଯ୍ୟଠାରୁ ୧ ଘଂଟାରେ ଯେତିକି ଆଲୋକ ଓ ଉତ୍ତାପ ପୃଥିବୀପୃଷ୍ଠକୁ ଆସେ ତାହା ସମଗ୍ର ମାନବ ଜାତି ବ୍ୟବହାର କରୁଥିବା ୧ ବର୍ଷର ଶକ୍ତି ସହ ସମାନ । କିନ୍ତୁ ଏଥିରେ ଅସୁବିଧା ହେଲା ଏହି ଶକ୍ତିକୁ ଆହରଣ କରି ଉପଯୋଗ କରି ପାରିବାର କ୍ଷମତା ଆମେ ଅର୍ଜନ କରି ପାରି ନାହୁଁ । ଠିକ ସେହିପରି ଗତାନୁଗତିକ ଶକ୍ତି ଉତ୍ସର ବିକଳ୍ପ ଭାବେ ହାଇଡ୍ରୋଜେନ ବା ଉଦଜାନକୁ ଉପଯୋଗ ହୋଇ ପାରୁଥିବା ଶକ୍ତି ରୂପେ ପ୍ରଥମ ମାନ୍ୟତା ଦେଇଥିଲେ ହେଁ ଏହାକୁ ମୌଳିକ ରୂପେ କିପରି ପାଇ ପାରିବା ତାହା ଏକ ସମସ୍ୟା ରୂପେ ଆମ ସମକ୍ଷରେ ଉଭା ହୋଇଅଛି । ଏହାର ସମାଧାନର ସୂତ୍ର ବାହାର କରିଛନ୍ତି ୟୁନିଭର୍ସିଟି ଅଫ୍ ଏକ୍ସିଟରର ବୈଜ୍ଞାନିକ ଗୋବିନ୍ଦର ସିଂହ ପାଓ୍ୱାର୍ । ସେ ସୌର ଶକ୍ତି ପ୍ରୟୋଗ କରି ଜଳକୁ ବିଭାଜିତ କରି ସେଥିରୁ ହାଇଡ୍ରୋଜେନ ଓ ଅକ୍ସିଜେନକୁ ପୃଥକ କରି ପାରିଛନ୍ତି । ଏହାକୁ ଘରୋଇ ବ୍ୟବହାର ସହିତ ଯାନବାହାନରେ ଜାଳେଣୀ ରୂପେ ମଧ୍ୟ ବିନିଯୋଗ କରାଯାଇ ପାରିବ । ଏଥିରେ ହେଉଥିବା ରାସାୟନିକ ପ୍ରତିକ୍ରିୟା ଯୋଗୁଁ ପରିବେଶର କିଛି କ୍ଷତି ହୁଏନାହିଁ । କାରଣ ଏଠାରେ କେବଳ ଜଳ ସୃଷ୍ଟି ହୋଇଥାଏ ଯାହାକୁ ପରେ ନିଜ ଆବଶ୍ୟକତାନୁଯାୟୀ ବ୍ୟବହାର କରା ଯାଇପାରେ । ଏହି ପ୍ରକ୍ରିୟାକୁ ଫଟୋ ଇଲେକ୍ଟ୍ରୋକେମିକାଲ ସ୍ପ୍ଲିଟିଙ୍ଗ କୁହାଯାଏ । ଏଥିପାଇଁ ଆବଶ୍ୟକ ପଡୁଥିଲା ଏକ ଉନ୍ନତ ମାନର ସେମି କଣ୍ଡକ୍ଟର । ଉପରୋକ୍ତ ବୈଜ୍ଞାନିକମାନେ ଲାନ୍ଥାନମ୍ ,ଆଇରନ ଓ ଅକ୍ସିଜେନର ନାନୋ କଣିକା ସବୁକୁ ନେଇ ସେଥିରୁ ଲାନ୍ଥାନମ ଆଇରନ ଅକ୍ସାଇଡ ନାମକ ଯୌଗିକ ପ୍ରସ୍ତୁତ କରିଛନ୍ତି ଯାହାକୁ ଏକ ଫଟୋ ଇଲେକ୍ଟ୍ରୋଡ ରୂପେ ବ୍ୟବହାର କରା ଯାଇ ପାରିବ । ଏହାଦ୍ୱାରା Scalable spray Pyrolysis ପ୍ରକ୍ରିୟା ଦ୍ୱାରା ସୌର ରଶ୍ମୀକୁ ଜଳ ବିଭାଜନ କରି ହାଇଡ୍ରୋଜେନ ପ୍ରସ୍ତୁତ କରିବା ସୁଗମ ହୋଇ ପାରିଲା । ଏହା ଯେ କେବଳ ସୁବିଧାଜନକ ଥିଲା ତାନୁହଁ ବରଂ ଏହା ଅଳ୍ପ ଖର୍ଚ୍ଚରେ ଅଧିକ ପରିମାଣର ହାଇଡ୍ରୋଜେନ ଯୋଗାଇ ପାରିଲା ।

## ବିଗତ ରାତିର ସ୍ୱପ୍ନକୁ ମନେ ପକାଇବାକୁ ଚାହୁଁଛନ୍ତି କି ?

କଥାରେ ଅଛି ରାତିର ସ୍ୱପ୍ନ ସକାଳକୁ ରହେ ନାହିଁ । କିନ୍ତୁ ଅଷ୍ଟ୍ରେଲିଆର ୟୁନିଭର୍ସିଟି ଅଫ୍ ଆଡିଲେଡର ବୈଜ୍ଞାନିକ ଡେନହୋଲମ ଆସ୍ପିଙ୍କ ମତରେ ଯଦି ଆପଣ ଶୋଇବା ଆଗରୁ ଭିଟାମିନ ବି-୬ ନିଅନ୍ତି ତେବେ ଏହା ସମ୍ଭବ ହୋଇ ପାରିବ । ପ୍ରାୟ ୧୦୦ ଜଣ ବ୍ୟକ୍ତିଙ୍କୁ ନେଇ ୫ ଦିନ ପର୍ଯ୍ୟନ୍ତ ଭିଟାମିନ ବି-୬ ର ସପ୍ଲିମେଂଟ ଦେଇ ଦେଖାଗଲା ଯେ ଏହାଦ୍ୱାରା ସେମାନେ ସୁଖନିଦ୍ରା ଯିବା ସଙ୍ଗେ ସଙ୍ଗେ ରାତିରେ ଦେଖିଥିବା ଅଧିକାଂଶ ସ୍ୱପ୍ନକୁ ନିର୍ଭୁଲ ଭାବେ ବର୍ଣ୍ଣନା କରି ପାରୁଥିଲେ । ଏହାର କାରଣ ସଂପର୍କରେ ବୁଝାଇବାକୁ ଯାଇ ଗବେଷକ ଜଣକ କହନ୍ତି ଯେ ଭିଟାମିନ ବି-୬ ସ୍ୱପ୍ନରେ ଦେଖୁଥିବା ଚିତ୍ରର ରଙ୍ଗ ,ତୀବ୍ରତା ଓ ବିଷୟକୁ ଅତିରଞ୍ଜିତ କରେ ନାହିଁ ବରଂ ବାସ୍ତବତାକୁ ଅତୁଟ ରଖେ ତେଣୁ ବ୍ୟକ୍ତି ଜଣକ ଏହାକୁ ସହଜରେ ମନେ ରଖିପାରେ । ଏହି ତଥ୍ୟ ପରସେପ୍ସନାଲ ଏବଂ ମୋଟୋର ସ୍କିଲ ନାମକ ପତ୍ରିକାରେ ପ୍ରକାଶିତ ହୋଇଛି ।

**ଏଚଆଇଭି ଭୂତାଣୁ କିପରି ଆମ ରୋଗ ନିରୋଧୀ ଶକ୍ତିକୁ ପ୍ରଭାବିତ କରେ ?** ଆୟର୍ଲାଣ୍ଡ ସ୍ଥିତ ଟ୍ରିନିଟି କଲେଜ ଡବଲିନ ର ବୈଜ୍ଞାନିକମାନେ ଏଚଆଇଭି ଭୂତାଣୁ କିପରି ଆମ ଇମ୍ୟୁନ ସିଷ୍ଟମକୁ ପ୍ରଭାବିତ କରନ୍ତି ସେ ସଂପର୍କରେ ଏକ ରୋଚକ ତଥ୍ୟ ପ୍ରଦାନ କରିଛନ୍ତି । ସାରା ପୃଥିବୀରେ ଆଜି ପ୍ରାୟ ୪୦ ମିଲିଅନ୍ ବ୍ୟକ୍ତି ଏହି ରୋଗରେ ପୀଡିତ ହୋଇ ମୃତ୍ୟୁ ଅପେକ୍ଷାରେ ରହିଛନ୍ତି । ଏମାନଙ୍କ ଗବେଷଣାନୁଯାୟୀ ଭୂତାଣୁ ସଂକ୍ରମଣ ହେଲେ ଆମ ଶରୀରରୁ ଇଂଟରର୍ଫେରନ ନାମକ ଅଣୁ ନିର୍ଗତ ହୁଏ ଯାହା ଆମ ଶରୀରର କେତେକ କୋଷଙ୍କୁ ଏକ ରକମ ଆଂଟିଭାଇରାଲ ଅଣୁ ଉତ୍ପନ୍ନ କରିବାକୁ ପ୍ରେରିତ କରେ ଯାହା ସଂକ୍ରମଣ ପ୍ରକ୍ରିୟାକୁ ଶିଥିଳ କରି ପକାଏ । କିନ୍ତୁ ଏ ଆର୍ ଟି ବ୍ୟବହାର ଦ୍ୱାରା ଏହା ଘଟି ପାରେନାହିଁ । ତେଣୁ ଏହାଦ୍ୱାରା ସଂକ୍ରମଣକୁ ପୁରାପୁରି ବିଲୋପ କରା ଯାଇ ପାରେନାହିଁ ।

ଦୂରଭାଷ-୯୪୩୭୧୨୭୮୨୦



# ମୋ ପରିବାର

**ତୁଳସୀ ଜୈନ**

ଯୁଗେ ଯୁଗେ ବିନମ୍ରତା, ସେବା ଓ ଶିଷ୍ଟାଚାର ଆଦି ମହତ୍‌ଗୁଣ ଭାରତୀୟ ସଂସ୍କୃତିକୁ ଋଦ୍ଧିମନ୍ତ କରି ଆସିଛନ୍ତି। ସଂସ୍କାର ଦୃଷ୍ଟିରୁ ସଂପ୍ରତି ଅବକ୍ଷୟ ଆସିଛି, ଏହା ସତ୍ୟ; କିନ୍ତୁ ବାପା, ମା ଓ ଗୁରୁଜନଙ୍କ ପ୍ରତି ସହଜ ସମ୍ମାନବୋଧ ଏବେ ମଧ୍ୟ ଆମ ଭିତରେ ଜୀବିତ। ପରିବାର ନାମକ ଶକ୍ତି ଆମକୁ ଏକ ସୁରକ୍ଷା ବଳୟ ପ୍ରଦାନ କରି ଆସିଛି। ସୁଖ-ଦୁଃଖ ଏକାକୀପଣ ଏବଂ ଭାବନାତ୍ମକ ସ୍ତରରେ ଆମେ ଯେତେବେଳେ ଅବସାଦଗ୍ରସ୍ତ ହୋଇପଡୁଁ, ସେତେବେଳେ ଆମ ପରିବାର ହିଁ ଆମକୁ ବଳ ଦେଇଥାଏ। ଜନ୍ମର ସଙ୍ଗୀତ ଏବଂ ମୃତ୍ୟୁର କ୍ରନ୍ଦନକୁ ଭାଗବଣ୍ଟା କରି ଆମେ ଉଲ୍ଲାସକୁ ବଢ଼ାଇ ଥାଉଁ, ଅଥଚ ବିଷାଦକୁ ହ୍ରାସ କରିଥାଉଁ । ପରିବାର ଏପରି ଏକ ଧନ, ଯାର ଅର୍ଥ ଦ୍ୱାରା ଆକଳନ କରାଯାଇ ନ ପାରେ। ଏଥି ସକାଶେ ଭାରତ ବିକାଶଶୀଳ ହୋଇଥିବା ସତ୍ତ୍ୱେ ହେପିନେସ୍ ଇନ୍‌ଡେକ୍‌ସ୍ ବା ପ୍ରସନ୍ନତାର ସୂଚକାଙ୍କ ଦୃଷ୍ଟିରୁ ବିକଶିତ ରାଷ୍ଟ୍ରମାନଙ୍କ ଠାରୁ ଢ଼େର ଆଗରେ। ପରିବାର ହିଁ ଭାରତର ବୈଶିଷ୍ଟ୍ୟତାର ରହସ୍ୟ।

ବିଂଶ ଶତାବ୍ଦୀର ଅନ୍ତିମ ଦଶକରେ ବ୍ରିଟେନ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ପରିବାର ସୁରକ୍ଷା ନାଆଁରେ ଦୁଇ ତିନୋଟି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିଘଟନରୁ ପରିବାରକୁ କିପରି ରକ୍ଷା କରାଯାଇ ପାରିବ - ଏହାହିଁ ଥିଲା ତାତ୍‌କାଳିକ ସମସ୍ୟା। ଛାଡ଼ପତ୍ର, ଏକଲାପଣ, ପିଲାଙ୍କ ଦୁର୍ଦ୍ଦଶା, ସେମାନଙ୍କ ଠାରେ ହିଂସାତ୍ମକ ପ୍ରବୃତ୍ତି ବଢ଼ିବା, ବରିଷ୍ଠ ନାଗରିକଙ୍କ ଖାଲିପଣ ଏବଂ ସବୁଥାଇ ମଧ୍ୟ ଏକ ରିକ୍ତତାର ଅନୁଭୂତି ଆଦି ମିଶି ଏଠିକାର ନାଗରିକଙ୍କୁ ରୁଗ୍‌ଣ କରି ଦେଇଛନ୍ତି ।

ପରିବାରକୁ ଏକଜୁଟ ରଖିବା ସକାଶେ ତଥା ପରିବାରରେ ଅନୁଶାସନ ବଜାଇ ରଖିବା ସକାଶେ ସଦସ୍ୟମାନଙ୍କୁ ଏକପ୍ରକାର ବନ୍ଧନକୁ ସ୍ୱୀକାର କରିବାକୁ ହୋଇଥାଏ। ଆପଣାସ୍ୱାର୍ଥକୁ ହେୟ ବିଚାରି ଅନ୍ୟମାନଙ୍କ ହିତଚିନ୍ତନ କରିବାକୁ ହୋଇଥାଏ। ଆମେ ଯଦି ସୁଖୀ ଓ ସ୍ୱସ୍ଥ ପରିବାର ଗଠନ କରିବାକୁ ଚାହୁଁ ତେବେ ଆମକୁ ଆମ ଇମୋସନ୍‌ସ ବା ସଂବେଗ ଉପରେ ନିୟନ୍ତ୍ରଣ କରିବାକୁ ହେବ। କାରଣ ପାରିବାରିକ ବିଘଟନର ଦୁଇଟି ମୁଖ୍ୟ କାରଣ ହେଉଛି - ସନ୍ଦେହ ଓ ଅସହିଷ୍ଣୁତା । ବ୍ୟକ୍ତିଗତ ସ୍ୱାର୍ଥ ଓ ଅହଙ୍କାର ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାନ୍ତି ।

ପ୍ରଶ୍ନ ହେଲା - କେଉଁ ସବୁ ତତ୍ତ୍ୱ, ମଣିଷକୁ ରୋଗ, ଶୋକ ଓ ଦୁଃଖ ଦେଇଥାଏ ? ସଂସ୍କୃତିପରକ ଉତ୍ତର ହେବ - କଷାୟ, ଯାହାକୁ ମନୋବିଜ୍ଞାନର ଭାଷାରେ ଇମୋସନ୍‌ସ୍ ବା ସଂବେଗ ବୋଲି କୁହାଯାଇ ପାରିବ। ଏହା ସମ୍ବନ୍ଧକୁ ଅମ୍ଳୀୟ କରିଥାଏ, ମଧୁର ନୁହେଁ । କ୍ରୋଧ, ଆବେଶ, ଅହଙ୍କାର, ଛଳନା ଓ ଲୋଭ ଆଦି କଷାୟ ସୁଖୀ ଓ ସୁସ୍ଥ ପରିବାର ଗଠନରେ ବାଧା ଉତ୍ପନ୍ନ କରିଥାନ୍ତି । ଏହି ସବୁ ନକାରାତ୍ମକ ତତ୍ତ୍ୱ ଗୁଡ଼ିକୁ ନିୟନ୍ତ୍ରିତ କରାଯାଇ ପାରିଲେ ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ନୀରୋଗ ହୋଇଥାଏ। ଅନ୍ୟଥା କଷାୟର ତାଡ଼ନାରେ ପରିବାର ଛିନ-ଭିନ ହୋଇପଡ଼େ ।

ପରିବାରରେ ଜଣେ ବି ଯଦି ପରିବାରକୁ ଏକତ୍ର ବାନ୍ଧି ରଖିବାରେ ସମର୍ଥ କିମ୍ବା ଅନୁଶାସନ କଳାରେ ଦକ୍ଷ ଥାଏ, ତେବେ ପରିବାର ବିଘଟନରୁ ବର୍ତ୍ତିଯାଏ । ପରିବାରର ମୁଖିଆ ମୃଦୁଭାଷୀ, ଅନ୍ୟମାନଙ୍କ ସୁଖ ଦୁଃଖ ପ୍ରତି ସଂବେଦନ-ଶୀଳ, ନିରହଙ୍କାରୀ ଏବଂ ସମସ୍ତଙ୍କ ପ୍ରତି ସମାନ ଓ ନିରପେକ୍ଷ ନ୍ୟାୟ କରି ପାରୁଥିବା ଜରୁରୀ । ଭିନ୍ନ ମନୋବୃତ୍ତି, ସ୍ୱତନ୍ତ୍ର ସ୍ୱଭାବ ଏବଂ ବ୍ୟକ୍ତିଗତ କର୍ମ ସଂସ୍କାର ବା ଜିନ୍ ହେଉଛି ଗୋଟିଏ ପରିବାରର ବୈଚିତ୍ର୍ୟ। ଅନୁକୂଳ - ପ୍ରତିକୂଳ ବା ନରମ-ଗରମ ସମସ୍ତ ପରିସ୍ଥିତିକୁ ମୁଖିଆ ସ୍ଥିତପ୍ରଜ୍ଞ ସଦୃଶ ସମ୍ଭାଳି ପାରୁଥିବା କଥା ।

ଆଜିକାଲି ଆଉ ଏକ ବିଚିତ୍ର କଥା ଦେଖିବାକୁ ମିଳୁଛି । ଯେଉଁମାନେ ନିରକ୍ଷର କିମ୍ବା ସ୍ୱଳ୍ପ ପାଠ ପଢ଼ିଛନ୍ତି, ସେମାନେ ନିଜ ପରିବାରକୁ କୁଶଳତାର ସହିତ ଏକ ସୂତ୍ରରେ ବାନ୍ଧି ରଖି ପାରିଛନ୍ତି । ଅଥଚ ମୁଖିଆ ଯଦି ଉଚ୍ଚ ଶିକ୍ଷିତ, ସେ ଏପରିକ୍ଷେତ୍ରରେ ଅଧିକାଂଶତଃ ଅସଫଳ ହେଉଥିବା ଦେଖାଯାଉଛି। ଶିକ୍ଷିତ ଲୋକେ ଭାବ ଓ ସଂବେଗ ଦୃଷ୍ଟିରୁ ଏତେ ଦୁର୍ବଳ କାହିଁକି ବୁଝା ପଡୁନି । କେଉଁ କାରଣ ସବୁ ଜଣେ ଅପାଠୁଆ ବା ଅଳ୍ପ ପାଠୁଆକୁ ସହନଶୀଳ କରୁଛି, ଅଥଚ ତୀକ୍ଷ୍ଣ ବୁଦ୍ଧିଯୁକ୍ତ ଉଚ୍ଚ ଶିକ୍ଷିତ ଲୋକକୁ ଅସହନଶୀଳ କରି ଦେଉଛି - ତାହା ଅନୁସନ୍ଧାନ ସାପେକ୍ଷ । ପରିବାରର ଆଧାର ହେଉଛି ପାରସ୍ପରିକତା, ଅନ୍ୟ ପ୍ରତି ଆତ୍ମବତ୍‌ଭାବ । ସମଗ୍ର ବସୁଧାକୁ କୁଟୁମ୍ବ ଭାବି ନ ପାରିଲେ ମଧ୍ୟ ଅତି କମ୍‌ରେ କୁଟୁମ୍ବକୁ ନିଜର ବୋଲି ଭାବି ପାରିବା ବର୍ତ୍ତମାନ ପରିପ୍ରେକ୍ଷୀରେ ଯଥେଷ୍ଟ ହେବ । ପାରସ୍ପରିକ ସାମଞ୍ଜସ୍ୟ ରହିଥିଲେ ମଣିଷ ସୁଖୀ ହୁଏ ତଥା ସଂଯୁକ୍ତ ପରିବାର ପ୍ରଥା ଅଜର, ଅମର ହୋଇଥାଏ ।

ଆମେ ଦେଖିଥାଉଁ ବାପାଙ୍କ ଚାରୋଟି ପୁଅ । ସମସ୍ତଙ୍କ ନିଜ - ନିଜ ପରିବାର। ବୃଦ୍ଧ ମାପା ମାଆଁଙ୍କୁ ସେବକ ଭରସାରେ ଛାଡ଼ି ସେମାନେ ଆପଣା ଛୋଟ ପରିବାର ଅର୍ଥାତ୍ ମୁଁ ଓ ମୋର (ପତ୍ନୀ ଓ ସନ୍ତାନ) ଭିତରେ ବେଶ୍ ଖୁସି ।

କଷ୍ଟେ ମଷ୍ଟେ ଚଳିଯିବା ସକାଶେ ମାସ ଶେଷରେ ସାମାନ୍ୟ କିଛି ଟଙ୍କା ବାପା ମାଁଙ୍କ ପାଖକୁ ପଠାଇ ଦେଇ ସେମାନେ ଆପଣା ଦାୟିତ୍ୱର ଇତିଶ୍ରୀ କରି ଦେଉଛନ୍ତି । ଏଭଳି ପରିସ୍ଥିତିରେ ଆସନ୍ନ ବାର୍ଦ୍ଧକ୍ୟ ପ୍ରତି ଭୟ ଓ ଅସୁରକ୍ଷାର ଭାବନା ଆଜି ସମାଜକୁ ଗ୍ରାସ କରି ପକାଇଛି । ଜଣେ ନିଜ ସୀମିତ ଆୟ ମଧ୍ୟରେ ଚାରିପିଲାଙ୍କୁ ଲାଳନ ପାଳନ କରି ଶିକ୍ଷିତ କରି ପାରିଲା, ଅଥଚ ଚାରିଜଣ ମିଶି ଜଣକୁ ମଧ୍ୟ ଚିତ୍ତ ସମାଧି ପ୍ରଦାନ କରି ପାରୁ ନାହାନ୍ତି ।

ଆଜି 'ପରିବାର' ନାମକ ଶବ୍ଦ ଓ ସଂଗଠନ ଉଭୟେ କିଛି ପରିମାଣରେ ଅପ୍ରାସଙ୍ଗିକ ହୋଇ ପଡ଼ିଛନ୍ତି । କ୍ୟାରିଅର ନିର୍ମାଣର ତଣ୍ଟି କଟା ପ୍ରତିଯୋଗିତା, ବାଲ୍ୟକାଳରୁ ଶିଶୁକୁ ବାପା ମା'ଙ୍କ ଠାରୁ ଦୂରେଇ ଦେଉଛି । ବାପା ମା ସେମାନଙ୍କ ଆୟର ସିଂହ ଭାଗ ଖର୍ଚ୍ଚ କରି ଦେଶ ବିଦେଶର ନାମୀ ଶିକ୍ଷାୟତନରେ ପିଲାଙ୍କୁ ଭର୍ତ୍ତି କରି ଦେଉଛନ୍ତି । ପରିବାର ଠାରୁ ବହୁ ଦୂରରେ ରହି ଶୈଶବ ବିତାଇଥିବା ଯୁବକଠାରୁ ପାରିବାରିକ ଗୁଣ ବା ଆତ୍ମୀୟତାର ଆଶା କିପରି କରାଯାଇ ପାରିବ ? ବିନୟ ଓ ବାତ୍ସଲ୍ୟ ସେମାନଙ୍କ ସକାଶେ ଅସ୍ପୃଶ୍ୟ ହୋଇ ରହୁଛି । ପରିବାର ପ୍ରତି ଉତ୍ତର ଦାୟିତ୍ୱର କଥା କାହୁଁ ଉଠିବ ? ସେ ପକ୍ଷୀ ଭଳି ଆକାଶରେ ବିଚରଣ କରି ପାରିବ । ମାଛ ଭଳି ଜଳରେ ପହଁରି ପାରିବ, କିନ୍ତୁ ମଣିଷ ଭଳି ମଣିଷ ମେଳରେ ରହିବା ଶିଖି ପାରୁ ନାହିଁ ।

ତ୍ୟାଗର ଦୁର୍ଭିକ୍ଷ ଓ ଭୋଗର ସୁନାମୀ ଭିତରେ ଏକବିଂଶ ଶତାବ୍ଦୀର ବ୍ୟକ୍ତି ଥଳ-କୂଳ ପାଉନାହିଁ । ମୂଲ୍ୟବୋଧର ଅବକ୍ଷୟ କାଳରେ ଆମେ ଆଧୁନିକ ନୁହେଁ, ବରଂ ଉତ୍ତର ଆଧୁନିକ ଯୁଗରେ ସିଧା ପ୍ରବେଶ କରି ଯାଇଛୁଁ । ଏବେ ପ୍ରାଚୀନ ମୂଲ୍ୟବୋଧ ଜର୍ଜର ଓ ସମାପ୍ତ ପ୍ରାୟ, କିନ୍ତୁ ନୂତନ ମୂଲ୍ୟବୋଧ ସୃଜନ କରିବାରେ ଆମେ ସଂପୂର୍ଣ୍ଣ ବିଫଳ । ମକ୍ଷିକା ଦୃଷ୍ଟି କେବେ ମଧ୍ୟ ମୂଲ୍ୟବୋଧକୁ ସ୍ଥାପିତ କରି ପାରେ ନାହିଁ । ସପ୍ତାହ ବ୍ୟାପୀ ଗହନ ଖୋଜା-ଖୋଜି ପରେ ବି ଯୁଧିଷ୍ଠିରଙ୍କୁ ଦ୍ୱାରିକାରେ ଜଣେ ବି ଖଳ ଲୋକ ମିଳି ନ ଥିଲା । ତେବେ ସେହି ଦ୍ୱାରିକା ନଗରୀରରେ ଜଣେ ବି ଭଲ ଲୋକ ଦୁର୍ଯ୍ୟୋଧନ ଦେଖି ପାରିନାହିଁ । ପରିବାର ବା ସମାଜରେ ଯଦି ଯୁଧିଷ୍ଠିରୀୟ ଦୃଷ୍ଟି ରହିଥିବ, ସେହି ମାଟିରେ ମହାବୀର, ଗୌତମ ଓ ଗାନ୍ଧୀଙ୍କ ପୁନଃ ଅବତରଣର ପର୍ଯ୍ୟାପ୍ତ ସଂଭାବନା ଜୀବିତ ରହିବ । ଦୁର୍ଯ୍ୟୋଧନୀୟ ଦୃଷ୍ଟିକୁ ପୋଷଣ ମିଳିଲେ ମହାଭାରତ ହିଁ ସାର ହେବ । ମକ୍ଷିକା ନୁହେଁ ମଧୁ ମକ୍ଷିକା ଦୃଷ୍ଟିକୋଣର ବିକାଶ ହେଲେ ପରିବାର ବୈକୁଣ୍ଠ ସମାନ ହୋଇଥାଏ ।

ସହିଷ୍ଣୁତାର ଅର୍ଥ ହେଉଛି ପରିସ୍ଥିତିକୁ, ନିଜ ଠାରୁ ଭିନ୍ନ ବ୍ୟକ୍ତି ଓ ବିଚାରକୁ ସହନ କରିବା ଏବଂ ଆନ୍ତରିକ ରାଗ-ଦ୍ୱେଷର ତରଙ୍ଗକୁ ପରାଜିତ କରିବା । ଯେଉଁ ପରିବାରର ସଦସ୍ୟମାନେ ପରସ୍ପରକୁ ସହନ କରନ୍ତି, ଜଣେ ଅନ୍ୟ ଜଣକର ସୁଖ ଦୁଃଖର ସହଭାଗୀ ହୁଅନ୍ତି, ପରିବାରର ପରମ୍ପରା ଓ ଗ୍ରହଣୀୟ ତଥା ବର୍ଜନୀୟ ନିୟମ ପ୍ରତି ସଚେତନ ଥାନ୍ତି, ଉପଭୋକ୍ତାବାଦୀ ଦୃଷ୍ଟିକୋଣର ପରିହାର କରି ଅର୍ଥ ଓ ପଦାର୍ଥକୁ ଜୀବନର ସାଧ୍ୟ ନୁହେଁ ସାଧନ ବୋଲି ଭାବନ୍ତି, ମାନବୀୟ ମୂଲ୍ୟବୋଧକୁ ସତତ ସ୍ମରଣ କରନ୍ତି, ସମୟର ସଦୁପଯୋଗ କରନ୍ତି, ଅନନ୍ତ ଆକାଂକ୍ଷାର ଇନ୍ଦ୍ରଜାଲରୁ ନିଜକୁ ମୁକ୍ତ ରଖନ୍ତି, ବ୍ୟକ୍ତିଗତ ସ୍ୱାର୍ଥକୁ ଗୌଣ ମଣି ପାରିବାରିକ ହିତକୁ ଅଗ୍ରାଧିକାର ଦିଅନ୍ତି ଏବଂ ଅନାବଶ୍ୟକ ଜିଦ୍ ବା ଆଗ୍ରହର ପରିହାର କରି ପାରନ୍ତି - ସେହି ପରିବାର ନିଶ୍ଚିତ ଭାବରେ ଆଦର୍ଶ ଓ ଅନୁକରଣୀୟ ।

**ତୁଷାରା, ବଲାଙ୍ଗୀର**
**ଦୂରଭାଷ: ୯୪୩୭୦୩୯୦୯୬**

# ପରିଭାଷା

**ପଦ୍ମଲୋଚନ ସାହୁ**



ଏଇ ଦେହ ଦିନେ ଧରାଶାୟୀ ହେବ
କାଳର କରାଳ ସ୍ରୋତେ,
ତଥାପି ଏ'ମନ କିମ୍ପାଇ ଅଜ୍ଞାନ
ଭାବି ପାରେ ନାହିଁ ଚିତ୍ତେ ।

ସ୍ନେହ ପସରାରୁ ସରିଯାଏ ନାହିଁ
ବାଣ୍ଟିଦେଲେ କିଛି 'ସ୍ନେହ',
ଏ'ମଣିଷ ମରେ କଥା ରହିଯାଏ
ନ'ଲିଭେ ମନରୁ କୋହ ।

ଅମୃତ ମଣୋହି ଦିବ୍ୟପ୍ରେମ ସେହି
ବାଣ୍ଟେ ଯେ ଏକରୁ ଆନ
ପରମ ପୁରୁଷ ଏ ମହୀରେ ପରା
ସେହି ଅଟେ ଏକା ଧନ୍ୟ ।

ଧନ ନୁହେଁ ଏଠି ଶ୍ରେଷ୍ଠ - ମାପକାଠି
ମଣିଷ ମନର ମୂଲ
ତଥାପି କାହିଁକି ଏ ମଣିଷ ମାପେ
ଧନୀ-ଗରିବର ତୁଳ ।

ଚରିଦିନ ପାଇଁ ଏ ଜୀବନେ କିଆଁ
ଉଂକିମାରେ ଏତେ ଆଶା
ଆଶା'ତ ନିରାଶା ଚହଲା ଆକାଶେ
ସ୍ମୃତିର ସେ "ପରିଭାଷା" ।

# ଆମେ ଓ ଆମ ପରିବେଶର ଅନୁଚିନ୍ତା



**ବିଭୂତି ଭୂଷଣ ସେନାପତି**

ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଜୀବନ ପାଇଁ ଆଶୀର୍ବାଦ ଅନୁକୂଳ ପରିବେଶ ମାତ୍ର ଏହାର ପ୍ରତିକୂଳତା ଜୀବନ ପ୍ରତି ଅଭିସମ୍ପାତ। ପୃଥିବୀରେ ପ୍ରଥମ ଜୀବନର ଉନ୍ମେଷ ଘଟିଥିଲା ଅନୁକୂଳ ପରିବେଶରୁ। ମାଟି, ପାଣି, ପବନ, ବିଶୁଦ୍ଧ ବାୟୁ, ଜମି, ଜଳ ଓ ସାତ୍ତ୍ୱିକ ଖାଦ୍ୟ ମଣିଷକୁ ସୁସ୍ଥ ଓ ସବଳ ରଖିଥିଲା। ଶିଳ୍ପ ବିପ୍ଳବରୁ ବିଜ୍ଞାନର ଜୟଯାତ୍ରା ଓ ଜନସଂଖ୍ୟା ବୃଦ୍ଧି, ଅରଣ୍ୟ ଲୋପ ଓ କଳକାରଖାନା ପ୍ରତିଷ୍ଠା ଧୀରେ ଧୀରେ ସୁନ୍ଦର ପ୍ରକୃତିର ବାୟୁମଣ୍ଡଳକୁ ପ୍ରଦୂଷିତ କରିବାକୁ ଲାଗିଲା। ପରିବେଶର ଅହେତୁକ ଶୋଷଣ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ପରି ଅନେକ ସମସ୍ୟାରେ ଆମକୁ ସମ୍ମୁଖିନ କରାଇଲା। ସର୍ବପ୍ରଥମେ ୧୯୭୨ ମସିହାରେ ମିଳିତ ଜାତିସଂଘର ପ୍ରଥମ ଅଧିବେଶନ ମାନବ ଓ ପରିବେଶ ବିଷୟରେ ଆନ୍ତର୍ଜାତିକ କ୍ଷେତ୍ରରେ ଆଲୋଚନା ହେଲା ଏବଂ ୧୯୭୪ ମସିହାରେ ପ୍ରସଙ୍ଗକୁ ନେଇ ବିଶ୍ୱ ପରିବେଶ ଦିବସ (WED) ଜୁନ୍ ୫ ତାରିଖରେ ବିଶ୍ୱବ୍ୟାପୀ ପାଳିତ ହେଲା। ୨୦୧୬ ମସିହା ପାଇଁ ମୁଖ୍ୟ ପ୍ରସଙ୍ଗ ଥିଲା "Zero tolerance for the illegal wild life trade", ୨୦୧୭ ମସିହା ପାଇଁ ପରିବେଶ ଦିବସର ବିଷୟବସ୍ତୁ "Connecting people with nature", ଏବଂ ୨୦୧୯ ମସିହା ପାଇଁ ବାୟୁ ପ୍ରଦୂଷଣ ବିଷୟରେ ସବିଶେଷ ଆଲୋଚନା କରାଗଲା। ବନ୍ୟଜୀବମାନେ ଆମ ପରବେଶର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ଜଙ୍ଗଲ ଧ୍ୱଂସ ନକରି ତା'ର ସୁରକ୍ଷା ଏକାନ୍ତ ପ୍ରୟୋଜନ ବୋଲି ଉପଲବ୍ଧି କରାଗଲା। ଦ୍ୱିତୀୟତଃ "Join the race to make the world a better place", ଅର୍ଥାତ ଆମ ପୃଥିବୀକୁ ଏକ ବାସୋପଯୋଗୀ ସ୍ଥାନରେ ପରିଣତ କରିବା ଆମ ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍। ତୃତୀୟରେ ବାୟୁର ଗୁଣ ସୁଚକାଙ୍କ ବର୍ଗୀକରଣ ମାଧ୍ୟମରେ ଶୂନ୍ୟରୁ ପଚାଶ ମଧ୍ୟରେ ଉତ୍ତମ, ଏକାବନରୁ ଶହେ ମଧ୍ୟରୁ ସାମାନ୍ୟ ଏବଂ ୧୦୧ ରୁ ୧୫୦ ମଧ୍ୟରେ ସଂବେଦନଶୀଳ ଲୋକଙ୍କ ପାଇଁ ଅସ୍ୱାସ୍ଥ୍ୟକର ବୋଲି ନିର୍ଣ୍ଣୟ କରାଗଲା। ୨୦୧ ରୁ ୩୯ ମଧ୍ୟରେ ସାଂଘାତିକଭାବେ ବିପଦାମୁଖୀ ବୋଲି ନିର୍ଣ୍ଣୟ ହେଲା ଓ ପରିବେଶ ପ୍ରଦୂଷଣର ମାନ ନିର୍ଣ୍ଣିତ ହେଲା। ଏଠାରେ ସୂଚନାଯୋଗ୍ୟ ବାୟୁମଣ୍ଡଳରେ କ୍ଷବଯାରଜାନ ପରିମାଣ ଶତକଡ଼ା ୭୮ଭାଗ, ଅମ୍ଳଜାନ ୨୦ ଭାଗ, ୦.୦୪ ଅଙ୍ଗାରକାମ୍ଳ ରହିବା କଥା। ଉଦ୍ଭିଦଜଗତ ପାଇଁ ଅଙ୍ଗାରକାମ୍ଳ ଓ ପ୍ରାଣୀଜଗତ ପାଇଁ ଅମ୍ଳଜାନ ଏକାନ୍ତ ଅପରିହାର୍ଯ୍ୟ। ଶୁଦ୍ଧ ବାୟୁ ପ୍ରଦାନକାରୀ ଅରଣ୍ୟକୁ କଳକାରଖାନା ପାଇଁ ଧ୍ୱଂସ ପୁନଶ୍ଚ କାରଖାନାରୁ ନିର୍ଗତ ଧୁମମଣ୍ଡଳୀ ଆକାଶରେ ବାୟୁ ପ୍ରଦୂଷଣର ମୁଖ୍ୟ ଭୂମିକା ନେଇଛି। ପୁନଶ୍ଚ ପାରମାଣବିକ ଯୁଗରେ ଆଣବିକ ବିସ୍ଫୋରଣ, ବୋମା ପରୀକ୍ଷାଦ୍ୱାରା ବାୟୁ ପ୍ରଦୂଷଣ ବହୁ ପରିମାଣରେ ଆମ ପରିବେଶକୁ ଅସନ୍ତୁଳିତ କରିଛି। ପୁନଶ୍ଚ ପେଟ୍ରୋଲ ଧୂଆଁ ବା ଡିଜେଲ ଧୂଆଁରୁ ଅଙ୍ଗାରକାମ୍ଳ ଓ କାର୍ବନ ମନୋକ୍ସାଇଡ୍ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷଣ କରୁଛି। ସହରାଞ୍ଚଳରେ ଶ୍ୱାସରୋଗୀ ଓ ଯକ୍ଷ୍ମାରୋଗୀଙ୍କ ସଂଖ୍ୟା ସ୍ୱାଭାବିକ ଭାବେ ଅଧିକ। ହାୱାଇ ଦୀପପୁଞ୍ଜର ମୌନାଲୋଆ (Maunaloa) ପର୍ଯ୍ୟବେକ୍ଷଣ କେନ୍ଦ୍ରର ବୈଜ୍ଞାନିକମାନେ ୧୯୫୦ ମସିହା ପରଠାରୁ ବାୟୁମଣ୍ଡଳରେ କିପରି ଅଂଗାରକାମ୍ଳ ମାତ୍ରା ବଢ଼ିଚାଲିବ ତାକୁ ଲକ୍ଷ କରିଛନ୍ତି। କିଛିଦିନ ପୂର୍ବରୁ ବାୟୁରେ ଅଂଗାରକାମ୍ଳ ସ୍ତର ୪୧୫.୨୬ ନିୟୁତାଂଶକୁ ଛୁଇଁଛି ଯେଉଁଠି ବାୟୁରେ ଏହାର ନିରାପଦ ସ୍ଥାନ ୩୫୦ ନିୟୁତାଂଶ। ସେଥିପାଇଁ ବିଶ୍ୱପରିବେଶ ଦିବସରେ ସରକାରୀ ଓ ବେସରକାରୀ ସଂସ୍ଥା ଗୋଷ୍ଠୀ ଓ ବ୍ୟକ୍ତିବିଶେଷ ଏବଂ ଶକ୍ତାନୁଷ୍ଠାନ ସବୁଜ ବୈଷୟିକ ଜ୍ଞାନକୌଶଳଦ୍ୱାରା ନବୀକରଣୀୟ ଶକ୍ତି ଉତ୍ସ କିପରି ବଢ଼ିପାରିବ ସେଥିପାଇଁ ପଦକ୍ଷେପ ନିଆଯାଇଛି। ଗୁଣାତ୍ମକ ମାନ ଦୃଷ୍ଟିରୁ ବାୟୁରେ କଣିକୀୟ ଦ୍ରବ୍ୟ ୨.୫ ଏବଂ ୧୦ ବିଚାରାଧୀନ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ୧୦ର ନିରାପଦ ସ୍ତର ୨୦ କ୍ୟୁବିକ ମିଟର। ଏହା ପ୍ରଶ୍ୱାସରେ ଫୁସ୍‌ଫୁସ୍‌କୁ ଯାଇ ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ହୁଏ। ସାରା ବିଶ୍ୱରେ ୧୦ଟି ବାୟୁ ପ୍ରଦୂଷିତ ସହର ମଧ୍ୟରୁ ୭ଟି ଭାରତରେ ରହିଛି। ବିଶ୍ୱରେ ସର୍ବାଧିକ ପ୍ରଦୂଷିତ ସହର ରାଜଧାନୀ ଦିଲ୍ଲୀ ନିକଟସ୍ଥ "ଗୁରୁଗ୍ରାମ"। ପରିବେଶକୁ ସୁସ୍ଥ ରଖିବାପାଇଁ ପ୍ରଦୂଷଣ ନିରାକରଣ ଏବଂ ନିୟନ୍ତ୍ରଣ ଆଇନ ୧୯୮୧, ଫ୍ୟାକ୍ଟ୍ରି ବା କାରଖାନା ଆଇନ ୧୯୪୮, ଜାତୀୟ ବଏଲର ଆଇନ ୧୯୨୩, ଜାତୀୟ ବିସ୍ଫୋରକ ଆଇନ ୧୯୮୪, ମୋଟରଯାନ ଆଇନ ୧୯୩୮, ଖଣି ଏବଂ ଧାତୁ ବିକାଶ ଓ ବିଧି ବିଧାନ ଆଇନ ୧୯୫୧ ପ୍ରଚଳିତ ଥିଲେ ମଧ୍ୟ ତାହା ଆନ୍ତରିକତା ସହକାରେ ପାଳନ କରାଯାଉନାହିଁ। ଏହି ଗଭୀର ସମସ୍ୟା ସଂପର୍କରେ ବିଶ୍ୱକୁ ସଚେତନ କରିବାକୁ ଯାଇ ୟୁନୋସ୍କର ଡାଇରେକ୍ଟର କହିଥିଲେ "The problems of environment were jeoparadising the development of mand kind"। ବାୟୁମଣ୍ଡଳର ଉତ୍ତାପ କ୍ରମଶଃ ବୃଦ୍ଧିପାଉଥିବାରୁ ଆମେ ଦୁଃଶ୍ଚିନ୍ତାରେ। ଓଡ଼ିଶାର କେବଳ ଟିଟିଲାଗଡ଼ ନୁହେଁ, ୨୦୧୪ରେ ଅଷ୍ଟ୍ରେଲିଆର ଉତ୍ତର ପଶ୍ଚିମ ଉପକୂଳରେ ପାରଦ ୫୦୦ କୁ ଅଧିକ ଛୁଇଁବାରୁ ବାଦୁଡ଼ି ଓ କଙ୍ଗାରୁଙ୍କ ପ୍ରତି ବିପର୍ଯ୍ୟୟ ଦେଖାଗଲା। ବ୍ରାଜିଲର ରାଜଧାନୀ ରିଓଡ଼ି ଜାନିରୋସ୍ଥ ଚିଡ଼ିଆଖାନାର ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ 'ଆଇସପ୍ୟାକ୍' ଚିକିତ୍ସା କରାଗଲା। ସେତେବେଳେ ଉତ୍ତାପ ଥିଲା ୪୮°c। ୧୯୮୦ ପରେ ପରିବେଶ ପ୍ରଦୂଷଣ ଯୋଗୁ ବିଶ୍ୱର ତାପମାତ୍ରା ୦.୮°c ବା ୧.୪°c ବୃଦ୍ଧିପାଇଛି। ଏଥିରୁ ମୁକ୍ତି ପାଇଁ ସାମାଜିକ ବନୀକରଣ, କୃଷିକ୍ଷେତ୍ରରେ ବନୀକରଣ, ପୁନଃ ପୁନଃ ବନୀକରଣ ସହିତ ଜଳାଶୟ ନିର୍ମାଣ ବା ପୁନରୁଦ୍ଧାର କରିବା ଉଚିତ୍। ବିଶ୍ୱପରିବେଶ ଦିବସ ଜୁନ୍ ୫ ତାରିଖ ସଂପର୍କରେ ସମସ୍ତଙ୍କୁ ସଚେତନ କରାଇବା ଆମର କାମ୍ୟ ହେଉ ।

ତିହିଡ଼ି, ଭଦ୍ରକ
ଦୂରଭାଷ-୭୦୭୭୨୩୫୯୧୭

# ହାତୀଛୁଆର ଚିକିତ୍ସା

**ଡକ୍ଟର ନିର୍ମଳା କୁମାରୀ ମହାପାତ୍ର**

ପେଁ ପେଁ ପେଁ ..... ଏହିପରି ଶବ୍ଦ ହାତୀମାନେ କରି ଥାଆନ୍ତି। ଏହାକୁ ହାତୀମାନଙ୍କର ପେଁକାଳିବା କୁହାଯାଏ। ଏପରି ଶବ୍ଦରୁ ହାତୀମାନଙ୍କର ସୂଚନା ମିଳେ। ହାତୀ ବୁଦ୍ଧିମତ୍ତାର କଥାଟିଏ। ପାଖାପାଖି ତିରିଶବର୍ଷ ତଳର ଘଟଣା।

କୋରାପୁଟ ଜିଲାର ଚନ୍ଦ୍ରଗିରି ଜଂଗଲରେ ହାତୀମାନେ ରହୁଥିଲେ। ଦନ୍ତାହାତୀ ହେଲେ ଦଳର ମୁରବୀ। ହାତୁଣୀମାନେ ହାତୀପିଲାଙ୍କ ହେପାଜତ ନିଅନ୍ତି। ଥରେ ଗୋଟିଏ ପିଲାହାତୀ ଗୋଡ଼ରେ ଗଛର ଖୁଣ୍ଟା ଗଳିଗଲା। ଗୋଡ଼ଟା ଫୁଲିଗଲା। କ୍ରମେ ପୂଜେଇ ଗଲା। ହାତୀପିଲା ଆଉ ଚାଲି ପାରିଲା ନାହିଁ। ପାହାଡ଼ ପିଠିରେ ପଡ଼ିରହିଲା। ଗଁ ଗଁ ଶବ୍ଦ କରି ନିଜର ଯନ୍ତ୍ରଣା ଜଣାଉଥିଲା। ମାଆ-ମାଉସୀମାନେ ତାକୁ ଜଗି ରହିଲେ। ହାତୀ ଦଳରେ ଭାଳେଣି ପଡ଼ିଲା। "ପିଲାଟା ଭଲ ହେବ କେମିତି ?" ଆଲୋଚନା ସେମାନଙ୍କ ଭାଷାରେ ହେଲା। ହାତୀଏ ବୁଦ୍ଧିମାନ। କଥା ସିନା କହି ପାରନ୍ତିନି। ସବୁ କଥା ବୁଝିପାରନ୍ତି। ସେମାନେ ଡାକ୍ତରଙ୍କ ପତ୍ତା ନେଲେ।

ଦଳେ ହାତୀ ରାସ୍ତା ଆଡ଼କୁ ଗଲେ। ଡାକ୍ତରବାବୁ ରୋଗୀ ଦେଖି ମଟର ସାଇକେଲ୍‌ରେ ଫେରୁ ଥାଆନ୍ତି। ପାଖରେ ଥାଏ ଡାକ୍ତରୀ ବ୍ୟାଗ। ତାଙ୍କ ପଛରେ ବସି ଥାଆନ୍ତି ଫାର୍ମାସିଷ୍ଟ ଜଣକ।

ହାତୀଦଳ ରାସ୍ତା ଉପରେ ଠିଆ ହୋଇଗଲେ। ଚଳନ୍ତା ମୋଟର ସାଇକେଲ୍ ଅଟକିଲା। ଡାକ୍ତରମାନେ ସମସ୍ତଙ୍କ ମନକଥା ଜାଣିବାର ପାଠ ପଢ଼ିଥାଆନ୍ତି। ଏବେ ଡାକ୍ତରବାବୁ ଲକ୍ଷ୍ୟ କଲେ ଯେ ହାତୀମାନେ ସୁଧାର। ଗମ୍ଭୀର। କ୍ରୋଧୀ କି ପାଗଳା ନୁହଁନ୍ତି। ଦେଖାଯାଉ କ'ଣ ହେଉଛି। ଗୋଟାଏ ହାତୀ ତା' ଶୁଣ୍ଢରେ ଡାକ୍ତରୀ ବ୍ୟାଗ ଟାଣିନେଲା। ଆଉ ଏକ ହାତୀ ତା' ଶୁଣ୍ଢରେ ଡାକ୍ତରଙ୍କୁ ଟେକି ନେଇ ତୃତୀୟ ହାତୀ ପିଠିରେ ବସାଇ ଦେଲା। ସେଇ ରୀତିରେ ସେ ଫାର୍ମାସିଷ୍ଟଙ୍କୁ ମଧ୍ୟ ନେଇ ଡାକ୍ତରଙ୍କ ପଛରେ ଥୋଇଦେଲା। ଚତୁର୍ଥ ହାତୀ ମୋଟର ସାଇକେଲ୍ ଜଗି ରହିଲା। ମନେ ରଖିବାକୁ ହେବ ଯେ ପଶୁମାନେ ବିନା କାରଣରେ କାହାର ଅନିଷ୍ଟ କରନ୍ତି ନାହିଁ।

ତା'ପରେ କ'ଣ ହେଲା ଜାଣିବା। ଡାକ୍ତରୀ ବ୍ୟାଗ ଧରିଥିବା ହାତୀ ଆଗେ ଆଗେ ଚାଲିଲା। ତା'ପରେ ମଣିଷ ଦୁଇଙ୍କୁ ପିଠିରେ ବସାଇଥିବା ହାତୀ ଅନୁଗମନ କଲା। ସେମାନେ ପହଞ୍ଚିଲେ ଏକ ପାହାଡ଼ ପାଖରେ। ସେଇଠି ରୋଗୀ ହାତୀଛୁଆ ଶୋଇଛି। ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ହାତୀ ପିଠିରୁ ଓହ୍ଲାଇ ଦିଆଗଲା। ତାଙ୍କ ପାଖକୁ ଡାକ୍ତରୀ ବ୍ୟାଗ ଦିଆଗଲା। ସବୁ ହାତୀଙ୍କର ଭାବଭଙ୍ଗୀରେ ନିବେଦନ ଥିଲା - "ଆମ ପିଲାକୁ ଭଲ କରି ଦିଅ"।

ଅନ୍ଧାର ରାତି। ଡାକ୍ତର ବାବୁ ଟର୍ଚ୍ଚ ଆଲୁଅରେ ରୋଗୀର ଚିକିତ୍ସା କଲେ। ଛୁରୀରେ କାଟି ପୂଜ ଓ ଖୁଣ୍ଟା ବାହାର କଲେ। ଭଲରକମ ପୋଛା ପୋଛି କରି ଯାହା ଯାହା ଦରକାରୀ ଔଷଧ ଥିଲା, ସେ ସବୁ ଲଗାଇ ଦେଲେ। ଆଣ୍ଟିବାୟୋଟିକ୍ ଇଂଜେକସନ୍ ଦେଲେ। ଯେତେ ଯାହା ଚିକିତ୍ସା ସେ ପରିସ୍ଥିତିରେ ସମ୍ଭବ, ସବୁତକ ପ୍ରୟୋଗ କଲେ। ହାତୀଛୁଆର ମୁହଁରୁ ଟିକିଏ ସୁସ୍ଥ ହେବାର ଆଭାସ ମିଳିଲା। ତା'ର ଗଁ ଗଁ ଶବ୍ଦ ନଥିଲା। ହାତୀପିଲା ଶୋଇଗଲା ପରି ମନେହେଲା। ହାତୀମାନେ ବିନମ୍ରଭାବ ଦେଖାଉ ଥିଲେ।

ନିଶବଦ ଅନ୍ଧାର ରାତି। କେଉଁଠି କେମିତି ପଶୁପକ୍ଷୀଙ୍କ ରାବ ହେଉଛି। ଏ ପରିସ୍ଥିତିରେ ଡାକ୍ତର ଓ ଫାର୍ମାସିଷ୍ଟ ଦୁହେଁ ନିଜ ନିଜର ନିଃଶ୍ୱାସ ଗଣୁଥିଲେ। ହାତୀମାନେ ସେମାନଙ୍କୁ ଯେପରି ଯେଉଁବାଟେ ନେଇଥିଲେ ସେପରି ଫେରାଇ ଆଣିଲେ। ଡାକ୍ତରୀ ବ୍ୟାଗଟି ମଧ୍ୟ ଡାକ୍ତରବାବୁଙ୍କ ପାଖରେ ଥୋଇଲେ। ସେତେବେଳକୁ ମଟର ସାଇକେଲ୍ ମଧ୍ୟ ନିଉଟ୍ରାଲ୍ ରେଟ୍‌ରେ ଥାଏ। ଭାଗ୍ୟକୁ ଗାଡ଼ିରେ ତେଲ ଥାଏ। ସମୟ ଭୋର ପାଖାପାଖି। ସେ ଦୁହେଁ ଯାନ ଚଳାଇ ଘରକୁ ଫେରିଲେ। ହାତୀଛୁଆର ସ୍ୱାସ୍ଥ୍ୟ କିପରି ଥିବ ଡାକ୍ତରବାବୁ ଭାବି ହେଉଥିଲେ। "ପ୍ରଭୋ ତାକୁ ଆରୋଗ୍ୟ କରିଦିଅନ୍ତୁ।"

ତା' ପରଦିନ ସକାଳେ ଡାକ୍ତରବାବୁଙ୍କ କବାଟରେ କରାଘାତ। ଲୋକେ ରୁଣ୍ଡ ହୋଇଥିଲେ। ଗୁଡ଼ାଏ କଖାରୁ, କଦଳୀ କାନ୍ଦି, ବଣୁଆ ଫଳ ଜମା ହୋଇଥିବାର ଦେଖାଗଲା। ହାତୀମାନଙ୍କ କୃତଜ୍ଞତାର ନିଦର୍ଶନ ଥିଲା ତାହା।

ମଣିଷ, ମାଙ୍କଡ଼, ବାଘ, ହରିଣ ଆଦିଙ୍କର ଆଗପଛ ଗୋଡ଼ହାତ ମିଶି ଚାରି। କେବଳ ହାତୀର ଗୋଟିଏ ଅଙ୍ଗ ଅଧିକ। ତାହା ହେଲା ଶୁଣ୍ଢ। ନାକ ଓ ଉପର ଓଠ ମିଶି ଲମ୍ବି ଯାଇଥିବା ହାଡ଼ ନଥିବା ଅଙ୍ଗଟି ହେଲା ଶୁଣ୍ଢ। ପ୍ରାୟ ୪୦ ହଜାର ମାଂସପେଶୀରେ ଏହା ଗଢ଼ା। ଏଥିରେ ଏକ ବଡ଼ ହାତୀ ଏକା ଥରକେ ସାତ/ଆଠ ଲିଟର ପାଣି ଶୋଷି ନେଇପାରେ। ଏହାକୁ ମଧ୍ୟ ଥୋଡ଼ / ଥୋଡ଼ ପାହାର, ସଂସ୍କୃତରେ କର କୁହାଯାଏ। 'କର' ଥିବାରୁ ହାତୀର ଅନ୍ୟନାମ 'କରୀ'। 'କର'ଟି ହେଲା ହାତ। ଏଣୁ ହାତ ଥିବା ଜୀବଟି ହେଲା ହାତୀ ବା ହସ୍ତୀ।

କଥା ସିନା କହି ପାରେନି
ହାତୀର ଅଶେଷ ଗୁଣ।
ହାତୀ ଦଳର ଐକ୍ୟ, ସାଧୁତା
ଶୁଣରେ ପିଲେ ଶୁଣ।
(ସତ୍ୟ ଘଟଣା ଆଧାରିତ କଥା)

ସେକ୍ଟର ୨/୪୨୬, ନୀଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ. ଫୋନ୍ - ୮୭୬୩୦୭୦୦୬୪

# ମନର ମୂଳେ ଏ ଜଗତ

**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**

ପ୍ରତ୍ୟେକ ମନୁଷ୍ୟର ଚିରନ୍ତନ ଲକ୍ଷ୍ୟ ହେଉଛି ମୋକ୍ଷ ପ୍ରାପ୍ତି। ଭ୍ରମାତ୍ମକ ଧାରଣା ବସ୍ତୁରୁ ହିଁ ସୁଖ ମିଳିଥାଏ। ତେଣୁ ବାହାରେ ଖୋଜି ବୁଲେ, ଫଳତଃ ବହୁ ଚେଷ୍ଟା ପରେ ପାଇଥାଏ ହତାଶା। ଯେ ପର୍ଯ୍ୟନ୍ତ ମନ ଅବିଶ୍ରାନ୍ତ ଭାବରେ ବସ୍ତୁ ପଛରେ ଧାବମାନ ସେ ପର୍ଯ୍ୟନ୍ତ ସେ ପ୍ରକୃତ ଆନନ୍ଦକୁ ଅନୁଭବ କରିପାରେ ନାହିଁ । ମନ ବଡ଼ ଚଞ୍ଚଳ, ଏହା ଲଗାମ ବିହୀନ ଘୋଡ଼ା। ସେ ଉଡ଼ିଯାଏ ବହୁଦୂରକୁ। ମନ ଅଶାନ୍ତ ହେଲେ ପ୍ରତିକୂଳ ପରିସ୍ଥିତି, ମନ ଶାନ୍ତ ହେଲେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୁଏ। ମନକୁ ଶାନ୍ତ କରିବାକୁ ହେଲେ ନିଜେ ବୁଝାବଣା ଅର୍ଥାତ୍ କ'ଣ କରିବା ଉଚିତ୍। କ'ଣ ଅନୁଚିତ୍ ଏହା ସର୍ବତ୍ର ଧ୍ୟେୟ ହେବା ଉଚିତ୍। ସକାରାତ୍ମକ ଚିନ୍ତାଧାରାଦ୍ୱାରା ମନ ସ୍ଥିର ଓ ନକରାତ୍ମକ ଚିନ୍ତାଧାରାଦ୍ୱାରା ମନ ଅସ୍ଥିର ହୋଇଥାଏ।

ମନ ହେଉଛି ଅଷ୍ଟ ପ୍ରକୃତି ମଧ୍ୟରୁ ଅନ୍ୟତମ। ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର। ଯେଉଁ ଯୋଗୀ ମନକୁ ଆୟତ୍ତାଧୀନ କରିପାରିଛନ୍ତି, ସେ କେବେ ଶୁଅନ୍ତି ନାହିଁ। ସେ କେବଳ ଧ୍ୟାନଦ୍ୱାରା ସଂପୂର୍ଣ୍ଣ ବିଶ୍ରାମ ପାଇଥାନ୍ତି। ମନ ଏକ ଦୃଶ୍ୟମାନ ବା ସ୍ପର୍ଶନୀୟ ବସ୍ତୁ ନୁହେଁ। ଏହାର ବିଶାଳତାକୁ କେହି ମାପି ପାରିବେନାହିଁ। ପ୍ରତ୍ୟେକ ମନୁଷ୍ୟର ନିଜ ନିଜ ମାନସିକ ଜଗତ ଅଛି। ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଠାରୁ ତାହାର ଭାବନା, ସ୍ୱଭାବ, ରୁଚି, ମନୋବୃତ୍ତି, ଶାରିରୀକ ବୈଶିଷ୍ଟ୍ୟତାର ସଂପୂର୍ଣ୍ଣ ଭାବରେ ଭିନ୍ନ। ଯେପରିକି ବଙ୍ଗାଳୀମାନଙ୍କର ମନ ଭାବପ୍ରବଣ ଓ ଭକ୍ତି ଭାବରେ ସୃଷ୍ଟି। ମାଡ୍ରାସୀମାନଙ୍କର ମନ ଜ୍ଞାନ ଓ ଗଣିତରେ ନିପୁଣ। ପଞ୍ଜାବୀ ଓ ମହାରାଷ୍ଟ୍ରୀୟମାନଙ୍କର ମନ ବୀରତ୍ୱରେ ପରିପୂର୍ଣ୍ଣ। ଖାଦ୍ୟ ପଦାର୍ଥକୁ ଦେଖିଲେ ବଙ୍ଗାଳୀମାନେ ମାଛ ପ୍ରିୟ, ତେନ୍ତୁଳି, ଲଙ୍କା ମାଡ୍ରାସୀମାନଙ୍କର, ପ୍ରାୟ ମାଂସାସୀମାନେ ମାଂସର ଦୃଶ୍ୟ ଦେଖିଲେ ଅତ୍ୟନ୍ତ ଖୁସି ହୋଇଯାଆନ୍ତି।

ମନ ଗୋଟିଏ, କିନ୍ତୁ ଏହାର କାର୍ଯ୍ୟକଳାପ ବିଭିନ୍ନ ପ୍ରକାରର। ଜଣେ ବିଚାରକର ମନ ନ୍ୟାୟିକ ବିଚାର କରିବା। ଜଣେ ରୋଷେୟାର ମନ ଉତ୍ତମ ରୋଷେଇ କରିବା। ଜଣେ ଚିକିତ୍ସକର ମନ ରୋଗୀ ସେବା କରିବା। ସେହି ଏକା ବ୍ୟକ୍ତି କିନ୍ତୁ ଭିନ୍ନ ଭିନ୍ନ କାର୍ଯ୍ୟ କରୁଥିବାରୁ ଭିନ୍ନ ଭିନ୍ନ ନାମରେ ଡକାଯାଏ। ମନ ଚତୁର୍ଗୁଣ ସଂପନ୍ନ। ମନ ଯେତେବେଳେ ସଂକଳ୍ପ ବିକଳ୍ପ କରେ (ସନ୍ଦେହ କରେ) ସେତେବେଳେ ତାକୁ "ମନ" ବୋଲି କୁହାଯାଏ। ଯେତେବେଳେ ବିବେଚନା କରି ନିର୍ଣ୍ଣୟ ନିଏ, ସେତେବେଳେ ତାକୁ "ବୁଦ୍ଧି" କୁହାଯାଏ। ଯେତେବେଳେ ଔଦ୍ଧତ୍ୟ ପ୍ରକାଶ କରେ ସେତେବେଳେ ଏହା "ଅହଂକାର", ଯେତେବେଳେ ସ୍ମରଣ ଶକ୍ତିର ଆସନ ଗ୍ରହଣ କରେ ଏହା "ଚିତ୍ତ" ପଦବାଚ୍ୟ ହୋଇଥାଏ।

ଇନ୍ଦ୍ରିୟମାନଙ୍କର ସାରତତ୍ତ୍ୱ ହେଉଛି 'ମନ'। ମନର ସାରତତ୍ତ୍ୱ ହେଉଛି 'ବୁଦ୍ଧି', ବୁଦ୍ଧିର ସାରତତ୍ତ୍ୱ ହେଉଛି 'ଅହଂକାର', ଅହଂକାରର ସାରତତ୍ତ୍ୱ ହେଉଛି 'ଜୀବ ବା ଜୀବାତ୍ମା'। ବ୍ରହ୍ମ ବା ଶୁଦ୍ଧ ଚୈତନ୍ୟ ହେଉଛି ଏହାର ଅଧିଷ୍ଠାନ ବା ଆଧାର। ସେ ହେଉଛି ସବୁର ସାକ୍ଷୀ।

ମନ ମଧ୍ୟରେ ଚାରିଗୋଟି ଜ୍ଞାନର ଉତ୍ସ ରହିଛି। ପ୍ରବୃତ୍ତି ବିଚାରଶକ୍ତି ବା ବିବେକ, ଅନ୍ତର୍ଜ୍ଞାନ, ବ୍ରହ୍ମଜ୍ଞାନ। ଗୋଟିଏ ପିମ୍ପୁଡ଼ି ଯେତେବେଳେ ଡାହାଣ ହାତରେ ଚାଲିଯାଏ, ବାମ ହାତ ଆପେ ଆପେ ସ୍ୱୟଂ ଡାହାଣ ହାତ ପାଖକୁ ଚାଲିଯାଏ। ଗୋଡ଼ ସାମ୍ନାକୁ ଯେତେବେଳେ ଏକ କଙ୍କଡ଼ା ବିଛା ଚାଲିଆସେ ଗୋଡ଼କୁ ଆମେ ଶୀଘ୍ର ସେଠାରୁ କାଢ଼ିନେଉ। ରାସ୍ତାରେ ଚାଲିଲାବେଳେ ଗାଡ଼ି ମଟରଠାରୁ ଯେପରି ସାବଧାନ ହେଉ, ସେଥିପାଇଁ ତର୍କ ବିତର୍କ କରିବାକୁ ପଡ଼େନାହିଁ। ନିଜର ପ୍ରବୃତ୍ତି ଅନୁସାରେ କାର୍ଯ୍ୟ ହୁଏ। କୌଣସି ରୋଗ ପାଇଁ ଡାକ୍ତରଙ୍କ ପାଖକୁ ଗଲେ ସେ ଯେଉଁ ଔଷଧ ଦିଅନ୍ତି ତାକୁ ବିଶ୍ୱାସର ସହିତ ସେବନ କରିବାଦ୍ୱାରା ରୋଗ ଉପଶମ ହୁଏ। ସାଙ୍ଗସାଥିମାନଙ୍କୁ ମଧ୍ୟ ସେହି ଡାକ୍ତର ଓ ତାଙ୍କର ନିର୍ଦ୍ଦେଶିତ ଔଷଧ ସମ୍ବନ୍ଧରେ ସୁପାରିଶ କରିଥାଉ। ଏ ହେଲା ବିଚାରଶକ୍ତି।

ଅନ୍ତର୍ଜ୍ଞାନ ହେଲା ଆଧ୍ୟାତ୍ମିକ ଅନୁଭବ ଓ ଦିବ୍ୟଦୃଷ୍ଟି। ଏହା ହେଉଛି ଜ୍ଞାନ ଚକ୍ଷୁ, ଆଧ୍ୟାତ୍ମିକ ଶକ୍ତିର ଆଭାସ। ଆତ୍ମଜ୍ଞାନ ଜ୍ଞାନଠାରୁ ଉର୍ଦ୍ଧ୍ୱରେ। ଏହା ହେଉଛି ଶ୍ରେଷ୍ଠତମ ଜ୍ଞାନ। ଏହା ହିଁ ଏମମାତ୍ର ସତ୍ୟ। ଭଗବତ୍ ସତ୍ତାକୁ ବୁଝିବାକୁ ହେଲେ କୁସଂସ୍କାରଗୁଡ଼ିକୁ ଦୂର କରିବାକୁ ହେବ। ମନରେ ବୋଧ ହେଉଥିବା ନିନ୍ଦା-ପ୍ରଶଂସା, ସୁଖ-ଦୁଃଖକୁ ସମାନ ଭାବରେ ଦେଖିଲେ ତୁମ ଭିତରେ ଦ୍ୱନ୍ଦ୍ୱ ସୃଷ୍ଟି ହେବନାହିଁ। ସେହି ମହୂର୍ତ୍ତରେ ହିଁ ମନଟା ଭଗବାନଙ୍କ ନିକଟତର ହୋଇଯିବ। ସେତେବେଳେ ତୁମେ ଭଗବାନଙ୍କଠାରୁ ଅଲଗା ନୁହଁ। ସେହି ସମୟରେ ହିଁ ଆତ୍ମଜ୍ଞାନ ଲାଭ ହେବ।

ଯତ୍ର ଯତ୍ର ମନଃ ସ୍ଫୂର୍ତ୍ତି ତତ୍ର ତତ୍ର ଜଗତ୍ ତ୍ରୟଃ
ଯତ୍ର ଯତ୍ର ମନୋ ନାସ୍ତି ତତ୍ର ତତ୍ର ନ କିଂଚନ।

ଯେଉଁଠାରେ ମନ ପ୍ରବେଶ କରେ ଜଗତ ଆପେ ଆପେ ଅଭିବ୍ୟକ୍ତ ହୋଇଯାଏ। ମନ ପାଇଁ ଏପରି କୌଣସି ସ୍ଥାନ ନାହିଁ ଯେଉଁଠାରେ ତାହା ପ୍ରବେଶ କରିପାରିବ ନାହିଁ। ମନ ହିଁ ମନୁଷ୍ୟର ସୁଖ-ଦୁଃଖର କାରଣ। ମନକୁ ଦମନ କରିବାପାଇଁ ମନୁଷ୍ୟକୁ ତା କାମନାକୁ ନିୟନ୍ତ୍ରଣ କରିବାକୁ ହେବ। "ମନଶ୍ଚଃ ଦମନଂ ଦମଃ" ମନକୁ ନିଜ ଆୟତ୍ତରେ ରଖିବା ସଂଯମତାର ଲକ୍ଷଣ। ଶୁଦ୍ଧମନ ମନୁଷ୍ୟକୁ ସୁଖ ପ୍ରାପ୍ତି କରାଇଥାଏ। ପରିଶେଷରେ ସତ୍‌ଜ୍ଞାନର ଅନୁଭୂତି ମାଧ୍ୟମରେ ମୋକ୍ଷ ପ୍ରଦାନ କରାଯାଏ। କିନ୍ତୁ ସେହି ମନ ଯଦି

ବିପରିତ ଦିଗରେ ଗତି କରି ଅଜ୍ଞାନ ଅନ୍ଧକାରରେ ବୁଡ଼ିରହେ ତାର ଅଧୋପତନ ହୁଏ ଅର୍ଥାତ୍ ବ୍ୟକ୍ତିକୁ ନିଚ୍ଚ ଯୋନିରେ ଜନ୍ମ ନେବାକୁ ହୁଏ। ଆମେ ଏଇ ବିଶୃଙ୍ଖଳିତ ମନକୁ ସଂଯତ କରି ତାର ଲକ୍ଷ୍ୟହୀନ ଗତିକୁ ଯଦିକୁ ଆୟତ୍ତ କରୁ ତେବେ ଜୀବ ଦୋଷରୁ ମୁକ୍ତ ହୋଇ ଅନନ୍ତ ମହିମାରେ ପ୍ରକଟ ହୋଇପାରୁ।

ଯେଉଁ ବ୍ୟକ୍ତିମାନେ ଚଞ୍ଚଳମନକୁ ଏକାଗ୍ର କରି ନିଜର ନିୟନ୍ତ୍ରଣରେ ରଖିବାକୁ ନିରନ୍ତର ଅଭ୍ୟାସ କରନ୍ତି ଏବଂ ବାହ୍ୟ ବିଷୟ ବସ୍ତୁରୁ ଧିରେ ଧିରେ ଦୂରେଇ ଯାଆନ୍ତି, ସେମାନେ ହିଁ ଆତ୍ମୋନ୍ନତି ପଥରେ ଆଗେଇଯାଆନ୍ତି। ଏହାଦ୍ୱାରା ଆତ୍ମଚୈତନ୍ୟର ପରିପ୍ରକାଶ ହୁଏ। ସତ୍-ଚିତ୍-ଆନନ୍ଦର ଅନୁଭବ ହୁଏ।

ବନମାଳୀ କଲୋନୀ
ରାମଚନ୍ଦ୍ର ପୁର, ଜଟଣୀ
ମୋ - ୯୩୩୮୨୨୧୩୭୪

# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟାଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

**ଉତ୍ତର ପୃଷ୍ଠା ନ.-୨୨**

| | | | | | | | | |
|---|---|---|---|---|---|---|---|---|
| | | 7 | | 5 | 8 | 3 | | |
| 1 | 8 | | 3 | | 4 | | | 6 |
| | 6 | 2 | | 7 | | 5 | | 4 |
| 4 | 3 | | | 6 | | 2 | | 1 |
| | 2 | | | | | | 3 | |
| 5 | | 1 | 2 | 4 | | | 6 | 9 |
| 2 | | 4 | | 8 | | 1 | 5 | |
| 6 | | | 4 | | 1 | | 2 | 7 |
| | | 3 | 5 | 9 | | 6 | | |

# ମୁଁ କନ୍ୟାରତ୍ନ କହୁଛି

ଶ୍ରୀମତୀ ଜ୍ୟୋତିପ୍ରଭା ପଟ୍ଟନାୟକ

ମୁଁ କନ୍ୟାରତ୍ନ କହୁଛି
ବିବାହ ବେଦୀରେ ଯଉତୁକ ପାଇଁ
ନାରୀ ନିର୍ଯାତନା ହେଉଛି
ଚଢ଼ା ଯଉତୁକ ଦେଇ ନପାରିଲେ
ଯଉତୁକ ଯୂଇ ଜଳୁଛି ।

ଦୁହିତା ଜନମ ଦୁଇକୁଳ ହିତା
ପୁରାଣ ପୋଥିରେ ରହିଛି
ମୁଁ କନ୍ୟାରତ୍ନ କହୁଛି ।

ପର ଘରେ ଅବା ଅନାଥାଶ୍ରମରେ
ନିର୍ଯାତନା ସହିପଡ଼ିଛି
ଲୁହ ଲହୁ ପିଇ ଜୀଇଁଛି।
ଭାଷଣରେ ନେତା, ମନ୍ତ୍ରୀ କହୁଛନ୍ତି
ନାରୀ ଜାଗରଣ ହୋଇଛି,
ମୁଁ କନ୍ୟାରତ୍ନ କହୁଛି ।

ବଂଚିବାକୁ ମୋର ଅଧିକାର ଅଛି
ସମାଜେ ମୋ ସ୍ଥାନ ରହିଛି,
ବିଶ୍ୱ ଦରବାରେ ଭାରତୀୟ ନାରୀ ସୁନାମ ଅର୍ଜନ କରିଛି ।

ତେଣୁ ମୁଁ ଭାବୁଛି
ହେବି କୁନ୍ତଳା, ହେବି କଳ୍ପନା
ଦେଶର ମହତ ରଖିବି
କେବେସେ ସୁଦିନ ଆସିବ, ନାରୀକୁ ସମ୍ମାନ ମିଳିବ ।

ଜନନୀ, ଭଗିନୀ, ଜାୟା ରୂପେ ପୁଣି
ସବୁରି ମନକୁ ତୋଷିବ
କେବେସେ ସୁଦିନ ଆସିବ ? ?

ଏମ୍ -୧୨, ବିଡ଼ିଏ କଲୋନୀ, ଖୋରଧା
ଦୂରଭାଷ- ୮୩୨୭୭୭୫୨୨୮

# ସହନଶୀଳତାର ବିଜୟ

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ



ଅନେକ ଦିନ ତଳର କଥା। ଦେବତାମାନଙ୍କ ରାଜା ଇନ୍ଦ୍ର ଓ ଦେବତାମାନେ ମିଶି ଅସୁରମାନଙ୍କ ବିରୋଧରେ ଯୁଦ୍ଧଘୋଷଣା କଲେ। ସବୁଦିନେ ଯୁଦ୍ଧ ଚାଲିଥାଏ। ଉଭୟପକ୍ଷରୁ ପ୍ରତିଦିନ କେତେ ନା କେତେ ଆହତ ହେଉଥାନ୍ତି। ପ୍ରାଣ ହରାଉଥାନ୍ତି କେତେ ନା କେତେ ଅସୁର। ଦିନେ ରାଜା ଇନ୍ଦ୍ର ଅସୁରମାନଙ୍କ ରାଜାଙ୍କ ନିକଟରେ ଏକ ପ୍ରସ୍ତାବ ବାଢ଼ିଲେ। ଇନ୍ଦ୍ର କହିଲେ, "ଅସୁରରାଜ, ଆଜିର ଯୁଦ୍ଧରେ ଯେଉଁ ପକ୍ଷର ବେଶୀ ରକ୍ତକ୍ଷୟ ଘଟିଛି, ତାର ହାର ହୋଇଛି ବୋଲି ବିଚାର କରିବାନି। ଚାଲନ୍ତୁ, ଆଜି କିଏ ବିଜୟ ଲାବ କରିଛି, ତାହା ନିଷ୍ପତ୍ତି କରିବା ଏକ ବିତର୍କ ମାଧ୍ୟମରେ।"

ଏହାର ଉତ୍ତରରେ ଅସୁରରାଜ ଜଣାଇଲେ, "ହଁ ଭଲକଥା"ଅତି ଉତ୍ତମ ପ୍ରସ୍ତାବ। ହେଲେ, ବିତର୍କରେ କିଏ ରହିବେ ବିଚାରପତି ?"

ଇନ୍ଦ୍ର ଉତ୍ତର ଦେଲେ, "ଦେବତା ଓ ଅସୁରକୁଳରେ ବିଜ୍ଞ ତଥା ନିରପେକ୍ଷ ବ୍ୟକ୍ତିମାନଙ୍କର ତ ଅଭାବନାହିଁ। ସେମାନଙ୍କଠାରେ ମଧ୍ୟ ରହିଛି ବାଗ୍ମିତା ଏବଂ ଶବ୍ଦ ପ୍ରୟୋଗରେ ଦକ୍ଷତା। ଦେବତା ଓ ଅସୁରମାନଙ୍କ ବିତର୍କରେ କିଏ ବିଜେତା ହେବେ, ଏହାର ନିଷ୍ପତ୍ତି ନେବେ ସେହିମାନେ। କଅଣ ଠିକ୍ ହେବନି ?"

"ଆପଣ ଠିକ୍ କହିଛନ୍ତି ଇନ୍ଦ୍ର। ତାହାହେଲେ ଆପଣ ପ୍ରଥମେ ବିତର୍କ ଆରମ୍ଭ କରନ୍ତୁ" – କହିଲେ ଅସୁରରାଜ।

କିନ୍ତୁ ବିତର୍କ ପ୍ରଥମେ ଆରମ୍ଭ କରିବା ପରିବର୍ତ୍ତେ ଦେବରାଜ ଇନ୍ଦ୍ର ଅତ୍ୟନ୍ତ ବିନୟର ସହ କହିଲେ, "ସମ୍ମାନନୀୟ ଅସୁରରାଜ, ମୁଁ ପ୍ରଥମେ ବିତର୍କ ଆରମ୍ଭ କରିବାରେ ମୋର କୌଣସି ଆପତ୍ତି ନାହିଁ। ହେଲେ ଆପଣବି ତ ଦିନେ ଆକାଶର ରାଜା ଥିଲେ। ତେଣୁ ଜ୍ୟେଷ୍ଠ ହିସାବରେ ଆପଣ ପ୍ରଥମେ ବିତର୍କ ଆରମ୍ଭ ନକରି ମୁଁ ପ୍ରଥମେ ବିତର୍କ ଆରମ୍ଭ କରିବାଟା ଶୋଭନୀୟ ହେବନାହିଁ। ଦୟାକରି ଆପଣ ପ୍ରଥମେ କରନ୍ତୁ।"

ଅସୁରମାନଙ୍କ ରାଜା କହିଲେ, "ଯେଉଁମାନେ ନିର୍ବୋଧ, ସେମାନେ ଭୟଭୀତ ହୋଇ ଅବମାନନା କଲାଭଳି କଥା କହିଥାନ୍ତି, ମାତ୍ର ନିଜର ବଡ଼ିମା ଯୋଗୁ ଭାବି ନେଇଥାନ୍ତି ଯେ ନିଜର ସହ୍ୟ କରିବା କ୍ଷମତା ଯୋଗୁ ସେମାନେ ଆକ୍ରମଣକାରୀଙ୍କଠାରୁ ମହତ୍ତର।" ଏହାର ଉତ୍ତର ଦେଇ ଇନ୍ଦ୍ର କହିଲେ, "ଏକ ନିର୍ବୋଧ ବ୍ୟକ୍ତି ଭୟର ବଶବର୍ତ୍ତୀ ହୋଇ ଅବମାନନା ପ୍ରଦର୍ଶନ କଲେ ମଧ୍ୟ ସହନଶୀଳ ହୋଇପାରିଲେ ଆମର ଅଶେଷ ଉପକାର ହୋଇଥାଏ। ସହନଶୀଳତା ହେଉଛି ଏକ ମହତ୍‌ଗୁଣ। ଏପରିକି ସୁଖ୍ୟାତି ଓ ସୌଭାଗ୍ୟଠାରୁ ବି ସହନଶୀଳତା ଉତ୍କୃଷ୍ଟତର।"

ଏହାପରେ ଅସୁରରାଜଙ୍କ ମନ୍ତବ୍ୟ ଥିଲା, "ବିଜ୍ଞତାର ଅଭାବଥିବାରୁ ନିର୍ବୋଧ ବ୍ୟକ୍ତିମାନଙ୍କୁ ଉଚିତ୍ କାର୍ଯ୍ୟକରିବା ନିମନ୍ତେ ବାଧ୍ୟ କରାଯିବା ଆବଶ୍ୟକ। ନିର୍ବୋଧ ବ୍ୟକ୍ତିମାନେ ଅତ୍ୟନ୍ତ ଆଳସ୍ୟପରାୟଣ ଗାଭୀମାନଙ୍କ ସହ ତୁଳନୀୟ। ତେଣୁ ବେଶୀ ବଳବାନ୍ ଗାଭୀମାନେ ଅଳସୁଆ ଗାଭୀମାନଙ୍କୁ ଶିଙ୍ଗରେ କେଞ୍ଚି କେଞ୍ଚି କାର୍ଯ୍ୟରେ ଲଗେଇବା ଦରକାର। ସେହିପରି ନିର୍ବୋଧମାନଙ୍କୁ ଆମନ୍ତ୍ରଣ କରିବାନିମନ୍ତେ ଛାଟ ମାରିବାର ଆବଶ୍ୟକତା ରହିଛି।" ଏହାର ଉତ୍ତରରେ ଇନ୍ଦ୍ର କହିଲେ, "ମୋ' ବିଚାରରେ ନିର୍ବୋଧମାନଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ଦରକାର ଧୈର୍ଯ୍ୟ ଓ ସହନଶୀଳତା। ଏହା  ହିଁ ସର୍ବୋତ୍କୃଷ୍ଟ ପନ୍ଥା। କୌଣସି କ୍ରୋଧୀ ତଥା ଉତ୍ତେଜିତ ବ୍ୟକ୍ତିର ସମ୍ମୁଖୀନ ହେବାବେଳେ ନିରବ ଓ ଶାନ୍ତ ରହିପାରିଲେ ତା'ର ପ୍ରଚଣ୍ଡ କ୍ରୋଧ ଆପେ ଆପେ ପ୍ରଶମିତ ହୋଇଯାଏ। କାହାରିପ୍ରତି ଅସୂୟାଭାବ ପୋଷଣ କରୁନଥିବା କି ଅସନ୍ତୋଷଭାବ ପୋଷଣ କରୁନଥିବା ବ୍ୟକ୍ତି ଜଣେ ସାଧୁ ଓ ପୁଣ୍ୟାତ୍ମାପୁରୁଷ କିମ୍ବା ଜଣେ ସାଧୁ ଓ ପୁଣ୍ୟାତ୍ମା ପୁରୁଷଙ୍କ ଶିଷ୍ୟ। ଯେଉଁ ବ୍ୟକ୍ତିର ମନରେ ଭୀଷଣ କ୍ରୋଧ ଖୁନ୍ଦି ହୋଇରହିଥାଏ, ସେ ସାମାନ୍ୟ କଥାରେ କ୍ରୋଧିତ ହୋଇପଡ଼େ ଏବଂ ପର୍ବତପ୍ରମାଣ ବାଧାବିପତ୍ତିର ସମ୍ମୁଖୀନ ହୋଇଥାଏ। ଅନ୍ୟପକ୍ଷରେ, କ୍ରୋଧ ମୁଣ୍ଡ ଟେକିବାକୁ ଆରମ୍ଭ କଲାମାତ୍ରେ ଯିଏ କ୍ରୋଧକୁ ଦମନ କରିଦିଏ, ତେବେ ଏହାର ପରିଣାମ ସର୍ବଦା ଶୁଭଙ୍କର ହୋଇଥାଏ।"

ଏତିକିରେ ଅସୁରରାଜ ଓ ଦେବରାଜଙ୍କ ମଧ୍ୟରେ ବିତର୍କର ସମାପ୍ତି ଘଟିଲା। ଏବେ ବିଚାରପତିମାନେ ସେମାନଙ୍କର ରାୟଦେବାର ପାଳି। ଦେବତା ଓ ଅସୁର ଉଭୟଗୋଷ୍ଠୀର ବିଜ୍ଞଜନମାନେ ବିଚାରପତି ଆସନ ଅଳଙ୍କୃତ କରିଥିଲେ। ସେମାନେ ମନଧ୍ୟାନ ଦେଇ ଅସୁରରାଜ ଓ ଦେବରାଜଙ୍କ ଯୁକ୍ତି ଓ ପ୍ରତିଯୁକ୍ତି ଶୁଣୁଥିଲେ। ଶେଷରେ ସେମାନେ ମତ ଦେଲେ ଯେ ଅସୁରରାଜଙ୍କ ଯୁକ୍ତି ଥିଲା ସଂଘର୍ଷ ଓ ଶକ୍ତିପ୍ରୟୋଗ ଆଧାରିତ। କିନ୍ତୁ ଇନ୍ଦ୍ରଙ୍କ ମତ ଥିଲା ଯେ କମ୍ କ୍ରୋଧମୁକ୍ତ ଏବଂ ଦ୍ୱେଷମୁକ୍ତ ଥିଲେ ଯୁକ୍ତିତର୍କ ଏବଂ ଅସାଧୁ ପ୍ରତିଯୋଗିତାର ଉଦ୍ଭବ ହୋଇପାରେନି। ଏଇଆ ବିଚାରି ସେମାନେ ସର୍ବସମ୍ମତିକ୍ରମେ ଇନ୍ଦ୍ରଙ୍କୁ ବିଜୟୀ ଘୋଷଣା କରିଥିଲେ।

ଏଠାରେ ଇନ୍ଦ୍ର ହେଉଛନ୍ତି ସେହିଭଳି ବ୍ୟକ୍ତିମାନଙ୍କ ପ୍ରତିନିଧି, ଯେଉଁମାନେ ଦୁଃଶ୍ଚିନ୍ତାମୁକ୍ତ ତଥା ଉଦ୍‌ବେଗ ଓ ଉତ୍‌କଣ୍ଠାମୁକ୍ତ। ସେଭଳି ବ୍ୟକ୍ତି ସର୍ବଦା ସହନଶୀଳତାର ପୃଷ୍ଠପୋଷକତା କରିଥାନ୍ତି ଏବଂ ସହନଶୀଳ ପନ୍ଥାକୁ ପ୍ରଶଂସା କରିଥାନ୍ତି। ସୁତରାଂ ଆମେ ଯଦି ସହନଶୀଳ ହେବାନିମନ୍ତେ ଅଭ୍ୟାସ ଜାରି ରଖିବା ଓ ସହନଶୀଳତାକୁ ସମର୍ଥନ କରିପାରିବା, ତାହାହେଲେ ଆମେ ସଚ୍ଚା ସନ୍ଥମାନଙ୍କପରି ଜୀବନ ନିର୍ବାହ କରୁଛେ ବୋଲି କୁହାଯାଇପାରିବ ।

**ଅଭୀପ୍ସା**
**ସେକ୍ଟର-୬, ପ୍ଲଟ୍ ନଂ - ୧୧୩୧, କଟକ**
**ପିନ୍ - ୭୫୩୦୧୪**

# ନିର୍ଭୟା

ନଳିନୀ ଦାଶ

ସମୟ ଆଜିତ
ଶୁଣାଇସାରିଛି
ନ୍ୟାୟର ସ୍ୱାକ୍ଷର ନାମା
ମୃତ୍ୟୁ ଦଣ୍ଡେ ଦୋଷୀ
ସାବ୍ୟସ୍ତ ହୋଇଛି
ନାହିଁ ଆଉ ରାଜକ୍ଷମା । ॥୧॥
ଧର୍ମ ତରାଜୁରେ
ତଉଲା ସରିଛି
ପାପ ପୁଣ୍ୟର ବିଚାର
ଅନ୍ୟାୟ ପଲାଟା
ଭାରିପଡ଼େ ପରା
ସର୍ବଦା ସତ୍ୟ ଉଚ୍ଚର । ॥୨॥
ଏ ଘଟଣା ପରେ
ଆଉ ଯେଉଁ ବାକି
ରହିଲେ ନିର୍ଭୟାମାନେ
ନିର୍ଭୟରେ ବାଟ
ଚାଲି ପାରିବେକି
କୁହ ଏବେ ବିଜ୍ଞଜନେ । ॥୩॥
ଦିଲ୍ଲୀଠାରୁ ପଲ୍ଲୀ
ସୀମା ସରହଦ
କେତେ ଯେ ରାଇଜ ଡ଼େଇଁ
ଯୁବ ଯୁବାଠାରୁ
ବୁଢ଼ା ହଡ଼ା ଯାଏ
ଆଉ ଅପହଞ୍ଚ ନାହିଁ । ॥୪॥



ଦୁଷ୍କର୍ମର ଅନ୍ତ
ହେବାକୁ ଯାଉଛି
ଏ ଜନତା ଦରବାରେ
ବିଧାତାର ଦଣ୍ଡ
ବିଧାନ ବ୍ୟବସ୍ଥା
ନ୍ୟାୟ ସର୍ବଦା ଉର୍ଦ୍ଧ୍ୱରେ । ॥୫॥
ମାମିନା ବେବିନା
ଅନେକ ରଜନା
ମରିଛନ୍ତ ଲୁହ ପିଇ
ନିର୍ଭୟା ପଟଣୀ
ଯୁଗାନ୍ତକାରୀ ଯଗେନା
ଆଇନ୍‌କୁ ବଦଳାଇ । ॥୬॥
ଦୁଃଷ୍କର୍ମୀର ଅନ୍ତ
ନ୍ୟାୟର ଆଧାରେ
ଦୁଃଷ୍କର୍ମର ମୃତ୍ୟୁ କେବେ
ପ୍ରତି ମୁହୂର୍ତ୍ତରେ
ଦୁଃଷ୍କର୍ମର ଭ୍ରୁଣ
ଜନ୍ମହୁଏ ଏହି ଭବେ । ॥୭॥
ନିବୃତ୍ତ ରୁହ
ବିକୃତ ଠାରୁ
ଅବସାଦ କର ଦୂର
ତୁମେ ତ ଚାହିଁଲେ
ବଦଳାଇ ଦେବ
ବୁଦ୍ଧି ବିବେକ ବିଚାର । ॥୮॥
ଜୀବନ କଅଣ ଶିଖାଏ ଆମକୁ
ସହିବାକୁ ନିର୍ଯ୍ୟାତନା
କ୍ଷମତାର ବଳେ ଆଇନ ଉଲଗ୍ଘ
କରିଥାଏ ନୀଚମନା । ॥୯॥

ଖୋରଧା

# ଆ'ରେ କହ୍ନେଇ ଆ'

ତେଜସ୍ୱିନୀ ସାହୁ

ରାଧାରାଣୀ ଆଜି ମୁରତିର ପ୍ରାୟ
ଝରୁନି ତା'ଆଖି ନୀର,
କାହ୍ନୁରାଣ ପାଇ ବିରହିଣୀ ରାଇ
ଥରାଏ ଖାଲି ଅଧର ।
ଝୁରୁଛି କଦମ୍ବ ଝୁରୁଛି ଯମୁନା
ନାହିଁ ମୁରଲିର ସ୍ୱନ
ଗାଇଗୋଠ ଆଜି ବାହୁନି କାନ୍ଦଇ
ବାସହୀନ ମଧୁବନ ।
ଗୋପାଙ୍ଗନା ଆଉ ସଜ ହେଉନାହିଁ
ଲାଗେ ସବୁ ଫିକା ଫିକା,
କନ୍ଦୁକ କ୍ରୀଡ଼ାରେ ଗୋପସୁତ ଖୋଜେ
କହ୍ନେଇର ନାହିଁ ଦେଖା ।
ଖାଲି ହେଉନାହିଁ ଦହି ହାଣ୍ଡି ଜମା
ଭାଙ୍ଗୁନି ଲବଣି ଠେକି,
ରାଇ ସଙ୍ଗେ ଯିବା ପାଣି ଆଣିବାକୁ
ବାହାନା କରେନି ସଖି ।
ଝୁରି ଝୁରି ତନୁକ୍ଷୀଣ ହୋଇଯାଏ
ପାଗଳିନୀ ଯଶୋମତୀ
କାନ୍ଦି କାନ୍ଦି ମା' ଅଥୟ ହେଲାଣି
ଭୁଲିଯାଏ ଦିନ ରାତି ।
ସେମିତି ପଡ଼ିଛି ଯଶୋଦା ପାଞ୍ଚଣ
ମାଡୁଆ ଯାଇଛି ଦୂରେ,
ବାହୁନି କାନ୍ଦୁଛି ବାନ୍ଧି ପିଟିବିନି
କହ୍ନେଇରେ ଆ' କୋଳେ ।
ଗୁହାଳୁ ବଉଳା ବୋବାଳି ପକାଏ
ଶୁଣୁନାହିଁ ବାସୁଦେବ
ମୟୁର ଚନ୍ଦ୍ରିକା ହଲାଇ ଆସୁନି
ଗୋ ଗୋଷ୍ଠକୁ କିଏ ନେବ ।
ନନ୍ଦପୁର ଆଜି ସମଶାନ ପରି
ମରୁଭୂମି ଗୋପପୁର
ସଭିଙ୍କୁ କନ୍ଦାଇ କହ୍ନେଇରେ ଆଜି
ହସାଉ ମଥୁରା ଗଡ଼ ।

ସରକାରୀ ଉଚ୍ଚବିଦ୍ୟାଳୟ,
କୁଶମାଟି, ଜଟଣୀ

(ଏବେ, କେବେ, କୋଉଠି- ୭୬)



# ପ୍ରତିଶ୍ରୁତି

**ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଜ୍ଜ )**

ସେଦିନ ସନ୍ଧ୍ୟାରେ କାହିଁକି କେଜାଣି ବୋଉ ପଚାରିଲା, "ତୋର ଆଉ ବହି ବାହାର କରିନୁ ? କେବେ ବାହାରିବ?"

ବୋଉର ଏଇ ଅପ୍ରତ୍ୟାଶିତ କଥାରେ ମୁଁ ଆଶ୍ଚର୍ଯ୍ୟ ଓ ଚକିତ ହୋଇଗଲି। ନିଜର ସ୍ଥିତି ଓ ପରିସ୍ଥିତିକୁ ହଠାତ୍ ବିଚାରି ନପାରି ମୁଁ ମୋ ପିଲାଦିନକୁ ଫେରିଯାଇଥିବାର ଅନୁଭବ କଲି। ଦେଖିଲି, ବୋଉ ମୋ ଆଗରେ ବେତଟିଏ ଧରି ମୋତେ ତାଗିଦାକରି କହୁଛି, ଏବେ ଯାଏଁ ବି ବହି ବାହାର କରିନୁ ? କେତେବେଳେ ଆଉ ବାହାରିବ ?

ପ୍ରାୟ ସବୁଦିନେ ବୋଉ ଏଇଆ କହେ। ସନ୍ଧ୍ୟା ହୋଇଗଲେ ବୋଉ ବେତ ଖୋଜେ। ଆମ ଦୁଇଭାଇଙ୍କ ଆଗରେ ବେତ ହଲାଇ ହଲାଇ କହେ, ଆରେ ! ଏ ଯାଏଁ ବି ବହି ବାହାର କରିନ ? କେତେବେଳେ ବାହାରିବ ?

ବୋଉର ବେତ ଦେଖି ଆମେ ଅତର୍ଚ୍ଛାରେ ବହି ବାହାର କରୁ।

ଆମେ ଆମ ପାଠ ବହି ପଢୁ। ବୋଉ ଆମଘର ଭାଗବତ ଗୋସେଇଁଙ୍କ ପାଖରେ ଭାଗବତ ପଢ଼େ. . . . . ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ। ପଦୁ ଗଲୁଛି ମକରନ୍ଦ। ସେ ମକରନ୍ଦ ପାନ କରି। ହେଳେ ତରିଲେ ବ୍ରଜ ନାରୀ. . . . . . . . .।

ସେଦିନ ତ ଆଜି ଆଉ ନାହିଁ। ମୁଁ ତ ଢ଼େର ବଡ଼ ହୋଇଗଲିଣି। ମୋର ତ ଆଉ ପାଠ ପଢ଼ିବାର ନାହିଁ, ତେବେ ବୋଉ ମୋତେ ତାଗିଦାକରି କହୁଛି କଣ ପାଇଁ ?

"ଆଉ ଗୋଟେଯୋଡ଼େ ବହି ବାହାର କରି ଦେ, କେତେବେଳେ ମରିଫରି ଯିବି !"

ବୋଉର କଥାରେ ମୁଁ ସଂବିତ୍ ଫେରିପାଇଲି। ପ୍ରକୃତିସ୍ଥ ହେଲି। ଅନୁଭବ କଲି, ବୋଉର ଏଇ କଥାରେ ତାଗିଦା ଯେତିକି ନଥିଲା, ଅନୁରୋଧ ଥିଲା ତା'ଠୁ ବେଶୀ। ସିଏ ବେତ ହଲାଇ କହୁନି ବରଂ ଅଳିଅଝଟ କରୁଛି, ଅଭିମାନ କରୁଛି। ଅଭିମାନ କେମିତି ନକରନ୍ତା ଯେ ! ତାକୁ ପରା ବୟସ ଏବେ ସତାଅଶି !

ସତାଅଶି ବର୍ଷ ବୟସରେ ବୋଉ ଏକରକମ ଶଯ୍ୟାଶାୟୀ। ଆଶାବାଡ଼ି ଧରି କାନ୍ଥକୁ ବାଡ଼କୁ ଆଶ୍ରାକରି ଗାଧୁଆଘର ଯାଏଁ ଯିବା ଓ ନିତ୍ୟକର୍ମ ସାରି ବାଡ଼ିପଟେ ଚଉକି ଉପରେ ବସି ଖରା ପୋଇଁବା, ନିଜ ହାତରେ ନିଜେ ଖାଇବାଭଳି ତା' କାମ ସିଏ କରିପାରୁଛି। ମାତ୍ର ତାହା ବି ଖୁବ୍ ସତର୍କତାର ସହ । ସଂପୂର୍ଣ୍ଣ ସମର୍ଥ ନହେଲେ ବି ଥରଥର ପାଦରେ ତାର ସେଇ ସିମୀତ ଇଲାକାରେ ସିଏ ନିଜକୁ ସମ୍ଭାଳି ପାରୁଛି ଏତିକି ହୁଏତ ତା ପାଇଁ ଓ ଆମମାନଙ୍କ ପାଇଁ ସାନ୍ତ୍ୱନା।

"ତୋର ଆଗ ବହିଟାକୁ ତିନିତିନି ଥର ପଢ଼ିଲିଣି। ଆଉ ବହି ବାହାର କରିଥିଲେ ପ ଢ଼ିଥା'ନ୍ତି ବୋଲି କହୁଥିଲି।" ଏ କଥା ବୋଉ ଖୁବ୍ ଆବେଗଭରା କଣ୍ଠରେ କହିଲା।

ବୋଉର ଆବେଗ ସହିତ ମୋ ମନର ବେଗ ଗୋଟିଏ ଦିଗରେ ଦୁଇଟି ରେଳଗାଡ଼ି ଭଳି ଖୁବ୍ ଜୋର୍‌ରେ ଧାଉଁଥିଲେ। ସେ ଧାଇଁବା ଥିଲା ଅବିଶ୍ରାନ୍ତ ଓ ଅବିରାମ। ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ଉଭୟର ଲକ୍ଷ୍ୟ। କେବଳ ସମୟର ଯାହା ଅପେକ୍ଷା !

ପାଠକେ ! ଏକଥା କହିବାର ହେତୁ କଣ ବୋଲି ଆପଣମାନେ ଭାବୁଥାଇପାରନ୍ତି । ଗତ ମାସରେ 'ବିଚରା ସତ୍ୟକଜ୍ଜ'ର ଉପସ୍ଥାପନାକୁ ପଢ଼ି କେତେକ ପାଠକବନ୍ଧୁ ଫୋନ୍ କରି ଲେଖାଟି ଏକପାଖିଆ ହୋଇଯାଇଥିବାର ଅଭିଯୋଗ କଲେ। ସେମାନଙ୍କ ମତରେ କେହି ମତାମତ ଦେଲେନି ବୋଲି ଯାହା ଲେଖିଛନ୍ତି, ତାହା ଠିକ୍ ନୁହେଁ। କାରଣ, ଆମେ ତ ମତାମତ ଦେଇଥିଲୁ। ସମସ୍ତଙ୍କ ସହ ଆମକୁ ତୁଳନାକରି କରି ଆପଣ ପାଠକୀୟ ଲାଳସାର ଅମର୍ଯ୍ୟାଦା କରିଛନ୍ତି. . . . . .ଇତ୍ୟାଦି ଇତ୍ୟାଦି।

ବନ୍ଧୁମାନଙ୍କ କଥାରେ ଅନେକ ଯୁକ୍ତି ଥିଲା। କାରଣ, ସେମାନେ ପଢ଼ନ୍ତି ଓ ଆବଶ୍ୟକସ୍ଥଳେ ମତାମତ ଦିଅନ୍ତି। ଅବଶ୍ୟ ସବୁ ସମୟରେ ସମସ୍ତଙ୍କଠାରୁ ମତାମତ ଆଶା କରିବାର ଯେଉଁ ଅନାବଶ୍ୟକ ଲୋଭ ମୋ ଭିତରେ ବଳବତ୍ତର ଥିଲା , ସେହି ଆବେଗର ବଶବର୍ତ୍ତୀ ହୋଇ ଏପରି ଉପସ୍ଥାପନା ହୋଇଥିଲା। ଅତଏବ, ବନ୍ଧୁଙ୍କ ସମୟୋଚିତ ଅଭିଯୋଗ ମୋର ମୋହଭଙ୍ଗ କରିଦେଲା ସିନା, ଏପରି ଭାବନାର ହେତୁ ଯେ ମୋ ବୋଉର ପଠନ ପୀପାସା ଏ କଥା ନକହିଲେ ମୁଁ ସାରା ଜୀବନ ମୋ ପାଠକମାନଙ୍କ ପାଖରେ ଅପରାଧବୋଧର ଶୀକାର ହେବି।

ମୋ ବୋଉ ହେଉଛି ପାଠ, ପାଠକ ଓ ପଠନ ପୀପାସାର ଗୋଟିଏ ବୌଦ୍ଧିକ ଅବବୋଧ ଓ ସେସବୁର ଆଧାରୀଭୂତ ମୂର୍ତ୍ତ ଚେତନା। ଏ କଥାକୁ କେହି ସ୍ୱୀକାର ନକଲେ ବି ମୋ ଅନୁଭୂତି ଓ ପିଲାଟି ଦିନରୁ ମୋ ଭିତରେ ଜାଗ୍ରତ ଥିବା ବିଚାରଧାରାକୁ ନେଇ ଏକଥା ସ୍ୱୀକାର କରିବାକୁ ମୁଁ ବାଧ୍ୟ। ମଥୁରା ମଙ୍ଗଳ, ବୈଦେହୀଶ ବିଳାସ, ରସକଲ୍ଲୋଳର ଛାନ୍ଦସବୁକୁ ବୋଉ ଖୁବ୍ ସୁନ୍ଦରଭାବେ ଗାଉଥିବାର ମୁଁ ପିଲାଟି ଦିନରୁ ଦେଖି ଆସିଛି। ଆଜି ବି ପରିଣତ ବୟସରେ ସେସବୁର ମାୟା ବେଳେବେଳେ ବୋଉକୁ ଆକ୍ରାନ୍ତ

କରୁଥିବାର ଦେଖେ। ଥରିଲା ଥରିଲା କଣ୍ଠରେ ସିଏ ଯେତେବେଳେ 'ବିଭୂଷଣ ପୁଷ୍ପେ ଯା କାନ୍ତି ଜାଣ' ହେଉ ବା 'କୃଷ୍ଣର ଗମନ ଦେଖି ଛନଛନ ହୋଇ ସକଳ ଗୋପାଙ୍ଗନା' ହେଉ ଗାଏ, ସେତେବେଳେ ମୁଁ ସ୍ତବ୍ଧ ହୋଇଯାଏ। ବର୍ତ୍ତମାନର ପାଠ ଓ ପାଠକୀୟ ମୋହଭଙ୍ଗର ଏକ ତୁଳନାତ୍ମକ ବିଚାରଧାରା ମୋ ଭିତରେ ବିଦ୍ରୋହ କରିଉଠେ। ଭାବେ ପାର୍ଥିବତାର ଯାବତୀୟ ଉପଲବ୍ଧି ସତ୍ତ୍ୱେ ସତରେ ଆମେ କେତେ ବୌଦ୍ଧିକ କାଙ୍ଗାଳ ! ଅସହାୟତାର ଆସୁରିକ ପ୍ରବୃତ୍ତି ଭିତରେ ବେଦପାଠର ଛଳନା କରୁ କରୁ ବାସ୍ତବରେ ଆମେ ଆମ ଅଲକ୍ଷ୍ୟରେ ନର୍କର ଦ୍ୱାରଦେଶରେ ଜଣେ ଜଣେ ପତିତ ହୋଇଯାଇଥାଉ।

ତତ୍ତ୍ୱ ସାର୍ବଜନୀନ ମାତ୍ର, ବିଚାର ନିଃଜସ୍ୱ। ପ୍ରତ୍ୟେକ ତତ୍ତ୍ୱର ନିର୍ଦ୍ଦିଷ୍ଟ ବିଚାର ଥାଏ; ମାତ୍ର ବିଚାରର କୌଣସି ତତ୍ତ୍ୱ ନଥାଏ। ବିଚାର ବ୍ୟକ୍ତି ଚେତନାକୁ ଉତ୍ତରିତ କିମ୍ବା ଅବତରିତ କରେ। ତାହା ବ୍ୟକ୍ତିର ଅଙ୍ଗୀକାରବଦ୍ଧତା ଉପରେ ନିର୍ଭରଶୀଳ ଓ ଏହା କେବଳ ସମ୍ଭବ ହୁଏ ପଠନ ପୀପାସାର ସନ୍ତୁଳନ ଉପରେ।

ଏହି ସନ୍ତୁଳିତ ପଠନ ପୀପାସାକୁ ମୁଁ ମୋ ବୋଉଠି ଦେଖିଛି ଓ ତାର ସେହି ଉତ୍ସରିତ ଭାବନା ମୋ ଠାରୁ ସେଦିନ 'ଆଉ କେବେ ବହି ବାହାରିବାର' ପ୍ରତିଶ୍ରୁତି ଚାହିଁଛି।

ଆଉ ଦିନେ ସେମିତି ଗୋଟିଏ ମାଆ ପୁଅ ଠାରୁ ଓଡ଼ିଆ ଭାଗବତଟିଏ ଲେଖେଇବାର ପ୍ରତିଶ୍ରୁତି ପାଇଥିଲେ। ସେହି ପ୍ରତିଶ୍ରୁତି ପାଳନ କରି ଜଗନ୍ନାଥ ଦାସ ରଚନା କଲେ ଓଡ଼ିଆ ଭାଗବତ ଗ୍ରନ୍ଥ। ମାଆ ପଢ଼ି ଖୁସି ହେଲେ ଓ ତାହା ପରବର୍ତ୍ତୀ ସମୟରେ ଏ ଓଡ଼ିଆ ଜାତିର ରକ୍ଷାକବଚ ହୋଇ କାଳକାଳକୁ ଯଶ ରଖିଗଲା।

ବୋଉକୁ ଚାହିଁଲି। ଦେଖିଲି ତାର ଆଖି ଦୁଇଟି ଖୁବ୍ ମାତ୍ରାରେ ଉଜ୍ଜ୍ୱଳି ଉଠୁଛି। ମୋ ଠାରୁ ସିଏ ପ୍ରତିଶ୍ରୁତି ଚାହୁଁଛି। ମୋ ବହିର ଅନ୍ୟ ସବୁ ସଂସ୍କରଣ କେବେ ବାହାରିବ ବୋଲି ସେ ଆଖି ଦୁଇଟି ମୋ ଠାରୁ ଜବାବ ଖୋଜୁଛି। ମୋତେ ଲାଗିଲା ମୋ ବହି କେହି ନପଢ଼ିଲେ ନାହିଁ ମୋ ବୋଉ ତ ପଢ଼ିବ।

ହଠାତ୍ ନୀଳାମ୍ବର ଫୋନ୍ କଲା- ଭୁବନେଶ୍ୱରର ଜଣେ ପ୍ରଖ୍ୟାତ ପ୍ରକାଶକ ବହିଟି ଛାପିବାକୁ ରାଜି ହୋଇଛନ୍ତି। ଖୁସି ଲାଗିଲା। ବୋଉ ଶୋଇଥିଲା କଡ଼େଇହୋଇ ମୋ ଆଡ଼କୁ ମୁହଁ କରି। ମୁହଁରେ ତାର ଭାବନାର ସ୍ପଷ୍ଟ ଚିହ୍ନଟିଏ ମୋତେ ଇଙ୍ଗିତ କରୁଥିଲା। କହିଲି, ହଁ ବୋଉ, ବହି ଅଳ୍ପଦିନ ଭିତରେ ବାହାରିବ ତୁ ଖୁବ୍ ଶିଘ୍ର ପଢ଼ିବୁ।

**ବେଗୁନିଆ, ଖୋରଧା**
**ମୋ- ୯୪୩୮୭୩୪୮୧୬**

# ବୋଉ

**ଆନନ୍ଦିକା ସାମନ୍ତରାୟ**

ବୋଉଙ୍କ ଓଠରେ ଚେନାଏ ହସ ବହୁତ୍ ମାନେ। ଦ୍ୱିତୀୟା ଜହ୍ନପରି ଫିକା ଫିକା ସେଥିଆ ବୟସ୍କ ଓଠରେ ଖୁବ୍ ଆକର୍ଷଣୀୟ। ବୋଉ ସ୍ଥିତପ୍ରଜ୍ଞ ହେବାର ବୟସରେ ପହଂଚିଯାଇଥିଲେ। ବେଶୀ ଖୁସି ହେଉନଥିଲେ କି ବେଶୀ ଦୁଃଖ କରୁନଥିଲେ।

ଆମଘର ଏରୁଣ୍ଡି ଡ଼େଇଁବା ପୂର୍ବରୁ ବୋଉ ବାରବାର ଦୋହରାଇ ଥିଲା ସବୁକଥା ମାନିଚଳିବୁ। ନ ଜାଣିପାରିବା କାମ ମନଇଚ୍ଛା କରିବୁନୁ। ସବୁକଥା ପଚାରି ବୁଝିବୁ। ଧିରେ ଧିରେ ସବୁ ଠିକ୍ ହୋଇଯିବ ଧନ। ପାଟି ଫାଳକ ଦି'ଫାଳ କରିବୁନୁ। ନାଁ ପକାଇବୁନୁ ବାଇଆଣୀ ।

ସେତେବେଳେ ଟେଲିଫୋନ୍ ନଥିଲା। ତତ୍କାଳ ବୋଉର ପରାମର୍ଶ ନେବା ଶାଶୁଘରର ଚିକିନିଖି ଧାରା ବିବରଣୀ ଦେବାର ମାନସୀକତା ବା ଆସିବ କୋଉଠୁ? ବୋଉ କଥା ମାନି ବୋଉଙ୍କ ପାଖରେ ଅନ୍ତରଙ୍ଗ ହେଲି। ପରସ୍ପର ଭିତରେ ବୁଝାମଣାଟିଏ ଗଢ଼ିହୋଇଗଲା ଆପେ ଆପେ। ବୋଉ ପାଖେ ଉଣେଇଶ ବର୍ଷ ଚଳିଥିଲି। ବୋଉଙ୍କ ପାଖେ ଏକୋଇଛି ବର୍ଷ ଚଳିଲି। ଦୁଇ ବୋଉ ଖୁବ୍ ମନେପଡ଼ନ୍ତି ମୋର ଏଇ ବୟସର ଅପରାହ୍ନରେ ।



**ନାରଗୋଦା,ତମାଣ୍ଡୋ,ଖୋରଧା**
**ଦୂରଭାଷ:-୭୮୭୩୨୨୯୪୩୪**

ସୁଡୋକୁ ୧୮ ପୃଷ୍ଠାର ଉତ୍ତର

| | | | | | | | | |
|---|---|---|---|---|---|---|---|---|
| 9 | 4 | 7 | 6 | 5 | 8 | 3 | 1 | 2 |
| 1 | 8 | 5 | 3 | 2 | 4 | 7 | 9 | 6 |
| 3 | 6 | 2 | 1 | 7 | 9 | 5 | 8 | 4 |
| 4 | 3 | 9 | 8 | 6 | 5 | 2 | 7 | 1 |
| 8 | 2 | 6 | 9 | 1 | 7 | 4 | 3 | 5 |
| 5 | 7 | 1 | 2 | 4 | 3 | 8 | 6 | 9 |
| 2 | 9 | 4 | 7 | 8 | 6 | 1 | 5 | 3 |
| 6 | 5 | 8 | 4 | 3 | 1 | 9 | 2 | 7 |
| 7 | 1 | 3 | 5 | 9 | 2 | 6 | 4 | 8 |

# ଓଡ଼ିଶାରେ ଗାନ୍ଧିଜୀଙ୍କ ପଦଯାତ୍ରା ପ୍ରସଙ୍ଗ



**ଶ୍ରୀ ରବିନ୍ଦ୍ରନାଥ ପ୍ରଧାନ**

ଗାନ୍ଧିଜୀଙ୍କର ଓଡ଼ିଶା ବୁଲିବା କାର୍ଯ୍ୟକ୍ରମ ସ୍ଥିର ହୋଇଗଲା। ସୁତରାଂ କର୍ମୀମାନଙ୍କ ଭିତରେ ବିଚାର ବିମର୍ଷ ଚାଲିଲା। ଅସଲ କାରଣଟି ଥିଲା - ଗାନ୍ଧିଜୀ ତାଙ୍କର ପରିଣତ ବୟସରେ ସାରା ଓଡ଼ିଶା ବୁଲିବେ କିପରି ?

ସୁତରାଂ - "ବୁଲିଯିବେ ବାପୁ ଓଡ଼ିଶା ମୁଲକ
ଏହିକଥା ଯବେ ହୋଇଲା ସ୍ଥିର
କର୍ମୀଏ କହିଲେ ଯିବାପାଇଁ ହେବ
ଚଢ଼ି ରେଳଗାଡ଼ି ଅବା ମଟର।।"

ହେଲେ ଗାନ୍ଧିଜୀ କାହାକଥା ଶୁଣିବାଲୋକ ନା ବୁଝିବାଲୋକ? ସୁତରାଂ ଯିଏ ଯାହା କହିଲା, ବାପୁ ସେକଥାକୁ ଏଡ଼ାଇ ଦେଲେ।

ଓଲଟି କହିଲେ - "ଗାନ୍ଧିଜୀ କହିଲେ ନାହିଁ ନାହିଁ ମୁହିଁ
ପାଦେ ଚାଲି ଚାଲି ପାରିବି ବୁଲି
ହୃଦୟ ସହିତ ହୃଦୟ ମିଶାଇ
ଦଳିତଙ୍କ ଦୁଃଖ ବୁଝିବି ବୋଲି।"

ଗାନ୍ଧିଜୀଙ୍କଠାରୁ ଏଭଳି ଦମ୍ଭୋକ୍ତି ସେଦିନ ସମସ୍ତଙ୍କୁ ଚକିତ କରିଦେଇଥିଲା। କର୍ମୀମାନେ ମନେ ମନେ ଭାବୁଥିଲେ - ବୁଢ଼ାଟା ପାଦରେ ଚାଲିଚାଲି ଯିବାକୁ ସିନା ଜିଦ୍ ଧରିଛି, ହେଲେ ଯିବ କେମିତି? ଦେହରେ ତ ହାଡ଼ ଦି'ଖଣ୍ଡ ଛଡ଼ା ମାଂସ ଫାଳେ ନାହିଁ। ଦେଶସାରା ବୁଲୁଛି, କେଉଁଠି ଖାଇବା ପିଇବା ଠିକ୍‌ନାହିଁ। ସୁତରାଂ ବଳ କୁଆଡୁ ଆସିବ ଯେ? ସାରାଓଡ଼ିଶା ପାଦରେ ଚାଲିଲେ ଦେହ ଖରାପ ହୋଇଯିବନି? ଏହିଭଳି କାହାମୁଣ୍ଡକୁ କେତେ ଚିନ୍ତା ଆସିଲା। କିନ୍ତୁ ସମସ୍ତଙ୍କଠାରୁ ଅଧିକ ବିଚଳିତ ହୋଇପଡ଼ିଲେ ଗାନ୍ଧିଜୀଙ୍କ ସାଥିରେ ଥିବା ଠକ୍କର ବାପା।



ଏକଥା ଗାନ୍ଧିଜୀ ସହଜରେ ଅନୁମାନ କରିନେଲେ। ସୁତରାଂ ସେ ଠକ୍କର ବାପାଙ୍କୁ ଡାକି କହିଲେ- "ତୁମେ ସବୁ ବିଚଳିତ ହେବାର କାରଣ କିଛିନାହିଁ। ମୁଁ ଲୋକଙ୍କୁ କେବଳ ଦର୍ଶନ ଦୋବାଲାଗି ଏ ପଦଯାତ୍ରା କରୁନାହିଁ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଅସ୍ପୃଶ୍ୟତା ନିବାରଣ।" ଯେଉଁମାନେ କେବଳ ଦର୍ଶନ ପ୍ରୟାସୀ ସେମାନେ ମୋର ଏ ଅସ୍ପୃଶ୍ୟତା ନିବାରଣ କାର୍ଯ୍ୟକ୍ରମକୁ କେତେ ସମର୍ଥନ କରୁଛନ୍ତି କିପରି ଜାଣିବି? ମୋର ଲକ୍ଷ୍ୟ ମୁଁ ନିଜେଯାଇ ହରିଜନଙ୍କଲୁ ଭେଟିବି ଓ ସେମାନଙ୍କ କଥାବୁଝିବି। ସେହି ହରିଜନଙ୍କ ସେବକ ରୂପେ ସେମାନଙ୍କୁ ଓ ଉଚ୍ଚବର୍ଣ୍ଣର ଲୋକଙ୍କୁ ମୁହାଁମୁହିଁ ଶୁଣାଇଦେବି।

ଏତିକି କହିସାରିଲା ପରେ ଗାନ୍ଧିଜୀ କ'ଣ କଲେନା -

"ବୁଦ୍ଧଦେବଙ୍କର ଦୃଷ୍ଟାନ୍ତ ନେଇ
ସମର୍ଥକଗଣେ ଦେଲେ ବୁଝାଇ
ଛାଡ଼ି ରାଜ୍ୟ-ସିଂହାସନ
ପାଦରେ ତାଙ୍କର ଘୁରି ବୁଲୁଥିଲେ
ଥିଲେବି ଯାନବାହାନ।।"

ଗାନ୍ଧିଜୀ ଅନୁଗାମୀମାନଙ୍କୁ ବୁଝାଇ ଦେବାକୁ ଯାଇ ପୁଣିକହିଲେ - "ବୁଦ୍ଧଦେବ ଯେତେବେଳେ ଧର୍ମବାଣୀ ପ୍ରଚାର କରିବାକୁ ବାହାରିଲେ, ସେ ଅନ୍ୟର ସହାୟତା ନେଇନଥିଲେ। ତାଙ୍କର ରାଜ୍ୟ, ସିଂହାସନ, ଗୃହସଂସାର ସବୁ ତୁଚ୍ଛକରି ଚାଲିଯାଇଥିଲେ। କୌଣସି ଯାନବାହାନର ସାହାର ନେଇନଥିଲେ। ଶେଷରେ ତାଙ୍କର ଘୋଡ଼ାଟିକୁ ବି ବଣମୁଲକରେ ଛାଡ଼ିଦେଇଥିଲେ। ନିଜ ପାଦରେ ଚାଲିଚାଲି ବୌଦ୍ଧଧର୍ମ ପ୍ରଚାରରେ ବ୍ୟସ୍ତ ଥିଲେ। ଏହିଭଳି ନିଷ୍ଠାହିଁ ଦିନେ ତାଙ୍କୁ ସଫଳତା ଆଣିଦେଇଥିଲା।"

ତହୁଁ ଠକ୍କର ବାପା କହିଲେ - "ବାପୁ! ହଉ ଆପଣଙ୍କ କଥା ହେଲା। ଯଦି ସେଇ ଅନୁସାରେ ପଦଯାତ୍ରା ହୁଏ, ତେବେ ସବୁତ ବିଗିଡ଼ିଯିବ। କାରଣ ସାରାଓଡ଼ିଶା ବୁଲିବାପାଇଁ ଆମର କାର୍ଯ୍ୟକ୍ରମ ଖବର ପ୍ରଚାର ହୋଇସାରିଛି। ଚାରିଆଡ଼େ ଲୋକେ ପାଣ୍ଠିସଂଗ୍ରହ କଲେଣି ଆପଣଙ୍କୁ ଦେବାଲାଗି। ସଭାସମିତିର ଆୟୋଜନ ବି ଚାଲିଲାଣି। ପାଦରେ ଚାଲିଚାଲି

ସବୁସ୍ଥାନରେ ପହଞ୍ଚିହେବତ ? ଠିକ୍ ସମୟରେ ନପହଞ୍ଚିଲେ ଲୋକେ କ'ଣ କହିବେ ? କହିବେ - ମିଛୁଆ ଗାନ୍ଧୀ ବୁଢ଼ାଟା କଥାଦେଇ ଆସିଲାନି ପରା ?"


ଏଥର ଗାନ୍ଧିଜୀ କହିଲେ - ବାପା ! ତୁମେ ଠିକ୍ କହିଛ । ମୁଁ ତ ସେହି କାରଣରୁ ବରଂ ସେଭଳି ସ୍ଥାନକୁ ନଯିବା ଭଲ ବିଚାରୁଛି । ଯେଉଁମାନଙ୍କର ପ୍ରକୃତରେ ମୋ'ଉପରେ କି ମୋ'କଥାରେ ଶ୍ରଦ୍ଧାନାହିଁ କି ବିଶ୍ୱାସନାହିଁ, ସେମାନଙ୍କ ପାଖକୁ ଯାଇକି ଲାଭ କ'ଣ ? ବରଂ ସେମାନଙ୍କୁ ବୁଝେଇ ଦିଅଯେ, ଗାନ୍ଧୀ କେବଳ ଲୋକଙ୍କୁ ଦର୍ଶନ ଦେବାପାଇଁ ଆସୁନାହିଁ । ସେ ଦେବତା ନୁହେଁ ଯେ, ତା'ର ଦର୍ଶନପାଇ ଲୋକେ ପବିତ୍ର ହୋଇଯିବେ । ସେ ହେଉଛି ମଣିଷଟିଏ, ଯିଏ ଅଙ୍ଗୀକାର ବଦଳାଇପାରେନାହିଁ ।

ବାପୁଙ୍କ କଥା ଏଇଠି ସରିନଥିଲା । ପୁନଶ୍ଚ ଏଥିଲାଗି ଗାନ୍ଧିଜୀ ଏକ ସୁନ୍ଦର ଦୃଷ୍ଟାନ୍ତର ଅବତାରଣା କରି କହିଥିଲେ -

"ଥରେ ମାଆ କୁନି ପୁଅକୁ ଡାକି
କହିଲା ଆଣିବି ଆମ୍ବ କିଣିକି
ପୁଅ ଖୁସି ହେବାପାଇଁ
ତା'ପରେ ଜାଣିଲା କ୍ଷତ ହେବ ଘୋର
ପୁଅ ଆମ୍ବ ଦେଲେ ଖାଇ ।।"

ଥରେ ଅବୁଝା କୁନିପୁଅକୁ ବୁଝେଇବ ବୋଲି ବଜାରରୁ ଆମ୍ବଟିଏ କିଣିଆଣିବାକୁ ମାଆ ଅଙ୍ଗୀକାର କରିଥିଲା । ମାତ୍ର ଯେତେବେଳେ ଜାଣିଲା ଯେ, ଏଭଳି ସମୟରେ ଆମ୍ବଖାଇଲେ ପୁଅର କ୍ଷତିଘଟିବ, ମାଆ ପୁଅଲାଗି ଆମ୍ବ ଆଣିଲାନାହିଁ । କାରଣ ଏବେ ମାଆର କର୍ତ୍ତବ୍ୟ ଥିଲା, ପୁଅକୁ ଆମ୍ବ ନଦେବା । ସୁତରାଂ ସେ ମନେ ମନେ ଚିନ୍ତାକଲା, ଅଙ୍ଗୀକାର ରକ୍ଷାକରିବାକୁ ଯାଇ ପୁଅର ଅନିଷ୍ଟ ଚିନ୍ତାକରିବ କାହିଁକି ?

ଠିକ୍ ସେହିଭଳି ଏବେ ମୋର କଥା । ମୁଁ ମୋର ରୂପ ଦେଖେଇବାକୁ ସାରାଓଡ଼ିଶା ବୁଲିଲେ ଅସଲକାର୍ଯ୍ୟ ସଫଳ ହେବନାହିଁ । ଏଭଳି କଲେ ମୁଁ ଲୋକଙ୍କର କି ଉପକାର କଲି ? ସୁତରାଂ ଏଭଳି ନକରି ମୁଁ ଯେତିକି ପାରିବି ପାଦରେ ଚାଲିଚାଲି ଲୋକଙ୍କ ହୃଦୟକୁ ଚିହ୍ନି କାମ କଲେ, ଲୋକେ ମୋ ଦର୍ଶନଛାଡ଼ି ମୋ ବାଣୀର ମହତ୍ତ୍ୱ



ବୁଝିବାକୁ ଚେଷ୍ଟାକରିବେ । ତେବେଯାଇ ମୋର ପଦଯାତ୍ରା ସଫଳ ହୋଇପାରିବ ବୋଲି ମୁଁ ଭାବୁଛି । ତେଣିକି ଯିଏ ଯାହା ଭାବୁଥାଉ କି କହୁ, ସେଥିରେ ମୋର ଯାଏ ଆସେନାହିଁ ।"

ଏଥର ଠକ୍କର ବାପା ଗାନ୍ଧିଜୀଙ୍କ ଯୁକ୍ତିଆଗରେ ମୁଣ୍ଡ ନୁଆଁଇ ଦେଲେ ସିନା କଥାଟିକୁ ଆଉଟିକିଏ ବୁଲେଇ ବଙ୍କେଇ କହିଲେ - "ଖବର ମିଳିଛି ଲୋକେ ଅନେକ ସ୍ଥାନରେ ପାଣ୍ଠିସଂଗ୍ରହ କରିସାରିଲେଣି । ସେଠାକୁ ଗଲେ ସିନା ଦିଅନ୍ତେ ।"

ତହୁଁ ଗାନ୍ଧିଜୀ କହିଲେ - "ମୋର ଏ ପଦଯାତ୍ରା ଧନସଂଗ୍ରହ ପାଇଁ ଉଦ୍ଦିଷ୍ଟ ନୁହେଁ । ମୋର ଏହା ଏକ ଧର୍ମଯାତ୍ରା । ନିଷ୍ଠା, ବିଶ୍ୱାସ ଓ ସଂକଳ୍ପ ସହିତ ଏହି ଯାତ୍ରାକରିବାକୁ ମୁଁ ଚାହେଁ । ଯଦି ଏହାକୁ ଠିକ୍‌ଭାବରେ ସମ୍ପନ୍ନ କରିଦେବି, ତେବେ ଏହାର ପ୍ରଭାବ କେବଳ ଭାରତ କାହିଁକି ସାରାବିଶ୍ୱରେ ପଡ଼ିବ ।"

ଶେଷରେ ଗାନ୍ଧିଜୀଙ୍କର ପଦଯାତ୍ରାରେ ଯିବାଲାଗି କାର୍ଯ୍ୟକ୍ରମ ଶେଷପର୍ଯ୍ୟାୟରେ ପହଞ୍ଚିଗଲା । ଏଥର ସାଙ୍ଗରେଥିବା କର୍ମୀମାନଙ୍କୁ ଯାତ୍ରାର ନିୟମ ଜଣାଇବାକୁ ଯାଇକହିଲେ -

"ପ୍ରତିଦିନ ଆଠମାଇଲ ବାଟ
ଚାଲିପାରିବ ଯେ' ମୋ ସାଥେ ଆସ
ମଝିରେ ବିଶ୍ରାମ ବେଳେ
ଖାଇବାକୁ ହେବ ଯଉଁଠାରେ ଯାହା
ଖାଦ୍ୟ ମିଳେ ବା ନମିଳେ ।।"

ଗାନ୍ଧିଜୀ କହିଲେ - "ଖାଦ୍ୟଲୋଭୀ ମଣିଷମାନଙ୍କୁ ମୋ ସାଥିରେ ଯିବା ମନା । କାରଣ ବେଳେବେଳେ ଉପବାସରେ ରହିବାକୁ ହେବ । ଯଉଁ ସ୍ଥାନରେ ଯେଭେଳି ଖାଦ୍ୟମିଳିବ ତାକୁ ଖାଇ ଚଳେଇ ଦେବାକୁ ପଡ଼ିବ । ପ୍ରତିଦିନ ଆଠମାଇଲ ଗସ୍ତଭିତରେ ସେଠାକାର ଲୋକଙ୍କୁ ଭେଟି ସେମାନଙ୍କ ହୃଦୟ ସହିତ ହୃଦୟ ମିଳାଇ କଥାବାର୍ତ୍ତା ହେବାକୁପଡ଼ିବ । ହରିଜନଙ୍କ ଦୁଃଖଦୁର୍ଦ୍ଦଶା ବୁଝିବାକୁ ହେବ । ସକାଳ ଓ ଅପରାହ୍ନରେ ଦୁଇବେଳା ଚାଲିବାକୁ ହେବ । ସାଙ୍ଗରେ ଖାଇବା ଜିନିଷ କେହି ନେବେନାହିଁ । ସାଥୀରେ କେବଳ ବିଛଣାପତ୍ର ଓ ଅତ୍ୟାବଶ୍ୟକ ଦ୍ରବ୍ୟ ଏକ ବଳଦଗାଡ଼ିରେ ଯିବ ।"

ଏହାଥିଲା ଗାନ୍ଧିଜୀଙ୍କର ପଦଯାତ୍ରାର ନିୟମ । ତଥାପି ହଜାର ହଜାର ସଂଖ୍ୟାରେ ପଦଯାତ୍ରୀ ଉପରୋକ୍ତ ନିୟମକୁ ମାନି ଯେତେକଷ୍ଟ ହେଉପଛେ ଗାନ୍ଧିଜୀଙ୍କ ସାଥିରେ ଯାଇଥିଲେ ।

ଖମାରସାହି, ବାଣପୁର, ଖୋର୍ଦ୍ଧା
ପିନ୍ - ୭୫୨୦୩୧
ମୋ - ୯୬୬୮୫୬୦୬୪୫

# ପାଦ

ସଚ୍ଚି ମହାନ୍ତି

ଏଇ ପାଦକୁ ଧନ୍ୟବାଦ
ମାଡ଼ି ମକଚିକି କାଚ ଆଉ କଣ୍ଟା
ଚାଲିବାରେ ତା'ର ଏତେ ଉତ୍କଣ୍ଠା
ହେଉ ପଛେ ଦୁଃସାଧ୍ୟ
କରେନା ସେ ପ୍ରତିବାଦ
ଏଇ ପାଦକୁ ଧନ୍ୟବାଦ ॥
ପାରି କରେଇଛି କେତେ ନଈ-ନାଳ
ଦୁର୍ଗମ ଗିରିପଥ
ଜ୍ୟେଷ୍ଠର ତାତି ଶ୍ରାବଣର ରାତି
କଢ଼େଇ ନେଇଛି ବାଟ
ଚଢ଼େଇଛି ସିଢ଼ି ପାହାଚ ପାହାଚ
ଥାନ କି ଅଥାନ ନକରି ନାକଚ
ସାମର୍ଥ୍ୟ ତା'ର ବଜାୟ ରଖିଛି
ଗଣିନାହିଁ ପର ମାନ
ଏଇ ପାଦକୁ ଧନ୍ୟବାଦ ॥
ପାଦ ଯୋଗୁଁ ସିନା ଯୁଦ୍ଧ ଭୂମିରେ
ସୈନିକ ହୁଏ ଠିଆ
ଶତ୍ରୁ ସଇନେ ପରାଜିତ କରି
ନେଇଥାଏ ମହାବାହା
ଏଇ ପାଦଯୋଗୁ ପଦକ ପଦବୀ
ପାଇଛନ୍ତି କେତେ କଳାକାର କବି
ଖେଳ କସରତେ ନୃତ୍ୟସଙ୍ଗୀତେ
କମ୍ପାଇ ଜନପଦ
ଏଇ ପାଦକୁ ଧନ୍ୟବାଦ ॥
ଏଇ ପାଦଦୁଇ ରହିଁଲେ ଖୋଲିବ
ଅବାଟରେ ଚାଲାବାଟ
ପାଦବିନା ସତେ ଜୀବନ ଜୀଇଁବା
ଜିତିବା ହୁଅଇ କଷ୍ଟ
ସତକଥା ହେଲା ଏଇ ଦୁଇପାଦ
ଆମକୁ ଚଖାଏ ଜୀବନର ସ୍ୱାଦ
ଯୋଉ ପାଦଧ୍ୟାୟୀ ବିପ୍ରଜଗନ୍ନାଥ
ଭାଗବତ କଲେ ଅନୁବାଦ
ସେଇ ପାଦକୁ ଧନ୍ୟବାଦ ॥

୨୫/୨୨୮, ଗଡ଼ ମହାଭୀର ବିହାର,
ରୋଡ଼ ନ.-୦୧, ଭୁବନେଶ୍ୱର-୨

# ନିଅ ଆମ ବିପ୍ଳବୀ ସଲାମ୍

ଧ୍ରୁବ ରଣା

ହେ ସିଂହ ରବି ସିଂହ
କାଳର କପାଳେ ତୁମେ
ଲେଖିଗଲ ତୁମ ଜୟ
ଅମରଣ ଚିତା
ମେହେନତି ମଣିଷର
ସର୍ବହରା ଧରିତ୍ରୀର
ତୁମେ ଥିଲ କଣ୍ଠଭାଷା
'ନିଖିଳର ନିରୁଦ୍ଧ କ୍ରନ୍ଦନ'
ହେ ଚିର ଆୟୁଷ୍ମାନ !
ଏ ମାଟିର
ଶୁଦ୍ଧ-ପୂତ ରୁଦ୍ରରାଗ
ବିପ୍ଳବୀ ସନ୍ତାନ ।

ଜୀବନର ପ୍ରତିଟି ଲମହ ତୁମେ
ସଂଗ୍ରାମର ମହା ମଇଦାନେ
ଉଠାଇଛ ଭୀମ ତୁମ
ତରବାରୀ ପ୍ରତି ଅନୁକ୍ଷଣେ ।

ବିପ୍ଳବର ବନ୍ଧ୍ୟା ଭୂମି
ପ୍ରତିଭାର ବଧ ମୁଖଶାଳା
ଖୋଲିଛ ବଜ୍ର ବାହୁରେ
ପିଇଅଛ ତକ୍ଷକୀୟ ଜ୍ୱାଳା,
ମାର୍କ୍ସବାଦୀ ଲେନିନର ଚେଲା ତୁମେ
ଷ୍ଟାଲିନ୍‌ର ଉଦ୍ଧତ କୃପାଣ
ସାଥୀ ମାଓ ମହାନର
ତୁମେ ବହ୍ନିବାଣ ।

ପଞ୍ଚଭୂତ ଦେହ ତୁମ
ଲିଭିଲେ ବି
ଜଳେ ତୁମ ପ୍ରତିଭା ଅନଳ
କାଳଜୟୀ ହେ ବିଶାଳ
ଏ ଜାତିର ପୁଣ୍ୟଶ୍ଳୋକ
କୃଷକର, ଶ୍ରମିକର
ସର୍ବହରା ମେହନତି
ଦିନ ମୂଲିଆର
ତୁମେ ଥିଲ ସଜାଗ ପ୍ରହରୀ
ସାମ୍ୟବାଦୀ ହେ ବିପ୍ଳବୀ !
ତୁମ ଜୟ ଶଙ୍ଖ ଘୋଷ
ଶୁଭୁଅଛି ପ୍ରତିକଣ୍ଠେ
ସମୟର ପ୍ରତି ଓଠେ
ମୃତ୍ୟୁଞ୍ଜୟୀ ବିଜୟ ସାୟରୀ,
ସଲାମ୍ ସଲାମ୍,
ହେ ବିପୁଳ ମହାବାହୁ
ବାରମ୍ବାର ବାରମ୍ବାର
କୋଟିବାର ନିଅ ଆମ
ବିପ୍ଳବୀ ସଲାମ୍ ।


ନୀଳକଣ୍ଠଜଗନ୍ନାଥ ନିବାସ
ଭଗତସିଂ ବିହାର, ବଡମ୍ବା, କଟକ
ଫୋନ୍ - ୯୧୭୮୨୧୪୭୨୪



# ମିଳିମିଳା



ଡା.ଧନେଶ୍ୱର ସାହୁ



ଏହା ଏକ ଭୂତାଣୁ (Virus) ଜନିତ ରୋଗ। ଏହା ଶ୍ୱାସନଳୀରେ ଆରମ୍ଭ ହୁଏ ଓ ପରେ ପରେ ରକ୍ତଦ୍ୱାରା ଶରୀରର ଅନ୍ୟ ଅଂଶକୁ ବିସ୍ତାର କରେ ।

- ଏହାକୁ Measles କିମ୍ବା Rubeola କିମ୍ବା Morbilli ମଧ୍ୟ କୁହାଯାଏ।
- ଏହା ଉଚ୍ଚମାତ୍ରାରେ ସଂକ୍ରାମକ।
- ଏହା କେବଳ ମଣିଷଙ୍କୁ ହୁଏ। ଅନ୍ୟ ଜୀବଜନ୍ତୁଙ୍କୁ ହୁଏନା।
- ଏହା ଟୀକାଦ୍ୱାରା ପ୍ରତିଶେଧ କରାଯାଏ।
- ସହଜରେ ବ୍ୟାପେ।
- ଏହା ସ୍ୱଳ୍ପକାଳୀନ ପାଇଁ ହୁଏ। ଚିକିତ୍ସା ନକଲେ ମଧ୍ୟ ମନକୁ ମନ ୭ - ୧୦ ଦିନ ଭିତରେ ଭଲ ହୋଇଥାଏ।
- ଏହି ରୋଗ ଚର୍ମରେ ଲାଲ୍ ରଂଗର ଚିହ୍ନ ଦେଖାଯିବାର ୪ଦିନ ଆଗରୁ ଓ ଚିହ୍ନ ଦେଖାଯିବାର ୪ ଦିନ ପର୍ଯ୍ୟନ୍ତ ସଂକ୍ରାମକ।
- ଏହା ପାଞ୍ଚ ବର୍ଷରୁ ତଳକୁ ପିଲା, ୨୦ ବର୍ଷରୁ ଉପରକୁ ଲୋକଙ୍କୁ ବେଶୀ ହୁଏ।

## କାରଣ :-

ଏହା ରୁବିଓଲା (Rubeola) ଭାଇରସ ଯୋଗୁ ହୁଏ। ଏହି ଭାଇରସ ବା ଭୂତାଣୁ ମିଳିମିଳା ରୋଗରେ ଆକ୍ରାନ୍ତ ପିଲା ଓ ବଡ଼ଲୋକର ନାକ ଓ ତଣ୍ଟିର ଲାଳ ଅଂଶରେ ରହନ୍ତି। ଏହି ଭାଇରସ ପାରାମିକ୍ସୋଭାଇରସ ଫାମିଲିର। ଭାଇରସଗୁଡ଼ିକ ଛୋଟ ପାରାସାଇଟିକ ମାଇକ୍ରୋବସ।

ଏହି ଭାଇରସ ଶରୀର ବାହାରେ ବାୟୁ କିମ୍ବା କୌଣସି ସ୍ଥାନରେ ବହୁସମୟ ପର୍ଯ୍ୟନ୍ତ ବଂଚିପାରେ କିନ୍ତୁ ଶରୀର ବାହାରେ ୨ଘଣ୍ଟା ପର୍ଯ୍ୟନ୍ତ ସଂକ୍ରାମକ।

## ଇନକୁବେସନ ପିରିଅଡ଼ :-

ଶରୀରରେ ମିଳିମିଳା ଭୂତାଣୁ ପ୍ରବେଶଠାରୁ ରୋଗ ହେବାପର୍ଯ୍ୟନ୍ତ ସମୟକୁ ଇନକୁବେସନ ପିରିଅଡ଼ କୁହାଯାଏ। ଏହା ୧୦-୧୪ ଦିନ।

## ଏହା କେମିତି ବ୍ୟାପେ :-

- ବାୟୁଦ୍ୱାରା ଡ୍ରପଲେଟ ଯୋଗୁ : କାଶିବା, ଛିଙ୍କିବା, ହସିବାଦ୍ୱାରା।
- କୌଣସି ଇନଫେକ୍ଟେଡ଼ ଯାଗାକୁ ଛୁଇଁବାଦ୍ୱାରା : ଡ଼ୋର ହ୍ୟାଣ୍ଡଲ, ଡ଼ୋର ନବ, ବ୍ଲାଙ୍କେଟ୍ ଇତ୍ୟାଦି ।
- ପାଟିର ଲାଳ ଯୋଗୁ : ଚୁଚୁମିବା (Kissing), ଏକ ପାତ୍ରରେ ମିଶି ପାନୀୟ ପିଇବା।
- ଚର୍ମରୁ ଚର୍ମ ସଂସ୍ପର୍ଶରେ : ହ୍ୟାଣ୍ଡସେକକରିବା, କୁଣ୍ଢେଇବା।
- ମା'ଠାରୁ ଛୁଆକୁ : ଗର୍ଭ ସମୟରେ, ଡ଼େଲିଭରି ସମୟରେ, ନରସିଙ୍ଗ ସମୟରେ।

## ସଂକେତ ଓ ଲକ୍ଷଣ :-

- ଅତ୍ୟଧିକ ଜ୍ୱର।
- ନାକରୁ ପାଣି ବାହାରିବା, ଛିଙ୍କ ହେବା।
- ଶୁଖିଲା କାଶ।
- ଆଖି ଲାଲ ଦେଖାଯିବା ଓ ପାଣି ବାହାରିବା।
- କପଲିକ'ସ ସ୍ପଟସ (Koplik's spots) - ପାଟିରେ ଛୋଟ ଛୋଟ ଧଳାଚିହ୍ନ। ଧଳା ଚିହ୍ନ ଚାରିପଟେ ଲାଲ ଚିହ୍ନ।
- ତଣ୍ଟି ଦରଜ।
- ଚର୍ମରେ ଲାଲରଙ୍ଗର ଚିହ୍ନ ଦେଖାଯାଏ। ଏହି ଚିହ୍ନଗୁଡ଼ିକ ଫ୍ଲାଟ। ଏହି ଚିହ୍ନ ପ୍ରଥମେ କପାଳ, ତା'ପରେ ମୁହଁ, ବେକ, କାନ ପଛପଟ ଓ ଧୀରେ ଧୀରେ ଶରୀରର ଅନ୍ୟ ଅଂଶକୁ ବ୍ୟାପେ।
- ଏହା ଭାଇରସ ଶରୀରରେ ପ୍ରବେଶର ୧୪ ଦିନ ଭିତରେ ହୁଏ। ଏହା ୭ ଦିନ ପର୍ଯ୍ୟନ୍ତ ରହେ।
- ଦେହ ବିନ୍ଧା।

## ରିସ୍କ ଫ୍ୟାକ୍ଟରସ :-

- ଟୀକା ନେଇନଥିବା ପିଲା ଓ ବଡ଼ଲୋକ।
- ଗର୍ଭବତୀ ମା।
- ଦୁର୍ବଳ ପିଲା ।
- ଦୁର୍ବଳ ଇମ୍ମ୍ୟୁନ ସିଷ୍ଟମ ଯଥା ଏଚ.ଆଇ.ଭି/ଏଡ଼ସ, ଲିଉକିମିଆ ଆକ୍ରାନ୍ତ ପିଲା ।
- ଭିଟାମିନ ଏ ଡ଼େଫିସିଏନସି ପିଲା।
- ଅତି ଛୋଟ ପିଲା ଓ ବଡ଼ଲୋକ ୨୦ ବର୍ଷ ପରର ।

## ନିଦାନ :-

- ସଂକେତ ଓ ଲକ୍ଷଣ ଦେଖି ।
- ରକ୍ତ ପରୀକ୍ଷା : ରକ୍ତରେ ମିଳିମିଳା ଭୂତାଣୁ ପରୀକ୍ଷାକରି ।
  - ରିଭର୍ସ ଟ୍ରାନସକ୍ରିପ୍ଟେଜ ପୋଲିମରେଜ ଚେନ ରିଆକସନ (RTPCR) ।
  - ମିଳିମିଳାର ସ୍ପେସିଫିକ ଆଣ୍ଟିବଡ଼ିସ ଜାଣିବାପାଇଁ ମନୋକ୍ଲୋନାର ଆଣ୍ଟିବଡ଼ି ବେଡ଼ସ କ୍ୟାପ୍‌ଚର ଇମ୍ୟୁନ ଆସେ ।
  - ଇମ୍ୟୁନଗ୍ଲୋବୁଲିନ "ଏମ" ଏନଂଜାଇମ ଇମ୍ୟୁନୋ ଆସେ ।
  - ମିଳିମିଳା ପାଇଁ ରାପିଡ଼ ମଲିକୁଲାର ଡାଇଆଗ୍ନୋସିସ ।
  - ସି.ବି.ସି ।
- ଏକ ସ୍ୱାବରେ ସାଲିଭା (ଲାଳ) ନେଇ ମିଳିମିଳା ସ୍ପେସିଫିକ ଇମ୍ୟୁନୋଗ୍ଲୋବୁଲିନ ଏମ (IGM) ପରୀକ୍ଷା କରାଯାଏ । ମିଳିମିଳା ଭୂତାଣୁ ପରୀକ୍ଷା କରାଯାଏ ।

## ଏହା କେତେ ପ୍ରକାରର :-

**୧. କ୍ଲାସିକ ମିଳିମିଳା** - ଯାହା ସାଧାରଣ ଭାବରେ ହୁଏ । ସେଇ ମିଳିମିଳା ବିଷୟରେ ଆଲୋଚନା କରାଯାଇଛି ।

**୨. ଆଟିପିକାଲ ମିଳିମିଳା** - ଏହା ମୃତ ମିଳିମିଳା ଟୀକା ନେଲେ ହୁଏ । ଏହା ୧୯୬୩ ରୁ ୧୯୬୭ ମସିହା ମଧ୍ୟରେ ଦେଖାଦେଇଥିଲା । ଏଥିରେ ଅତ୍ୟଧିକ ଜ୍ୱର, ଚର୍ମରେ ଲାଲ ରଙ୍ଗରେ ଚିହ୍ନ, ବେଳେବେଳେ ନିଉମୋନିଆ ହୁଏ ।

**୩. ମଡ଼ିଫାଏଡ଼ ମିଳିମିଳା** - ଏହା ଯେଉଁ ଲୋକମାନଙ୍କୁ ପୋଷ୍ଟ ଏକ୍ସପୋଜରେ ଇମ୍ୟୁନୋଗ୍ଲୋବୁଲିନ ଦିଆଯାଇଥାଏ ଓ ଯେଉଁ ପିଲାମାନଙ୍କର କିଛି ପାସିଭ ଇମ୍ୟୁନିଟି ଅଛି । ଏହା ସାଧାରଣ ମିଳିମିଳାଠାରୁ କମ୍ ଭୟଙ୍କର ।

**୪. ହିମୋରେଜିକ ମିଳିମିଳା** - ଏହା ବହୁତ କମ ପରିମାଣରେ ଇଉନାଇଟେଡ଼ ଷ୍ଟେଟସରେ ଦେଖାଯାଏ । ଏଥିରେ ଅତ୍ୟଧିକ ଜ୍ୱର ହୁଏ, ବାତମାରେ, ଚର୍ମତଳେ ଓ ମୁକସ ମେମ୍ବ୍ରେନ ତଳେ ରକ୍ତସ୍ରାବ ହୁଏ ।

ଏହାଛଡ଼ା ଆଉ ଏକପ୍ରକାର ମିଳିମିଳା ଦେଖାଯାଏ । ତା'ନାଆଁ ଜରମାନ ମିଳିମିଳା । ଏହାକୁ ରୁବେଲା କୁହାଯାଏ । ଏହା ରୁବେଲା Rubella ଭାଇରସ (ଭୂତାଣୁ) ଯୋଗୁ ହୁଏ । ସାଧାରଣ ମିଳିମିଳାକୁ ରୁବିଓଲା (Rubeola) କୁହାଯାଏ । ତାହା ରୁବିଓଲା ଭାଇରସ ଯୋଗୁ ହୁଏ ।

## ଜଟିଳତା :-

- ଝାଡ଼ା ବାନ୍ତି ।
- ମଝିକାନ ଇନଫେକସନ ।
- ଆଖି ଇନଫେକସନ ।
- ଲାରିଂଜାଇଟିସ ।
- ଟ୍ରାକିଆଇଟିସ ।
- ବ୍ରୋଂକାଇଟିସ ।
- ନିମୋନିଆ ।
- ଜ୍ୱରଯୋଗୁ ବାତମାରିବା ।
- ହେପାଟାଇଟିସ ।
- ସ୍କିଂଟ ।
- ମେନିଂଜାଇଟିସ ।
- ଏନସେଫାଲାଇଟିସ ।
- ଥ୍ରଂମ୍ବୋସାଇଟୋପିନିଆ ।
- ଅନ୍ଧ ।
- ପିଲା ନଷ୍ଟ ହେବା ।
- ଧାର୍ଯ୍ୟ ସମୟଠାରୁ ଆଗରୁ ପିଲା ଜନ୍ମ ହେବା ।
- କମ ଓଜନର ପିଲା ଜନ୍ମ ହେବା ।
- ନ୍ୟୁରାଇଟିସ ।
- ହୃତପିଣ୍ଡର ଅସୁବିଧା ।
- ସବ ଆକ୍ୟୁଟ ସ୍କେରୋଜିଙ୍ଗ ପାନଏନସେଫାଲାଇଟିସ ।
- ଟକ୍ସିକ ଏନସେଫାଲୋପାଥି ।
- ରିଟ୍ରୋବଲବାର ନ୍ୟୁରାଇଟିସ ।

ପ୍ରତିଶେଧକ :-

ମିଳିମିଳା ଟୀକା ମିଳିମିଳା ପ୍ରତିଶେଧ କରେ । ଏବେ କେବଳ ମିଳିମିଳା ଟୀକା ନଦିଆଯାଇ ଏମ.ଏମ.ଆର (MMR) ଟୀକା ଦିଆଯାଉଛି ଯାହାଦ୍ୱାରା ତିନୋଟି ରୋଗ ଯଥା ମିଜଲସ (Measles), ମଂପସ (Mumps), ରୁବେଲା (Rubella) ପ୍ରତିଶେଧ କରାଯାଉଛି ।

ଏମ.ଏମ.ଆର ୧ମ ଡ଼ୋଜ - ନଅମାସ ପୂର୍ଣ୍ଣଠାରୁ ୧୨ ମାସ ପର୍ଯ୍ୟନ୍ତ ପିଲାକୁ ଦିଆଯାଏ ।

ଏମ ଏମ ଆର ୨ୟ ଡ଼ୋଜ - ୧୬-୨୪ ମାସର ପିଲାଙ୍କୁ ଦିଆଯାଏ ।

(ଏହି ଟୀକା ୫ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଦିଆଯାଇପାରେ)

ଏହି ଟୀକା ୦.୫ମିଲି.ଲି ଚର୍ମ ତଳେ ଡାହାଣ ଉପର ହାତରେ ଦିଆଯାଏ ।

ମିଳିମିଳା ଇଂଜେକସନ ସହ ଭିଟାମିନ ଏ ସଲୁସନ ଦିଆଯାଏ ।

ଭିଟାମିନ ଏ ୧ମ ଡ଼ୋଜ - ନଅମାସ ପୂର୍ଣ୍ଣ ପିଲାଙ୍କୁ ଖାଇବାକୁ ଦିଆଯାଏ ୧ମିଲି.ଲି ।

ଭିଟାମିନ ଏ ୨ୟ ଡ଼ୋଜ - ୧୬-୧୮ ମାସର ପିଲାଙ୍କୁ ଖାଇବାକୁ ୨ମିଲି.ଲି ଦିଆଯାଏ ।

ତା'ପରେ ୬ ମାସରେ ଥରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ୯ଡ଼ୋଜ ଦିଆଯାଏ ।

ମିଳିମିଳା ହେଲେ ୨୪ ଘଣ୍ଟା ବ୍ୟବଧାନରେ ଦୁଇ ଡ଼ୋଜ ଭିଟାମିନ

ଏ ସଲୁସନ ଦିଆଯାଏ। ଏହି ଭିଟାମିନ ଏ ସଲୁସନ ଦେବାର ଉଦ୍ଦେଶ୍ୟ ହେଲା ଏହା ମିଳିମିଳା ସମୟରେ ଭିଟାମିନ ଏ ପରିମାଣ ନକମାଇ ନିୟନ୍ତ୍ରଣରେ ରଖେ, ଅନ୍ଧତ୍ୱ ପ୍ରତିଶେଧ କରେ, ମିଳିମିଳି ମୃତ୍ୟୁ ସଂଖ୍ୟା କମାଏ।

୨ୟ ଡ଼ୋଜ ଟୀକା ଦେବାପରେ ୯୭% ମିଳିମିଳା ପ୍ରତିଶେଧ ହୁଏ, ୮୮% ମଂପସ ପ୍ରତିଶେଧ ହୁଏ, ୯୭% ରୁବେଲା ପ୍ରତିଶେଧ ହୁଏ।

ଯେଉଁମାନଙ୍କୁ ମିଳିମିଳା ହୋଇଥାଏ, ସେମାନଙ୍କୁ ଆଉ ମିଳିମିଳା ହୁଏନାହିଁ କାରଣ ସେମାନଙ୍କ ଦେହରେ ମିଳିମିଳା ପାଇଁ ଇମ୍ୟୁନିଟି ହୋଇଥାଏ।

ଗର୍ଭବତୀ ମା'ଙ୍କୁ, ଯେଉଁମାନଙ୍କର ଜିଲାଟିନ, ଆଣ୍ଟିବାଇଓଟିକ ଆଦିପାଇଁ ଆଲର୍ଜିକ ରିଆକସନ ହୁଏ ସେମାନଙ୍କୁ ଟୀକା ଦିଆଯାଏନାହିଁ।

**ଚିକିତ୍ସା :-**

ମିଳିମିଳା ପାଇଁ କୌଣସି ସ୍ପେସିଫିକ ଚିକିତ୍ସା ନାହିଁ।

- ବିଶ୍ରାମ ନେବା। ବିଶ୍ରାମ ନେବା ଘରେ କମ ଆଲୋକ ରହିଲେ କଂଫୋର୍ଟ ଲାଗେ।
- ଅଧିକ ପରିମାଣରେ ପାଣି ପିଇବାକୁ ଦେବା ଉଚିତ।
- ଭଲ ନ୍ୟୁଟ୍ରିସନ ପାଇଁ ଖାଦ୍ୟ ହେବା ଉଚିତ।
- ଜ୍ୱର ବ୍ୟଥା କମେଇବା ପାଇଁ ଏସିଟାମିନୋଫେନ, ଆଇବୁପ୍ରୋଫେନ, ନାପ୍ରୋକ୍ସେନ, ପାରାସେଟାମଲ ଦେବା ଦରକାର ପଡ଼େ।
- କାଶ ହେଉଥିଲେ କଫ ମେଡ଼ିସିନି ଦିଆଯାଏ।
- ଆଖିକୁ ନଖ ଉଷୁମ ପାଣିରେ ଷ୍ଟେରାଇଲ କନାରେ ଆଖି ସଫା କରାଯାଏ।
- ପିଲା ପାଖରେ ଧୂମପାନ କରିବା ଉଚିତ ନୁହେଁ।
- ମିଳିମିଳା ଟୀକା - ମିଳିମିଳା ହେବାର ୭୨ ଘଣ୍ଟା ଭିତରେ ଦିଆଯାଏ। ଏହା ଇନଫେକସନ ପ୍ରତିଶେଧ କରିବାରେ ସାହାର୍ଯ୍ୟ କରେ କିମ୍ବା ମିଳିମିଳା ଭୟାବହତା କମ କରେ।
- ଇମ୍ୟୁନୋପ୍ରୋଟିନ ଇମ୍ୟୁନୋଗ୍ଲୋବୁଲିନ - ଏକ ଡ଼ୋଜ ମିଳିମିଳା ହେବାର ୬ଦିନ ଭିତରେ ଦିଆଯାଏ।
- ଭିଟାମିନ ଏ ସପ୍ଲିମେଣ୍ଟସ - ୨ ଡ଼ୋଜ ୨୪ ଘଣ୍ଟା ଅନ୍ତରରେ ଦିଆଯାଏ।
- ଆଣ୍ଟିବାଇଓଟିକସ - ବ୍ୟାକ୍ଟେରିଆର ଇନଫେକସନକୁ ମାରେ।
- ଅନ୍ୟାନ୍ୟ ଅସୁବିଧା ଅନୁସାରେ ଚିକିତ୍ସା ।

ଯଦି କୌଣସି ପିଲା ବା ଲୋକର ଅତ୍ୟଧିକ ଜ୍ୱର ହୁଏ, ନାକରୁ ପାଣି ବାହାରେ, ଛିଙ୍କ ହୁଏ, ଶୁଖିଲା କାଶ ହୁଏ, ଆଖି ଲାଲ ହୋଇ ଆଖିରୁ ପାଣି ବାହାରେ, ପାଟିରେ ଧଳାଚିହ୍ନ ଚାରିପଟେ ଲାଲଚିହ୍ନ ହୁଏ, ତଣ୍ଟି ଦରଜ ହୁଏ, ଚର୍ମରେ ଲାଲରଙ୍ଗର ଚିହ୍ନ ଦେଖାଯାଏ, ଦେହ ବିନ୍ଧାହୁଏ ତେବେ ଶୀଘ୍ର ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରିବା ଉଚିତ। ଠାକୁରାଣୀ ବାହାରିଛି ଭାବି ଅନ୍ଧବିଶ୍ୱାସରେ ବିଶ୍ୱାସ କରିବା ଉଚିତ ନୁହେଁ। ଯୁଗ ବଦଳିଛି। ନହେଲେ ଜୀବନ ପ୍ରତି ବିପଦ ଆସିପାରେ।

ପୂର୍ବତନ ମୁଖ୍ୟଜିଲ୍ଲା ଚିକିତ୍ସା ଅଧିକାରୀ
ଖୋରଧା। ଦୂରଭାଷ-୯୪୩୭୧୦୭୬୧୩

# ଆମରିସତ୍ୟ



ହେମଲତା ସାହୁ

ସତ୍ୟ କଥା ପାଇଁ ଭୟ କରିବାର
କୌଣସି କାରଣନାହିଁ।
ଘନ କୁହୁଡ଼ିରେ ଆଚ୍ଛାଦିତ
ଏକାକୀ ପଣର ସ୍ୱଚ୍ଛତା।
ଏଇ ଦେଖ - ଆଉ ଟିକେ ପରେ
ଅରୁଣ ଉଦୟର ସ୍ୱର୍ଣ୍ଣିମ କିରଣରେ
ଅପସରିଯିବ।
ମନକୁ ନୀଳ ସମୁଦ୍ରର ଗଭୀରତା ଭରି
ଶାନ୍ତ କରିଦିଅ।
ଭାବନାକୁ ବିଛାଇଦିଅ
ଅସୀମ ଆକାଶପରି।


ଦେଖିବ -
ଏକାକୀ ପଣର ଶୂନ୍ୟତା କିପରି
ଆନନ୍ଦମୟ ଏକତାର ସ୍ୱରରେ ପରିବର୍ତ୍ତିତ ହୋଇ
ଦିବ୍ୟ-ସଂଗୀତ ମୂର୍ଚ୍ଛନାରେ ବିଲୀନ ହୋଇଯାଉଛି
ସମସ୍ତ ଅବସାଦ, ନିରାଶା ଓ ଖାଲିପଣ।

ଆତ୍ମୀୟତାର ଅଭାବ ଦୂରହୋଇ
ଏକ ପରିପୂର୍ଣ୍ଣତା ପ୍ରଦାନ କରୁଛି।
ଉଦ୍‌ବେଳିତ ମନ ଓ ଭାବନାର ସମସ୍ତ ଚିନ୍ତନ
ଏବେ ଶାନ୍ତ ସମୁଦ୍ରରେ ସମାଧି ନେଉଛି।
ଦରକାର ହେବନାହିଁ ମୋବାଇଲ୍‌ରେ ଚାଟିଂଗ୍,ହ୍ୱାଟସ୍‌ଆପ୍,
ଫେସ୍‌ବୁକ୍‌ରେ ମେସେଜ ସବୁ
ଥରେ ଯଦି ଏକାକୀ ପଣକୁ ଏକାଂତରେ
ନୈସର୍ଗିକ ଅଂତରରେ ରୂପାନ୍ତରିତ କରିହେବ।
ଜୀବନ ସୁନ୍ଦର, ଜୀବନ୍ତ ଓ ସୁଖମୟ ହୋଇଉଠିବ।

ଜଟଣୀ, ଖୋରଧା

କ୍ଷୁଦ୍ର ଗଳ୍ପ

# ମୋର ପରିବାର ଆପଣଙ୍କୁ ଲାଗିଲା



ଡ.ପ୍ରମୋଦ ଚନ୍ଦ୍ର ଦାଶ

କ୍ଷୀରୋଦ ବାବୁଙ୍କ ଡ୍ରାଇଭର ଏଲା। ସବୁଦିନ ସେ ଠିକ୍ ସମୟରେ ନିଜର କର୍ତ୍ତବ୍ୟ ସଂପାଦନ କରିଥାଏ। ସେତେବେଳେ ତାର ବୟସ ପ୍ରାୟ ୨୧ ବର୍ଷ। ଉକ୍ତ ବୟସରେ ତା'ର କେହି ଖରାପ ସାଙ୍ଗ ନଥିଲେ। ବନ୍ଧୁସଂଗରୁ ସେ ଖରାପରାସ୍ତାକୁ ଯାଇପାରିଲା ନାହିଁ। କ୍ଷୀରୋଦ ବାବୁ କଲେଜର ଅଧ୍ୟକ୍ଷ। ପ୍ରାୟ ପ୍ରତିଦିନ ଅଧ୍ୟକ୍ଷ ମହୋଦୟ କଲେଜ ଆସନ୍ତି। ନିଜର ପୁଅଭଳି ଅଧ୍ୟକ୍ଷ ମହୋଦୟ ତାକୁ ବ୍ୟବହାର କରନ୍ତି। କେବେବି ଡ୍ରାଇଭର ବୋଲି ସମ୍ବୋଧନ କରନ୍ତିନି। ତାକୁ 'ଏଲା'ବୋଲି ଡାକନ୍ତି। ତାହାର ଆଚରଣ ବ୍ୟବହାର ଏତେ ସୁନ୍ଦର ଯେ ତାକୁ କଲେଜରେ ସମସ୍ତେ ଭଲପାଆନ୍ତି। ଯେତେବେଳେ କାହାର କିଛି ଆବଶ୍ୟକତା ଅଛି ଏଲା ଆସିଥାଏ ସାହାଯ୍ୟ କରିବାକୁ। ଅଧ୍ୟକ୍ଷଙ୍କର ବଂଧୁବାଂଧବଙ୍କଠାରୁ ଆରମ୍ଭ କରି ଅଧ୍ୟକ୍ଷଙ୍କର ସଂପର୍କୀୟମାନେ ବି ଏଲାକୁ ଭଲ ପାଆନ୍ତି। ନିଜର ଘରଲୋକଙ୍କ ପରି ଏଲା ସମସ୍ତଙ୍କୁ ବ୍ୟବହାର କରିଥାଏ। କାହାର ଡ୍ରାଇଭର ଲୋଡ଼ା ବା ଗାଡ଼ିର ଆବଶ୍ୟକତା ଅଛି ସମସ୍ତେ ଏଲାର ସାହାଯ୍ୟ ନିଅନ୍ତି।

ଏମିତି କିଛିଦିନ ଗଲା। ଏଲାର ବାହାଘର ହେଲା। ପୁଅଝିଅ ହେଲେ। ଘରସଂସାର ଭଲରେ ଚାଲିଲା। ସାନଭାଇର ବାହାଘର ହେଲା। ନିଜର ଶଳାର ବି ବାହାଘର ହେଲା। ବଡ଼ ହସଖୁସିରେ ସଂସାର ଚାଲିଲା। ସୁଖରେ ସମସ୍ତେ ଥାଆନ୍ତି। ନିଜ ନିଜ କାମ କରିବାରେ ସମସ୍ତେ ବ୍ୟସ୍ତ। ମନୋମାଳିନ୍ୟବି ନଥାଏ। ମିଳିମିଶି କାମ କରନ୍ତି।

ଆମେ ସମସ୍ତେ ପରିସ୍ଥିତିର ଦାସ। ସମୟର ଚକ୍ରରେ ସମସ୍ତେ ପଡ଼ିଥାଉ। ସୁଖ ଥାଏ। ଦୁଃଖବି ଥାଏ। ଏହା ସମସ୍ତଙ୍କର ଚିରସାଥି। ସୁଖ ପରେବି ଦୁଃଖ ଆସିଥାଏ। ତାହା ଘଟିଲା ଏଲା କ୍ଷେତ୍ରରେ। ତାର କିଡ଼ିନ୍ ଖରାପ ହେଲା। ରୋଜଗାର ସୀମିତ। ଡାଇଲିସସ୍ କରିବାକୁ ଅର୍ଥବାଧକ ହେଲା। ତାର ପିତୃତୁଲ୍ୟ ଅଧ୍ୟକ୍ଷ ମହୋଦୟ ତା'ର ସମସ୍ତ ଦାୟିତ୍ୱ ନେଲେ। ତାର ସମସ୍ତ ଖର୍ଚ୍ଚ ସେ ବହନ କଲେ। ଅଧ୍ୟକ୍ଷଙ୍କ ପୁଅ ଏବଂ ବୋହୂ ଉଭୟେ ଡାକ୍ତର। ସେ ଏହାର ସମସ୍ତ ଖର୍ଚ୍ଚ ବହନ କରିବାକୁ ଆଗଭର ହେଲେ। କଲେବି। ନିଜର ସାନଭାଇ କିଡ଼୍‌ନି ଦେଲା। କିଡ଼୍‌ନି ପ୍ରତିରୋପଣ କରାଯିବା ପରେ ଏଲା ପୁଣି ସକ୍ରିୟ ହେଲା। ନିତିଦିନ ଯେପରି କାମ କରୁଥିଲା ସେପରି କରିଲା। ଖାଦ୍ୟପେୟରେ ବି ନିୟନ୍ତ୍ରଣ ରଖିଲା। ପୁଣି ଘରେ ସୁଖ ଫେରିଲା।

...... ଏମିତି କିଛିଦିନ କଟିଲା। ପୁଅଝିଅ ତାର ବଡ଼ ହୋଇଗଲେ। ସେମାନଙ୍କୁ ଦେଖି ଦେଖି ସେ ବେଳେବେଳେ ଭାବେ ମୁଁ କେତେ ଦିନ ଆଉ ବଂଚିବି? ଏମାନଙ୍କୁ ସୁଖ ଦେଇପାରିବି କି? ଏମାନଙ୍କ ସୁଖ ଦେଖିବାକୁ ମୋର ସମୟ ଅଛି ତ! ଏମିତି ଭାବନା ମଧ୍ୟରେ ୧୦ବର୍ଷ କଟିଗଲାଣି। ମଝିରେ ମଝିରେ କହେ..... ମୋ ସାଙ୍ଗରେ ଯେଉଁମାନେ କିଡ଼୍‌ନି ପ୍ରତିରୋପଣ କରିଥିଲେ ଦିଲ୍ଲୀରେ ସେମାନେ ସମସ୍ତେ ୬ବର୍ଷ ଭିତରେ ମରିଗଲେଣି। ମୁଁ ଖବର ପାଉଛି..... କଳାହାଣ୍ଡିର ସୁରେଶ, ଭଦ୍ରକର ଅଭିମନ୍ୟୁ, ବାଲେଶ୍ୱର ସୁବ୍ରତ ଏବଂ ପୁରୀର ସୁପ୍ରିୟା, ଏମିତି ଅନେକ। ମୁଁ ଆଉ କେତେଦିନ ବଂଚିବି? ଏମିତି ବେଳେବେଳେ ସେ କହି ମନଦୁଃଖ କରୁଥାଏ। ତା'ର ମନକୁ ପାପ ଛୁଉଁଥାଏ।

ଜାନୁଆରୀ ୨୦ରେ ହଠାତ୍ ଦେହ ଅସୁସ୍ଥ ହେଲା। ମନରେ ଭୟ ଆସିଲା। କଟକ ବଡ଼ ଡାକ୍ତରଖାନରେ ଭର୍ତ୍ତି ହେଲା। ପୁଣି ପରୀକ୍ଷା ନିରୀକ୍ଷା ଆରମ୍ଭ ହେଲା। ଜଣାଗଲା ପ୍ରତିରୋପଣ ହୋଇଥିବା କିଡ଼୍‌ନି ସଂକ୍ରମଣ ହୋଇ ନଷ୍ଟ ହୋଇଯାଇଛି। ସଂକ୍ରମଣ ଶରୀରକୁ ବ୍ୟାପିଗଲାଣି। ସଂକ୍ରମଣ କିଡ଼୍‌ନିଟି କାଢ଼ିଦିଆଗଲା। ଦେହରେ ପାଣି ଜମିଥାଏ। ପାଣି ବାହାର କରିଦିଆଗଲା। ଡାକ୍ତରଙ୍କୁ ଅନୁରୋଧ କଲା, "ସାର୍ ମୋତେ ଛାଡ଼ିଦିଅନ୍ତୁ, ମୁଁ ମରିଯିବି।" ମୋର ଘରେ ପିଲାଛୁଆଙ୍କ ପାଖରେ ମରିବି। ଡାକ୍ତରଙ୍କୁ କାନ୍ଦି କାନ୍ଦି କହିଲା ବାରମ୍ବାର। ତେଣୁ ତା'ର ଅନୁରୋଧ ଓ ସ୍ୱାସ୍ଥ୍ୟର ଅବନତି ଜାଣି ଡାକ୍ତର ତାକୁ ଘରକୁ ଛାଡ଼ିଦେଲେ। ଘରେ ପୁଣି ଅବସ୍ଥା ଖରାପ ହେଲା। ଭୁବନେଶ୍ୱରର କିମ୍ସ୍ ହସ୍‌ପଟାଲରେ ତାକୁ ଭର୍ତ୍ତି କରାଗଲା। ଦିନେ ଦୁଇଦିନ ରହିଲା ପରେ ପୁଣି ଅବସ୍ଥା ଅତି ଗୁରୁତର ହେଲା। ଖାଦ୍ୟ ଖାଇଲା ପରେ ସବୁ ବାନ୍ତି ହେଲା। ଏପରି ଅବସ୍ଥାରେ ସେ ନିଜର ଭାଇ ସହ କଥା ହେଉଥିଲା। ରାତି ୩ଟା ସମୟରେ ଅବସ୍ଥା ଗୁରୁତର ହୋଇଗଲା। କିଛି ସଂପର୍କୀୟ ଏବଂ ତାର ସମସ୍ତ ଦାୟିତ୍ୱ ନେଉଥିବା କ୍ଷୀରୋଦବାବୁଙ୍କ ପରିବାର ଲୋକ ହସ୍‌ପିଟାଲରେ ପହଞ୍ଚିଲେ। ସମସ୍ତଙ୍କୁ ଦେଖି ତା'ର ଆଖିରେ ଲୁହ ଭରିଗଲା। ସମସ୍ତଙ୍କୁ ଦେଖି ଏତିକି କହିଲା "ମୋର ପରିବାର ଆପଣଙ୍କୁ ଲାଗିଲା।" ଭେଣ୍ଟିଲେଟରକୁ ଗଲା। ସକାଳ ୮ ଘଟିକାରେ ତାର ଦେହାନ୍ତ ଘଟିଲା। ଏବେ ବି ତାର ସେଇ ଗୋଟିଏ କଥା "ମୋ ପରିବାର ଆପଣଙ୍କୁ ଲାଗିଲା"। "ମରିଯିବାର ଭୟ" କୁ ଭାବିଲାବେଳକୁ ମନେପଡ଼େ -

କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ
କି ଘେନି ଯିବୁ ତୋର ଛୁଟିରେ ଘଟରେ।

ଆଉ ମନେପଡ଼େ କ୍ଷୀରୋଦବାବୁଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ବଦାନ୍ୟତା ଏବଂ ସାହାଯ୍ୟ କରିବାର ମନୋବୃତ୍ତି। ଦେହାନ୍ତ ପରେ ବି କ୍ଷୀରୋଦବାବୁଙ୍କର ପରିବାର ତା'ର ପୁଅ ଏବଂ ଝିଅର ଭବିଷ୍ୟତ ପାଇଁ ଚିନ୍ତା କରୁଛନ୍ତି। ବିକମ୍ ପଢୁଥିବା ପିଲାଟି ନିଶ୍ଚିତଭାବରେ ଏମ୍.ବି.ଏ ପଢ଼ିବ ଏବଂ ଭଲ ଚାକିରୀ କରିବ ଏହା ବିଶ୍ୱାସ କରନ୍ତି ସମସ୍ତେ। ସମ୍ପର୍କର ସେତୁ କେବଳ ରକ୍ତ ସମ୍ପର୍କରେ ବାନ୍ଧି ହୁଏନା ବାନ୍ଧି ହୁଏ ବ୍ୟବହାର ଏବଂ ଆଚରଣ ବ୍ୟବହାରଦ୍ୱାରା। ଯାହା ଏଲାର ଦେହାନ୍ତ ପରେ ସମସ୍ତେ କୁହାକୁହି ହୁଅନ୍ତି।

ଦୂରଭାଷ-୯୪୩୭୨୮୧୬୫୫

# ତୀର୍ଥସ୍ଥାନ କୋଣାର୍କ



**ଜବାହରଲାଲ ସୁବୁଦ୍ଧି**

କୋଣାର୍କ ପୁରୀ ଜିଲ୍ଲାରେ ପୁରୀ ସହରର ଉତ୍ତର ପୂର୍ବ ଦିଗରେ ସମୁଦ୍ରକୂଳରେ କୋଣାର୍କ ଅବସ୍ଥିତ। କୋଣାର୍କରେ ସୂର୍ଯ୍ୟମନ୍ଦିର ବା କୋଣାର୍କ ମନ୍ଦିର ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରେ ନିଆଯାଇଥାଏ। କୋଣାର୍କ ମନ୍ଦିର ପ୍ରସ୍ତରରେ ଓଡ଼ିଆ ପ୍ରସ୍ତର ଶିଳ୍ପୀଙ୍କଦ୍ୱାରା ଖୋଦିତ ସୁନ୍ଦର ସୁନ୍ଦର ମନମୁଗ୍ଧକର ମୂର୍ତ୍ତୀ ଦର୍ଶକଙ୍କ ମନକୁହରଣ କରିନିଏ। ଏଥିରେ ବାରଶହ ଶିଳ୍ପୀ ଷୋଳବର୍ଷ କାଳ ଦିବାରାତ୍ର ଲାଗି ମନ୍ଦିର ନିର୍ମାଣ କରିଥିଲେ। ଆଗ୍ରାର ତାଜମହଲ ଯେପରି ଦେଶବିଦେଶର ପର୍ଯ୍ୟଟକମାନଙ୍କର ଆକର୍ଷଣ ବିନ୍ଦୁ ପାଲଟିଛି ଠିକ୍ ଅନୁରୂପ କୋଣାର୍କର ସୂର୍ଯ୍ୟମନ୍ଦିର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରେ। ଓଡ଼ିଶାର ଟେକ ରକ୍ଷା କରେ। ଚିଲିକାହ୍ରଦକୁ ଦେଖି ରାଧାନାଥ ରାୟ ଯେପରି କବିତା ଲେଖିଥିଲେ- "ସୁନ୍ଦର ତୃପ୍ତିର ଅବସାଦ ନାହିଁ
ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।"

ଠିକ୍ ଇଂରାଜୀ କବିତାରେ ଲେଖାଯାଇଛି - "A think of beauty is joy for ever."। ଅନୁରୂପ କୋଣାର୍କ ମନ୍ଦିରକୁ ପର୍ଯ୍ୟଟକ ବା ଦର୍ଶକ ଯେତେ ଦେଖିଲେ ମଧ୍ୟ ମନମେଣ୍ଟେନା ପୁଣି ପରବର୍ତ୍ତୀ ଅବସ୍ଥାରେ ଦେଖିବା ପାଇଁ ମନ ଉହଳବିକଳ ହୁଏ, ଯେପରି ଚନ୍ଦ୍ର, ସୂର୍ଯ୍ୟ, ଗୋଲାପ ଫୁଲ, ଚିଲିକା ହ୍ରଦ, ପାହାଡ଼, ସମୁଦ୍ର, ପର୍ବତ ତଥା ପ୍ରକୃତିର ପ୍ରତ୍ୟେକଟି ଦୃଶ୍ୟକୁ ମନୁଷ୍ୟ ଯେତେ ଦେଖିଲେ ମଧ୍ୟ ପୁଣି ଦେଖିବା ପାଇଁ ଇଚ୍ଛା ହୁଏ।

ପୁରାକାଳରେ ମହର୍ଷି ମୈତ୍ରେୟ ନିଜର ତପସ୍ୟାବଳରେ ଏ କ୍ଷେତ୍ରର ଉତ୍ପତ୍ତି ବିଧାନ କରିଥିବାରୁ ଏହାର ନାମ ମୈତ୍ରେୟବନ ଥିଲା। ତତ୍‌ପର ସୂର୍ଯ୍ୟନାରାୟଣଙ୍କର ଭିନ୍ନ ଭିନ୍ନ ନାମାନୁସାରେ ଏହା ରବିକ୍ଷେତ୍ର, ଅର୍କକ୍ଷେତ୍ର ଓ ସୂର୍ଯ୍ୟକ୍ଷେତ୍ର ନାମମାନ ଧାରଣ କଲା। କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ରାମଚଣ୍ଡୀ କୋଣାର୍କ ମନ୍ଦିରର ଦକ୍ଷିଣ ପଶ୍ଚିମକୋଣରେ ଏକ କ୍ଷୁଦ୍ର ମନୋହର କାରୁକାର୍ଯ୍ୟ ବିଶିଷ୍ଟ ମନ୍ଦିର ମଧ୍ୟରେ ପ୍ରତିଷ୍ଠିତ ଥିଲେ। ମନ୍ଦିର ଭାଙ୍ଗିଯିବାରୁ ଦେବୀ ସ୍ଥାନାନ୍ତରିତ ହୋଇ ବର୍ତ୍ତମାନ ଲିଆଖିଆ ନଦୀମୁହାଁଣ ନିକଟରେ ଅଛନ୍ତି (ମଦନମୋହନ ତୀର୍ଥଦର୍ଶନ) ।

ଲାଙ୍ଗୁଳା ନରସିଂହ ଦେବଙ୍କ ରାଜତ୍ୱର ଦ୍ୱିତୀୟବର୍ଷ ଅର୍ଥାତ ୧୨୨୫ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୬ ବର୍ଷରେ ଅର୍ଥାତ ୧୨୪୦ ଖ୍ରୀଷ୍ଟାବ୍ଦରେ ଶେଷ ହୋଇଥିଲା। ଏଥରେ ବାରଶହ ଶିଳ୍ପୀ ଷୋଳବର୍ଷକାଳ ଲାଗିଥିଲେ। ମନ୍ଦିର ନିର୍ମାଣରେ ଉତ୍କଳର ବାରବର୍ଷର ରାଜସ୍ୱ ଅନ୍ୟୁନ ଋଳିଶକୋଟି ଟଙ୍କା ବ୍ୟୟ କରାଯାଇଥିବାର ଅନୁମତି ହୁଏ। ସମଗ୍ର ଭାରତରେ ଏହା ଉଚ୍ଚତମ ମନ୍ଦିରଥିଲା। ଏହି ବଡ଼ଦେଉଳର ଉଚ୍ଚତା ୨୩୦ଫୁଟ ଏବଂ ମୁଖଶାଳା ୧୫୦ଫୁଟ ଥିଲା। ମନ୍ଦିରର କାରୁକାର୍ଯ୍ୟ ମନୋମୁଗ୍ଧକର (କୃପାସିନ୍ଧୁ - ଉତ୍କଳର ଇତିହାସ) ।

କୋଣାର୍କ ମନ୍ଦିରର ବିକାଶପାଇଁ ରାଜ୍ୟ ଓ କେନ୍ଦ୍ରସରକାର ଚେଷ୍ଟା ଅବ୍ୟାହତ ରଖିଛନ୍ତି। ସରକାରଙ୍କ ସହିତ ପ୍ରତ୍ୟେକ ଓଡ଼ିଶାବାସୀ ଓ ଭାରତବାସୀ ନିଜ ନିଜର ସାଧ୍ୟମତେ ସେତୁବନ୍ଧରେ ଗୁଣ୍ଡୁଚିମୂଷାର ସାହାଯ୍ୟପରି ସାହାଯ୍ୟ, ସହଯୋଗ ଓ ସଦିଚ୍ଛା ରଖିବା ଆବଶ୍ୟକ। ବୈଜ୍ଞାନିକମାନେ ମଧ୍ୟ ସେମାନଙ୍କ ପରାମର୍ଶ ଦେଇ ଏହାକୁ ସୁରକ୍ଷିତ ରଖନ୍ତୁ। କୋଣାର୍କର ସୂର୍ଯ୍ୟମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ତଥା ଅନ୍ୟାନ୍ୟ ମନ୍ଦିରର ସୁରକ୍ଷା ଆମ ସମସ୍ତଙ୍କର ଧ୍ୟେୟ ହେଉ। ଭାରତର ଐତିହ୍ୟ ଓ ସଂସ୍କୃତି ମହାନ ଏବଂ କୋଣାର୍କ ହିନ୍ଦୁମାନଙ୍କର ତୀର୍ଥ ବିଶେଷ ।

ବଡ଼ତୋଟା, ଜଟଣୀ
ଦୂରଭାଷ-୯୪୩୮୩୫୨୩୭୬

# ମନର କୋହ



**ଶ୍ରୀ ଶିବସୁନ୍ଦର ପଟ୍ଟନାୟକ**

ଜୀବନରେ ଯେତେ ବିଫଳତା ଲାଗି
ମୋ ମନର ସବୁ କୋହ।
ତୁମେ କି ଜାଣନା ପ୍ରଭୁ ଜଗନ୍ନାଥ !
କିପରି ବଞ୍ଚିବି କହ । ॥୧॥
କାହିଁକି ଗଢ଼ିଛ ମଣିଷ କରି ହେ
ମନେ ଚିନ୍ତା ଦେଇଅଛ,
ସବୁବେଳେ ଭାବି ନିରାଶା ହେଉଛି
ସତେକି ସବୁଠୁ ତୁଚ୍ଛ । ॥୨॥
ମନର ହରିଣୀ ଧରିତ ପାରିନି
ଧରିତ ପାରିବି ନାହିଁ,
ମୋ ମନରୁ ଆଜି କାମନା ବାସନା
ତୁଟାଇ ଦେଉନ କାହିଁ । ॥୩॥
କିଛି ରହିଁବିନି ସଂସାର ଲାଳସା
ଅହୈତୁକୀ ପ୍ରୀତି ହେବ,
କାମନା ବିନାଶେ ଲକ୍ଷ୍ୟ ମୋର ହେବ
ପ୍ରେମ ପୂଣ୍ୟ ସେବା ତବ । ॥୪॥
ହେ ଜଗନ୍ନାଥ !!!

**ସଭାପତି ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ**
**କନକ ମୃଗ କାରାଗାର ପଥ, ଖୋର୍ଦ୍ଧା**
**ମୋ - ୯୪୩୭୪୨୧୮୦୪**

# ଓଡ଼ିଆ ଏବଂ ତେଲୁଗୁ ସାହିତ୍ୟରେ ମିଥ୍ ଉପନ୍ୟାସର ପରମ୍ପରା

ଗାୟତ୍ରୀ ଦେବୀ ପାଲମାଲ

ସଂପ୍ରତି ଉପନ୍ୟାସ କ୍ଷେତ୍ରରେ ମିଥ୍ ଏକ ନୂତନ ଧାରାର ସଚେତନ ଉଦ୍ଭାବନକୁ ଅବ୍ୟାହିତ ରଖିଛି। ଯେଉଁଥିରେକି ଭାରତୀୟ ସଂସ୍କୃତିର ନବ ପ୍ରତିରୂପ ଉଦ୍ଭାବନ କରିବାରେ ମିଥ୍ ଉପନ୍ୟାସ ନିଜର ପରାକାଷ୍ଠାକୁ ଦେଖାଇଛି। ତତ୍‌ସହ ଭାଷା, ସଂସ୍କୃତି, ଅଞ୍ଚଳର ବିଭିନ୍ନ ମଧ୍ୟରେ ସମଭାବ ପ୍ରବୃତ୍ତି ଉପନ୍ୟାସର ଭାବବୈଚିତ୍ର୍ୟରେ ଆଜି ଚର୍ଚ୍ଚିତ ହୋଇଚାଲିଛି। ଯଦ୍ଦ୍ୱାରା ସାହିତ୍ୟକାଙ୍କ ଦୃଷ୍ଟିକୋଣ ପ୍ରୟାସ ଅନୁସାରେ ମନୋଭଙ୍ଗୀର ଆଧୁନିକ ଅନୁଶୀଳନରେ ମିଥ୍ ଉପନ୍ୟାସ ଅଧିକ ପରିପୁଷ୍ଟ ହେବା ସହିତ ଇତିହାସ ଓ ପୁରାଣ ନୂଆ ପ୍ରତ୍ୟାଶାରେ ଉଦ୍‌ଜୀବିତ ହେଉଅଛି। ତେଣୁ ଏଭଳି ଉପନ୍ୟାସଗୁଡ଼ିକ ନୂଆ ରୂପକଳ୍ପରେ ଦଣ୍ଡାୟମାନ ହୁଅନ୍ତି। ଆଧୁନିକତାର ପରିପ୍ରେକ୍ଷୀରେ ମୂଳ ମିଥ୍ ଚରିତ୍ର ନୂଆଭାବେ ଅନୁସନ୍ଧାନ କରିବାର ଅନ୍ୱେଷାରୁ ପରବର୍ତ୍ତୀକାଳରେ ଅନେକ ମିଥ୍‌ଧର୍ମୀ ଉପନ୍ୟାସ ରଚିତ ହୋଇଛି। ତେବେ ଓଡ଼ିଆ ଓ ତେଲୁଗୁ ଭାଷାସାହିତ୍ୟରେ ଏଭଳି ଉପନ୍ୟାସଗୁଡ଼ିକ ଏକ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀରେ ପରିଚିତ ହୁଅନ୍ତି। କାରଣ ମିଥ୍ ଉପନ୍ୟାସରେ କଥାକାର କେବଳ ପୁରାଣ ଉପନ୍ୟାସର ବିଷୟ ବା ଭାବ ଭାବେ ଗ୍ରହଣ କରି ପରିକଳ୍ପନା କରେ ନୂଆ ଏକ ସୃଷ୍ଟିର। ଯେଉଁଥିରେକି ପୁରାଣର ସେଇ ଭାବ ଓ ବିଷୟ ଓ ଚରିତ୍ର ମୂଳପୁରାଣର ନକଲ ଭାବେ ଆସନ୍ତିନାହିଁ। ସେମାନେ ମନୋବୈଜ୍ଞାନିକ ଭାବବୋଧକୁ ଭିତ୍ତିକରି କଥାର ଭୂମି ଉପରେ ଚିତ୍ରିତ ହୁଅନ୍ତ ନୂତନ ରୂପରେ। ତଦ୍ଦ୍ୱାରା ମିଥ୍ ଉପନ୍ୟାସ ଆଧୁନିକ ସ୍ରଷ୍ଟାସ୍ପର୍ଶରେ ନିଜକୁ ନୂଆ ଢଙ୍ଗରେ ତଉଳିଛି ସମୟର ସ୍ୱରରେ।

ପୁରାଣର ମିଥ୍ ଚରିତ୍ର ଆଧୁନିକ ମଣିଷ ଭାବରେ ମିଥ୍ ଉପନ୍ୟାସରେ ଆବିର୍ଭାବ ହୋଇ ବର୍ତ୍ତମାନ ପର୍ଯ୍ୟନ୍ତ ପାଲଟିଯାଇଛି ଏକ। ଯଦ୍ଦ୍ୱାରା ମିଥ୍ ଉପନ୍ୟାସରେ ମିଥ୍ ଚରିତ୍ର ପ୍ରକାଶି ପାରୁଛି ମନଗହୀରର କଥାକୁ, ଅବହେଳିତ ଜୀବନକୁ ଓ ଭୋଗିଥିବା ମାନସିକ ପୀଡ଼ନକୁ। ଅବଶ୍ୟ ସ୍ୱୀକାର କରାଯାଏ , ମିଥ୍ ଉପନ୍ୟାସରେ ପୌରାଣିକ ବ୍ୟକ୍ତିତ୍ୱ ସେତେଟା ଗୁରୁତ୍ୱ ନପାଇ ଭିନ୍ନ ଏକ ଅବିକ୍ତିତ୍ୱର ଗୁରୁତ୍ୱ ଆଧାରରେ ଉପଲବ୍ଧି ହୁଅନ୍ତି। ଏହି ନୂତନ ବ୍ୟକ୍ତିତ୍ୱର ଅନ୍ୱେଷଣଦ୍ୱାରା ଆଧୁନିକ କାଳରେ ମିଥ୍ ଉପନ୍ୟାସର ପରମ୍ପରା ନବ ନିର୍ମାଣରେ ସହାୟକ ହୋଇପାରୁଛି। ଫଳତଃ ଭାଷା-ଭାଷା, ସଂସ୍କୃତି-ସଂସ୍କୃତି, ଅଞ୍ଚଳ-ଅଞ୍ଚଳର ବୈଷମ ସତ୍ତ୍ୱେ ମିଥ୍ ଉପନ୍ୟାସ ନବନିର୍ମିତ ହୋଇଛି ଏବଂ ସଂପ୍ରତି ହେଉଅଛି ମଧ୍ୟ। ସ୍ରଷ୍ଟା ଭାଷିକ, ସାଂସ୍କୃତିକ ଓ ଆଞ୍ଚଳିକ ଦୃଷ୍ଟିକୋଣରୁ ଓଡ଼ିଆ ଏବଂ ତେଲୁଗୁ ମିଥ୍ ଉପନ୍ୟାସକୁ ଗୁରୁତ୍ୱ ଦେଇ ସାଉଁଟି ଦେଇଛନ୍ତି ନବଚିନ୍ତନକୁ।

ବିଶେଷତଃ ଓଡ଼ିଆ ଏବଂ ତେଲୁଗୁ ସାହିତ୍ୟର ମିଥ୍ ଉପନ୍ୟାସ ପରମ୍ପରାରେ ନାରୀବାଦୀ ଦୃଷ୍ଟି ବା "ଫେମିନିଷ୍ଟ ଭ୍ୟୁ,ମନୋବୈଜ୍ଞାନିକ ତତ୍ତ୍ୱ ବା "ସାଇକୋଆନାଲିସିସ୍", "ଦଳିତ ବିମର୍ଶ"ଭଳି ପ୍ରସଙ୍ଗର ବେଶ୍ ଉଲ୍ଲେଖଯୋଗ୍ୟ ଅବଦାନ ରହିଛି। ଓଡ଼ିଆ କିମ୍ବା ତେଲୁଗୁ କଥାକାର ହୁଅନ୍ତୁ ଉପନ୍ୟାସଭୂମିକୁ ପୂରାପୂରି ନୂଆ ଭାବେ ଗଢ଼ିତୋଳିବାଦ୍ୱାରା ମିଥ୍ ଉପନ୍ୟାସର ପରମ୍ପରା ଅତ୍ୟନ୍ତ ପ୍ରଭାବଶାଳୀ ହୋଇ ପ୍ରମୁଖତା ଲାଭ କରିଛି। ଏ ସମସ୍ତ ପ୍ରସଙ୍ଗକୁ ମୋଡ଼ି ଓଡ଼ିଆ ତେଲୁଗୁ ଭାଷାର ମିଥ୍ ଉପନ୍ୟାସଧାରାକୁ ଅନୁଶୀଳନ କରାଗଲେ, ଓଡ଼ିଆ ଉପନ୍ୟାସ ସାହିତ୍ୟରେ ପ୍ରଧାନତଃ ଉଣେଇଶ ଅଶୀ (୧୯୮୦) କାଳରୁ ଏହାକୁ ଲକ୍ଷ୍ୟ କରିପାରିବା। ୧୯୮୦ ପରବର୍ତ୍ତୀଠାରୁ ଓଡ଼ିଆ କଥାଶିଳ୍ପୀମାନେ ସଚେତନତାର ଏହି ପୌରାଣିକ ମିଥ୍‌କୁ ପ୍ରାଧାନ୍ୟ ଦେଇଉପନ୍ୟାସକୁ ରଚିତ କରିଥିବା ଜଣାଯାଏ। ଏଠାରେ ସେଗୁଡ଼ିକର ନାମୋଲ୍ଲେଖ କରାଯାଇପାରେ। ଯଥା; କାହ୍ନୁଚରଣ ମହାନ୍ତିଙ୍କ "ସତ୍ୟବତୀ"(୧୯୮୦), ଜଗନ୍ନାଥ ମଲ୍ଲିକଙ୍କ "କୈବର୍ତ୍ତ କନ୍ୟା"(୧୯୮୨), "ଜରାସନ୍ଧ"(୯୧୮୨), ନକୁଳ ଚନ୍ଦ୍ର ସାହୁଙ୍କ "ନିର୍ବିଂଶ ରାବଣର ନୃତତ୍ତ୍ୱ" (୧୯୮୨), ପ୍ରତିଭାରାୟଙ୍କ "ଯାଜ୍ଞସେନୀ" (୧୯୮୫), "ମହାମୋହ"(୧୯୯୧), ସୁକାମିନୀ ନନ୍ଦଙ୍କ "ରାଇବିନୋଦିନୀ"(୧୯୮୭), ରୋଜାଲି ନନ୍ଦଙ୍କ "କର୍ଣ୍ଣ"(୧୯୮୮), "ଉର୍ମିଳା"(୧୯୯୦), ମହାପାତ୍ର ଯତିନ୍ଦ୍ର କୁମାରଙ୍କ "ରାଧା", "ରୁକ୍ମିଣୀ", "ଚନ୍ଦ୍ରାବଳୀ"(୧୯୯୪), ସୁରେନ୍ଦ୍ରନାଥ ଶତପଥୀଙ୍କ "ମନ୍ଥରା"(୧୯୯୪), "ଶର୍ମିଷ୍ଠା" (୨୦୦୦), "କର୍ଣ୍ଣ" (୨୦୦୧), "ଯୋଜନଗନ୍ଧା" (୨୦୦୨), "କୁନ୍ତୀ"(୨୦୦୩), "କୃଷ୍ଣ"(୨୦୦୪), "ରାବଣ"(୨୦୦୫), ରବି ନାୟକଙ୍କ "ଦେବକୀନନ୍ଦନ" (୧୯୯୭), ଅନାଦି ସାହୁଙ୍କ "ଜରାସନ୍ଧ"(୧୯୯୭), ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ "ପିତାମହ ଭୀଷ୍ମ"(୧୯୯୮), "ନିଭୃତ ସଂଳାପ ମୈଥଳୀ"(୨୦୦୩), "ମହାନାୟକ ଶ୍ରୀକୃଷ୍ଣ"(୨୦୦୪), "ଲଙ୍କାଧିପତି ଦଶାନନ"(୨୦୧୪), "କୁନ୍ତିପୁତ୍ର"(୨୦୦୮), "ନିଃଶବ୍ଦ ବସନ୍ତ ଉତ୍ତରା"(୨୦୦୮), "ଦ୍ରୋଣ"(୨୦୧୦), "ଅମ୍ବା"(୨୦୧୪), ଶାନ୍ତି ମହାପାତ୍ରଙ୍କ "ମୁଁ କୈକେୟୀ କହୁଚି"(୨୦୦୦), ଦେବେନ୍ଦ୍ର ନାଥ ଦାସଙ୍କ "ଅନ୍ୟ ଏକ ଉତ୍ତରା"(୨୦୦୨), କାର୍ତ୍ତିକେଶ୍ୱର ପାତ୍ରଙ୍କ "ଭୀମ"(୨୦୦୫), "ଗାନ୍ଧାରୀ ଜନନୀ"(୨୦୧୧), ଶୁକଦେବ ସାହୁଙ୍କ "ରାବଣ"(୨୦୦୭)", 'ଦ୍ରୌପଦୀ"(୨୦୦୬), "ଜାନକୀ" (୨୦୦୮), କୁଳମଣି ଜେନାଙ୍କ "ଗାନ୍ଧାରୀ କୁନ୍ତି ଦ୍ରୌପଦୀ" (୨୦୦୮), ମମତାମୟୀ ଚୌଧୁରିଙ୍କ "ବୈଶ୍ରବଣୀ: ସୂର୍ପନଖାର ସୁପ୍ତ ଇସ୍ତାହାର"(୨୦୦୯), ଅର୍ଜୁନ ଚରଣ ପଣ୍ଡାଙ୍କ "ଭରତ"(୨୦୧୧), "ତାରା ମହାଦେଇ"(୨୦୧୧), ବ୍ରଜକିଶୋର ପରିଡ଼ାଙ୍କ "ଭରତ"(୨୦୧୨), ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ

"ପାଞ୍ଚାଳୀ"(୨୦୧୩), ତ୍ରିନାଥ ସାହୁଙ୍କ "ମୁଁ ଗାନ୍ଧାରୀ କହୁଛି"(୨୦୧୯) ଆଦି ଉପନ୍ୟାସ।

ଅପରପକ୍ଷେ ତେଲୁଗୁ ସାହିତ୍ୟରେ ମିଥ୍ ଉପନ୍ୟାସର ପରମ୍ପରା ସ୍ୱାଧିନତା ପରବର୍ତ୍ତୀ (୧୯୪୭) କାଳରୁ ରଚିତ ହୋଇଥରବା ଦୃଷ୍ଟିଗୋଚର ହୁଏ। ଓଡ଼ିଆ ସାହିତ୍ୟ ଅପେକ୍ଷା ତେଲୁଗୁ ସାହିତ୍ୟରେ ଏହି ମିଥ୍ ଉପନ୍ୟାସ କଥାକାରଙ୍କ ସଚେତନ ଦୃଷ୍ଟିରୁ ୧୯୪୭ ପରବର୍ତ୍ତୀଠାରୁ ସୃଷ୍ଟି ହୋଇଥିବା ଅବଲୋକନ ହୁଏ। କିନ୍ତୁ ତେଲୁଗୁ ଉପନ୍ୟାସ ପରିସରରେ ମିଥ୍‌ଧର୍ମୀ ଉପନ୍ୟାସ ପାଇବା ଅତ୍ୟନ୍ତ ବିରଳ ଅଟେ। ତେଲୁଗୁ ସ୍ରଷ୍ଟା ଅତି କମରେ ସ୍ୱାଧିନତା ପରିବର୍ତ୍ତୀରୁ ପୁରାଣ ଚରିତ୍ରକୁ କେନ୍ଦ୍ରକରି ସମକାଳଭାବକୁ ସଂଯୋଗ କରି ଉପନ୍ୟାସ ରଚନା କରିଛନ୍ତି। ଏଯାବତ୍ ମିଥ୍ ଚରିତ୍ରକୁ ନେଇ ସୃଷ୍ଟି ହୋଇଥିବା ମିଥ୍ ଉପନ୍ୟାସକୁ ଉପଲକ୍ଷ୍ୟ କଲେ ନିମ୍ନଲିଖିତକୁ ଅନୁଶୀଳନ କରାଯାଇପାରେ। ଯଥା;

ଶ୍ରୀ ଉତ୍ପଳ ସତ୍ୟନାରାୟଣ ମାର୍ଥାଙ୍କ "ରାଜମାତା", ଜେ.ବି ପୂର୍ଣ୍ଣଚନ୍ଦ୍ରଙ୍କ "ସପ୍ତସିନ୍ଧୁ", ପାଳଗୁମ୍ମି ପଦ୍ମରାଜଙ୍କ "ଭକ୍ତଶବରୀ", ଆଚାର୍ଯ୍ୟ ଲକ୍ଷ୍ମୀପ୍ରସାଦଙ୍କ "ଦୌପଦୀ" (୨୦୦୯), "ସତ୍ୟଭାମା", "କସ୍ତୁରୀ", ମୁରଲୀକୃଷ୍ଣଙ୍କ ସୌଶୀଲ୍ୟ "ଦୌପଦୀ" (୨୦୧୦), ଡଃ.କେ.ବି କୃଷ୍ଣନୁ ମାରୀଙ୍କ "ଓ୍ୱାନ୍ଦେକୃଷ୍ଣମ", "କୃଷ୍ଣାର୍ପିତାମ୍", ଲତାଙ୍କ "ମୋହନ ବଂଶୀ", "ସ୍ୱର୍ଣ୍ଣସୀତା", କେ.ରାମଲକ୍ଷ୍ମୀଙ୍କ "ଦୌପଦୀ", ଚଲସାନି ବସୁମତିଙ୍କ "ସୁମିତ୍ରା", "ଗୌତମୀ", "ଯୋଶଦା କୃଷ୍ଣ", ଶ୍ରୀଶାବିରଙ୍କ "କର୍ଣ୍ଣ ମହାଭାରତମ୍", ଆଚାର୍ଯ୍ୟ ମୁଦିଗୋଣ୍ଡା ଶିବପ୍ରସାଦଙ୍କ "ବିଦ୍ୟାଧର ଚକ୍ରବର୍ତ୍ତୀ", ଡଃ.ଚିନ୍ତାକିନ୍ଦି ଶ୍ରୀନିବାସରାଜୁଙ୍କ "ବିକର୍ଣ୍ଣ", ଐତାଚନ୍ଦ୍ରୟାଙ୍କ "ଶ୍ରୀନିବାସମ୍", ପିଲାକା ଗଣପତିଶାସ୍ତ୍ରୀଙ୍କ "ନାଗମଲ୍ଲିକ", ୟରମ୍‌ଶେଟ୍ଟିପାପା (ରତ୍ନକୁମାରି)ଙ୍କ "ପୁଣ୍ୟଭୂମିଲୋ ଦୌପଦୀ", ଡଃ.ଏମ୍.ବି ରମଣରେଡ୍ଡିଙ୍କ "ମହାଭାରତ ସ୍ତ୍ରାବନ୍ତିଲୋ ତେଲୁଗିଣ୍ଟିକୋଡ଼ଳିନା ଦୌପଦୀ", ଏସ୍ ମୁନିସୁନ୍ଦରମ୍‌ଙ୍କ "ଓକା ମୁନ୍ଦାମ୍ ତାରଓ୍ୱାତା", ବ୍ରହ୍ମଶ୍ରୀ ତ୍ରୋବଗୁଣ୍ଟ ଭେଙ୍କଟ ସୁବ୍ରାହ୍ମଣ୍ୟମୁଙ୍କ "ଯାଜ୍ଞାସେନୀ", ଶ୍ରୀମତୀ ଦେବିକାରାଣୀ "ପୁରୁଷୋତ୍ତମଙ୍କ ଗୌଧେରମଙ୍କ", ଶ୍ରୀ ଗନ୍ନୁ କୃଷ୍ଣମୂର୍ତ୍ତିଙ୍କ "ବସ୍ତ୍ରପହରତାମ୍" ପ୍ରଭୃତି ଉପନ୍ୟାସ।

ଉଭୟ ଓଡ଼ିଆ ଏବଂ ତେଲୁଗୁ ଉପନ୍ୟାସ ସାହିତ୍ୟରେ ମିଥ୍ ଉପନ୍ୟାସ ଅନେକ ନୂତନ ସମାଧାନ ଓ ଅନ୍ୱେଷାରେ ଛିଡ଼ା ହୋଇଛନ୍ତି। ମିଥ୍‌ର ନବମୂଲ୍ୟାୟନରେ ଏ ଉପନ୍ୟାସ ସମଗ୍ର ଆଧୁନିକ ସମାଜର ଏକ ନାରୀ କିମ୍ବା ପୁରୁଷର ମାନସପଟକୁ ଦୃଶ୍ୟାୟିତ କରୁଛି। ପରିଶେଷରେ କୁହାଯାଇପାରେ, ଓଡ଼ିଆ ଏବଂ ତେଲୁଗୁ ଦଇ ବୈଭାବିକ ଉପନ୍ୟାସରେ ମଧ୍ୟ ସ୍ରଷ୍ଟା ସ୍ୱପ୍ନ ସ୍ୱତନ୍ତ୍ର୍ୟତାକୁ ବଜାୟ ରଖି ମିଥ୍ ଉପନ୍ୟାସ ପରମ୍ପରାକୁ ମାର୍ଜିତ କରିଚାଲିଛନ୍ତି।

ସୁନାବେଡ଼ା,କୋରାପୁଟ
ଦୂରଭାଷ୭୯୭୮୬୧୦୦୨୭

# ଆତ୍ମା ପକ୍ଷୀରେ



ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ

ଆସିଥିଲୁ ଏକା ହୋଇ ଦେହ ଛାଡ଼ି ଦିନେ ହେବୁ ବିଦେହୀ
ଆତ୍ମା ପକ୍ଷୀରେ
ସାଥେ ନଯିବେ ତୋହର କେହି...... ଆତ୍ମା ପକ୍ଷୀରେ ।

କର୍ମଫଳ ସାଥେ ନେବୁ ପର ଜନମରେ ତାହା ଭୋଗିବୁ
ଆତ୍ମା ପକ୍ଷୀରେ
ସୁଖ ବାଣ୍ଟିଲେ ସୁଖ ପାଇବୁ......... ଆତ୍ମା ପକ୍ଷୀରେ ।

ଇନ୍ଦ୍ରିୟର ଦାସ ହୋଇ ପାପ କର୍ମ କେବେ କରିବୁ ନାହିଁ
ଆତ୍ମା ପକ୍ଷୀରେ
ପୂଣ୍ୟ ଖାତାକୁ ସଜାଡ଼ ତୁହି....... ଆତ୍ମା ପକ୍ଷୀରେ ।

ଆତ୍ମା ପକ୍ଷୀରେ
ପରମଧାମ ତୋ ଘର ଦି'ଦିନ କୁଣିଆ ଏହି ସୃଷ୍ଟିର
ଆତ୍ମା ପକ୍ଷୀରେ
କାଟ ମାୟା ବନ୍ଧନ ତୋହର....... ଆତ୍ମା ପକ୍ଷୀରେ ।

ନିଜକୁ ଆତ୍ମା ଭାବିଣ ମନେ ମନେ ଚିନ୍ତ ପରମାତ୍ମନ
ଆତ୍ମା ପକ୍ଷୀରେ
ଜ୍ୟୋର୍ତିବିନ୍ଦୁ ଶିବ ଭଗବାନ.......... ଆତ୍ମା ପକ୍ଷୀରେ ।

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ
ବିଶ୍ୱବିଦ୍ୟାଳୟ, ଖୋରଧା
ମୋ - ୯୯୩୭୦୬୬୯୦୭



# ୨୦୧୯-ଜାତୀୟ ଶିକ୍ଷାନୀତିରେ ପ୍ରାକ୍-ପ୍ରାଥମିକ ଶିକ୍ଷା



**ଡ.ବିଷ୍ଣୁ ଚରଣ ସାହୁ**

ସ୍ୱାଧିନତା ପରଠାରୁ ଆମ ଦେଶର ଶିକ୍ଷାବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ବହୁତ ଯୋଜନାମାନ ପ୍ରସ୍ତୁତ କରାଯାଇଛି। ସ୍ୱାଧିନତା ପର ଏବଂ ପୂର୍ବ କମିଶନକୁ ବିଚାରକୁ ନେଲେ ପ୍ରାୟ ୧୩ ଗୋଟି କମିଶନର ରୂପରେଖ ଆମ ଦୃଷ୍ଟିକୁ ଆସେ। ଆମର ୨୦୧୮ ରିପୋର୍ଟ ଅନୁସାରେ ପିଲାମାନଙ୍କର ଦକ୍ଷତାର ବିକାଶ ଆଶାଜନକ ହୋଇନାହିଁ। ୨୦୦୮ ମସିହାରେ ୫ମ ଶ୍ରେଣୀରେ ମୌଳିକ ଗଣିତ କରିପାରୁଥିବା ପିଲାମାନଙ୍କର ସଂଖ୍ୟା ୩୭% ରୁ ୨୦୧୮ ମସିହା ବେଳକୁ କମିଯାଇଛି। ୫୯୭ ଜିଲ୍ଲାର ୫ଲକ୍ଷ ୪୬ହଜାର ୫ଶହ ପିଲାଙ୍କୁ ନେଇ ହୋଇଥିବା ସର୍ବେକ୍ଷଣ ଅନୁସାରେ ଅଧାରୁ ଅଧିକ ପିଲା ୨ ଅଙ୍କ ବିଶିଷ୍ଟ ହରଣ କରିପାରୁନାହାନ୍ତି। ଆମ ଓଡ଼ିଶା କଥା ଚିନ୍ତା କରିବାକୁ ଗଲେ ୫ମ ଶ୍ରେଣୀରେ ୨୪.୫% ପିଲା ମିଶାଣ କରିପାରୁଥିବା ବେଳେ ୮ମ ଶ୍ରେଣୀରେ କେବଳ ୪୨.୫% ପିଲା ହରଣ କରିପାରୁଛନ୍ତି।

ଏବେ ଦେଖିବାକୁ ମିଳୁଛି ଯେ ବିଦ୍ୟାଳୟମାନଙ୍କର ଶିକ୍ଷାର ଗୁଣାତ୍ମକ ମୂଲ୍ୟ ବହୁମାତ୍ରାରେ କମିଯାଉଛି। ଆମ ରାଜ୍ୟରେ ତଥା ଦେଶରେ ହାରାହାରୀ ନବେ ଭାଗ ପିଲା ନିଜ ମାତୃଭାଷା ମାଧ୍ୟମରେ ବିଦ୍ୟାଳୟରେ ପଢୁଥିବାବେଳେ, ଦଶ ଭାଗ ପିଲା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢ଼ନ୍ତି। ବହୁ ବିଜ୍ଞ ଶିକ୍ଷାବିତ୍‌ଙ୍କର ମତ ନେଇ ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଯେଉଁ ଯେଉଁ ଶିକ୍ଷାନୀତି ତିଆରି ହେଉଛି ତା'ର କାର୍ଯ୍ୟକାରିତା ଯଦି ସେହି ମାନର ନହେବ ତେବେ ନିଶ୍ଚିତ ଭାବରେ ମୂଳ ଲକ୍ଷ୍ୟରୁ ବିଦ୍ୟାଳୟ ଶିକ୍ଷାର ବିଚ୍ୟୁତି ହେବ।

ସ୍କୁଲ ଶିକ୍ଷାକୁ ନେଇ ଜାତୀୟ ଶିକ୍ଷାନୀତି -୨୦୧୯ର ପ୍ରଥମ ପ୍ରସ୍ତାବ ହେଲା ଏଣିକି ପ୍ରାକ-ପ୍ରାଥମିକ ଶିକ୍ଷା, ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନର ଅର୍ନ୍ତଭୁକ୍ତ ହେବ। ପିଲା ୩ ବର୍ଷରେ ସ୍କୁଲରେ ନାମ ଲେଖାଇବା ପୂର୍ବରୁ ପ୍ରାକ୍-ପ୍ରାଥମିକ ଶିକ୍ଷା ଯାହା ଅନୌପଚାରିକ ଥିଲା ତାହା ଔପଚାରିକ ହେବ। ମଧ୍ୟାନଭୋଜନ ସାଙ୍ଗରେ ପିଲାକୁ ସକାଳେ ଜଳଖିଆ ଯୋଗାଇ ଦିଆଯିବ। କିନ୍ତୁ ଏଗୁଡ଼ିକ ପ୍ରସ୍ତୁତି ଓ ବଣ୍ଟନ ଶିକ୍ଷକଙ୍କର ଦାୟିତ୍ୱ ରହିବନାହିଁ। ପ୍ରଥମ ଶ୍ରେଣୀକୁ ପିଲା ଆସିଲାବେଳକୁ ସେ ୩ ବର୍ଷ ପ୍ରାକ୍-ପ୍ରାଇମେରୀ ଶିକ୍ଷାହାସଲ କରିସାରିଥିବ।

ନୂଆ ଜାତୀୟ ଶିକ୍ଷାନୀତିର ଏହି ପ୍ରସ୍ତାବରେ ଅଛି ଏହି ଶିଶୁ ବୟସରେ ପିଲାର ମାନସିକ ବିକାଶ ଘଟିଥାଏ। କୁପୋଷଣ ଏବଂ ଆବଶ୍ୟକ ଶିକ୍ଷାର ଅଭାବରେ ଏହି ବିକାଶ ବାଧାପ୍ରାପ୍ତ ହୋଇଥାଏ। ଯେଉଁଟାକି ତା'ର ପରବର୍ତ୍ତୀ ଶିକ୍ଷାପାଇଁ ବାଧକ ସୃଷ୍ଟିକରେ। ଶିଶୁ ଦେଶର ଭବିଷ୍ୟତ, ତାଙ୍କୁ ଯଦି ଉଚିତ୍ ମାର୍ଗଦର୍ଶନ କରାନଯାଏ, ତେବେ ତାଙ୍କର ଭବିଷ୍ୟତ ପ୍ରଭାବିତ ହେବା ସହିତ ଦେଶ ଉପରେ ମଧ୍ୟ ପ୍ରଭାବ ପଡ଼ିବ। କିନ୍ତୁ ବର୍ତ୍ତମାନ ଦେଶର ଶିକ୍ଷାବ୍ୟବସ୍ଥା ଅତ୍ୟନ୍ତ ଅବ୍ୟବସ୍ଥିତ ଓ ସଂଗୀନ ହୋଇପଡ଼ିଛି। କେଉଁଠି ଅଙ୍ଗନବାଡ଼ି କର୍ମୀ ନାହାନ୍ତିତ ପୁଣି କେଉଁଠି ଥାଇ ମଧ୍ୟ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଯୋଗାଇଦେବାକୁ ସମର୍ଥ ହେଉନାହାନ୍ତି। ଏହାର ପ୍ରମୁଖ କାରଣ ହେଲା, ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ଅବ୍ୟବସ୍ଥା, ଉପଯୁକ୍ତ ତାଲିମର ଅଭାବ ଓ ସେମାନଙ୍କ ପାଇଁ ଉପଯୁକ୍ତ ଦରମା ବ୍ୟବସ୍ଥା। ୩ ବର୍ଷରୁ ୫ ବର୍ଷ ମଧ୍ୟରେ ପିଲାର ମସ୍ତିଷ୍କ ବିକାଶ ପ୍ରାୟ ୮୦% ହୋଇଥାଏ। ଏହି ବୟସ ମଧ୍ୟରେ ପିଲାମାନଙ୍କଠାରେ ମାନସିକ, ଶାରିରୀକ, ରଚନାତ୍ମକ, ସୌନ୍ଦର୍ଯ୍ୟ ତତ୍ୱ ଓ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ବିକାଶ ହୋଇଥାଏ। ନୂତନ ଶିକ୍ଷାନୀତିରେ ୩ ବର୍ଷରୁ ୬ ବର୍ଷର ପିଲାଟିଏ ଅଙ୍ଗନୱାଡ଼ି କେନ୍ଦ୍ରରେ ବା ପାରମ୍ପାରିକ ସ୍କୁଲଗୁଡ଼ିକରେ ଶିକ୍ଷାଗ୍ରହଣ କରିବାପାଇଁ ବ୍ୟବସ୍ଥା ରହିଛି।

୨୦୧୯ ନୂତନ ଶିକ୍ଷାନୀତିରେ ପ୍ରାକ୍-ପ୍ରାଥମିକ ପିଲାମାନଙ୍କ ପାଇଁ ଯେଉଁ ପ୍ରସ୍ତାବଟି ଦିଆଯାଇଛି ସ୍ୱାଗତଯୋଗ୍ୟ ହେଲେ ମଧ୍ୟ ତା'ର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚି ସୃଷ୍ଟିହୁଏ। ତିନି ବର୍ଷର ଶିଶୁ ଅତି କୋମଳ। ଖେଳିବା, ହସିବା ଏବଂ ବାରମ୍ବାର ପ୍ରଶ୍ନ ପଚାରିବା ହେଲା ତା'ର ପ୍ରକୃତ ସ୍ୱରୂପ। ତହିଁରୁ ତାକୁ ନିବୃତ୍ତ କରାଗଲେ ଶିଶୁତ୍ୱର ଅପମୃତ୍ୟୁ ହୁଏ। ଏହି ଶ୍ରେଣୀପାଇଁ ଯଦି ଅଣଶିକ୍ଷକ, ତାଲିମପ୍ରାପ୍ତ ହୋଇନଥିବା ଶିକ୍ଷକ କମ୍ ବେତନଭୋଗୀ ଶିକ୍ଷକଙ୍କୁ ବିନିଯୋଗ କରାଯାଏ, ସେ ଶିକ୍ଷକ ଜଣକ ଶିଶୁକୁ ଶ୍ରେଣୀକକ୍ଷ ମଧ୍ୟରେ ଚୁପ୍‌କରିବା ଏବଂ ସ୍ଥିରଭାବରେ ବସାଇବାପାଇଁ ତା'ର ପ୍ରାଥମିକ କର୍ତ୍ତବ୍ୟ ମନେକରିପାରେ। ତିନିବର୍ଷର ପିଲାଟି ତା'ର ଘର ପରିବେଶରେ ଖୁସିମନରେ ଖେଳକୁଦ କରିବା ସଙ୍ଗେ ସଙ୍ଗେ ତାର ବାପା, ମା, ଜେଜେବାପା, ଜେଜେମା ଏବଂ ଅନ୍ୟମାନଙ୍କ ସହିତ ଖୁସିରେ ସମୟ ଅତିବାହିତ କରେ, ଯେଉଁଟାକି ସେ ସ୍କୁଲ ପରିବେଶରେ କରିବା ସମ୍ଭବ ନୁହେଁ। ଆମ ଭାରତରେ ସାଧାରଣତଃ ଏହି ସମସ୍ୟାଗୁଡ଼ିକ ଅଧିକ ପରିମାଣରେ ଦେଖାଯାଏ।

ଶିଶୁ ବୟସରେ ପିଲା ଅନେକ ସମୟ ଧରି ସ୍ଥିର ହୋଇ ବସିରହିଲେ ନିଶ୍ଚିତରୂପେ ତାର ମନ ଓ ମେରୁଦଣ୍ଡ ଭାରାକ୍ରାନ୍ତ ରହିବ। ତେଣୁ ତାଲିମପ୍ରାପ୍ତ ପ୍ରାକ୍-ପ୍ରାଥମିକ ଶିକ୍ଷକଙ୍କର ଏକ ପିଢ଼ି ଗଠିତ ହେବାପୂର୍ବରୁ ଉକ୍ତ ଶିକ୍ଷକଙ୍କୁ ଭଲ ବେତନରେ ବ୍ୟବସ୍ଥିତ ନକଲେ ଶିକ୍ଷକମାନଙ୍କର ଭବିଷ୍ୟତରେ ସ୍କୁଲବ୍ୟବସ୍ଥା ପ୍ରତି ବିତୃଷ୍ଣାଭାବ ଜନ୍ମିବ। ପ୍ରାକ୍-ପ୍ରାଥମିକ ଶିକ୍ଷାକୁ ଅନୌପଚାରିକରୁ ଔପଚାରିକ କଲାବେଳେ ଏହି ସମସ୍ୟାପ୍ରତି ସରକାରଙ୍କ ଦୃଷ୍ଟି ରହିବା କଥା।

ପ୍ରାଶ୍ଚାତ ପ୍ରାକ-ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ଆମପାଇଁ ଆଦର୍ଶ ସ୍ଥାନୀୟ ହୋଇନପାରେ। ଜାତୀୟ ଶିକ୍ଷାନୀତି ଏସବୁ ବାସ୍ତବିକତାକୁ ଉପେକ୍ଷାକଲେ ତାର ପ୍ରସ୍ତାବଗୁଡ଼ିକ ମଧ୍ୟ କେବଳ ପ୍ରସ୍ତାବ ସ୍ତରରେ ରହିଯିବ।

ସି-୭, ଶହୀଦ୍ ନଗର ମାର୍କେଟ ବିଲଡ଼ିଂ,
ଭୁବନେଶ୍ୱର ,ପିନ୍ - ୭୫୧୦୦୭
ଦୂରଭାଷ-୯୪୩୭୧୩୦୫୦୦

# ଭାଗ୍ୟ

ଅକ୍ଷୟ ମହାନ୍ତି

ଭାଗ୍ୟ ଯେତେବେଳେ
ନାମ ହୋଇଯାଏ
ନଳ ରାଜାକାଟେ ଘାସ
ହରିଶ୍ଚନ୍ଦ୍ର ରାଜା
ଶବ ଗଣିବାକୁ
ମଶାଣିରେ କରେ ବାସ ।

ହାକିମ ପୁଅଟା
ହାକିମାତି କରେ
ହାକିମଙ୍କୁ ଲାଗେ ଲାଜ
ବୁଢ଼ାବୁଢ଼ୀ ଦୁହେଁ
ଘର ଛାଡ଼ିବାକୁ
ନୀରବେ ହୁଅନ୍ତି ସଜ ।

ପାଳି ପୋଷି ବାପା
ବଡ଼ କରିଥାଏ
ପୁଅର ବଢ଼ିବ ନାଆଁ
ଜୀଇଁ ଥାଉ ଥାଉ
ସେହି ପୁଅ ଦିନେ
ବାପା ହୃଦେ ଜାଳେ ନିଆଁ ।

ସମାଜଟା ଯାଏ
ତଳକୁ ତଳକୁ
ଦୟା ଧର୍ମ ଟିକେ ନାହିଁ
ବୁଢ଼ା ବୁଢ଼ୀ ଏଠି
ମରି ପଡ଼ିଥିଲେ
ପୁଅ ବା ପଚାରେ ନାହିଁ ।

ଭାଗ ବାଣ୍ଟ ନେଇ
ଭାରିଜା ସାଥିରେ
ପୁଅଟା ଅଲଗା ରହେ
ଲଜ୍ଜା ବି ଲାଗେନା
ସଭା ସମିତିରେ
ଆଦର୍ଶର କଥା କହେ ।

ବୁଢ଼ା ବୁଢ଼ୀଙ୍କର
କେତେ ଯେ ମମତା
ବିଦ୍ୱେଷ ଭାବ ବି ନାହିଁ
ଆଶୀର୍ବାଦ ଛଡ଼ା
ଅଭିଶାପ କେବେ
ମନରେ ଜାଗେନି କାହିଁ ।

ଯଦି ସେହି ଭାବ
ଜାଗିବ କେବେ ବି
ସଂସାରଟା ହେବ ଲୋପ
ଧୀରେ ଧୀରେ ପୁଣି
ଲିଭି ଲିଭି ଯିବ
ସଂସାରର ମହାଦୀପ ।

ବହିର ବିଧାନ
ଅତୀବ ବିଚିତ୍ର
ସଂସାରର ଅଠାକାଠି
ଥରେ ପଶିଗଲେ
ସଂସାର ଭିତରେ
ହୁଏନାହିଁ ଆଉ ଉଠି ।

ନିର୍ମାଲ୍ୟ ଏନକ୍ଲେଭ
ମହୁରା, ଖୋର୍ଦ୍ଧା,
ଦୂରଭାଷ -
୯୯୩୭୪୬୨୫୦୭

# ମଧୁ ମଳୟ

ଶାନ୍ତିଲତା ସାହୁ

ଗହଳିଆ ଆମ୍ବ ବଉଳ
ଶୁଭିଲାଣି କୋଇଲିର କୁହୁ କୁହୁ ତାନ
ବସନ୍ତ ଆସୁଛି ବୋଲି ସୂଚାଇ ଦେଲାଣି
ବହିଲାଣି ମଳୟ ପବନ ।

ଘରର ଘରଣୀ ଏବେ ସାଇତି ରଖୁଛି
ବ୍ଲାଙ୍କେଟ, କମ୍ବଳ ସାଙ୍ଗକୁ
ମଫ୍‌ଲର, ସୁଏଟର, ଶାଲ୍
ଶୀତ ସରି ଆସିଲାଣି ।
ଦକ୍ଷିଣା ପବନ ଦେହରେ ବାଜିଲାଣି
ଆଉ ବା ଏସବୁ କ'ଣ ଦରକାର ।

ନଈ କୂଳେ ବୁଲିବାକୁ ସାଙ୍ଗସାଥି ମେଳେ
ଭାରି ଭଲଲାଗେ
ଭଲଲାଗେ ନିର୍ମଳ ଆକାଶ
କୁହୁଡ଼ି କାକରବିନ୍ଦୁ ସରିଲାଣି ।

ନାହିଁ ଆଉ ଶୀତର ପ୍ରକୋପ
ଜୋଛନା ରାତିରେ ଏବେ
ଜହ୍ନର ଶୀତଳ କିରଣ
ଚହଲାଇ ଦିଏ ସବୁରି ମନକୁ !
ପୁଲ୍‌କିତ ହୋଇଉଠେ ଦେହ, ମନ, ପ୍ରାଣ
ଇଚ୍ଛାହୁଏ ଜହ୍ନ ସାଥେ ଭାସି ବୁଲିବାକୁ ।

ମାର୍ଫତ - ବଜ୍ରକିଶୋର ସହୁ
ରାଣୀହାଟ, କଟକ

# କେଉଁଠି କରିଛି ଘର

ପ୍ରମୋଦ କୁମାର ନନ୍ଦ



ବିଶ୍ୱ ଦରବାରେ ଅଛି କି ମରଣ
ସବୁ ସତ ସବୁ ମିଛ।
ଅଜ୍ଞାନୀ ମଣନ୍ତି ମଲା ଗଲା ବୋଲି
ଜ୍ଞାନୀ ଭାବେ ତାକୁ ତୁଚ୍ଛ । ॥୧॥

ମରଣଟି ନାହିଁ କାହାର ଜଗତେ
ଅଟେ ସବୁ ରୂପାନ୍ତର।
ପରମ ଆତ୍ମାରୁ ଜୀବ ଆତ୍ମା ମାନ
ଯେଝା ଅଂଶେ ଭାଗୀଦାର । ॥୨॥

ପୂର୍ଣ୍ଣରୁ ପୂର୍ଣ୍ଣତା ହଜିଗଲେ ଯେଣୁ
ହୁଏନାହିଁଟି ଅପୂର୍ଣ୍ଣ।
ପୂର୍ଣ୍ଣ ବ୍ରହ୍ମଠାରୁ ଚ୍ଛଲିଗଲେ କିଛି
ଏକା ରହେ ଚିହ୍ନବର୍ଣ୍ଣ । ॥୩॥

ସବୁ ଅବଶେଷ ନୁହେଁ ଅବଶୋଷ
ମିଥ୍ୟା ମାୟା କଳେବର।
ଏ ଶୂନ୍ୟ ଜଗତେ ଶୂନ୍ୟର ପସରା
ଆତ୍ମା ଯେଣୁ ନିରାକାର । ॥୪॥

ଆତ୍ମାଟି ହସଇ ଆତ୍ମାଟି ଶୁଣଇ
ଆତ୍ମାଟି କହଇ କଥା।
ନାହିଁତା' ବିକାର ଶକ୍ତିର ଭଣ୍ଡାର
ଆଶାଟି ନୁଆଁଏ ମଥା । ॥୫॥

ସାକାର ମଧ୍ୟରେ ନିରାକାର ସାଜେ
କି ଭାବ ରହିଛି ତା'ର ?
ଅବା ବିଜ୍ଞାନର ଆଧ୍ୟାତ୍ମିକ ବଳେ
କାହାର ସେ ସହଚର ? ॥୬॥

ଦେହେ ଆସେ ଜରା ଜରାରୁ ବ୍ୟାଧିଟି
ବ୍ୟାଧିରୁ ମୃତ୍ୟୁ ଝଟତି।
ଜୀବର ଗଠନେ କେଉଁ ରସାୟନେ
ଆତ୍ମା ସଦା ଉପସ୍ଥିତି । ॥୭॥

ସବୁ ଘଟଣାର ମୂକସାକ୍ଷୀ ଆତ୍ମା
ଆତ୍ମାର ନାହିଁଟି ଡ଼ର।
ଅଦୃଶ୍ୟ ଅବ୍ୟକ୍ତ ଚେତନା ଜଡ଼ିତ
କେଉଁଠି କରିଛି ଘର । ॥୮॥

ତା' ଘର ବ୍ୟାପିଛି ବିଶ୍ୱ ଖେଦିଅଛି
ନାହିଁ ତା'ର ପରିସୀମା।
ପରମାଣୁ ଶକ୍ତି ଆଟମ୍ ବୋଲନ୍ତି
ତା'ଠାରୁ ଆତ୍ମା ମହିମା । ॥୯॥


ବିଶ୍ୱକଲ୍ୟାଣ ପ୍ରତିରକ୍ଷା ଓ ବିଚାର
ବିଭାଗ, ନନ୍ଦାନୁସନ୍ଧାନ ପ୍ରୟୋଗଶାଳା
ବଡ଼ପାରୀ, ଖୋର୍ଦ୍ଧା, ପିନ୍ - ୭୫୨୦୨୩
ମୋ - ୮୫୯୬୮୨୩୬୬୪




# ପ୍ରାତଃଭବନ ସବୁ ଆମରି ପାଇଁ

ଡ. ଲାବଣ୍ୟଚନ୍ଦ୍ର ସାହୁ

ପ୍ରଭୁ! ସବୁ ଆମରି ପାଇଁ
ସଜାଇ ରଖିଛ ଆହେ ଜଗତ ସାଇଁ । ॥୦॥



ନିଦାଘେ ଫୁଟଇ ମଲ୍ଲୀ
ପୁଲକେ ନାଚଇ ଧରା
ସାଗର ପିଟଇ ମଥା
ତୁମରି ଚରଣ ଛୁଇଁ । ॥୧॥

ପରବତ ଛାତି ଚିରି
ନିର୍ଝର ଆସଇ ଝରି
ମରୁରେ ରହିଛି ରହିଁ
ନାଗଫେଣୀ ତୁମପାଇଁ । ॥୨॥

ମାଟିକୁ ମଣିଷ କଲ
ପାଟିକୁ ଶବଦ ଦେଲ
ଯାହା ସରଜିଲ ସବୁ
ନୟନେ ମୋର ଦେଖଇ । ॥୩॥

ଆହେ ଶାନ୍ତ ବରାଭୟ
ନିର୍ମଳ ପ୍ରେମ ଆଳୟ
ତୁମ୍ଭର ଆଶୀଷେ ହେଉ
ଏ ଧରା ମଙ୍ଗଳମୟ । ॥୪॥

ଶ୍ରୀବସ୍ତୀ - ୩୫ ବସନ୍ତ ବିହାର
ଭୁବନେଶ୍ୱର - ୭୫୧୦୧୮
ମୋ - ୮୮୯୫୪୮୭୧୬୨



# କାଠଚମ୍ପାର ସୁରଭି

**ଗୋପୀନାଥ ଦାଶ**

ଚାରୁହାସିନୀ ମିଷ୍ଟଭାଷିଣୀ ଚମ୍ପକବରଣା କେଶବତୀ କନ୍ୟାଟିର ପାଣିଗ୍ରହଣ କରିବାକୁ ତ ସମସ୍ତେ ବ୍ୟସ୍ତ। କାରଣ ତା'ହସରେ ଫିଟିପଡୁଥିବ ଚହଟଚାନ୍ଦିନୀ ରାତି, ତା' ମୃଗନୟନର ଚଳଞ୍ଚଳତାରେ ରୁମ୍ଝୁମ୍ ତାନରେ ନାଚୁଥିବ କବିତାର କଳକଳନାଦିନୀ କଲ୍ଲୋଳିନୀ, ତା' ମିଠାମିଠା କଥାର ଅମୃତବର୍ଷାରେ ଆପ୍ଲୁତ ହେଉଥିବ ଗୋଟାପଣେ ଅନ୍ତରର ଅନ୍ତଃସ୍ତଳ। ହେଲେ କବି ସତ୍ୟବ୍ରତଙ୍କର ଇଚ୍ଛାଥିଲା ସେ ଶ୍ୟାମାଙ୍ଗୀ ହୋଇଥାଉ ପଛେ ତା'ମୁଖମଣ୍ଡଳର ଗଢ଼ଣ କୋଣାର୍କ ମନ୍ଦିର ଗାତ୍ରରେ ଖୋଦିତ ଲାସ୍ୟମୟୀନଟୀଭଳି ପ୍ରତୀୟମାନ ହୋଇଥାଉ। କବି ଯେତେବେଳେ ତାରକିତ ଆକାଶ, ଜହ୍ନଧଉଳା ରାତି, ସବୁଜ ବନସ୍ପତିକୁ ନେଇ ବିଭୋର ହୋଇଥିବେ, ଯେତେବେଳେ ସର୍ଜନ କର୍ମରେ ବୁଡ଼ିରହି ଲୋପ ପାଇଯାଇଥିବ ତାଙ୍କର ବାହ୍ୟଜ୍ଞାନ, ଠିକ୍ ସେତିକିବେଳେ କବିପତ୍ନୀ ତାଙ୍କଲାଗି ପାଲଟିଯାଆନ୍ତୁ ପାବନୀଜାହ୍ନବୀ। ସ୍ନେହ, ସମବେଦନାର ସୁଶୀତଳ ସୁରଧୁନୀଧାରାରେ ଭିଜେଇଦିଅନ୍ତୁ କବିଙ୍କର ତମାମଜୀବନ। ହେଲେ ସତ୍ୟବ୍ରତଙ୍କର ସପନର ସୁନାନାକୀ ରାଜକୁମାରୀ କ'ଣ ସତରେ ତାଙ୍କ ମନଲାଖି ମାନସୀ ସାଜିଲେ? ନା ସପନ ମିଳେଇଗଲା ପୁଷ୍ପସକାଳର କୁହୁଡ଼ିପରି ଅନନ୍ତ ଅନ୍ତରୀକ୍ଷରେ?

ସବୁ ସପନ ସତହୁଏନା ବୋଲି ତ ମଣିଷମନରେ ବସାବାନ୍ଧେ କେଜାଏ ବେଦନା। ଆଗଆଗ ସେ ଛାତିଥରା କଷ୍ଟ ମନକୁ ଭିଣିବିଦାରୀ ରକ୍ତାକ୍ତ କରେ, ତା'ପରେ ସବୁକିଛି ଦେହସୁହା ହୋଇଯାଏ ଗତାନୁଗତିକଧାରାରେ। ସତ୍ୟବ୍ରତ ଏଥିରୁ ବାଦ୍‌ଯାଆନ୍ତେ କିପରି? ଯେଉଁ ଶ୍ୟାମାଙ୍ଗୀଲାଗି ସେ ଦିନେ ଧରିଥିଲେ କଲମ, ହୃଦୟର କାନ୍‌ଭାସରେ କଳ୍ପନାର ତୂଳୀଧରି ଆଙ୍କୁଥିଲେ ରାଶିରାଶି କବିତାର କମନୀୟ ଚିତ୍ରପଟ୍ଟ, ସେ ତ ସୁନାସବାରୀରେ ଚାଲିଗଲା ନଈଆରପାରିକି। ଆଉ କେଉଁ ନିଦାମରଦର ଚଉଡ଼ା ଛାତିରେ ମଥାଥାପି ଶୁଖିଲା ପ୍ରଣୟର ରୁବାୟତ। ସତ୍ୟବ୍ରତ କିଛିଦିନ ପାଗଳଭଳି ପ୍ରଳାପକରେ। ବେଦନାଦଗ୍ଧ ହୃଦୟ କନ୍ଦରରୁ ଶୁଭିଲା ବିରହବଂଶୀର ସ୍ୱର। ସମୟର ସରଣୀରେ ଚାଲୁଚାଲୁ ତାଙ୍କଲାଗି ବାଜିଲା ଶୁଭପରିଣୟର ସାହାନାଇ। ଷୋହଳପଟ ଚୂଡ଼ିର ରୁଣୁଝୁଣୁ ରାଗିଣୀରେ ଯିଏ ତାଙ୍କ ଅଗଣନକୁ ମୁଖରିତ କଲା, ସଞ୍ଜମୂଳେ ତୁଳସୀ ଚଉରାମୂଳେ ମଥାରେ ହାତେଲମ୍ୱର ଓଢ଼ଣାଟାଣି ଘରର ଶୁଭମନାସି ଯିଏ ପ୍ରଣତି ବାଢ଼ିଲା, ଯିଏ ବେସରଦେଇ ଭାକୁର ମାଛର ଝୋଳକୁ ଭଲଭାବେ ପ୍ରସ୍ତୁତ କଲା, ତାଙ୍କ ପୁଅଝିଅଙ୍କର ଭଲଜନନୀ ସାଜିଲା, ସେଇ ପ୍ରଣୟନୀ କବିତା ଶୁଣିଲେ କଲା ନାସିକାକୁଞ୍ଚନ। କବି ଭାବପ୍ରବଣତାର ଭରାନଈରେ ଭାସୁଥିଲାବେଳେ ସେ ଘୁଙ୍ଘୁଡ଼ିଛାଡ଼ି ଶୋଇଗଲା ଗହମନିଦରେ। ଦକ୍ଷିଣପଶ୍ଚିମ ମୌସୁମୀ ବାୟୁଭଳି ସେ ବର୍ଷିଗଲା ମନଇଚ୍ଛା, ତା'ପଦପାତରେ ଧରଣୀରୁ ଦୂରହେଲା ଖାଦ୍ୟାଭାବ, ହେଲେ କବିଙ୍କର ମନମଞ୍ଚଉପରେ ସେ ଜାଳିପାରିଲାନି ପ୍ରେରଣାର ପାଦପ୍ରଦୀପ। ଲଘୁରୂପ ଭଳି କେହି କେହି ନାରୀ ଅକସ୍ମାତ୍ ଚାଲିଆସିଲେ କବିଙ୍କର ଜୀବନର ବଳୟକୁ, ସାମୟିକଭାବେ ତାଙ୍କୁ ବିହ୍ୱଳକଲେ, ହେଲେ ସେମାନେ ରାଧାହୋଇ ରହିବାକୁ ଅନିଚ୍ଛା ପ୍ରକଟ କଲେ। କାରଣ ରାଧା ସାଜିବାକୁ ହେଲେ ଅନେକ ବାଧାବନ୍ଧନର ପ୍ରାଚୀର ଡ଼େଇଁବାକୁ ପଡ଼ିବ ଯେ!

କବି ସତ୍ୟବ୍ରତ ଏବେ ବାର୍ଦ୍ଧକ୍ୟର ବନ୍ଧବାଡ଼ ଡ଼େଇଁ ଜୀବନର ସାୟାହ୍ନରେ ଉପନୀତ ବୟସର ବେଗବାନ ଅଶ୍ୱ ପଞ୍ଚାଅଶୀ ଟପିଲାଣି। ଆଗ ଆଗ ବାତୁଳକରୁଥିବା ଜହ୍ନ ଆଉ ଲଗଉନି କୁହୁକ, ପ୍ରଲୁବ୍ଧ କରୁନି ଆମ୍ବୁକୁ ଫୁଲର ମହକ। ଯେଉଁ ନାରୀମାନଙ୍କର ଦେହଉଲୁସା କଥା, ଚାତୁର୍ଯ୍ୟପୂର୍ଣ୍ଣ ଚାହାଣି କବିଙ୍କର ହୃଦୟକୁ ଦିନେ ହାଣି ଦେଉଥିଲା, ସେମାନେ ବାଟଭାଙ୍ଗି ଚାଲିଗଲେଣି ଅନେକଦିନୁ। ସବୁ ନିନ୍ଦା, ଅପବାଦକୁ ଗଳାମାଳିକରି କବିଙ୍କର ଅବଶ ଅଙ୍ଗଅବୟବରେ ଶକ୍ତିସଞ୍ଚାର କରୁଛନ୍ତି ତାଙ୍କର ଅର୍ଦ୍ଧାଙ୍ଗିନୀ। ଚମ୍ପାଫୁଲଭଳି ଉତ୍ତେଜକ ବାସ୍ନାରେ କବିଙ୍କର ମନର ମଇନାକୁ ସେ ମହକେଇପାରୁନାହାନ୍ତି ସିନା କାଠଚମ୍ପାର ମୃଦୁସୁରଭିରେ ସେ ଛାଇଯାଇଛନ୍ତି ତାଙ୍କର ସମଗ୍ରସତ୍ତାକୁ। କବିଙ୍କର ଖାଦ୍ୟପେୟ, ଔଷଧ, ସେବାଯତ୍ନ, କବିସମ୍ମିଳନୀକୁ ଯିବାଆସିବାର ସମୟ ଉପରେ ସେ ତୀକ୍ଷ୍ଣ ଦୃଷ୍ଟି ରଖୁଛନ୍ତି ଏବଂ ତଦନୁଯାୟୀ ନିଃସର୍ତ୍ତଭାବେ ତାଙ୍କ କର୍ତ୍ତବ୍ୟସଂପାଦନ କରିଚାଲିଛନ୍ତି। କବିଙ୍କ ପଛେ ପଛେ ସେ ଛାଇଭଳି ଲାଗିରହିଛନ୍ତି ତମାମଜୀବନ। ପୁଅ, ଝିଅ ନିଜ ନିଜ ସଂସାର କର୍ମରେ ବ୍ୟସ୍ତ ବିଦେଶରେ। ସେଇ ଅର୍ଦ୍ଧାଙ୍ଗିନୀ ଆଜି ସକାଳୁ ହଠାତ୍ କହିଲେ, "ତୁମେ ଟିକିଏ ମୋ ମୁଣ୍ଡ ଉପରେ ପାଦ ଦୁଇଟାଯାକ ଥୋଇଲ। ତୁମ ପାଦଧୂଳି ଟିକେ ନେଇ ମୁଁ ସ୍ୱର୍ଗକୁ ଶାନ୍ତିରେ ଯିବି"। ସତ୍ୟବ୍ରତ କହିଲେ, "ତୁମେ କ'ଣ ପାଗଳି ହୋଇଗଲ ଚନ୍ଦନା? ଏମିତି କ'ଣ କହୁଛ?" ପତ୍ନୀଙ୍କର ଜିଦ୍‌ଆଗରେ ସତ୍ୟବ୍ରତ ମୁଣ୍ଡ ନୁଆଁଇଲେ। ଥୋଇଦେଲେ ତାଙ୍କମଥା ଉପରେ ପାଦଦୁଇଟି। କିଛି ସମୟ ପରେ ସତକୁ ସତ ଚନ୍ଦନା ଗାଧୁଆଘରକୁ ଯାଇଥିବା ଅବସ୍ଥାରେ ତାଙ୍କଗୋଡ଼ ଖସିଗଲା, ତାଙ୍କୁ ସଙ୍ଗେ ସଙ୍ଗେ ନିଆଗଲା ବଡ଼ଡ଼ାକ୍ତରଖାନାକୁ। କିଛିଘଣ୍ଟାର ବ୍ୟବଧାନ ପରେ ଓଲଟବୃକ୍ଷ ଛାଡ଼ି ଉଡ଼ିଗଲା ଲୋଟଣିପାରା। କଜଳକଳା ବଉଦଫାଙ୍କରୁ ବିଛିହୋଇପଡ଼ିଥିଲା ଅସ୍ତଗାମୀ ଅଂଶୁମାନ୍‌ଙ୍କର ଛିଣ୍ଡାଛିଣ୍ଡା ଖରାର ଖପରା। ବାଜୁଥିଲା ଅହ୍ୟନାଗରା। ସତ୍ୟବ୍ରତ ବିଞ୍ଚୁଥିଲେ ଖଇକଉଡ଼ି। କରୁଣରସରେ ଆଦ୍ୟକବିତାଟିଏର ଜୁଇ ଜୁଇ ଜଳୁଥିଲା ମଶାଣିପଦାରେ। ଧୂଆଁର କୁଣ୍ଡଳୀ ତାଳଗଛମାନଙ୍କର ମଥାନକୁ ଭେଦି ମିଶିଯାଉଥିଲେ ମହାଶୂନ୍ୟରେ।

ମୁଖ୍ୟସଂପାଦକ "ସପ୍ତଫେଣୀ"
କୁଶଡ଼ିହ, ଅଙ୍କୁଲାଚଟୀ, ଖୋର୍ଦ୍ଧା
ମୋ - ୮୦୧୮୮୧୪୧୧

# ଛତ୍ରପତି

**ନାମଯଜ୍ଞ ମିଶ୍ର**

ଦକ୍ଷିଣ ଭାରତରେ ବେଲ୍ଲାରୀ ନାମକ ଏକ ଛୋଟିଆ ରାଜ୍ୟ ଥିଲା। ତାର ଶାସନକର୍ତ୍ତୀ ଥିଲେ ମଲ୍ଲୀବାଈ। ମଲ୍ଲୀବାଈଙ୍କ ସ୍ୱାମୀ ପରଲୋକ ଗମନ କରିବାପରେ ବିଜାପୁରର ସୁଲତାନଙ୍କ ନିର୍ଦ୍ଦେଶରେ ସେଠାରେ ମୁସଲିମମାନେ ଅନୁପ୍ରବେଶ କରି ହିନ୍ଦୁମାନଙ୍କୁ ନିର୍ଯାତନା ଦେଉଥିଲେ। ଯେତେ ଚେଷ୍ଟା କରିବି ମଲ୍ଲୀବାଈ ଏହି ନିର୍ଯାତନା ଓ ହିନ୍ଦୁଙ୍କୁ ମୁସଲଧର୍ମ ଗ୍ରହଣ କରାଇବା ବାଧବାଧକତାକୁ ରୋକି ପାରୁନଥିବା ଛତ୍ରପତି ଶିବାଜୀଙ୍କ କର୍ଣ୍ଣ ଗୋଚର ହେଲା। ଶିବାଜୀ ମହାରାଜ ମଲ୍ଲୀବାଈଙ୍କୁ ଖବର ପଠାଇଲେ ଯେ ସେ ଛତ୍ରପତିଙ୍କର ଅଧୀନତା ସ୍ୱୀକାର କଲେ ଶିବାଜୀଙ୍କର ସୈନ୍ୟମାନେ ଯାଇ ରାଜ୍ୟକୁ ସୁରକ୍ଷା ଦେବେ ଓ ମୁସ୍‌ଲିମ ଉତ୍ପାତ ବନ୍ଦ ହୋଇଯିବ।

ମଲ୍ଲୀବାଈଙ୍କର ରାଜନୈତିକ ବିଚକ୍ଷଣତା ନଥିଲେ ହେଁ ସେଥିଲେ ବିରାଙ୍ଗନା। ତେଣୁ ସେ ଏ ସର୍ତ୍ତକୁ ଗ୍ରହଣ କଲେନାହିଁ। ଫଳରେ ଶିବାଜୀ ବେଲ୍ଲାରୀ ଆକ୍ରମଣ କରି ମଲ୍ଲୀବାଈଙ୍କୁ ବନ୍ଦିନୀ କଲେ। ଛତ୍ରପତି ଶିବାଜୀ ବେଲ୍ଲାରୀକୁ ଜୟ କରିଥିଲେ ସୁଦ୍ଧା ନିଜ ରାଜ୍ୟରେ ମିଶାଇବାର ଲୋଭ ତାଙ୍କର ନଥିଲା। ତେଣୁ ସେ ରାଣୀ ମଲ୍ଲୀବାଈଙ୍କୁ ତାଙ୍କ ରାଜ୍ୟ ଫେରାଇଦେବା ଇଚ୍ଛା କରି ତାଙ୍କୁ ଦରବାରକୁ ଆଣିବାକୁ ବନ୍ଦୀଶାଳକୁ ପାଲିଙ୍କି ପଠାଇ ତାଙ୍କୁ ସସମ୍ମାନେ ଆଣିବାକୁ ଆଦେଶ ଦେଲେ। ରାଣୀ ମଲ୍ଲୀବାଈ କିନ୍ତୁ ମନା କରିଦେଲେ। ସେ କହିଲେ, "ମୁଁ ପରାଜିତା। ବନ୍ଦୀ, ଶତୃପକ୍ଷ। ମୋତେ ଶୃଙ୍ଖଳ ପିନ୍ଧାଇ ନେବା କଥା। ଶତ୍ରୁକୁ ସମ୍ମାନ ଦେଇ ନିଆଯିବା କଥା ଅପମାନଠାରୁ ଅଧିକ ମର୍ମଦାୟକ। ଏଣୁ ମୁଁ ପାଲିଙ୍କିରେ ସସମ୍ମାନେ ଯିବିନାହିଁ ମୋତେ ବନ୍ଦୀ ଭାବେ ନିଆଯାଉ।"

ରାଜର୍ମଚାରୀଗଣଙ୍କଠାରୁ ଖବର ପାଇଁ ସ୍ୱୟଂ ଛତ୍ରପତି ଶିବାଜୀ ମହାରାଜ ଦରବାର ଛାଡ଼ି ବନ୍ଦିନୀ ରାଣୀ ମଲ୍ଲୀବାଈଙ୍କ ନିକଟରେ ଉପସ୍ଥିତ ହେଲେ ଓ ହାତଯୋଡ଼ି କହିଲେ, ମାଆ ତୁମେ ବୀରାଙ୍ଗନା। ତୁମର ସ୍ୱାଭିମାନ ବି ଉଚ୍ଚକୋଟୀର। ତୁମେ ଠିକ୍ ମୋ ମାଆ ଜୀଜାବାଈଙ୍କ ପରି। ତୁମକୁ ବନ୍ଦୀ କରିବାର କ୍ଷମତା ମୋର ନାହିଁ। ରାଜନୈତିକ ଅପରିହାର୍ଯ୍ୟତା ଓ ଧର୍ମରକ୍ଷା ପାଇଁ ମୋତେ ଏହା କରିବାକୁ ପଡ଼ିଲା। ଆପଣଙ୍କ ରାଜ୍ୟ ଆପଣ ସମ୍ଭାଳନ୍ତୁ। କେବଳ ପୁଅ ହିସାବରେ ଏହାର ସୁରକ୍ଷା ମୋର ଧର୍ମ ହୋଇ ରହିବ। ମଲ୍ଲୀବାଈ କାନ୍ଦୁଥିଲେ, ତାଙ୍କ ଆଖିରୁ ଧାର ଧାର ହୋଇ ଲୁହ ବୋହି ଯାଉଥିଲା। କୋହ କଣ୍ଠରେ କହିଲେ, ଆପଣ ଅତ୍ୟନ୍ତ ମହାନ୍। ତେଣୁ ତ ଛତ୍ରପତି। ମୁଁ ଛତ୍ରପତିଙ୍କର ଅଧୀନତା ସହର୍ଷ ସ୍ୱୀକାର କରୁଛି। କାରଣ ଆପଣଙ୍କ ଛତ୍ରାଧୀନରେ ହିଁ ଅଧର୍ମ ଅନାଚାର ଲୋପ ପାଇବ। ମାତୃଜାତି ପ୍ରତି ଆପଣଙ୍କର ଏହି ଉଦାରତା ସମସ୍ତଙ୍କର ଧ୍ୟେୟ ହେଉ।

ବରପାଲିପଡ଼ା, ବଲାଙ୍ଗିର

# ଗଙ୍ଗଶିଉଳୀ

ଡକ୍ଟର ସୁକାନ୍ତି ତ୍ରିପାଠୀ

ଗଙ୍ଗଶିଉଳୀ ମୁଁ ଆସିଛି ଧରାକୁ
ରାତି ଶେଷେ ଯିବି ଝଲି
ଜୀବନଟା ମୋର ଅଳପ ସମୟ
ସେଥିଲାଗି ହସେ ଖାଲି । ॥୦॥

ସଂଜୁଆ ଅଂଧାର ଯେବେ ଆସେ ନଇଁ
ଆକାଶରେ ଜହ୍ନ ତାରା
ଧଳା ନାଲି ଦୁଇ ରଂଗରେ ବାସଇ
ମୋ ଟିକି ଦେହଟି ସାରା
ଶିତୁଆ ପବନ ମନ ମତାଣିଆ
ପାଗଳ ସଭିଙ୍କୁ କଲି । ॥୧॥

ଦିନ ପରେ ପରେ ରାତି ଆସିଥାଏ
ଏହି ନୀତି ସଂସାରର
ପାଣି ଫୋଟକାକୁ ପଚାରି କି ଲାଭ
ସବୁ କରନ୍ତି ଈଶ୍ୱର
ଦେଖିନାହିଁ କେବେ ସକାଳ ସୁରୁଜ
ମୋ ଜୀବନ ତାଙ୍କୁ ଦେଲି । ॥୨॥

ଏନ୍ ୫ / ୪୨୮, ଆଇ.ଆର.ସି ଭିଲେଜ, ଭୁବନେଶ୍ୱର

# ଚିକେନ ମସଲା

ସୌମିତ୍ରା ହରିଚନ୍ଦନ

**ଆବଶ୍ୟକ ସାମଗ୍ରୀ :-**

କୁକୁଡ଼ା ମାଂସ - ୧ କି.ଗ୍ରା, ରସୁଣ - ୩, ଗୋଟା ଧନିଆ - ୨ ଚାମଚ, ଗୋଲମରିଚ - ୨୫/୩୦,ଟାପାନମଧୁରୀ - ୨ ଚାମଚ, ପିଆଜ - ୩ ଗୋଟା, ପୋସ୍ତ - ୧ ଚାମଚ, ଲଙ୍କା - ୬/୭ ଟି , ଗୋଲାପ ଜଳ - ୪ ଚାମଚ, ଗୁଜୁରାତି - ୧୦ ଟି ,ବୁଟ ଡ଼ାଲି - ୧ କପ୍ , ଅଳେଇଚ - ୫/୬ ଟି , ନଡ଼ିଆ କୋରା - ୧ କପ୍ , ଗୋଟା ପେସ୍ତା - ୧୦/୧୨ଟି, ଦହି - ୧କପ୍, ଦରକାର ମୁତାବକ ଘିଅ ବା ତେଲ - ୨୫୦ ଗ୍ରାମ୍, ଲୁଣ ଓ ହଳଦୀ।

**ପ୍ରସ୍ତୁତ ପ୍ରଣାଳୀ :-**

ପ୍ରଥମେ ମାସଂକୁ କାଟି ପରିଷ୍କାର କରି ଧୋଇକି ରଖିବେ। ୨/୩ ଘଣ୍ଟା ବୁଟଡ଼ାଲି ଭିଜାଇ, ଧନିଆ, ପାନମଧୁରୀ, ଲଙ୍କା, ଗୁଜୁରାତି, ଅଳେଇଚ, ପୋସ୍ତ, ଗୋଲମରିଚ, ପେସ୍ତା, ନଡ଼ିଆକୋରା ଏସବୁକୁ ଟିକେ ଭାଜିବା ପରେ ବାଟିନେବେ। ପିଆଜ ଓ ରସୁଣକୁ ସରୁ ସରୁ କାଟିନେବେ। ତା'ପରେ କଡ଼େଇରେ ଅଧା ତେଲ ଦେଇ ମାଂସକୁ ଭାଜିନେବେ, ଅବଶିଷ୍ଟ ତେଲରେ ପିଆଜ, ରସୁଣ କଟା ପକାଇ ଭାଜିବେ। ଟିକେ ଭାଜିହୋଇ ଆସିଲା ପରେ ବଟା ମସଲା ପକାଇ ଭଲଭାବେ କଷିନେବେ। କଷି ହୋଇଗଲେ ଭଜା କୁକୁଡ଼ା ମାଂସ, ଦହି, ହଳଦୀ ଓ ଲୁଣ ପକାଇ ଭଲଭାବେ ଗୋଳାଇ ଦେଇ ଢାଙ୍କୁଣୀ ଘୋଡ଼ାଇ ଦେଇ ଆଞ୍ଚ କମାଇଦେବେ। ମାଂସ ସିଝିଗଲେ ଗୋଲାପ ଜଳ ପକାଇ ଗ୍ୟାସ୍ ବନ୍ଦ କରିଦେବେ। ଏଥିରେ ପାଣି ଆଦୌ ଦେବେନାହିଁ। ଏଣିକି ଖାଆନ୍ତୁ ଏବଂ ଖୁଆନ୍ତୁ।

ଦୂରଭାଷ-୮୧୪୪୩୪୯୫୦୦

# ଲୋତକର ଇସ୍ତାହାର

ସଂଯୁକ୍ତା ବେହେରା

ଦୁଃଖ ଏକ ନୀଳ ନଈ
ଅକସ୍ମାତ ଥଳକୂଳ ଭାଙ୍ଗିଦେଇ ମାଡ଼ିଯାଏ
ଯେମିତି ବା ହତାଶ ବାଟୋଇ
ଅଜଣା ଦିଗନ୍ତର ପଥେ
ଚାଲିଛି ବୟସ
ଘୁମନ୍ତ ଆକାଶରେ ନାହିଁ
ଚନ୍ଦ୍ରର ପରଶ
ବସନ୍ତ ଯାଇଛି ଫେରି
ପତ୍ର - ପୁଷ୍ପହୀନ ଥୁଣ୍ଟା ଗଛ........
ଛିନ୍ନ ହୋଇଛି ଆଜି ସମସ୍ତ ସମ୍ପର୍କ
କୋଟରାଗତ ଚକ୍ଷୁର
ଚିପୁଡ଼ା ବର୍ଣ୍ଣହୀନ ଲୁହରେ
ରହେ କି ବିଶ୍ୱାସ
ପ୍ରତାରିତ ମନରେ
ଏକା ଏକା ଜଗିବାର ଆଶା
କିଏ ଯେ ଭବେ
ଲୁହର ଲୁଣିରେ କେତେ
କୋହ ଓ ଯନ୍ତ୍ରଣା ??
ନୀରବ ଲୁହରେ କିଏ ଅବା
ହୁଏ ଆପଣାର
ବରଂ ଆତ୍ମୀୟ ପର ହୋଇଯାଏ
ଖେଳିଯାଏ ସ୍ନାୟୁରେ ଚମକ
ସ୍ତବ୍ଧ ହୁଏ ମସ୍ତିଷ୍କ
କ୍ଷୀଣ ହୁଏ ଜୀବନର ଦୀପ
ରହେ ଖାଲି.........
ଅବଶୋଷ, ଅନୁତାପ ଲୁହର
ଏ ତିକ୍ତ ଇସ୍ତାହାର ।

ଶିକ୍ଷୟିତ୍ରୀ,
ହରିପୁର, ଜଟଣୀ

# ପାଚେରୀ

ବୈଜୟନ୍ତୀ ପଟ୍ଟନାୟକ

କ'ଣ ବା ଯାଏ ଆସେ
କାନ୍ଧ ତୋର କି ମୋର,
ଗୁଳି ଫୁଟିବା କଥା ଫୁଟିବ
କ'ଣ ଫରକ ଅଛି -
କିଏ ସେ ଆଗ ଲଂଘିଲା ଲକ୍ଷ୍ମଣରେଖା ?

ମନ ଫାଟିଲା ଦିନ
ଟୋପେ ଲୁହ ଝରି ନଥିଲା
ପାଚେରୀ ଉଠିଲାଦିନ
ସବୁ କୋହ ଅଜାଡ଼ି ପଡ଼ିଲା;

ରକ୍ତ ପାଣି ହେଇଗଲା
ନିଘାନାହିଁ କାହାର
ଚୁଲି ଚାଲ ଭିନେ ହେଲା -
ଅଭିଯୋଗ ବରଷି ପଡ଼ିଲା ।

ପାଚେରୀ ସେପଟେ ତୁ
ଏ ପଟରେ ମୁଁ, ତୋ ସୁଖରେ
ତୁ ଥା, ମୋ ଦୁଃଖରେ ମୁଁ
ମୋ ଚୁଲିରେ ନ ବସୁ ହାଣ୍ଡି

ଭାସୁଥା ତୁ ଘିଅ ମହୁରେ ପଛେ
ଆସିବୁନି ଦିନେ ହେଲେ
କାନ୍ଦିବାକୁ କୁମ୍ଭୀର କାନ୍ଦଣା
କିଏ କହିବ କ'ଣ ହବ
ଲାଗିଗଲେ ରକ୍ତରେ ନିଆଁ !

ଭୁବନେଶ୍ୱର

# ସତୀ ସୀତା ରୂପେ

ଅର୍ଜୁନ ମେହେର

ବିଖ୍ୟାତ ଜଗତେ
ପତି ପ୍ରାଣେ ସମର୍ପଣ
ପ୍ରଭୁ ନିନ୍ଦା କେବେ
ଆସିନାହିଁ ତୁଣ୍ଡେ
ଅନ୍ତରେ ଥାଆନ୍ତି ରାମ ।

ହୋଇଲେ ମରଣ
ଅଗ୍ନି ସମର୍ପଣ
ଅସ୍ଥିକୁ ରଖିବ ନେଇ
ବର୍ଦ୍ଧକୀ କରିବ
ପ୍ରଭୁ ପାଦପଦ୍ମ
ପୁଣ୍ୟ ହେବ ମୋର ଦେହୀ ।

ଅତ୍ୟନ୍ତ ନିଷ୍ଠୁର
ନିୟତିରେ ତୋର
ସୁଖ ନଦେଲୁ ତୁ ଦିନେ
ମାଟିରେ ମିଶିଲେ
ମର ଶରୀରରେ
ଲୀନ ହେବି ପ୍ରଭୁ ପ୍ରାଣେ ।

ଗୌଡ଼ପାଲି, ବୁର୍ଲା
ମୋ - ୯୪୩୭୨୫୪୧୭୩



୧୦୩ ତମ


# ଲଜ୍ଜାବତୀ ମାଙ୍କଡ଼

**ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର**



ପୃଥିବୀ ପୃଷ୍ଠରେ ବିଭିନ୍ନ ପ୍ରଜାତିର ମାଙ୍କଡ଼ ଦେଖାଯାଆନ୍ତି। ଆମ ଭାରତରେ ଏକ ପ୍ରକାର କ୍ଷୁଦ୍ରତମ ମାଙ୍କଡ଼ ଅଛନ୍ତି, ଯାହାର ନାମ ଲଜ୍ଜାବତୀ ମାଙ୍କଡ଼। ଏମାନେ ଏତେ ଛୋଟ ଯେ ମଣିଷ ହାତ ପାପୁଲି ଉପରେ ବସି ପାରିବେ। ଆଉ ମଧ୍ୟ ଏମାନେ ଲାଜକୁଳା ହୋଇଥିବାରୁ ଏମାନଙ୍କୁ ଲଜ୍ଜାବତୀ ମାଙ୍କଡ଼ କୁହାଯାଏ। ଇଂରାଜୀରେ ଏମାନଙ୍କ ନାମ Slender loris ଓ ବୈଜ୍ଞାନିକ ନାମ ହେଉଛି Loris tardigradus ବିଶେଷ କରି ଏମାନେ ଦକ୍ଷିଣ ଭାରତ ଓ ଶ୍ରୀଲଙ୍କା ଦେଶରେ ବାସ କରିଥାଆନ୍ତି।ଏହି ମାଙ୍କଡ଼ର ଦୁଇଟି ପ୍ରଜାତି ଆମ ଭାରତରେ ରହିଥିବା ବେଳେ ଶ୍ରୀଲଙ୍କାରେ ତିନୋଟି ପ୍ରଜାତିର ମାଙ୍କଡ଼ ରହିଛନ୍ତି।

ସେମାନଙ୍କର ଶରୀର ଲମ୍ୱ ୨୦ସେ.ମିରୁ ୨୫ସେ.ମି ହୋଇଥାଏ। ପୁରୁଷମାନଙ୍କର ଶରୀରର ଓଜନ ୨୮୦ଗ୍ରାମରୁ ୩୪୦ଗ୍ରାମ ମଧ୍ୟରେ ଓ ସ୍ତ୍ରୀ ମାନଙ୍କର ଓଜନ ମାତ୍ର ୨୨୫ଗ୍ରାମ ହୋଇଥାଏ। ଏମାନଙ୍କର ଲାଞ୍ଜ ନଥାଏ। ଗୋଡ଼ ଓ ହାତ ଗୁଡ଼ିକ ଲମ୍ୱା ଓ ସରୁ ଅଟେ। କାନ ବଡ଼, ଆଖି ଦୁଇଟି ଲାଗି ଲାଗି ରହିଥାଏ ଏବଂ ମୁହଁଟି ଗୋଜାଳିଆ ଅଟେ। ଦେହସାରା ଛୋଟ ଛୋଟ ନରମ ଓ ଉଲ୍ ଭଳି ଲୋମ ରହିଛି। ଦେହର ରଙ୍ଗ କୃଷ୍ଣ ଧୂସର ବା ମାଟିଆ ଏବଂ ଦେହର ତଳଭାଗଟି ପାଉଁଶିଆ ଅଟେ। ଏମାନଙ୍କର ଥୋମଣିର ଅଗ୍ରଭାଗ ଦଳା ରଙ୍ଗ ଓ ମେରୁଦଣ୍ଡ ଉପରେ ଏକ କୃଷ୍ଣ ଧୂସର ରଙ୍ଗର ଗୋଲାକାର ମଣ୍ଡଳ ରହିଛି। ଏମାନେ ରାତ୍ରିଚର ପ୍ରାଣୀ ଓ ଖୋଲାସ୍ଥାନରେ ରହିବାକୁ ପସନ୍ଦ କରିଥାଆନ୍ତି। ଖାଦ୍ୟ ସଂଗ୍ରହ ପାଇଁ ଲଟାବୁଦା ମଧ୍ୟରେ ଚଳପ୍ରଚଳ କରିଥାଆନ୍ତି। ଦିନ ସାରା ଏମାନେ ଗଛର କୋରଡ଼ କିମ୍ୱା ପତ୍ର ଗହଳରେ ଲୁଚି ରହିଥାଆନ୍ତି। ସନ୍ଧ୍ୟା ସମୟରେ ସେଠାରୁ ବାହାରି ଗଛରୁ ଗଛକୁ ଡେଇଁ ଡେଇଁ ଆସିଥାଆନ୍ତି। ମୁଖ୍ୟତଃ ଏମାନେ କୋଳି, କୀଟପତଙ୍ଗ, ସରୀସୃପ, ଛୋଟ ଛୋଟ ପକ୍ଷୀ, ନାଗୁଆରି ଓ ବେଙ୍ଗମାନଙ୍କୁ ଧରି ଖାଇ ଥାଆନ୍ତି। ଗଛର ପତ୍ରରୁ ଆଙ୍ଗୁଠି ସାହାଯ୍ୟରେ ଜଳ ଗ୍ରହଣ କରିଥାଆନ୍ତି। ଏମାନେ ମୁହଁ ଲଗାଇ ପାଣି ଓ ଖାଦ୍ୟ ଖାଇଥାଆନ୍ତି। ଏମାନଙ୍କର ଶବ୍ଦ ହେଉଛି ଚିଇଁ ଚିଇଁ, କଳିକିଳା ଏବଂ ରାଗିଗଲେ ଗର୍ଜନ ମଧ୍ୟ କରିଥାଆନ୍ତି। ଏମାନେ ପ୍ରାୟ ଏକୁଟିଆ ରହିବାକୁ ଭଲ ପାଆନ୍ତି, କିନ୍ତୁ ବେଳେ ବେଳେ ପୁରୁଷ ଓ ସ୍ତ୍ରୀ ଏକାଠି ରହିଥାଆନ୍ତି। ଏମାନଙ୍କ ଗର୍ଭ ଧାରଣ ସମୟ ତିନି ମାସ ଏବଂ ମେ, ଜୁନ୍,ଅକ୍ଟୋବର ଓ ମାର୍ଚ୍ଚ ମାସରେ ଛୁଆ ଜନ୍ମ କରିଥାଆନ୍ତି। ଥରକେ ଗୋଟିଏ କିମ୍ୱା ଦୁଇଟି ଶାବକ ଜନ୍ମ କରିଥାଆନ୍ତି। ଶାବକମାନେ ମା'ଦ୍ୱାରା ଲାଳିତ ପାଳିତ ହୁଅନ୍ତି ଓ ମା'ଠାରୁ ସ୍ତନ୍ୟପାନ କରନ୍ତି।



ପ୍ରକୃତିର ଏହି ବିଚିତ୍ର ଜୀବଟି ଏବେ ଆସ୍ତେ ଆସ୍ତେ ଲୋପପାଇବାକୁ ବସିଲାଣି। ଏହାର କାରଣ ହେଉଛି ଏମାନଙ୍କ ଆଖିରୁ ପ୍ରସ୍ତୁତ ହୋଇଥାଏ ଆଖିରୋଗ ଔଷଧ। ତେଣୁ ଆଦିବାସୀ ଲୋକମାନେ ଏମାନଙ୍କୁ ମାରି ଔଷଧ ପ୍ରସ୍ତୁତ କରିଥାଆନ୍ତି। ଯାହା ଫଳରେ ଏମାନଙ୍କ ସଂଖ୍ୟା କମି କମି ଗଲାଣି। ତେଣୁ ଏହି ପ୍ରଜାତିର ମାଙ୍କଡ଼ର ସୁରକ୍ଷା କରିବା ଆବଶ୍ୟକ।

**ପ୍ରାଣୀ ବିଜ୍ଞାନ ବିଭାଗ,**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ**
**ଦୂରଭାଷ-**



# ଭାରତୀୟ କ୍ରିକେଟର ପଥ ପ୍ରଦର୍ଶକ

**ଆଶିଷ କୁମାର ରାୟ**




ଆମ ଦେଶ ଏବେ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିବାରେ ଲାଗିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଯୋଗାଯୋଗ ଆଦି କ୍ଷେତ୍ରଠାରୁ ଆରମ୍ଭ କରି ମହାକାଶ ବିଜ୍ଞାନ ଓ ପ୍ରତିରକ୍ଷା କ୍ଷେତ୍ରରେ ଏହି ଅଗ୍ରଗତି ସ୍ପଷ୍ଟ ଭାବେ ପରିଲକ୍ଷିତ ହେଲାଣି। ତେବେ କ୍ରୀଡ଼ା କ୍ଷେତ୍ରରେ ଆମେ ଏପର୍ଯ୍ୟନ୍ତ ପଛରେ ପଡ଼ି ରହିଛୁ। ହକି ଓ କ୍ରିକେଟ ଭଳି ଦଳଗତ କ୍ରୀଡ଼ାରେ ଅନେକ ସଫଳତା ମିଳିଥିଲେ ହେଁ, ବିଶ୍ୱର ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲରେ ଆମେ ଅଦୌ ବିଶ୍ୱସ୍ତରୀୟ ପ୍ରଦର୍ଶନ କରିପାରିନାହୁଁ। ଅନ୍ୟାନ୍ୟ ବ୍ୟକ୍ତିଗତ କ୍ରୀଡ଼ାରେ ଆମକୁ ମିଳିଥିବା ସଫଳତା ହାତଗଣତିରେ ହିଁ ସୀମିତ। ଯେପରିକି ମଦର ଅଫ୍ ଅଲ୍ ସ୍ପୋର୍ଟସ୍ ଭାବେ ପରିଚିତ ଆଥ୍ଲେଟିକ୍ସ ବା ଦୌଡ଼କୁଦ ଖେଳରେ ଆମେରିକା, ଚୀନ, ରୁଷ, ଅନ୍ୟାନ୍ୟ ୟୁରୋପୀୟ ତଥା ଆଫ୍ରୀକୀୟ ରାଷ୍ଟ୍ରର ଖେଳାଳିମାନେ ବ୍ୟାପକ ସଫଳତା ହାସଲ କରିଥିବା ବେଳେ ସ୍ୱାଧୀନତା ପରଠାରୁ ଅଲିମ୍ପିକ୍‌ର ଦୌଡ଼କୁଦ ପ୍ରତିଯୋଗିତାରୁ ଆମକୁ ଗୋଟିଏ ହେଲେ ପଦକ ମିଳିପାରିନାହିଁ। ଏତଦବ୍ୟତୀତ କୁସ୍ତି ଭଳି ଏକ ପାରମ୍ପରିକ ଖେଳର
ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ଆମକୁ ମିଳିଛି ମାତ୍ର ଗୋଟିଏ ସ୍ୱର୍ଣ୍ଣପଦକ, ଯେତେବେଳେ କି ପୂର୍ବତନ ସୋଭିଏତ ରୁଷ ଓ ବର୍ତ୍ତମାନର ରୁଷିଆର ପହିଲମାନମାନେ ମିଶି ଜିଣି ନେଇଛନ୍ତି ସର୍ବମୋଟ ୩୫୫ଟି ସ୍ୱର୍ଣ୍ଣପଦକ। ଅଲିମ୍ପିକ୍‌ରେ ଏଯାବତ ଭାରତକୁ ୯ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୨ଟି ବ୍ରୋଞ୍ଜ ସମେତ ମୋଟ ୨୮ଟି ପଦକ ମିଳିଥିବା ସ୍ଥଳେ ଆମେରିକାର ସନ୍ତରଣ ତାରକା ମାଇକେଲ୍ ଫେଲ୍‌ପ୍ସ ଏକାକୀ ନିଜ ଦମ୍‌ରେ ଜିତି ନେଇଛନ୍ତି ୨୩ଟି ସ୍ୱର୍ଣ୍ଣ ସହିତ ୨୮ଟି ପଦକ।

ପ୍ରକୃତରେ ଦେଖିବାକୁ ଗଲେ କ୍ରୀଡ଼ା ସଫଳତା ସହିତ ଦେଶର ସମ୍ମାନ ମଧ୍ୟ ଜଡ଼ିତ। ଅଲିମ୍ପିକ୍ ତଥା ବିଭିନ୍ନ ଖେଳର ବିଶ୍ୱ ଚାମ୍ପିଆନ୍‌ଶିପ୍‌ରେ ଛୋଟ ଛୋଟ ଦେଶର ପ୍ରତିଯୋଗୀମାନେ ସଫଳତା ହାସଲ କରୁଥିବା ବେଳେ ଆମ ଖେଳାଳିମାନଙ୍କର ବିଫଳତାକୁ ଦେଖିଲେ କେତେ ଖରାପ ଲାଗିଥାଏ? ମନରେ ଆସେ କି, ଆମ ଦେଶର କ୍ରୀଡ଼ାବିତମାନେ ମଧ୍ୟ ସେହିଭଳି ଅନେକ ପଦକ ଜିତନ୍ତେ କି? କ୍ରୀଡ଼ା କ୍ଷେତ୍ରରେ ବିଶ୍ୱବିଜେତା ହୁଅନ୍ତେ କି? ସେହି ଦୃଷ୍ଟିରୁ ଭାରତକୁ ଏକ ପ୍ରମୁଖ କ୍ରୀଡ଼ାଶକ୍ତିରେ ପରିଣତ କରିବା ପାଇଁ ଆରମ୍ଭ କରାଯାଇଛି ବେଶ୍ କେତୋଟି କାର୍ଯ୍ୟକ୍ରମ। ସେଥି ମଧ୍ୟରୁ 'ଖେଲୋ ଇଣ୍ଡିଆ' ହେଉଛି ଏକ ଅଭିନବ ଯୋଜନା, ଯାହାର ଶୁଭାରମ୍ଭ ହୋଇଛି ୨୦୧୭ ମସିହାରୁ। ଦେଖିବାକୁ ଗଲେ ଦେଶରେ କ୍ରୀଡ଼ାର ବିକାଶ ନିମନ୍ତେ ପୂର୍ବରୁ ଚାଲୁ ରହିଥିବା କାର୍ଯ୍ୟକ୍ରମଗୁଡ଼ିକୁ 'ଖେଲୋ ଇଣ୍ଡିଆ ଯୋଜନା' ସହିତ ମିଶାଇ ଦିଆଯାଇ ଏହାକୁ ଅଧିକ ବ୍ୟାପକ କରାଯାଇଛି। ବିଶେଷ କରି ୨୦୧୬ର ରିଓ ଅଲିମ୍ପିକ୍‌ରେ ମିଳିଥିବା ମାମୁଲି ସଫଳତାକୁ ଦେଖି ଏଭଳି ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରାଯାଇଛି। ଏଥିସହିତ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତଥା ଭାରତୀୟ ଅଲିମ୍ପିକ୍ ସଂଘ ତରଫରୁ ଏକାସାଙ୍ଗେ ୨୦୨୦ର ଟୋକିଓ ଅଲିମ୍ପିକ୍, ୨୦୨୪ର ପ୍ୟାରିସ ଅଲିମ୍ପିକ୍ ଏବଂ ୨୦୨୮ର ଲସ୍ ଆଞ୍ଜେଲସ ଅଲିମ୍ପିକ୍ ସକାଶେ କ୍ରୀଡ଼ାବିତମାନଙ୍କୁ ପ୍ରସ୍ତୁତ କରିବା ନିମନ୍ତେ ବ୍ୟାପକ ଅର୍ଥ ବ୍ୟୟରେ ବଡ଼ ଧରଣର କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି। ଏଥି ନିମନ୍ତେ 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ'କୁ ଏକ ବିରାଟ ମଞ୍ଚ ଭାବେ ଗ୍ରହଣ କରାଯାଇଛି। ଏହା ମାଧ୍ୟମରେ ଉଦୀୟମାନ ଖେଳାଳିଙ୍କୁ ଅନ୍ୱେଷଣ କରାଯାଇ ଅତ୍ୟାଧୁନିକ ପ୍ରଶିକ୍ଷଣରେ ନିୟୋଜିତ କରାଯିବ ଏବଂ ସେହି ଖେଳାଳିମାନେ ହିଁ ଭବିଷ୍ୟତରେ ଅଲିମ୍ପିକ୍ ତଥା ଅନ୍ୟାନ୍ୟ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦେଶ ପାଇଁ ମେଡାଲ୍ ଜିତିବେ।

ଆମର କ୍ରୀଡ଼ାନୁରାଗୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ତଥା ତତ୍କାଳୀନ କ୍ରୀଡ଼ା ମନ୍ତ୍ରୀ କର୍ନେଲ୍ ରାଜ୍ୟବର୍ଦ୍ଧନ ସିଂହ ରାଠୋରଙ୍କ ତତ୍ତ୍ୱାବଧାନରେ ୨୦୧୭ରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହି ଯୋଜନାର ରୂପାୟନ ନିମନ୍ତେ ୧୭୫୬ କୋଟି ଟଙ୍କାର ବଜେଟ୍ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। 'ଖେଲୋ ଇଣ୍ଡିଆ ଗେମ୍ସ'ର ଆୟୋଜନ ମାଧ୍ୟମରେ ପ୍ରତିଭା ଅନ୍ୱେଷଣ ତଥା ସେମାନଙ୍କୁ ଭବିଷ୍ୟତର ଚାମ୍ପିଆନ୍ ଭାବେ ଗଢ଼ି ତୋଳିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ସବୁଠାରୁ ବଡ଼ କଥା ହେଲା ପ୍ରତିବର୍ଷ ବିଭିନ୍ନ ଖେଳର ପ୍ରାୟ ଏକ ହଜାର

ଉଦୀୟମାନ ଖେଳାଳିଙ୍କୁ ଚୟନ କରାଯାଇ ବାର୍ଷିକ ପାଞ୍ଚଲକ୍ଷ ଟଙ୍କା ଲେଖାଏଁ କ୍ରୀଡ଼ା ବୃତ୍ତି ପ୍ରଦାନ କରାଯାଉଛି। ଏହି ଅର୍ଥ ସଂପୃକ୍ତ ଖେଳାଳିଙ୍କୁ ଆଠବର୍ଷ ଧରି ପ୍ରଦାନ କରାଯିବ, ଯଦ୍ୱାରା ସେମାନେ ନିଜ କ୍ରୀଡ଼ା କ୍ୟାରିୟରକୁ ଅଧିକ ବ୍ୟବସ୍ଥିତ କରିବା ସହିତ ଉନ୍ନତ ପ୍ରଶିକ୍ଷଣ ମଧ୍ୟ ପ୍ରାପ୍ତ କରିପାରିବେ। ଯେହେତୁ ଅନେକ କ୍ରୀଡ଼ା ପ୍ରତିଭା ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥାନ୍ତି, ଅର୍ଥାଭାବ ସେମାନଙ୍କ ପାଇଁ ଏକ ବିରାଟ ପ୍ରତିବନ୍ଧକ ହୋଇ ରହିଥାଏ। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ବ୍ୟାପକ ରୂପ ନେବାପରେ ସ୍ଥିତିରେ ନିଶ୍ଚିତ ଭାବେ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଇପାରେ। ବର୍ତ୍ତମାନ ସମୟର କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ଏହି ଖେଲୋ ଇଣ୍ଡିଆ ଯୋଜନା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।




କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଓ ପ୍ରଶିକ୍ଷଣ ସହିତ ସାରା ଦେଶରେ ଖେଳ ପଡ଼ିଆର ଉନ୍ନତିକରଣ, ସାମୂହିକ ପ୍ରଶିକ୍ଷଣ ବ୍ୟବସ୍ଥା, ରାଜ୍ୟ ସ୍ତରର ଖେଲୋ ଇଣ୍ଡିଆ କେନ୍ଦ୍ର ସ୍ଥାପନ, କ୍ରୀଡ଼ା ଭିତ୍ତିଭୂମିର ବ୍ୟବସ୍ଥା ଓ ଏହାର ଆଧୁନିକୀକରଣ, ପୂର୍ବରୁ ସ୍ଥାପିତ ଜାତୀୟ ଓ ଆଞ୍ଚଳିକ ସ୍ତରର କ୍ରୀଡ଼ା ଏକାଡେମୀଗୁଡ଼ିକୁ ଅଧିକ ସାହାଯ୍ୟ ପ୍ରଦାନ, ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ଶିକ୍ଷା, ବିଶେଷ କରି ବାଳିକାମାନଙ୍କୁ କ୍ରୀଡ଼ା କ୍ଷେତ୍ରକୁ ଆଣିବା, ଦିବ୍ୟାଙ୍ଗମାନଙ୍କ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା, ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ପ୍ରଚୀନ ପାରମ୍ପରିକ କ୍ରୀଡ଼ାର ପ୍ରସାର କରିବା ଏବଂ କ୍ରୀଡ଼ାକୁ ଶାନ୍ତି, ସୌହାର୍ଦ୍ଦ୍ୟ ତଥା ସାମାଜିକ ବିକାଶର ମାଧ୍ୟମ ଭାବେ ଗଢ଼ିତୋଳିବା ହେଉଛି ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ହାସଲ ହୋଇଗଲେ ଭାରତ ଯେ କ୍ରୀଡ଼ା କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ରରେ ପରିଣତ ହୋଇପାରିବ ଏଥିରେ କୌଣସି ସନ୍ଦେହ ନାହିଁ।

ଭାରତ ଭଳି ଏକ ବିଶାଳ ଦେଶରେ କ୍ରୀଡ଼ା ପ୍ରତିଭାର ଅଭାବ ନାହିଁ। ଆବଶ୍ୟକତା କେବଳ ସେମାନଙ୍କୁ ଲୋକଲୋଚନକୁ ଆଣି ଉନ୍ନତ ପ୍ରଦର୍ଶନ ନିମନ୍ତେ ପ୍ରେରିତ କରିବା, ଯେପରିକି କୌଣସି ନୈସର୍ଗିକ ପ୍ରତିଭା ବଣର ମଲ୍ଲୀ ବଣରେ ଫୁଟି ଝଡ଼ିଗଲା ଭଳି ଅବସ୍ଥା ସୃଷ୍ଟି ନ ହୁଏ। ଏ ଦିଗରେ ତିନିବର୍ଷ ଧରି ଆୟୋଜିତ ହେଉଥିବା 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ' ଗ୍ରହଣ କରିଛି ମହତ୍ତ୍ୱପୂର୍ଣ୍ଣ ଭୂମିକା। ୨୦୧୮ ଜାନୁଆରୀ ୩୧ରୁ ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ନୂଆ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିବା ଏହାର ପ୍ରଥମ ସଂସ୍କରଣରେ ସମଗ୍ର ଦେଶର ସାଢ଼େ ତିନିହଜାରରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୭ବର୍ଷରୁ କମ ଆୟୁ ବର୍ଗରେ ଆୟୋଜିତ ହୋଇଥିବା ଏହି ଖେଳରେ ହରିୟାଣାର ଖେଳାଳିମାନେ ୩୮ସ୍ୱର୍ଣ୍ଣ, ୨୬ରୌପ୍ୟ ଓ ୩୮କାଂସ୍ୟ ପଦକ ସହିତ ପ୍ରଥମ ସ୍ଥାନରେ ରହିଥିବା ବେଳେ ମହାରାଷ୍ଟ୍ର ୩୬ସ୍ୱର୍ଣ୍ଣ, ୩୨ରୌପ୍ୟ ଓ ୪୩ଟି କାଂସ୍ୟ ପଦକ ସହିତ ଦ୍ୱିତୀୟ ସ୍ଥାନରେ ଥିଲା। ଏହାପରେ ଜାନୁଆରୀ ୯ରୁ ୨୦ ତାରିଖ ପର୍ଯ୍ୟନ୍ତ ପୁଣେରେ ଅନୁଷ୍ଠିତ ଦ୍ୱିତୀୟ 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ'ରେ ୧୭ବର୍ଷରୁ କମ ଆୟୁବର୍ଗ ସହିତ ୨୧ବର୍ଷରୁ କମ ଯୁବକ ଯୁବତୀଙ୍କୁ ନେଇ ମଧ୍ୟ ୧୮ଟି ଖେଳରେ ମୁକାବିଲା ହୋଇଥିଲା। ଏଥିରେ ମହାରାଷ୍ଟ୍ରର ଖେଳାଳିମାନେ ୮୫ସ୍ୱର୍ଣ୍ଣ, ୬୨ରୌପ୍ୟ ଓ ୮୧କାଂସ୍ୟ ପଦକ ଜିଣି ଶୀର୍ଷରେ ରହିଥିଲେ। ହରିୟାଣା(୬୨ସ୍ୱର୍ଣ୍ଣ, ୫୬ରୌପ୍ୟ, ୬୦କାଂସ୍ୟ) ଏବଂ ଦିଲ୍ଲୀ(୪୮ସ୍ୱର୍ଣ୍ଣ, ୩୭ରୌପ୍ୟ, ୫୧କାଂସ୍ୟ) ଯଥାକ୍ରମେ ରହିଥିଲେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ।

ଆଉ ଏହି ନିକଟରେ ଆସାମର ଗୁଆହାଟିରେ ୨୦ଟି ଖେଳକୁ ନେଇ ଆୟୋଜିତ ହୋଇଯାଇଛି ୨୦୨୦ର 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ'। ଜାନୁଆରୀ ୧୦ରୁ ୨୨ତାରିଖ ମଧ୍ୟରେ ଆୟୋଜିତ ହୋଇଥିବା ଏହି କ୍ରୀଡ଼ାର ବିଭିନ୍ନ ବିଭାଗରେ ପ୍ରତିଦ୍ୱନ୍ଦିତା ହୋଇଥିଲା ମୋଟ ୪୪୩ଟି ସ୍ୱର୍ଣ୍ଣ ପଦକ ସକାଶେ। ମହାରାଷ୍ଟ୍ରର ଯୁବ ଖେଳାଳିମାନେ ଏଥିରେ ୭୮ସ୍ୱର୍ଣ୍ଣ, ୭୭ରୌପ୍ୟ ଓ ୧୦୧ଟି କାଂସ୍ୟ ପଦକ ଜିତି ପୁନର୍ବାର ପଦକ ତାଲିକାର ଶୀର୍ଷରେ ରହିଲେ। ଦ୍ୱିତୀୟ ସ୍ଥାନରେ ଥିବା ହରିୟାଣାକୁ ମିଳିଲା ୬୮ସ୍ୱର୍ଣ୍ଣ, ୬୦ରୌପ୍ୟ ଓ ୭୨ଟି ବ୍ରୋଞ୍ଜ ପଦକ। ଏମାନଙ୍କ ପଛକୁ କ୍ରମାନ୍ୱୟରେ ଦିଲ୍ଲୀ, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ତାମିଲନାଡୁ, ଆସାମ, ପଶ୍ଚିମ ବଙ୍ଗ, ଗୁଜରାଟ ଓ ପଞ୍ଜାବ ତୃତୀୟରୁ ଦଶମ ସ୍ଥାନ ହାସଲ କଲେ। ୫ସ୍ୱର୍ଣ୍ଣ ଏବଂ ୮ଟି ଲେଖାଏଁ ରୌପ୍ୟ ଓ ବ୍ରୋଞ୍ଜ ଜିତି ଓଡ଼ିଶା ରହିଗଲା ୧୭ତମ ସ୍ଥାନରେ।

'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ'ର ସଫଳତା ପରେ ଏବେ ଆସିଛି 'ଖେଲୋ ଇଣ୍ଡିଆ ୟୁନିଭର୍ସିଟୀ ଗେମ୍ସ'ର ପାଳି, ଯାହାର ପ୍ରଥମ ସଂସ୍କରଣ ୨୨ଫେବୃଆରୀରୁ ୧ମାର୍ଚ୍ଚ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ। ଦେଖିବାକୁ ଗଲେ ଭୁବନେଶ୍ୱର ଯେ କେବଳ ଓଡ଼ିଶାର ରାଜଧାନୀ ତାହା ନୁହେଁ, କିଛିବର୍ଷ ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ବଡ଼ ଧରଣର ଆର୍ନ୍ତଜାତିକ ପ୍ରତିଯୋଗିତାମାନ ଆୟୋଜିତ କରି ଏହା ଦେଶର କ୍ରୀଡ଼ା ରାଜଧାନୀରେ ମଧ୍ୟ ପରିଣତ ହୋଇଯାଇଛି। ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟନାୟକଙ୍କ ମାର୍ଗଦର୍ଶନରେ ଏଠାରେ ବିଭିନ୍ନ ଖେଳପାଇଁ ଅତ୍ୟାଧୁନିକ ସୁବିଧା ବିକଶିତ ହୋଇପାରିଛି, ଯାହାକି ଆଗାମୀ ସମୟରେ ରାଜ୍ୟରୁ ଅଧିକ ସଂଖ୍ୟକ ଖେଳାଳି ସୃଷ୍ଟି କରିବାରେ ନିଶ୍ଚିତ ଭାବେ ସହାୟକ ହେବ ।


ମୋ- ୯୪୩୭୬୨୭୫୧୪

# ସମ୍ବାଦ ବିଚିତ୍ରା

୧. ଫେବ୍ରୁଆରୀ ୮ ତାରିଖରେ ଦିଲ୍ଲୀ ବିଧାନସଭା ନିର୍ବାଚନ ଏବଂ ୧୧ ତାରିଖରେ ଫଳାଫଳ ଘୋଷଣା କରାଯିବ।
୨. ଚୀନରେ ଅଦ୍ୟାବଧି କରୋନା ଭାଇରସ ସଂକ୍ରମଣରେ ୫୬୪ଙ୍କ ମୃତ୍ୟୁ ଏବଂ ୩୦୦୦୦ ଆକ୍ରାନ୍ତ ହୋଇଛନ୍ତି।
୩. ଚଳିତବର୍ଷ ଯେଉଁମାନେ ଏ.ସି କିଣିବେ ତାକୁ ୨୪° ସେଲ୍‌ସିଅସ ତାପମାତ୍ରାରେ ଡିଫଲ୍ଟ ମୋଡ୍‌ରେ ରଖାଯିବ।
୪. ଲିଙ୍ଗରାଜ ମନ୍ଦିର ପରିସରକୁ ପାନ, ଗୁଟ୍‌ଖା ଇତ୍ୟାଦି ମାଦକଦ୍ରବ୍ୟ ଖାଇ ଭିତରକୁ ପ୍ରବେଶ କଲେ ଜାନୁଆରୀ ୧୫ ତାରିଖଠାରୁ ଏକଶତ ଟଙ୍କା ଜୋରିମାନା ଦେବାକୁ ବାଧ୍ୟ ହେବେ।
୫. ଓଡ଼ିଶା ଲୋକସଭା ଆୟୋଗଦ୍ୱାରା ପରିଚାଳିତ ୨୦୧୮ ସିଭିଲ ସର୍ଭିର୍ସ ପରୀକ୍ଷାରେ ସୁନ୍ଦରଗଡ଼ ଜିଲ୍ଲାର ବଣାଇ ସବ୍‌ଡ଼ିଭିଜନର ଶ୍ରୀ ଦେବାଶିଷ ପଣ୍ଡା ୧ମ ସ୍ଥାନ ଅଧିକାର କରିଛନ୍ତି।
୬. ନାଗାଲାଣ୍ଡକୁ ବିଶ୍ୱର ଫାଲକନ୍ କ୍ୟାପିଟାଲ (ଛଞ୍ଚାଣ ରାଜଧାନୀ) ବୋଲି କୁହାଯାଏ।
୭. ଭାରତୀୟ ରାଜ୍ୟ ଫରେଷ୍ଟ ରିପୋର୍ଟ - ୨୦୧୯ ଅନୁଯାୟୀ ମଧ୍ୟପ୍ରଦେଶ ସର୍ବାଧିକ କ୍ଷେତ୍ରଫଳ ଜଂଗଲଜମି ଥିବା ସୂଚନା ଦେଇଛନ୍ତି।
୮. ରାଜସ୍ଥାନର ଟ୍ରାନ୍ସପୋର୍ଟ ଡିପାର୍ଟମେଣ୍ଟ ୨୦୨୦ ମସିହା ପାଇଁ ମାସର ପ୍ରଥମଦିନ "ନୋ-ଭେହିକ୍ଲ ଡ଼େ" ପାଳନ କରିବେ।
୯. କୃଷି କର୍ମଣ ପୁରସ୍କାର ପାଇଁ ମୁଖ୍ୟତଃ କୃଷି ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯାଇଥାଏ।
୧୦. ଚନ୍ଦ୍ରୟାନ୍ - ୩ ପ୍ରୋଜେକ୍ଟ ପାଇଁ ଇସ୍ରୋ ୬୦୦ କୋଟି ଟଙ୍କା ଖର୍ଚ୍ଚ ଆକଳନ କରିଛି।
୧୧. ଜାନୁଆରୀ ୧୭ ତାରିଖ ୨୦୨୦ରେ ଜି.ସାର୍ଟ ୧୩ ସାଟେଲାଇଟ୍ ପ୍ରେରଣ କରାଯିବ।
୧୨. ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଯୋଗ୍ୟ କୃଷକମାନଙ୍କୁ ବାର୍ଷିକ ୬୦୦୦ ଟଙ୍କା ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ।
୧୩. ଭାରତର ସବୁଠାରୁ ଶକ୍ତିଶାଳୀ ସଂଚାର ଉପଗ୍ରହ ଜି ସାଟ୍ - ୩୦ ସଫଳତାର ସହ ଉତ୍‌କ୍ଷେପଣ କରାଯାଇଛି।
୧୪. ୨୦୨୫ ସୁଦ୍ଧା ଋଷିଆରୁ ଭାରତକୁ ମିଳିବ ଏସ୍-୪୦୦ କ୍ଷେପଣାସ୍ତ୍ର।
୧୫. ମହାତ୍ମାଗାନ୍ଧୀ ଭାରତରତ୍ନଠାରୁ ବହୁତ ଉର୍ଦ୍ଧ୍ୱରେ ବୋଲି ସୁପ୍ରିମକୋର୍ଟ ମତ ଦେଇଛନ୍ତି।
୧୬. ପାର୍ଲାମେଣ୍ଟର ବଜେଟ ଅଧିବେଶନ ଜାନୁଆରୀ ୩୧ ରୁ ଅପ୍ରେଲ ୩ ପର୍ଯ୍ୟନ୍ତ ଚାଲିବ।
୧୭. କଲିକତା ପୋର୍ଟ ଟ୍ରଷ୍ଟ ତାର ୧୫୦ତମ ଜନ୍ମଦିନ ପାଳନ କରିଛି।
୧୮. ଭାରତୀୟ ବାୟୁସେନାକୁ ଭାରତ ସରକାର ୨୦୦ଟି ବିମାନ ଯୋଗାଇଦେଇଛନ୍ତି।
୧୯. "କାରାଭାଲି ଉତ୍ସବ" କର୍ଣ୍ଣାଟକରେ ୧୦ଦିନ ଧରି ଚାଲିଥିଲା।
୨୦. ଉତ୍ତର ଭାରତରେ ମକର ସଂକ୍ରାନ୍ତିର ପୂର୍ବଦିନ କୃଷକମାନଙ୍କର ଏକ ଉତ୍ସବ "ଲୋହରୀ ଦିବସ" ପାଳନ କରାଯାଇଥାଏ।
୨୧. କୋଲକତା ପୋର୍ଟ ଟ୍ରଷ୍ଟର ନାମ ଶ୍ୟାମ ପ୍ରସାଦ ମୁଖାର୍ଜୀ ପୋର୍ଟ ରୂପେ ପରିବର୍ତ୍ତନ କରାଯାଇଛି।
୨୨. ଭାରତର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥିରୂପେ ବ୍ରାଜିଲର ରାଷ୍ଟ୍ରପତି ଜୈର ବୋଲ ସୋନାରୋ ଯୋଗ ଦେଇଥିଲେ।
୨୩. ଭାରତୀୟ ଜନତା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ଜଗତ ପ୍ରକାଶ ନଡ୍ଡା କାର୍ଯ୍ୟଭାର ଗ୍ରହଣ କରିଛନ୍ତି।
୨୪. ସମାଜରେ ପରିବାରର ବ୍ୟକ୍ତିଙ୍କଠାରୁ ସ୍ନେହ, ଶ୍ରଦ୍ଧାର ଅଭାବପାଇଁ ନେଦରଲାଣ୍ଡର ବରିଷ୍ଠ ନାଗରିକମାନେ (୫୫ ବର୍ଷରୁ ଅଧିକ) ଅଧିକାଂଶ ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରୁଛନ୍ତି।
୨୫. ୟୁରୋପୀୟ ସଂଘରୁ ବ୍ରିଟେନ୍ ଅଲଗା ହୋଇଯାଇଛି।
୨୬. ଉଜ୍‌ବେକିସ୍ତାନର ବୟସ୍କା ମହିଳା ଫାତିମା ମିର୍ଜୋକୁଲଓ୍ୱା (୧୨୬ ବର୍ଷ) ଙ୍କର ଦେହାନ୍ତ ହୋଇଯାଇଛି।
୨୭. ୨୦୧୯ରେ ଆମେରିକା ଆଫଗାନିସ୍ଥାନରେ ୭,୪୨୩ ବୋମାମାଡ଼ କରିଅଛି।
୨୮. ଆମେରିକାର କାର୍ଲିଫର୍ଣ୍ଣିଆ ସହରରେ ଏକ ବଡ଼ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତରେ ପ୍ରସିଦ୍ଧ ବାସ୍କେଟବଲ୍ ଖେଳାଳି କୋବେ ବ୍ରାଏଣ୍ଟ (୪୧ ବର୍ଷ) ଙ୍କର ମୃତ୍ୟୁ ଘଟିଛି।
୨୯. ଜାପାନରେ ଜଣେ ୬୧ ବର୍ଷ ବୟସ୍କ ପୋଷ୍ଟମ୍ୟାନ୍ ୧୬ ବର୍ଷ ଧରି ପ୍ରାୟ ୨୪୫ ହଜାରରୁ ଅଧିକ ଚିଠି ନବାଣ୍ଟି ପକାଇ ରଖିଥିଲେ।
୩୦. ୨୦୨୦-୨୧ ଆର୍ଥିକ ବଜେଟ ପ୍ରସ୍ତୁତି ପ୍ରକ୍ରିୟାରେ ସାମିଲ ଅର୍ଥମନ୍ତ୍ରଣାଳୟ ପ୍ରେସ୍‌ର ଡ଼େପୁଟି ମ୍ୟାନେଜର କୁଳଦୀପ କୁମାର ଶର୍ମାଙ୍କ ପିତାଙ୍କର ଦେହାନ୍ତ ୬୨ ବର୍ଷରେ ହୋଇଥିଲେ ବି ନିୟମ ଦୃଷ୍ଟିରୁ ସେ ଘରକୁ ଯାଇପାରିନଥିଲେ।
୩୧. ଗର୍ଭାବସ୍ଥାର ୨୪ ସପ୍ତାହ ମଧ୍ୟରେ ଗର୍ଭପାତ ସଂଶୋଧନ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ ଦେଇଛି।
୩୨. ଭାରତକୁ ୨୦୨୫ ସୁଦ୍ଧା କେନ୍ଦ୍ରସରକାର ଯକ୍ଷ୍ମାମୁକ୍ତ କରିବାପାଇଁ ସ୍ଥିର କରିଛନ୍ତି।
୩୩. ପୃଥିବୀର ସର୍ବବୃହତ୍ ଧ୍ୟାନ (ଯୋଗ) କେନ୍ଦ୍ର ଭାରତର ଶ୍ରୀରାମଚନ୍ଦ୍ର ମିଶନ୍ ହାଇଦ୍ରାବାଦଠାରେ ଖୋଲାଯାଇଛି।
୩୪. ଆନ୍ଧ୍ରପ୍ରଦେଶ ସରକାର ଓ୍ୱାଇ.ଏସ୍.ଆର୍. ପେନ୍‌ସନ୍ "କାନୁକା ଯୋଜନା" ମାଧ୍ୟମରେ ଦୁଆର ଦୁଆର ବୁଲି ପେନ୍‌ସନ୍ ଦେବେ।
୩୫. ଓଡ଼ିଶା ସରକାର ଏକ ଭର୍ଚୁଆଲ ପୋଲିସ୍ ଷ୍ଟେସନ ଆରମ୍ଭ କରିଛନ୍ତି।
୩୬. ଚୀନ୍ ବିଶ୍ୱର କ୍ଷେପଣାସ୍ତ୍ର ନିର୍ମାଣରେ ୨ୟ ସ୍ଥାନରେ ଅଛି।
୩୭. ଶିଭ୍ ଭୋଜନ ଥାଳି କାର୍ଯ୍ୟକ୍ରମ ମହାରାଷ୍ଟ୍ର ସରକାର ଆରମ୍ଭ କରିଛନ୍ତି ମାତ୍ର ୧୦ଟଙ୍କାରେ ଗୋଟିଏ ମିଲ୍।
୩୮. ପାଞ୍ଚବର୍ଷରୁ ୧୮ ବର୍ଷ ବୟସର ୪୯ଜଣ ପିଲା ବାଲଶକ୍ତି ପୁରସ୍କାର ୨୦୨୦ ପାଇଛନ୍ତି।
୩୯. ଭାରତୀୟ ଜନତା ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଭାବରେ ଜଗତ ପ୍ରକାଶ ନଡ୍ଡା କାର୍ଯ୍ୟଭାର ଗ୍ରହଣ କରିଛନ୍ତି।
୪୦. ରାମମନ୍ଦିର ପାଇଁ "ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ" ଗଠନ କରାଯାଇଛି।
୪୧. ମସ୍‌ଜିଦ୍ ନିର୍ମାଣପାଇଁ ସୁନ୍ନି ଓ୍ୱାକଫ୍ ବୋର୍ଡ଼କୁ ୫ଏକର ଜମି ଯୋଗାଇ ଦିଆଯାଇଛି।
୪୨. ସମ୍ବଲପୁର-ଗୋପାଳପୁର ଓ ବଡ଼ବିଲ - କିରିବୁର ମଧ୍ୟରେ ନୂତନ ରେଳପଥ ନିର୍ମାଣ ପ୍ରସ୍ତାବ ଅଛି ।
୪୩. ନୂତନ ରାୟଗଡ଼ା ରେଳ ଡିଭିଜନ ଭିତ୍ତିଭୂମି ନିର୍ମାଣପାଇଁ ୭୦୫.୧୭ କୋଟିର ବ୍ୟୟବରାଦ କରାଯାଇଛି।
୪୪. ଖୋର୍ଦ୍ଧା - ବଲାଙ୍ଗିର ରେଳ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ ଦିଆଯାଇ ୫୨୦ କୋଟି ଅନୁଦାନ କରାଯାଇଛି।
୪୫ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ପ୍ରଥମ କାଡ଼ା ଭେରିକ୍ ଟ୍ରାନ୍ସ ପ୍ଲାଣ୍ଟ ସଫଳତାର ସହିତ ହୋଇଛି।
୪୬. ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ପ୍ରିୟଙ୍କାରାଣୀ ପାତ୍ର(୨୨) ଙ୍କର ଦୁର୍ଘଟଣା ପରେ ବ୍ରେନ୍‌ଡେଡ୍ ହେବାରୁ ପରିବାର ଲୋକେ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଦାନକରିଥିଲେ। ତାଙ୍କର ଦୁଇଟି କିଡ୍‌ନି ଦୁଇଟି ଲୋକଙ୍କ ଜୀବନ ରକ୍ଷା କରିପାରିଛି।



# ସାଧାରଣ ଜ୍ଞାନ



## (1) ABBREVIATION

1.ATVM : Automatic Ticket Vending Machine
2.AFRS : Automated Facial Recognition System
3.MHR : Ministry of Home Affairs
4.CBHI : Central Bureau of Health Intelligence
5.CIC : Chief Information Commissioner
6. ISF : Infosys Science Foundation
7.PCI : Press Council of India
8.LPAI : Land Ports Authority of India
9.UNGA : United Nations General Assembly
10.RTI : Right To Information

## (୨) ପୁସ୍ତକ ଓ ଲେଖକ

| | |
|---|---|
| 1. Kashmir Land of Regrets | :- Moosa Raja |
| 2. B A | :- Giriraj Kishore |
| 3. The Years | :- Anie Ernaux |
| 4. Caste as Social Capital | :- Prof. R. Vaidyanathan |
| 5. The Lost Decade 2008-18 | :- Puja Mehra |
| ୬. କଥା ଓ କାହାଣୀ | - ମନୋଜ ଦାସ |
| ୭. ତୃତୀୟ ପାଦ | - ବୀଣାପାଣି ମହାନ୍ତି |
| ୮. ସୀତାର ଶୋଣିତ | - ବୀଣାପାଣି ମହାନ୍ତି |
| ୯. ପାଟଦେଈ | - ବୀଣାପାଣି ମହାନ୍ତି |
| ୧୦. ଶେଷ ବସ୍ତର ଚିଠି | - ମନୋଜ ଦାସ |

## (୩) ଦେହାନ୍ତ

| ନାମ | ବୟସ(ବର୍ଷ) | ପରିଚୟ |
|---|---|---|
| ୧. ସୁନନ୍ଦା ପଟ୍ଟନାୟକ | - ୮୫ ବର୍ଷ | - ଲୋକପ୍ରିୟ ଶାସ୍ତ୍ରୀୟ କଣ୍ଠଶିଳ୍ପୀ |
| ୨. ମନମୋହନ ମହାପାତ୍ର | -୬୯ବଷ | - ପ୍ରଖ୍ୟାତ ଚଳଚିତ୍ର ନିର୍ଦ୍ଦେଶକ। |
| ୩. ରବି ସିଂ | - ୮୧ ବର୍ଷ | - ବିପ୍ଳବି କବି |
| ୪. ଆଜମଲ ସୁଲତାନ ପୁରି | - ୯୭ ବର୍ଷ | - ଉର୍ଦ୍ଦୁ କବି |
| ୫. ସୁନୀତା ଚନ୍ଦ୍ରା | - ୭୬ ବର୍ଷ | -ପୂର୍ବତନ ମହିଳା ହକି କ୍ୟାପଟେନ |

## (୪) ବିଭିନ୍ନ ଯୋଜନାନାମ

| | ସରକାର/ଅନୁଷ୍ଠାନ |
|---|---|
| ୧. ନେତ୍ର | ଇସ୍ରୋ |
| ୨. ୱାଇ ଏସ ଆର ବାହାନ ମିତ୍ର | ଆନ୍ଧ୍ର ସରକାର |
| ୩. ସୁମନ | କେନ୍ଦ୍ର ସରକାର |
| ୪. ନିର୍ମାଣ କୁସୁମ ଯୋଜନା | ଓଡ଼ିଶା ସରକାର |
| ୫. ମୋ କଲେଜ | ଓଡ଼ିଶା ସରକାର |

## (୫) କେନ୍ଦ୍ରଶାସିତ ଅଞ୍ଚଳ

| | | |
|---|---|---|
| ୧. | ନାମ | - ଦାଦ୍ରା ଓ ନଗର ହାବେଲୀ |
| ୨. | ଗଠନ | - ୧୧ ଅଗଷ୍ଟ,୧୯୬୧ |
| ୩. | କ୍ଷେତ୍ରଫଳ | - ୪୯୧ ବର୍ଗ.କି.ମି |
| ୪. | ରାଜଧାନୀ | - ସିଲଭାସା |
| ୫. | ଲୋକସଭା ସଭ୍ୟ ସଂଖ୍ୟା | - ୦୧ ୮. ରାଜ୍ୟସଭା ସଭ୍ୟ ସଂଖ୍ୟା- ୦୦ |
| ୬. | ବିଧାନ ସଭା ସଭ୍ୟସଂଖ୍ୟା | - ୦୦ ୧୦.ବିଧାନ ପରିଷଦ - ୦୦ |
| ୭. | ମୁଖ୍ୟ ଭାଷା | - ଗୁଜୁରାଟୀ, ହିନ୍ଦୀ, ମରାଠୀ, |
| ୮. | ଜନସଂଖ୍ୟା ସମୁଦାୟ | - ୩୪୨୮୫୩ (୨୦୧୧)<br>ପୁରୁଷ - ୧୯୩୧୭୮<br>ମହିଳା - ୧୪୯୬୭୫ |
| ୯. | ଜନସଂଖ୍ୟା ବୃଦ୍ଧିହାର | - ୫୫.୫୦ % |
| ୧୦. | ଜନସଂଖ୍ୟା ଘନତ୍ୱ | - ୬୯୮ / ବର୍ଗ କି.ମି |
| ୧୧. | ଶିଶୁ ଲିଙ୍ଗ ଅନୁପାତ | - ୭୭୫ଝିଅ ୧୦୦୦ ପୁଅ |
| ୧୨. | ଲିଙ୍ଗ ଅନୁପାତ | - ୯୨୪ମହିଳା ୧୦୦୦ ପୁରୁଷରେ |
| ୧୩. | ସାକ୍ଷରତା ହାର | - ୭୭.୬୫ %<br>ପୁରୁଷ- ୯୮୬.୪୬% ମହିଳା- ୬୫.୯୩ % |
| ୧୪. | ଜିଲ୍ଲା | - ୦୧ ୧୯. ଗ୍ରାମ - ୭୨ |
| ୧୫. | ସହର | - ୦୨ |
| ୧୬. | ଜଙ୍ଗଲ ଜମି | - ୨୦୪ ବର୍ଗ କି.ମି. |
| ୧୭. | ପର୍ଯ୍ୟଟନ ସ୍ଥଳୀ | -ତାଡକେଶ୍ୱର ଶନି ମନ୍ଦିର, ବିନ୍ଦ୍ରାବିନ୍, ହରିଣ ପାର୍କ, ବନଗଙ୍ଗା ଲେକ୍, ଆଇଲାଣ୍ଡ ଗାର୍ଡନେ୍, ବନବିହାର ଉଦ୍ୟାନ, ବାଳ ଉଦ୍ୟାନ,ଟ୍ରାଇବାଲ ମ୍ୟୁଜିୟମ୍, ହରଭାବନ ଗାର୍ଡନ |

## (୬) ପୁରସ୍କାର

| | |
|---|---|
| ୧. ଆର୍ଯୁବେଦ ରନ୍ ପୁରସ୍କାର(ବେଲଜିୟମ) | - ପ୍ରତାପ ଚୌହାନ |
| ୨. ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ ଆୱାର୍ଡ | - ଡିବ୍ରୁଗଡ଼,ଆସାମ |
| ୩. ୨୯ତମ ସରସ୍ୱତୀ ସମ୍ମାନ | - ବ୍ୟାସଦେବ ମୋହି |
| ୪. ଚିଲେଡ୍ରନସ୍ ବୁକ୍ ଆୱାର୍ଡ,୨୦୨୦ | - ସୁଦ୍ଧା ମୁର୍ତ୍ତି |
| ୫. ୨୦୧୯-୨୦ ପିଇଏବ ଗୌରୀ ଲଙ୍କେଶ ଆୱାର୍ଡ | - ୟୁସୁଫ୍ ଜମିଲ୍ |

## (୭) ନିଯୁକ୍ତି

| | |
|---|---|
| ୧. ପ୍ରମୋଦ କୁମାର ଜେନା | - ପ୍ରମୁଖ ପରିଚ୍ଛଳନା ପ୍ରବନ୍ଧକ, ପୂର୍ବତଟ ରେଳ |
| ୨. ଦେବାଶିଷ ପଣ୍ଡା | - ନିର୍ଦ୍ଦେଶକ, ଏସ୍ ବି ଆଇ- ସେଣ୍ଟ୍ରାଲ ବୋର୍ଡ |
| ୩. ଯୁବରାଜ ମାଲିକ | - ଡାଇରେକ୍ଟର,ନ୍ୟାସନାଲ ବୁକ୍ ଟ୍ରଷ୍ଟ |
| ୪. ଏ.ପି ମାହେଶ୍ୱରୀ | - ଡି.ଜି. ସିଆରପିଏଫ୍ |
| ୫. ଗିରୀଶ କନୱାର | - ସର୍ଭେୟର ଜେନେରାଲ ଅଫ ଇଣ୍ଡିଆ |

## (୮) ଓଡ଼ିଶା

୧. ଓଡ଼ିଶା ପଞ୍ଚାୟତର କାର୍ଯ୍ୟକାଳ ଅବଧି କେତେ ?
(କ) ୨ ବର୍ଷ (ଖ) ୪ ବର୍ଷ
(ଗ) ୫ ବର୍ଷ (ଘ) ୬ ବର୍ଷ

୨. ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ଦୃଷ୍ଟିକୋଣରୁ କେଉଁ ଜିଲ୍ଲା ବୃହତ୍ତମ ?
(କ) ଗଞ୍ଜାମ (ଖ) ବଲାଙ୍ଗିର
(ଗ) ଅନୁଗୁଳ (ଘ) ଢ଼େଙ୍କାନାଳ

୩. ଓଡ଼ିଶାର କେଉଁ ହ୍ରଦ ଅଶ୍ୱଖୁରାକୃତି ହ୍ରଦ ଅଟେ ?
(କ) ସର (ଖ) ଅଂଶୁପା
(ଗ) ଚିଲିକା (ଘ) ପଙ୍ଗ

୪. ନୀଳଚକ୍ରର ଅଖ ସଂଖ୍ୟା କେତେ ?
(କ) ୮ (ଖ) ୪
(ଗ) ୫ (ଘ) ୬

୫. କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିବା ପ୍ରଥମ ଓଡ଼ିଆ କିଏ ?
(କ) ସାମୁଏଲ ସାହୁ (ଖ) କେଳୁଚରଣ ମହାପାତ୍ର
(ଗ) ଗୋପୀନାଥ ମହାନ୍ତି (ଘ) ରାଧାମୋହନ ଗଡ଼ନାୟକ

୬. କେଉଁ ବର୍ଷ ପ୍ରଥମେ ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ପୁରସ୍କାର ଲାଭ କରିଥିଲା ?
(କ) ୧୯୬୨ (ଖ) ୧୯୬୦
(ଗ) ୧୯୬୯ (ଘ) ୧୯୭୪

୭. କଟକ ସହରକୁ କେଉଁ ଦୁଇଟି ନଦୀ ଘେରି କରି ରହିଛି ?
(କ) ମହାନଦୀ ଓ କାଠଯୋଡ଼ି (ଖ) କାଠଯୋଡ଼ି ଓ ବ୍ରାହ୍ମଣୀ
(ଗ) ମହାନଦୀ ଓ ବୈତରଣୀ (ଘ) କାଠଯୋଡ଼ି ଓ ବୁଢ଼ାବଳଙ୍ଗ

୮. ଯାଜପୁରର ଇସ୍ପାତ ନଗରୀର ରାଜଧାନୀ କାହାକୁ କୁହାଯାଏ ?
(କ) କଳିଙ୍ଗ ନଗର (ଖ) ସୁକିନ୍ଦା
(ଗ) ବିଂଝାରପୁର (ଘ) ଧର୍ମଶାଳା

୯. କେଉଁ ଜାତୀୟ ଶିକ୍ଷା କେନ୍ଦ୍ର ଢ଼େଙ୍କାନାଳଠାରେ ଅବସ୍ଥିତ ?
(କ) 11MC (ଖ) 111T
(ଗ) 11T (ଘ) 11M

୧୦. ଚନ୍ଦନ ହଜୁରୀ କେଉଁ ବିଦ୍ରୋହରେ ଯୋଗଦେଇଥିଲେ ?
(କ) ପାଇକ ବିଦ୍ରୋହ (ଖ) ସିପାହୀ ବିଦ୍ରୋହ
(ଗ) ଅସହଯୋଗ ଆନ୍ଦୋଳନ (ଘ) କୌଣସିଟି ନୁହେଁ

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କରେଣ୍ଟ : ସରକିଟ :: ପୃଥିବୀ: ?
(କ)ଗ୍ରହ (ଖ)ସୂର୍ଯ୍ୟ (ଗ)କକ୍ଷ (ଘ)ପଥ

୨. ଭଲ : ଖରାପ :: ଛାତ :
(କ)ଝରକା (ଖ)ଚଟାଣ (ଗ)କାନ୍ଥ (ଘ)ଖୁଣ୍ଟ

୩. ହରି ଦକ୍ଷିଣ-ପୂର୍ବଦିଗକୁ ମୁହଁ କରି ଠିଆ ହୋଇଥିଲା। ହଠାତ୍ ସେ ୯୦°ଘଣ୍ଟା କଣ୍ଟା ଦିଗରେ ବୁଲିଲା ଏବଂ ଘଣ୍ଟା କଣ୍ଟାରବିପରୀତ ଦିଗରେ ସେଠାରୁ ୧୩୫° ବୁଲି ଫେରିଲା। ବର୍ତ୍ତମାନ ସେ କେଉଁ ଦିଗକୁ ଚାହିଁ ରହିବ ?
(କ)ପୁର୍ବ (ଖ)ପଶ୍ଚିମ (ଗ)ଦକ୍ଷିଣ (ଘ)ଉତ୍ତର

୪. B: ୧୬ ::D :?
(କ) ୧୨୦ (ଖ) ୧୫୦ (ଗ)୨୦୦ (ଘ)୨୫୬



୫. କେଉଁଟି ଅଲଗା ଅଟେ ?
(କ) ଜେବ୍ରା (ଖ) ସିଂହ (ଗ) ବାଘ (ଘ) ଘୋଡା

୬. UTENSIL = W VGPUKN ହେଲେ DMSFXG କାହାକୁ ବୁଝାଇବ
(କ) BKQEVE, (ଖ) BKQDWE, (ଗ)BKQDWF, (ଘ) BKQDVE

୭. ଆଖି ଦେଖିବା ସହ ସମାନ ହେଲେ କାନ କାହା ସହ ସମାନ ?
(କ)ଶୁଣିବା (ଖ)ଶିଖିବା (ଗ) ଶୋଇବା (ଘ)କାନେଇବା

୮. C: ୯ ::D : ?
(କ) ୧୬ (ଖ) ୮୧ (ଗ)୬୪ (ଘ)୨୫

୯. 'କ' ଏବଂ ଖ ଦୁଇଭାଇ। 'ଗ' ଏବଂ 'ଘ' ଦୁଇ ଭଉଣୀ। 'କ' ପୁଅ ହେଉଛି 'ଘ' ର ଭାଇ। ତେବେ 'ଖ', 'ଗ' ର ସମ୍ପର୍କରେ କ'ଣ ହେବ ?
(କ) ବାପା (ଖ)ଭାଇ (ଗ)ଜେଜେବାପା (ଘ) ଦାଦା

୧୦. ପଶୁ ଜାତି ବାଘଏବଂ ଭାଲୁ
(କ)  (ଖ)  (ଗ)  (ଘ) 

ଉତ୍ତର

୧.(ଗ) ୫ ବର୍ଷ, ୨.(କ) ଗଞ୍ଜାମ, ୩.(ଖ) ଅଂଶୁପା, ୪.(କ) ୮, ୫. (କ) ସାମୁଏଲ ସାହୁ, ୬.(ଖ) ୧୯୬୦, ୭.(କ) ମହାନଦୀ ଓ କାଠଯୋଡ଼ି ,୮.(କ) କଳିଙ୍ଗ ନଗର, ୯.(କ) 11MC, ୧୦. (ଖ) ସିପାହୀ ବିଦ୍ରୋହ

୧.(ଗ)କକ୍ଷ ୨.(ଖ)ଚଟାଣ ୩.(ଖ)ପଶ୍ଚିମ ୪.(ଘ)୨୫୬ ୫.(ଘ) ଘୋଡା ୬.(ଘ)BKQDVE ୭.(କ)ଶୁଣିବା ୮.(କ) ୧୬ ୯.୭.(ଘ) ଦାଦା ୧୦.(ଖ) 

## (୧୦) ଇତିହାସ

୧. ମଙ୍ଗୋଲିଅମାନେ କେଉଁ ବର୍ଗର ଅଟନ୍ତି ?
(କ) କୃଷ୍ଣ (ଖ) ପିତ
(ଗ) ଶ୍ୱେତ (ଘ) ଲୋହିତ

୨. କେଉଁଥିରୁ ମିଶରୀୟମାନେ କାଗଜ ତିଆରି କରୁଥିଲେ ?
(କ) ନରମ ବାଉଁଶ (ଖ) ସବାଇ ଘାସ
(ଗ) ତୃଣ ଜାତୀୟ ଉଦ୍ଭିଦ ପାପିରସ (ଘ) କୌଣସିଟି ନୁହେଁ

୩. 'ଇତିହାସ ହେଉଛି ଅତୀତର ମନୁଷ୍ୟମାନଙ୍କର କାର୍ଯ୍ୟକଳାପର ବୈଜ୍ଞାନିକ ବିଶ୍ଳେଷଣ' – ଏକଥା କିଏ କହିଥିଲେ ?
(କ) ହେରୋଡ଼ୋଟସ୍ (ଖ) କାଲାଇଲ୍
(ଗ) ପୋଲିବିୟସ୍ (ଘ) ସ୍ୱଏନ୍‌ବି

୪. ଏମାନଙ୍କ ମଧ୍ୟରୁ କିଏ ଜଣେ ମିଶରର ଦାର୍ଶନିକ ?
(କ) ଅଖ୍‌ନାଟନ (ଖ) ଖୁପୁ
(ଗ) ଜୋସେର (ଘ) ତାହୋତେପ୍

୫. କିଏ ସର୍ବପ୍ରଥମ ଆଇନ ପ୍ରଣେତା ?
(କ) ଆଖ୍ ନାଟନ୍ (ଖ) ଆଲେକ୍‌ଜାଣ୍ଡର
(ଗ) ହାମ୍ମୁରାବି (ଘ) ଜୁଲିୟସ ସିଜର

୬. କେଉଁମାନେ ପ୍ରଥମେ କାଗଜ ଉଦ୍ଭାବନ କରିଥିଲେ ?
(କ) ମିଶରୀୟମାନେ (ଖ) ଗ୍ରୀକ୍‌ମାନେ
(ଗ) ରୋମୀୟମାନେ (ଘ) ଚୀନାମାନେ

୭. ରିପବ୍ଲିକ୍ ପୁସ୍ତକର ସ୍ରଷ୍ଟା କିଏ ?
(କ) ପ୍ଲାଟୋ (ଖ) ଥୁସିଡ଼ାଇଡ଼େସ
(ଗ) ଜେନୋଫନ୍ (ଘ) ଆରିଷ୍ଟୋଟଲ

୮. କେଉଁ ଗଡ଼ଜାତରାଜ୍ୟ ପ୍ରଥମେ ଓଡ଼ିଶା ସହ ମିଶିଥିଲା ?
(କ) ନୀଳଗିରି (ଖ) ଢେଙ୍କାନାଳ
(ଖ) ମୟୂରଭଞ୍ଜ (ଘ) ତାଳଚେର

୯. ହାତୀଗୁମ୍ଫା ଶିଳାଲେଖ କେଉଁ ଭାଷାରେ ଲିଖିତ ?
(କ) ସଂସ୍କୃତ (ଖ) ପ୍ରାକୃତ
(ଗ) ହିନ୍ଦୀ (ଘ) ଓଡ଼ିଆ

୧୦. କିଏ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ ?
(କ) କର୍ଣ୍ଣଦେବ (ଖ) ଚୋଡ଼ଗଙ୍ଗଦେବ
(ଗ) ଭାନୁଦେବ (ଘ) ବଲ୍ଲଭାଚାର୍ଯ୍ୟ

## (୧୧) ବାଣିଜ୍ୟ

୧. ୨୦୨୦-୨୧ ରେ ଜିଡ଼ିପି ଅଭିବୃଦ୍ଧିହାର କେତେ ପ୍ରତିଶତରୁ କେତେ ପ୍ରତିଶତ ଆକଳନ ମଧ୍ୟରେ କରାଯାଇଛି ?
(କ) ୫.୦୦ - ୫.୫ (ଖ) ୬ - ୬.୫
(ଗ) ୭ - ୭.୫ (ଘ) ୭.୫ - ୮

୨. ବଜେଟରେ ବ୍ୟାଙ୍କ କମାକାରୀଙ୍କ ବୀମା ୧ଲକ୍ଷ ଟଙ୍କାରୁ କେତେ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ?
(କ) ୩ ଲକ୍ଷ (ଖ) ୪ ଲକ୍ଷ (ଗ) ୫ ଲକ୍ଷ(ଘ) ୬ ଲକ୍ଷ

୩. କାହାର ଅଂଶଧନକୁ ବିକ୍ରୟ କରିବେ ସରକାର ?
(କ) ଏଲ୍.ଆଇ.ସି (ଖ) ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍
(ଗ) କୌଣସିଟି ନୁହେଁ

୪. ୫ - ୭.୫ଲକ୍ଷ ଆୟ ଉପରେ ଆୟକର କେତେ ପ୍ରତିଶତ ହ୍ରାସ କରାଯାଇଛି ?
(କ) ୫% (ଖ) ୭ % (ଗ) ୧୦%(ଘ) ୧୫%

୫. ରାଜକୋଷୀୟ ଘାଟା ଚଳିତ ବର୍ଷ କେତେ ରହିବା ଅନୁମାନ କରାଯାଇଛି ?
(କ) ୩ %(ଖ) ୩.୫ % (ଗ) ୩.୮ % (ଘ) ୪%

୬. ଭାରତ ଏବଂ ବ୍ରାଜିଲ ମଧ୍ୟରେ କେତୋଟି ବିଷୟରେ ବୁଝାମଣା କରାଯାଇଛି ?
(କ) ୧୦ (ଘ) ୧୫
(ଗ) ୨୦ (ଘ) ୨୫

୭. ଆଇ.ବି.ଏମ୍‌ର ନୂତନ ସି.ଇ.ଓ ରୂପେ କିଏ ନିଯୁକ୍ତି ପାଇଛନ୍ତି ?
(କ) ରାଜ ମନ୍ଦୀ ରାଜୁ (ଖ) ସୁକେଶ ଗୋଂଜାଲେ
(ଗ) ଅରବିନ୍ଦ କ୍ରିଷ୍ଣା (ଘ) ଭି.ଶଙ୍କର

୮. କେଉଁ ବ୍ୟାଙ୍କ୍ ଆଇ.ବକ୍ସ ସର୍ଭିସ୍ ଭାରତରେ ଆରମ୍ଭ କରିଛି ?
(କ) ଏଚ୍.ଡ଼ି.ଏଫ୍.ସି (ଖ) ଆଇ.ସି.ଆଇ.ସି.ଆଇ
(ଗ) ପି.ଏନ୍.ବି (ଘ) ଏସ୍.ବି.ଆଇ

୯. ତୃତୀୟ ତେଜସ୍ୱ ଏକ୍ସପ୍ରେସ୍ ଘରୋଇ ଟ୍ରେନ୍ କେଉଁ ଷ୍ଟେସନ୍‌ରୁ କେଉଁ ଷ୍ଟେସନ୍‌କୁ ଗତିକରିବ ?
(କ) ନୂଆଦିଲ୍ଲୀ - ଗୋହାଲି (ଖ) ପୁନେ-ମୁମ୍ବାଇ
(ଗ) ମଦୁରାଇ-ଚେନ୍ନାଇ (ଘ) ଇନ୍ଦୋର-ବାରାଣାସୀ

୧୦. ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ୍ ବ୍ୟବହାର କରିବାପାଇଁ କେଉଁ କମ୍ପାନୀ ନୂତନ କାର୍ଯ୍ୟକ୍ରମ ହାତକୁ ନେଇଛି ?
(କ) ଆଦାନୀ ଗ୍ରୁପ୍ (ଖ) ରିଲାଏନ୍‌ସ ଇଣ୍ଡଷ୍ଟ୍ରିଜ୍
(ଗ) ହିନ୍ଦୁସ୍ଥାନ ଇଉନିଲିଭର (ଘ) ଇନ୍‌ଫୋସିସ୍

**ଉତ୍ତର**

୧.(ଖ) ପିତ, ୨.(ଗ) ତୃଣ ଜାତୀୟ ଉଦ୍ଭିଦ ପାପିରସରୁ, ୩.(କ) ହେରୋଡ଼ୋଟସ୍, ୪.(ଘ) ତାହୋତେପ୍, ୫. (ଗ) ହାମ୍ମୁରାବି, ୬.(ଘ) ଚୀନାମାନେ, ୭.(କ) ପ୍ଲାଟୋ, ୮.(କ) ନୀଳଗିରି, ୯.(ଖ) ପ୍ରାକୃତ, ୧୦.(ଖ) ଚୋଡ଼ଗଙ୍ଗଦେବ

୧.(ଖ) ୬ - ୬.୫ , ୨.(ଗ) ୫ ଲକ୍ଷ, ୩.(କ) ଏଲ୍.ଆଇ.ସି , ୪.,(ଗ) ୧୦% ୫.(ଗ) ୩.୮ %, ୬.(ଘ) ୧୫, ୭.(ଗ) ଅରବିନ୍ଦ କ୍ରିଷ୍ଣା, ୮.ଖ) ଆଇ.ସି.ଆଇ.ସି.ଆଇ , ୯.(ଘ) ଇନ୍ଦୋର-ବାରାଣାସୀ, ୧୦.(ଖ) ରିଲାଏନ୍‌ସ ଇଣ୍ଡଷ୍ଟ୍ରିଜ୍ ।

## (୧୨) ଅର୍ଥନୀତି

୧. ୧୯୫୦ ମସିହାରେ ସାଧାରଣତନ୍ତ୍ର ରାଷ୍ଟ୍ର ଭାରତର ପ୍ରଥମ ବଜେଟ କେଉଁଠାରେ ଛପା ହୋଇଥିଲା ?
(କ) ରାଷ୍ଟ୍ରପତି ଭବନ (ଖ) ସିକ୍ୟୁରିଟି ପ୍ରେସ୍, ଦିଲ୍ଲୀ
(ଗ) ଅର୍ଥ ମନ୍ତ୍ରଣାଳୟ (ଘ) କୌଣସିଟି ନୁହେଁ

୨. ୧୯୫୦ ପରେ ୧୯୮୦ ପର୍ଯ୍ୟନ୍ତ ବଜେଟ କେଉଁଠାରେ ଛପା ହୋଇଥିଲା ?
(କ) ରାଷ୍ଟ୍ରପତି ଭବନ (ଖ) ସିକ୍ୟୁରିଟି ପ୍ରେସ୍
(ଗ) ଅର୍ଥ ମନ୍ତ୍ରଣାଳୟ (ଘ) କୌଣସିଟି ନୁହେଁ

୩. କେବେଠାରୁ ନର୍ଥବ୍ଲକ୍ ଅର୍ଥମନ୍ତ୍ରଣାଳୟଠାରେ ବଜେଟ୍ ଛପାକାର୍ଯ୍ୟ ଏପର୍ଯ୍ୟନ୍ତ ଚାଲୁରହିଛି ?
(କ) ୧୯୫୦ (ଖ) ୧୯୮୦
(ଗ) ୧୯୯୦ (ଘ) ୧୯୯୫

୪. ବଜେଟ ପ୍ରଥମେ କେଉଁ ଭାଷାରେ ଛପାଯାଇଥିଲା ?
(କ) ହିନ୍ଦି (ଖ) ଇଂରାଜୀ
(ଗ) ଉର୍ଦ୍ଧୁ (ଘ) ତେଲୁଗୁ

୫. କେଉଁ ମସିହାଠାରୁ ବଜେଟ ହିନ୍ଦିରେ ଛପା ଆରମ୍ଭ ହୋଇଥିଲା ?
(କ) ୧୯୫୦-୫୧ (ଖ) ୧୯୫୫-୫୬
(ଗ) ୧୯୭୦-୭୧ (ଘ) ୧୯୮୦-୮୧

୬. କିଏ ସବୁଠାରୁ ବେଶୀଥର (୧୦ଥର) ବଜେଟ ଉପସ୍ଥାପନ କରିଛନ୍ତି ?
(କ) ମୋରାରଜି ଭାଇ ଦେଶାଇ (ଖ) ଭି.ପି ସିଂହ
(ଗ) ଚିଦାମ୍ବରମ (ଘ) ସୀତାରମଣ

୭. କେଉଁ ମସିହା ସୁଦ୍ଧା ପ୍ରତିଜିଲ୍ଲାରେ ଜନଔଷଧି କେନ୍ଦ୍ର କାର୍ଯ୍ୟ କରିବ ?
(କ) ୨୦୨୨ (ଖ) ୨୦୨୩
(ଗ) ୨୦୨୪ (ଘ) ୨୦୨୫

୮. ରିଜର୍ଭ ବ୍ୟାଙ୍କ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ଦେଶର ସାମଗ୍ରିକ ଅଭିବୃଦ୍ଧି (ଜିଡିପି) ହାର କେତେ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି ?
(କ) ୫% (ଖ) ୬% (ଗ) ୬.୧% (ଘ) ୬.୪%

୯. ପ୍ରଧାନମନ୍ତ୍ରୀଙ୍କର ସୁରକ୍ଷାରେ ନିୟୋଜିତ ଏସ୍ ପି ଜି ର ବ୍ୟୟ ଭାର ୫୪୦କୋଟିରୁ କେତେ ବୃଦ୍ଧି କରାଯାଇଛି ?
(କ) ୫୮୦ କୋଟି (ଖ) ୬୦୦ କୋଟି
(ଗ) ୬୫୦ କୋଟି (ଘ) ୭୦୦ କୋଟି

୧୦. ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପ୍ରତିରକ୍ଷା ବ୍ୟୟବରାଦ କେତେ ପ୍ରତିଶତ ବୃଦ୍ଧି କରାଯାଇଛି ?
(କ) ୪% (ଖ) ୫%
(ଗ) ୬% (ଘ) ୭%

## (୧୩) କ୍ରୀଡ଼ା

୧. ଗତ ଡିସେମ୍ବର ମାସରେ ମସ୍କୋ ନଗରୀରେ ଅନୁଷ୍ଠିତ ୨୦୧୯ ବିଶ୍ୱ ର୍‍ୟାପିଡ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଆନ ହୋଇଥିବା ତାରକାଙ୍କ ନାମ କ'ଣ ?
( କ) ହୋଉ ୟିଫାନ୍ (ଖ) ଲେଇ ତିଙ୍ଗଜିଏ
(ଗ) କୋନେରୁ ହମ୍ପି (ଘ) ଦ୍ରୋଣାଭିଲି ହରିକା

୨. ଜାନୁଆରୀ ୨୦୨୦ରେ ଆୟୋଜିତ ବିଶ୍ୱ ମହିଳା ଚେସ୍ (କ୍ଲାସିକାଲ ଶୈଳୀ)ରେ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଥିବା ଚୀନର ତାରକା ଜଣକ କିଏ ?
(କ) ଜୁ ଓ୍ୱେନ୍‌ଜୁନ୍ (ଖ) ଲେଇ ତିଙ୍ଗଜିଏ
(ଗ) ହୋଉ ୟିଫାନ୍ (ଘ) ତାନ୍ ଝୋଙ୍ଗୟି

୩. ଏବେ ବିଶ୍ୱ ଚେସ୍ ଚାମ୍ପିଆନ୍ (ପୁରୁଷ ବା ଓପନ୍ ବିଭାଗରେ) କିଏ ଅଛନ୍ତି ?
(କ) ବିଶ୍ୱନାଥନ ଆନନ୍ଦ (ଖ) ମାଗ୍‌ନସ୍ କାର୍ଲସନ୍
(ଗ) ଫାବିୟାନୋ କାରୁଆନା (ଘ) ସର୍ଗେଇ କାର୍ୟାକିନ୍

୪. ଜାନୁଆରୀ ୨୦୨୦ରେ 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ'ର ତୃତୀୟ ସଂସ୍କରଣ କେଉଁଠାରେ ଅନୁଷ୍ଠିତ ହୋଇଯାଇଛି ?
(କ) ଦିଲ୍ଲୀ (ଖ) କୋଲକାତା (ଗ) ଗୁଆହାଟି (ଘ) ପୁଣେ

୫. ୨୦୨୦ର 'ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ'ରେ କେଉଁ ରାଜ୍ୟର ଖେଳାଳିମାନେ ସର୍ବାଧିକ ପଦକ ଜିତିଛନ୍ତି ?
(କ) ହରିୟାଣା (ଖ) ପଞ୍ଜାବ (ଗ) ଉତ୍ତର ପ୍ରଦେଶ (ଘ) ମହାରାଷ୍ଟ୍ର

୬. ୨୦୨୦ର ଫେବ୍ରୁଆରୀ ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ପ୍ରଥମ 'ଖେଲୋ ଇଣ୍ଡିଆ ୟୁନିଭର୍ସିଟୀ ଗେମ୍ସ' କେଉଁଠାରେ ଖେଳାଯିବ ?
(କ) ଅମୃତସର (ଖ) ଲକ୍ଷ୍ନୌ (ଗ) ବେଙ୍ଗାଲୁରୁ (ଘ) ଭୁବନେଶ୍ୱର

୭. ୨୦୨୦ର ଟୋକିଓ ଅଲିମ୍ପିକ୍‌ରେ ଅଂଶଗ୍ରହଣ ସକାଶେ ଭାରତର ଫୱାଦ୍ ମିର୍ଜା ଯୋଗ୍ୟତା ହାସଲ କରିଛନ୍ତି । ସେ କେଉଁ ଖେଳ ଖେଳନ୍ତି ?
(କ) ତୀରଚାଳନା (ଖ) ଅଶ୍ୱଚାଳନା
(ଗ) ନୌଚାଳନା (ଘ) ତରବାରୀ ଚାଳନା

୮. ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦୨୦ର ଜୁନିଅର ବିଶ୍ୱକପ୍ କ୍ରିକେଟରେ ଭାରତୀୟ ଦଳର ଅଧିନାୟକ କିଏ ଥିଲେ ?
(କ) ପ୍ରିୟମ୍ ଗର୍ଗ (ଖ) ଯଶସ୍ୱୀ ଜୟସୱାଲ
(ଗ) ଧ୍ରୁବ୍ ଜୁରେଲ୍ (ଘ) ହିମାଂଶୁ ରାଣା

୯. ୨୦୨୦ର ଏହି ୧୯ବର୍ଷରୁ କମ କ୍ରିକେଟ ବିଶ୍ୱକପରେ କେଉଁ ଦୁଇଟି ଦଳଙ୍କୁ ପ୍ରଥମ ଥର ସକାଶେ ଦେଖିବାକୁ ମିଳିଛି ?
(କ) ନେପାଳ ଏବଂ ଓମାନ୍ (ଖ) ଡେନମାର୍କ ଏବଂ ବରମୁଡ଼ା
(ଗ) ଫିଜି ଏବଂ ୟୁଗାଣ୍ଡା (ଘ) ଜାପାନ ଏବଂ ନାଇଜେରିଆ

୧୦. ଫେବ୍ରୁଆରୀ ଓ ମାର୍ଚ୍ଚ ମାସରେ ଅଷ୍ଟ୍ରେଲିଆରେ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର କେତେତମ ସଂସ୍କରଣ ଅନୁଷ୍ଠିତ ହେଉଛି ?
(କ) ପଞ୍ଚମ (ଖ) ଷଷ୍ଠ (ଗ) ସପ୍ତମ (ଘ) ଅଷ୍ଟମ

**ଉତ୍ତର**

୧.(କ) ରାଷ୍ଟ୍ରପତି ଭବନ, ୨.(ଖ) ସିକ୍ୟୁରିଟି ପ୍ରେସ୍, ୩.(ଖ) ୧୯୮୦ , ୪.(ଖ) ଇଂରାଜୀ , ୫.(ଖ) ୧୯୫୫-୫୬ ,୬.(କ) ମୋରାରଜି ଭାଇ ଦେଶାଇ, ୭.(ଗ) ୨୦୨୪, ୮. (ଖ) ୬% , ୯.(ଖ) ୬୦୦ କୋଟି , ୧୦.(ଗ) ୬%।

୧.(ଗ) କୋନେରୁ ହମ୍ପି, ୨.(କ) ଜୁ ଓ୍ୱେନ୍‌ଜୁନ୍, ୩.(ଖ) ମାଗ୍‌ନସ୍ କାର୍ଲସନ୍ , ୪.(ଗ) ଗୁଆହାଟି, ୫.(ଘ) ମହାରାଷ୍ଟ୍ର, ୬. (ଘ) ଭୁବନେଶ୍ୱର, ୭.(ଖ) ଅଶ୍ୱଚାଳନା, ୮.(କ) (କ) ପ୍ରିୟମ୍ ଗର୍ଗ, ୯.(ଘ) ଜାପାନ ଏବଂ ନାଇଜେରିଆ, ୧୦.(ଗ) ସପ୍ତମ

ଅନୁଭବ; ଅର୍ଥାତ ମନୁଷ୍ୟମାନଙ୍କ ଦ୍ୱାରା ନିଜ ଭୁଲଗୁଡିକୁ ଦିଆ ଯାଇଥିବା ନାମ।(ଓସ୍କାର ଓ୍ୱାଇଲଡ)

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ ୨୦୧୯ ପାଇଁ ସମ୍ମାନଜନକ ମୂର୍ତ୍ତିଦେବୀ ପୁରସ୍କାର ଲାଭ କରିଥିବା ବିଶିଷ୍ଟ ହିନ୍ଦୀ ସାହିତ୍ୟିକଙ୍କ ନାମ କ'ଣ ?
(କ) ବିଶ୍ୱନାଥ ତ୍ରିପାଠୀ (ଖ) ବିଶ୍ୱନାଥ ପ୍ରସାଦ ତିୱାରୀ
(ଗ) ଗୁଲାବ କୋଠାରୀ (ଘ) ନନ୍ଦକିଶୋର ଆଚାର୍ଯ୍ୟ

୨. ପ୍ରତିଭା ରାୟଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟ ଜଣେ ସାହିତ୍ୟିକ ମଧ୍ୟ ମୂର୍ତ୍ତିଦେବୀ ପୁରସ୍କାର ପାଇଛନ୍ତି । ସେହି ପ୍ରସିଦ୍ଧ ସାହିତ୍ୟିକଙ୍କ ନାମ କ'ଣ ?
(କ) ହରପ୍ରସାଦ ଦାସ (ଖ) ଜୟନ୍ତ ମହାପାତ୍ର
(ଗ) ମନୋଜ ଦାସ (ଘ) ରାମଚନ୍ଦ୍ର ବେହେରା

୩. ବର୍ଷ ୨୦୧୯ ପାଇଁ ମର୍ଯ୍ୟାଦାଜନକ ସରସ୍ୱତୀ ସମ୍ମାନ ଲାଭ କରିଥିବା ବାସଦେବ ମୋହି କେଉଁ ଭାଷାର ଜଣେ ପ୍ରସିଦ୍ଧ ଲେଖକ ?
(କ) ଗୁଜରାଟି (ଖ) ମରାଠୀ (ଗ) ଡୋଗ୍ରୀ (ଘ) ସିନ୍ଧୀ

୪. ନିମ୍ନଲିଖିତଙ୍କ ମଧ୍ୟରୁ କେଉଁ ପ୍ରସିଦ୍ଧ ଓଡ଼ିଆ ସାହିତ୍ୟିକ ଜଣକ କେ.କେ. ବିରଲା ଫାଉଣ୍ଡେସନ୍ ଦ୍ୱାରା ପ୍ରଦତ୍ତ ସରସ୍ୱତୀ ସମ୍ମାନ ପାଇନାହାନ୍ତି ?
(କ) ସୀତାକାନ୍ତ ମହାପାତ୍ର (ଖ) ମନୋଜ ଦାସ
(ଗ) ରମାକାନ୍ତ ରଥ (ଘ) ଜଗନ୍ନାଥ ପ୍ରସାଦ ଦାସ

୫. ଚଳଚିତ୍ର କ୍ଷେତ୍ରରେ ପ୍ରଦାନ କରାଯାଉଥିବା ଓଡ଼ିଶାର ସର୍ବୋଚ୍ଚ ପୁରସ୍କାରର ନାମ କ'ଣ ?
(କ) ଚଳଚିତ୍ର ଜଗତ ସମ୍ମାନ (ଖ) ଉତ୍କଳ ଚଳଚିତ୍ର ସମ୍ମାନ
(ଗ) ଜୟଦେବ ପୁରସ୍କାର (ଘ) ସାରଳା ପୁରସ୍କାର

୬. ଶୀତରାତି, ନୀରବ ଝଡ଼, କ୍ଳାନ୍ତ ଅପରାହ୍ନ ଆଦି ଚଳଚିତ୍ରର ନିର୍ଦ୍ଦେଶକଙ୍କ ନାମ କ'ଣ ? (ଗତ ଜାନୁଆରୀ ମାସରେ ତାଙ୍କର ଦେହାନ୍ତ ହୋଇଯାଇଛି)
(କ) ନୀରଦ ମହାପାତ୍ର (ଖ) ମନମୋହନ ମହାପାତ୍ର
(ଗ) ସାଧୁ ମେହେର (ଘ) ଶରତ ପୂଜାରୀ

୭. ଅପରାଜିତ, ଅପୁର ସଂସାର, ଜଳସା ଘର, ସଦ୍‌ଗତି ଆଦି ଚଳଚିତ୍ରର ନିର୍ଦ୍ଦେଶନା ଦେଇଥିବା ପ୍ରସିଦ୍ଧ ନିର୍ଦ୍ଦେଶକଙ୍କ ନାମ କ'ଣ ?
(କ) ମୃଣାଲ ସେନ୍ (ଖ) ସତ୍ୟଜିତ ରାୟ
(ଗ) ଋତ୍ୱିକ୍ ଘଟକ୍ (ଘ) ତପନ ସିହ୍ନା

୮. ବିଶ୍ୱ ପ୍ରସିଦ୍ଧ ଶୈବପୀଠ ପଶୁପତିନାଥ ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) ବାରାଣସୀ (ଖ) ପ୍ରୟାଗ (ଗ) ଗୋରଖପୁର (ଘ) କାଠମାଣ୍ଡୁ

୯. କେଉଁ ତିଥିରେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାଠାରେ ପବିତ୍ର ସ୍ନାନ କରିଥାନ୍ତି ?
(କ) କୁମ୍ଭ ସଂକ୍ରାନ୍ତି (ଖ) ମାଘ ସପ୍ତମୀ (ଗ) ଶିବରାତ୍ରି (ଘ) ମାଘ ପୂର୍ଣ୍ଣିମା

୧୦. ପବିତ୍ର ମହା ଶିବରାତ୍ରି ପର୍ବ କେଉଁ ମାସରେ ପଡ଼ିଥାଏ ?
(କ) ପୌଷ (ଖ) ମାଘ (ଗ) ଫାଲଗୁନ (ଘ) ଚୈତ୍ର

## (୧୫) ଭୂଗୋଳ

୧. ଜନସଂଖ୍ୟା ଦୃଷ୍ଟିରୁ ଚୀନ, ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ପଛକୁ କେଉଁ ଦେଶଟି ପୃଥିବୀରେ ଚତୁର୍ଥ ସ୍ଥାନରେ ରହିଛି ?
(କ) ରୁଷିଆ (ଖ) ଇଣ୍ଡୋନେସିଆ (ଗ) ପାକିସ୍ତାନ (ଘ) ଜାପାନ

୨. କେତେ ବର୍ଷରେ ଥରେ ଜନଗଣନା କାର୍ଯ୍ୟ କରାଯାଇଥାଏ ?
(କ) ୫ ବର୍ଷ (ଖ) ୮ ବର୍ଷ (ଗ)୧୦ ବର୍ଷ (ଘ)୧୧ ବର୍ଷ

୩. ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରୁ କେଉଁ ଦେଶରେ ଜନସଂଖ୍ୟାର ଘନତ୍ୱ ସର୍ବାଧିକ ଅଟେ ?
(କ) ଭାରତ (ଖ) ବାଂଲାଦେଶ (ଗ) ପାକିସ୍ତାନ (ଘ) ଶ୍ରୀଲଙ୍କା

୪. ପଶ୍ଚିମ ଏସୀୟ ରାଷ୍ଟ୍ର ଇସ୍ରାଏଲର ରାଜଧାନୀର ନାମ କ'ଣ ?
(କ)ୟେରୁସେଲମ୍ (ଖ) ହାଇଫା
(ଗ) ତେଲ ଆବିଭ୍ (ଘ) ନିକୋସିଆ

୫. ଭାରତରୁ ତିବ୍ବତକୁ ସଂଯୋଗ କରୁଥିବା ନାଥୁଲା ଗିରିପଥ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ସିକିମ (ଖ) ହିମାଚଳ ପ୍ରଦେଶ
(ଗ) ଉତ୍ତରାଖଣ୍ଡ (ଘ) ଅରୁଣାଚଳ ପ୍ରଦେଶ

୬. ନିମ୍ନଲିଖିତ ମଧ୍ୟରୁ କେଉଁ ନଦୀଟି ଗଙ୍ଗା ନଦୀର ଉପନଦୀ ନୁହେଁ ?
(କ) ଯମୁନା (ଖ) ସତଲେଜ
(ଗ) କୋଶୀ (ଘ) ଗଣ୍ଡକ

୭. ନିମ୍ନଲିଖିତ ମଧ୍ୟରୁ କେଉଁ ବୃକ୍ଷଟି ପର୍ଣ୍ଣମୋଚି ବା ମୌସୁମୀ ଅରଣ୍ୟରେ ଦେଖାଯାଇଥାଏ ?
(କ) ଶାଗୁଆନ (ଖ) ଆବଲୁସ (ଗ) ଜୁନିଫର (ଘ) ଆକାଶିଆ

୮. କେଉଁ ମସିହାରେ ସୁନାମି ଯୋଗୁଁ ଶ୍ରୀଲଙ୍କା ତଥା ଭାରତର କେରଳ ଓ ତାମିଲନାଡୁ ଉପକୂଳରେ ବ୍ୟାପକ କ୍ଷୟକ୍ଷତି ହୋଇଥଲା ?
(କ) ୨୦୦୧ (ଖ) ୨୦୦୨
(ଗ) ୨୦୦୩ (ଘ) ୨୦୦୪

୯. କ୍ଷେତ୍ରଫଳ ଦୃଷ୍ଟିରୁ ଭାରତର ବୃହତ୍ତମ ରାଜ୍ୟର ନାମ କ'ଣ ?
(କ)ଉତ୍ତର ପ୍ରଦେଶ (ଖ)ମଧ୍ୟପ୍ରଦେଶ
(ଗ)ରାଜସ୍ଥାନ (ଘ)ମହାରାଷ୍ଟ୍ର

୧୦. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଆଣବିକ ଖଣିଜ ପଦାର୍ଥ ନୁହେଁ ?
(କ) ୟୁରାନିୟମ (ଖ)ମୋନାଜାଇଟ (ଗ) ଥୋରିୟମ (ଘ) ଜିପ୍‌ସମ୍

**ଉତ୍ତର**

୧.(ଖ)ବିଶ୍ୱନାଥପ୍ରସାଦ ତିୱାରୀ, ୨.(କ) ହରପ୍ରସାଦ ଦାସ, ୩.(ଘ) ସିନ୍ଧୀ, ୪.(କ) ସୀତାକାନ୍ତ ମହାପାତ୍ର, ୫.(ଗ)ଜୟଦେବ ପୁରସ୍କାର, ୬.(ଖ)ମନମୋହନ ମହାପାତ୍ର, ୭.(ଖ) ସତ୍ୟଜିତ ରାୟ, ୮.(ଘ) କାଠମାଣ୍ଡୁ, ୯.(ଖ) ମାଘ ସପ୍ତମୀ, ୧୦.(ଗ) ଫାଲଗୁନ

୧. (ଖ) ଇଣ୍ଡୋନେସିଆ, ୨.(ଗ)୧୦ବର୍ଷ, ୩.(ଖ) ବାଂଲାଦେଶ, ୪.(ଗ) ତେଲ ଆବିଭ୍, ୫.(କ) ସିକିମ, ୬.(ଖ) ସତଲେଜ, ୭.(କ) ଶାଗୁଆନ୍, ୮.(ଘ) ୨୦୦୪, ୯.(ଗ) ରାଜସ୍ଥାନ, ୧୦.(ଘ) ଜିପ୍‌ସମ୍

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଅସ୍ପୃଶ୍ୟତା ନିବାରଣ ସମ୍ବନ୍ଧୀୟ ବିଷୟଟି ସଂବିଧାନର କେଉଁ ଧାରା ଅନ୍ତର୍ଭୁକ୍ତ ?
(କ) ଧାରା ୧୭ (ଖ) ଧାରା ୧୮
(ଗ) ଧାରା ୧୯ (ଘ) ଧାରା ୨୦

୨. ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ କେତେବର୍ଷ ?
(କ) ୪ ବର୍ଷ (ଖ) ୫ ବର୍ଷ (ଗ) ୬ ବର୍ଷ (ଘ) ୩ ବର୍ଷ

୩. ଚଳିତ ଲୋକସଭାର ବାଚସ୍ପତିଙ୍କ ନାମ କ'ଣ ?
(କ) ମୀରା କୁମାର (ଖ) ରାମନାଥ କୋବିନ୍ଦ
(ଗ) ଓମ୍ ବିର୍ଲା (ଘ) ରାମ ବିଳାସ ପାଶୱାନ୍

୪. କେଉଁ ରାଜ୍ୟ ସରକାର ୨୦୨୦ ବର୍ଷକୁ ସୁଶାସନ ସଂକଳ୍ପ ବର୍ଷ ରୂପେ ପାଳନ କରୁଛନ୍ତି ?
(କ) ଓଡ଼ିଶା (ଖ) ଗୁଜୁରାଟ (ଗ) ହରିଆଣା (ଘ) ମଧ୍ୟପ୍ରଦେଶ

୫. କେଉଁ ସରକାର ନାରୀ ସଶକ୍ତିକରଣ ପାଇଁ ନାଇଟ୍ ୱାର୍କ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ?
(କ) ଦିଲ୍ଲୀ (ଖ)ରାଜସ୍ଥାନ (ଗ) ତାମିଲନାଡୁ (ଘ) କେରଳ

୬. କେଉଁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳରେ ଲୋସାର ପର୍ବ ନୂଆବର୍ଷ ଦିନ ପାଳନ କରାଯାଏ ?
(କ) ତେଲେଙ୍ଗାନା (ଖ) ମେଘାଳୟ (ଗ) ପୁଡୁଚେରୀ (ଘ) ଲଦାଖ୍

୭. ଏବେ କେଉଁ ରାଜ୍ୟ ସରକାର ରାଜ୍ୟ ବିଧାନ ପରିଷଦକୁ ବାତିଲ୍ କରିବାପାଇଁ ବିଧାନସଭାରେ ପ୍ରସ୍ତାବ ଗୃହୀତ କରିଛନ୍ତି ?
(କ) କର୍ଣ୍ଣାଟକ (ଖ) ବିହାର (ଗ) ତେଲେଙ୍ଗାନା (ଘ) ଆନ୍ଧ୍ରପ୍ରଦେଶ

୮. ଭାରତ ଏବେ କେତେତମ ଗଣତନ୍ତ୍ର ଦିବସ ପାଳନ କରିଛି ?
(କ) ୬୯ (ଖ) ୭୦ (ଗ) ୭୧ (ଘ) ୭୨

୯. କେଉଁ ରାଜ୍ୟ ୪ର୍ଥ ତମ ରାଜ୍ୟ ସିଟିଜେନ୍‌ସିପ୍ ଆମେଣ୍ଡମେଣ୍ଟ ଆକ୍ଟ ବିରୋଧରେ ବିଲ୍ ପାଶ୍ କରିଛନ୍ତି ?
(କ) ଉତ୍ତରପ୍ରଦେଶ (ଖ) ଆସାମ
(ଗ) ବେଙ୍ଗଲ (ଘ) ତ୍ରିପୁରା

୧୦. ଜାତୀୟ ଭୋଟରମ୍ ଡ଼େ କେବେ ପାଳନ କରାଯାଏ ?
(କ) ୨୩ ଜାନୁଆରୀ (ଖ) ୨୪ ଜାନୁଆରୀ
(ଗ) ୨୫ ଜାନୁଆରୀ (ଘ) ୨୬ ଜାନୁଆରୀ

## (୧୭) କମ୍ପ୍ୟୁଟର ଶିକ୍ଷା

୧. ପୃଥିବୀରେ ବ୍ୟବହୃତ ହୋଇଥିବା ସର୍ବପୁରାତନ ଗଣନ ଯନ୍ତ୍ରଟି କଣ ?
(କ) ନାପିଅର ବିଡ୍‌ସ (ଖ) ଆବାକସ୍
(ଗ) ସ୍ଲାଇଡ୍ ରୁଲ (ଘ) ଷ୍ଟେପ୍‌ଡ୍ ରେକନର୍

୨. ଜାପାନରେ 'ଆବାକସ୍' କେଉଁ ନାମରେ ପରିଚିତ ଥିଲା ?
(କ) ଆବାକସ୍ (ଖ) ଚିକିୟାମ
(ଗ) ସୁଁ ପାଆନ (ଘ) ସୋରୋବାନ୍

୩. ଲଗାରିଦମ୍ ବ୍ୟବହୃତ 'କ୍ୟାରାକ୍ଟରିଷ୍ଟିକ୍' ଓ 'ମାଣ୍ଟିସା' ଶବ୍ଦର ପ୍ରଚଳକ କିଏ ?
(କ) ହେନେରୀ ବ୍ରିଗ୍‌ସ (ଖ) ଜନ ନାପିୟର
(ଗ) ବ୍ଲେସେ ପାସ୍କାଲ (ଘ) ୱିଲିୟମ ଅଟରେଡ଼

୪. କମ୍ପ୍ୟୁଟର ବିଜ୍ଞାନର ଜନକ ରୂପେ କେଉଁ ବୈଜ୍ଞାନିକ ପରିଚିତ ?
(କ) ଚାଲର୍ସ ବାବେଜ (ଖ) ଆନାଲ୍ ଟୁରିଂ
(ଗ) ବ୍ଲେସେ ପାସ୍କାଲ (ଘ) ହରମାନ ହୋଲେରିଥ୍

୫. ପୃଥିବୀର ପ୍ରଥମ କମ୍ପ୍ୟୁଟର ପ୍ରୋଗ୍ରାମର କିଏ ?
(କ) ଆନାଲ ଟୁରିଂ (ଖ) ଆଡ଼ା ଲଭ୍‌ଲେସ
(ଗ) ହରମ୍ୟାନ ହୋଲେରିଥ୍ (ଘ) ସିମର କ୍ରେ

୬. ମ୍ୟାଗ୍ନେଟିକ୍ ଟେପ କେବେ ଉଦ୍ଭାବିତ ହୋଇଥିଲା ?
(କ) ୧୯୪୩ (ଖ)୧୯୪୬ (ଗ) ୧୯୫୧ (ଘ) ୧୯୫୮

୭. କମ୍ପ୍ୟୁଟରରେ ବ୍ୟବହୃତ 'ସିଲିକନ୍ ଚିପ୍‌ସ' କେଉଁଥିରୁ ତିଆରି ହୋଇଥାଏ ?
(କ) ସିଲିକନ (ଖ) ସିଲିକେଟ୍ (ଗ)ସାଧାରଣ ବାଲି(ଘ) ଜର୍ମାନିୟମ

୮. ତୃତୀୟ ପିଢିର କମ୍ପ୍ୟୁଟର ଟି କଣ ?
(K) I B M-360 (ଖ)I B M-1680
(ଗ)C D C-6600 (ଘ) BDC-11

୯. ନିମ୍ନଲିଖିତ କେଉଁଟି ଆନାଲୋଗ ଯନ୍ତ୍ରର ଉଦାହରଣ ?
(କ) ଇଲେକ୍‌ଟ୍ରୋନିକ ଘଡ଼ି (ଖ) ପେଟ୍ରୋଲ ପମ୍ପ ରିଡିଂ
(ଗ) ସ୍ପିଡୋମିଟର (ଘ) କାଲକୁଲେଟର

୧୦. ଏକ ଘରୋଇ କମ୍ପ୍ୟୁଟର ନିମିତ୍ତ ଜନପ୍ରିୟ ଭାଷା କେଉଁଟି ?
(କ)PASCAL (ଖ)BASIC
(ଗ)COB0L (ଘ) ALGOL

**ଉତ୍ତର**

୧.(କ) ଧାରା ୧୭, ୨.(ଗ) ୬ ବର୍ଷ ,୩.(ଗ) ଓମ୍ ବିର୍ଲା,୪.(ଗ) ହରିଆଣା ,୫.(ଘ) କେରଳ ,୬.(ଘ) ଲଦାଖ୍ ,୭.(ଘ) ଆନ୍ଧ୍ରପ୍ରଦେଶ,୮.(ଗ) ୭୧,୯.(ଗ) ବେଙ୍ଗଲ ,୧୦.(ଗ)୨୫ ଜାନୁଆରୀ।

୧.(ଖ)ଆବାକସ୍ ୨. (ଘ) ସୋରୋବାନ୍,୩.(କ)ହେନେରୀବ୍ରିଗ୍‌ସ, ୪(କ) ଚାଲର୍ସବାବେଜ , ୫. (ଖ) ଆଡ଼ା ଲଭ୍‌ଲେସ, ୬.(ଖ)୧୯୪୬ , ୭. (ଗ)ସାଧାରଣ ବାଲି, ୮.(କ) IB M-360 ୯.(ଗ) ସ୍ପିଡୋମିଟର , ୧୦.(ଖ)BASIC

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. ଆଲୋକବର୍ଷ ମାନେ କ'ଣ ?
(କ)ଏକ ବର୍ଷରେ ଆଲୋକ ଗତି କରିପାରୁଥିବା ଦୂରତା
(ଖ) ଏକ ମାସରେ ଆଲୋକ ଗତି କରିପାରୁଥିବା ଦୂରତା
(ଗ) ଏକ ଦିନରେଆଲୋକ ଗତି କରିପାରୁଥିବା ଦୂରତା
(ଘ)ଏକ ଘଣ୍ଟାରେ ଅତିକ୍ରମ କରୁଥିବା ଦୂରତା
୨. ଏକ ଜ୍ୟୋତିଃ ଏକକ ମାନେ କ'ଣ ?
(କ) ଆଲୋକ ଏକ ସେକେଣ୍ଡରେ ଅତିକ୍ରମ କରୁଥିବା ଦୂରତା
(ଖ) ସୂର୍ଯ୍ୟର ବ୍ୟାସ (ଗ) ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ହାରାହାରୀ ଦୂରତା
(ଘ) ସୌର ଜଗତର ହାରାହାରି ବ୍ୟାସାର୍ଦ୍ଧ
୩. ଏକ ସୌର ଏକକ କେତେ ?
(କ) ୩ ଆଲୋକ ମିନିଟ୍ (ଖ)୫ ଆଲୋକ ମିନିଟ୍
(ଗ) ୮ ଆମୋଲ ମିନିଟ୍ (ଘ)୧୦ଆଲୋକ ମିନିଟ୍
୪. ଜ୍ୟାମିତିର ଜନକ ରୂପେ କେଉଁ ଗଣିତଜ୍ଞ ପରିଚିତ ?
(କ)ଅହମମ୍ (ଖ)ଥେଲସ୍
(ଗ) ୟୁକ୍ଲିଡ୍ (ଘ) ପାଇଥାଗୋରାସ୍
୫. ଦୁଇଟି ବିନ୍ଦୁ ମଧ୍ୟ ଦେଇ ଅତି ବେଶୀରେ କେତୋଟି ସରଳରେଖା ଅଙ୍କନ ସମ୍ଭବ ?
(କ) ଗୋଟିଏ(ଖ) ଦୁଇଟି (ଗ) ଅସଂଖ୍ୟ (ଘ) ଆଦୌ ସମ୍ଭବ ନୁହେଁ
୬. ଯେଉଁ ପ୍ରକାରର ତ୍ରିଭୁଜର ପରିକେନ୍ଦ୍ର ତାହାର ବହିଃର୍ଦ୍ଦେଶରେ ରହିଥାଏ ତାହା କି ପ୍ରକାରର ତ୍ରିଭୁଜ ?
(କ)ସମକୋଣୀ(ଖ)ସୂକ୍ଷ୍ମକୋଣୀ (ଗ)ସ୍ଥୂଳକୋଣୀ (ଘ)ସମବାହୁ ତ୍ରିଭୁଜ
୭. ଏକ ସମକୋଣୀ ତ୍ରିଭୁଜର ପରିକେନ୍ଦ୍ର କେଉଁଠାରେ ଥାଏ ?
(କ)ଅନ୍ତର୍ଦ୍ଦେଶରେ (ଖ) ବହିଃର୍ଦ୍ଦେଶରେ
(ଗ)କର୍ଣ୍ଣର ମଧ୍ୟବିନ୍ଦୁରେ (ଘ)ସମକୋଣସ୍ଥ ଶୀର୍ଷ ବିନ୍ଦୁରେ
୮. କେଉଁ ପ୍ରକାରର ତ୍ରିଭୁଜରେ ଦୁଇକୋଣର ସମଷ୍ଟି ତୃତୀୟ କୋଣ ସହିତ ସମାନ ହେଇଥାଏ ?
(କ) ସମବାହୁ ତ୍ରିଭୁଜ (ଖ) ସମକୋଣୀ ତ୍ରିଭୁଜ
(ଗ) ସମଦ୍ୱିବାହୁ ତ୍ରିଭୁଜ (ଘ) ସୂକ୍ଷ୍ମକୋଣୀ ତ୍ରିଭୁଜ
୯. କେଉଁ ସଂଖ୍ୟାର ବର୍ଗ ୨୦୭୧ ର ନିକଟତମ ଅଟେ।
(କ) ୪୩ (ଖ) ୪୪ (ଗ) ୪୫ (ଘ) ୪୬
୧୦. ଏକ ଚତୁର୍ଭୁଜର ପ୍ରତ୍ୟେକ କୋଣର ପରିମାଣ ୦° ରୁ ୧୮୦° ମଧ୍ୟରେ ହୋଇଥିଲେ ତାହା କି ପ୍ରକାରର ଚତୁର୍ଭୁଜ ?
(କ) ସୂକ୍ଷ୍ମକୋଣୀ ଚତୁର୍ଭୁଜ (ଖ) ସ୍ଥୂଳକୋଣୀ ଚତୁର୍ଭୁଜ
(ଗ) ଉତ୍ତଳ ଚତୁର୍ଭୁଜ (ଘ) ପ୍ରବୃଦ୍ଧକୋଣୀ ଚତୁର୍ଭୁଜ

## (୧୯) ସାଧାରଣ ବିଜ୍ଞାନ

୧. କେଉଁ ଜାତିର ପାତିମାଙ୍କଡ଼ମାନେ କେବଳ ଭାରତରେ ଦେଖାଯାନ୍ତି ?
(କ) ଗରିଲା (ଖ) ସିଂପାଜି (ଗ) ହୁଲକ୍ ଗିବନ୍ (ଘ) ମେଣ୍ଡ୍ରିଲ୍
୨. କେଉଁ ରକେଟ୍ ସାହାର୍ଯ୍ୟରେ ଚିନ୍ ତା'ର ସବୁଠାରୁ ଓଜନିଆ ସାଟେଲାଇଟ୍ ସି.ଜି.ଆନ୍ - ୨୦ କୁ ମହାକାଶକୁ ପ୍ରେରଣ କରିଛି ?
(କ) ଲଂଗ୍ ମାର୍ଚ୍ଚ ୨ - ଇ (ଖ) ଲଗ୍ ମାର୍ଚ୍ଚ ୪ - ସି
(ଗ) ଲଂଗ୍ ମାର୍ଚ୍ଚ ୩ - ବି (ଘ) ଲଂଗ୍ ମାର୍ଚ୍ଚ ୫
୩. ବୈଜ୍ଞାନିକମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ପ୍ରୋଟିନ୍ "ଇମ୍ପୋର୍ଟିନ୍ - ୨" କେଉଁ ଜାତୀୟ କର୍କଟ ରୋଗ ସହିତ ସଂଶ୍ଲିଷ୍ଟ ?
(କ) ରକ୍ତ କର୍କଟ (ଖ) ଫୁସ୍‌ଫୁସ୍ କର୍କଟ
(ଗ) ପ୍ରୋଷ୍ଟେଟ୍ କର୍କଟ (ଘ) କୋଲେଷ୍ଟେରୋଲ କର୍କଟ
୪. ଆସନ୍ତା ୨୦୨୨ ମସିହାରେ ପ୍ରେରଣ କରିବାକୁ ଥିବା "ଗଗନାୟନ" କାର୍ଯ୍ୟକ୍ରମ ଲାଗି କେଉଁ ବିଭାଗର ୪ଜଣ ବ୍ୟକ୍ତି ଋଷିଆରେ ତାଲିମ ଲାଗି ଚୟନ କରାଯାଇଛି ?
(କ) ଇସ୍ରୋ (ଖ) ଭାରତୀୟ ବାୟୁସେନା
(ଗ) ଭାରତୀୟ ନୌସେନା (ଘ) ଭାରତୀୟ ପଦାତିକ ବାହିନୀ
୫. କରୋନା ଭାଇରସ୍ ଦ୍ୱାରା ଅଧିକ ଆକ୍ରାନ୍ତ ହୋଇଥିବା ଦେଶ କିଏ ?
(କ) ଭାରତ (ଖ) ଋଇନା (ଗ) ଜାପାନ (ଘ) ପାକିସ୍ତାନ
୬. ୟେଲୋ ରଷ୍ଟ (ଣରକ୍ଷକ୍ଷକ୍କଙ୍ଗ କ୍ସକ୍ଷସ୍ପ) ରୋଗ କେଉଁ ଶସ୍ୟରେ ଦେଖାଯାଏ ?
(କ) ଧାନ (ଖ) ଗହମ (ଗ) ମକା (ଘ) ଆଖୁ
୭. ନାସାଦ୍ୱାରା ଏବେ କେଉଁ ଟେଲିସ୍କୋପ୍‌କୁ ୧୬ବର୍ଷ କାର୍ଯ୍ୟକାଳ ପରେ ତାକୁ ବନ୍ଦ କରିଦିଆଯାଇଛି ?
(କ) ୟୁ.ଜି.ଆଇ.ଏଲ୍.ଇ (ଖ) ଜି.ଏ.ପି
(ଗ)ଏସ୍.ପି.ଆଇ.ଟି.ଜେଡ୍.ଇ.ଆ (ଘ) ଇଣ୍ଟିଗ୍ରାଲ୍
୮. ପୃଥିବୀର କେଉଁ ସୋଲାର ଟେଲିସ୍କୋପ୍ ସୂର୍ଯ୍ୟଙ୍କର ପ୍ରଥମ ଛବିକୁ ଉତ୍ତୋଳନ କରିପାରିଛି ?
(କ) ଗ୍ରାଣ୍ଡ ଟେଲିସ୍କୋପ୍ ଓ ଗାନାରିଆଜ୍ (ଖ) ହବି ଏବର୍ଲି ଟେଲିସ୍କୋପ୍
(ଗ) ଗ୍ରୀପର୍ ଟେଇଡ୍ ଅବ୍‌ଜରଭେଟରୀ(ଘ) ଡାନିଏଲ.କେ ଇନୋଇ ସୋଲାର ଟେଲିସ୍କୋପ୍
୯. ଭାରତର ପ୍ରଥମ ଅଣ୍ଡର ୱାଟର ମେଟ୍ରୋ ପ୍ରୋଜେକ୍ଟ କେଉଁ ସହରରେ ଆରମ୍ଭ କରାଯାଇଛି ?
(କ) ମୁମ୍ବାଇ(ଖ) ଚେନ୍ନାଇ (ଗ) କୋଲକାତା (ଘ) କୋଚିନ୍
୧୦. ଭାରତର ପ୍ରଥମ ଇ-ୱେଷ୍ଟ କ୍ଲିନିକ୍ କେଉଁ ସହରରେ ଆରମ୍ଭ ହୋଇଛି ?
(କ) ନୂଆଦିଲ୍ଲୀ (ଖ) ଭୁବନେଶ୍ୱର
(ଗ) ଭୋପାଳ (ଘ) ଅହମଦାବାଦ୍

**ଉତ୍ତର**

୧.(କ)ଏକ ବର୍ଷରେ , ୨.(ଗ) ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ହାରାହାରୀ ଦୂରତା, ୩.(ଗ) ୮ ଆମୋଲ ମିନିଟ୍ , ୪.(ଗ) ୟୁକ୍ଲିଡ୍, ୫.(କ) ଗୋଟିଏ, ୬.(ଗ)ସ୍ଥୂଳକୋଣୀ, ୭.(ଗ)କର୍ଣ୍ଣର ମଧ୍ୟବିନ୍ଦୁରେ , ୮.(ଖ) ସମକୋଣୀ ତ୍ରିଭୁଜ , ୯.(ଘ) ୪୬, , ୧୦.(ଗ) ଉତ୍ତଳ ଚତୁର୍ଭୁଜ

୧. (ଗ) ହୁଲକ୍ ଗିବନ୍ , ୨.(ଘ) ଲଂଗ୍ ମାର୍ଚ୍ଚ ୫ , ୩.(ଘ) କୋଲେଷ୍ଟେରୋଲ କର୍କଟ ୪. (ଖ) ଭାରତୀୟ ବାୟୁସେନା ,୫.(ଖ) ଋଇନା ୬.(ଖ) ଗହମ , ୭.(ଗ)ଏସ୍.ପି.ଆଇ.ଟି.ଜେଡ୍.ଇ.ଆ,୮.(ଘ) ଡାନିଏଲ.କେ ଇନୋଇ ସୋଲାର ଟେଲିସ୍କୋପ୍ , ୯.(ଗ) କୋଲକାତା ,୧୦.(ଗ) ଭୋପାଳ

ଯେଉଁ ମନୁଷ୍ୟ ଏହା ମୋର ସିଏ ତାର ବୋଲି ଭାବିବ ସେ ଅନାସକ୍ତ ହୋଇପାରିବ ନାହିଁ। (ଗାନ୍ଧୀଜୀ)

## (୨୦) କନ୍ଧମାଳ ଜିଲ୍ଲା

| | | |
|---|---|---|
| ୧. ଜିଲ୍ଲାର ନାମ | - | କନ୍ଧମାଳ |
| ୨. ଗଠନ | - | ୧ ଜାନୁଆରୀ,୧୯୯୪ |
| ୩. କ୍ଷେତ୍ରଫଳ | - | ୮୦୨୧ବର୍ଗ.କି.ମି |
| ୪. ଜନସଂଖ୍ୟା | - | ୭୩୧୯୫୨ |
| (କ) ପୁରୁଷ | - | ୩୫୯୪୦୧ |
| (ଖ) ମହିଳା | - | ୩୭୨୫୫୧ |
| ୫. ଉପଖଣ୍ଡ | - | ୦୨ |
| ୬. ତହସିଲ | - | ୧୨ |
| ୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) | - | ୧୨ |
| ୮. ଗ୍ରାମ ପଞ୍ଚାୟତ | - | ୧୫୩ |
| ୯. ଗ୍ରାମ | - | ୨୫୮୭ |
| ୧୦. ଥାନା | - | ୧୮ |
| ୧୧.ପୌରସଂସ୍ଥା(ମ୍ୟୁନିସିପାଲିଟି) | - | ୦୦ |
| ୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) | - | ୦୨ |
| ୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ | - | ୦୩ |

୮୨-ବାଲିଗୁଡ଼ା,୮୩-ଜି ଉଦୟଗିରି,୮୪-ଫୁଲବାଣୀ,

| | | |
|---|---|---|
| ୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) | - | ୧୦୬୩୭୯ |
| ୧୫. ସାକ୍ଷରତା ହାର | - | ୬୫.୧୨% |
| ୧୬. ପୁରୁଷ ସାକ୍ଷରତା ହାର | - | ୭୮.୪ % |
| ୧୭. ମହିଳା ସାକ୍ଷରତା ହାର | - | ୫୨.୪୬ % |
| ୧୮. ଜନସଂଖ୍ୟା ବୃଦ୍ଧି ହାର | - | ୧୨.୯୨ % |
| ୧୯. ଜନସଂଖ୍ୟା ଘନତ୍ୱ | - | ୯୧/ ବର୍ଗ କି.ମି |
| ୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା | - | ୧୦୩୭ |
| ୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ | - | ୩୩ |
| ୨୨. ନିଆଁଲିଭା କେନ୍ଦ୍ର | - | ୦୮ |
| ୨୩. ଲୋକସଭା ଆସନ ସଂଖ୍ୟା | - | ୦୧ |
| ୨୪ ଜଙ୍ଗଲ ଜମି | - | ୫୭୦୯.୮୩ ବର୍ଗ କି.ମି |
| ୨୫. ହାରାହାରି ତାପମାତ୍ରା | - | ସର୍ବନିମ୍ନ ୦୧°-ସର୍ବୋଚ୍ଚ୪୫° |
| ୨୬. ସାଧାରଣ ବୃଷ୍ଟିପାତ | - | ୧୪୨୭.୯ ମି.ମି. |
| ୨୭. ମୋଟର ଯାନ ପଞ୍ଜିକୃତ କୋଡ଼ | - | ଓ.ଡି.- ୧୨ |

୨୮.ପର୍ଯ୍ୟଟନସ୍ଥଳୀ -

ଫୁଲବାଣୀ,ବାଲସକୁମ୍ପା,ବେଲଘର,ଚକାପଦା,ଦାରିଙ୍ଗିବାଡ଼ି,ପୁଟୁଡ଼ି।

(ପ୍ରାୟତଃ ଅଧିକାଂଶ ତଥ୍ୟ ୨୦୧୧ ଜନଗଣନା ତଥ୍ୟାନୁସାରେ ଆଧାରିତ)

## ପର୍ବପର୍ବାଣୀ

### ମାର୍ଚ୍ଚ,୨୦୨୦

ତା.୫ - ଫଗୁ ଦଶମୀ, ଦୋଳ ଯାତ୍ରାରମ୍ଭ ଓ ସୁଦଶା ବ୍ରତ
ତା.୬ - ପାପ ନାଶିନୀ ଏକାଦଶୀ ଉପବାସ, ବ୍ରତ ଓ ହଳ ନିଷେଧ
ତା.୭ - ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ
ତା.୮ - ରାଜାଗ୍ରି, ବରାହ ଦୋଳ ଓ ଓଳକଣା ମେଳଣ, ଶିବଚତୁର୍ଦ୍ଦଶୀ, ଉପବାସ ଓ ବେଢ଼ା
ତା.୯ -ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଚନ୍ଦ୍ରପୂଜା
ତା.୧୦ - ହୋଲି ଉତ୍ସବ
ତା.୧୩ -ମାସାନ୍ତ
ତା.୧୪ -ମୀନ ସଂକ୍ରାନ୍ତି, ସ୍କନ୍ଧ ଷଷ୍ଠୀ ଓ ହ.ନି
ତା.୧୮ -ଶରଣ ଆରମ୍ଭ
ତା.୧୯ -ପାପ ମୋଚନୀ ଏକାଦଶୀ, ଉପବାସ, ବ୍ରତ ଓ ହଳ ନିଷେଧ
ତା.୨୧ -ମହାବାରଣୀ ସ୍ନାନ
ତା.୨୨ -୧୯୪୨ ରାଷ୍ଟ୍ରୀୟ ନବବର୍ଷ, ବାରଣୀ ସ୍ନାନ, ଶିବଚତୁର୍ଦ୍ଦଶୀ, ଉପବାସ ଓ ବେଢ଼ା
ତା.୨୩ - ସବେ-ମେରାଜ (ପୂର୍ବରାତ୍ରୀ), ସୁହୀ ଚତୁର୍ଦ୍ଦଶୀ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ଶରଣ ଶେଷ
ତା.୨୪ -ମଧୁ ଅମାବାସ୍ୟା, ବାସନ୍ତୀକ ନବଦିନାତ୍ମକ ଦୁର୍ଗା ପୂଜାରମ୍ଭଃ ଓ ହ.ନି.
ତା.୨୫ -ସୃଷ୍ଟ୍ୟାରମ୍ଭ ଦିବସ, ତେଲୁଗୁ ନୂତନ ବର୍ଷ ଓ ସମ୍ବତ ୨୦୭୬ ପ୍ରବେଶ
ତା.୨୬ - ଦ୍ୱିତିୟାର ଚନ୍ଦ୍ରଦର୍ଶନ ଓ ପୂଜା
ତା.୩୦ -ବାସନ୍ତୀକ ମୁଣୟୀ ଦେବୀଙ୍କ ବିଲ୍ୱବରଣ, ଶ୍ରୀମନ୍ଦିରେ ଚୈତ୍ର ଗୁଣ୍ଡିଚା ଯାତ୍ରା ଓ ବୃହସ୍ପତି ଚଳନ
ତା.୩୧ - ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା
ବିବାହ - ତା. ୨,୩,୧୦,୧୧ ରିଖ।
ବ୍ରତ - ତା. ୧୧,୨୨,୨୬,୩୦,୩୧ ରିଖ ।

### ଫେବ୍ରୁଆରୀ, ୨୦୨୦

ତା.୧ - ମାଘ ସପ୍ତମୀ ଓ ଚନ୍ଦ୍ରଭାଗା ତୀର୍ଥେ ସ୍ନାନ
ତା.୨ - ଭୀଷ୍ମାଷ୍ଟମୀ ଶ୍ରାଦ୍ଧ ଓ ତର୍ପଣ
ତା.୫ - ଭୈମୀ ଏକାଦଶୀ ଓ ହ.ନି
ତା.୬ - ବରାହ ଦ୍ୱାଦଶୀ
ତା.୭ - ଶିବଚତୁର୍ଦ୍ଦଶୀ ଉପବାସ, ବେଢ଼ା ଓ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମୋତ୍ସବ
ତା.୮ - ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ଓ ଯୋରନ୍ଦା ମେଳା ଓ ଚନ୍ଦ୍ରପୂଜା
ତା.୯ - ମାଘି ପୂର୍ଣ୍ଣିମା ଓ ମାଘ ବ୍ରତ ସମାପନ
ତା.୧୨ - ମାସାନ୍ତ
ତା.୧୩ - କୁମ୍ଭ ସଂକ୍ରାନ୍ତି ଓ ହଳ ନିଷେଧ
ତା.୧୯ - ପଙ୍କୋଦ୍ଧାର ଏକାଦଶୀ ଉପବାସ ଓ ହଳ ନିଷେଧ
ତା.୨୦ - ଶରଣ ଆରମ୍ଭ
ତା.୨୧ - ମହାଶିବରାତ୍ରୀ (ଜାଗର), ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା.୨୨ - ଚନ୍ଦ୍ରକ୍ଷୟ ଓ ନିଶିପାଳନ
ତା.୨୩ - ଅମାବାସ୍ୟା ଓ ହଳ ନିଷେଧ
ତା. ୨୫ - ଦ୍ୱିତୀୟାର ଚନ୍ଦ୍ରଦର୍ଶନ, ପୂଜା ଓ ଶରଣ ଶେଷ
ବିବାହ - ତା. ୩,୪,୧୬,୨୫,୨୬,୨୮ ରିଖ।
ବ୍ରତ - ତା. ୧୭,୧୮ରିଖ।

## ବିଭିନ୍ନ ଦିବସ ପାଳନ

### ମାର୍ଚ୍ଚ ୨୦୨୦

ତା ୦୩ - ଜାତୀୟ ପ୍ରତିରକ୍ଷା ଦିବସ
ତା ୦୪ - ଜାତୀୟ ସୁରକ୍ଷା ଦିବସ
ତା ୦୫ - ବିଜୁ ପଟ୍ଟନାୟକ ଜୟନ୍ତୀ ପଞ୍ଚାୟତରାଜ ଦିବସ
ତା ୦୮ - ଅନ୍ତର୍ଜାତୀୟ ମହିଳା ଦିବସ
ତା ୧୩ - ହସ୍ତୀ ଦିବସ
ତା ୧୫ - ବିଶ୍ୱ ଭିନ୍ନକ୍ଷମ ଦିବସ, - ବିଶ୍ୱ ଖାଉଟି ଦିବସ
ତା ୧୬ - ଜାତୀୟ ଟୀକାକରଣ ଦିବସ
ତା ୨୦ - ଅନ୍ତର୍ଜାତୀୟ ଆନନ୍ଦ ଦିବସ
ତା ୨୧ - ବିଶ୍ୱ କବିତା ଦିବସ
ତା ୨୧ - ବିଶ୍ୱ ଜଙ୍ଗଲ ଦିବସ
ତା ୨୨ - ବିଶ୍ୱ ଜଳ ଦିବସ
ତା ୨୩ - ବିଶ୍ୱ ପାଣିପାଗ ଦିବସ
ତା ୨୪ - ବିଶ୍ୱ ଯକ୍ଷ୍ମା ଦିବସ
ତା ୨୫ - ଗୁଡ୍ ଫ୍ରାଇଡେ

### ଫେବ୍ରୁଆରୀ ୨୦୨୦

ତା ୦୨ - ବିଶ୍ୱ ଆର୍ଦ୍ରତା ଦିବସ
ତା ୦୪ - ବିଶ୍ୱ କ୍ୟାନସର ଦିବସ
ତା ୦୯(ଦ୍ୱିତୀୟ ରବିବାର)- ବିଶ୍ୱ ବିବାହ ଦିବସ
ତା ୧୧ - ବିଶ୍ୱ ଅସୁସ୍ଥତା ଦିବସ
ତା ୧୨ - ଡାରୱିନ୍ ଦିବସ
ତା ୧୩ - ବିଶ୍ୱ ରେଡ଼ିଓ ଦିବସ ସରୋଜିନୀ ନାଇଡୁ ଜନ୍ମ ଦିବସ ଜାତୀୟ ମହିଳା ଦିବସ
ତା ୧୪ - ଭାଲେଣ୍ଟାଇନ୍ ଦିବସ
ତା ୨୦ - ବିଶ୍ୱ ସାମାଜିକ ନ୍ୟାୟ ଦିବସ
ତା ୨୧ - ଆନ୍ତର୍ଜାତିକ ମାତୃଭାଷା ଦିବସ
ତା ୨୨ - ବିଶ୍ୱ ସ୍କାଉଟ ଦିବସ
ତା ୨୩ - ବିଶ୍ୱ ଶାନ୍ତି ଓ ବୁଝାମଣା ଦିବସ
ତା ୨୪ - ସେଣ୍ଟ୍ରାଲ ଏକସାଇଜ୍ ଦିବସ
ତା ୨୮ - ଜାତୀୟ ବିଜ୍ଞାନ ଦିବସ

# DUTTA JEWELLERY

"Cheap Jewelery, however, is worse than no Jewelery"

We deal with
BIS 916
GOLD ORNAMENTS
with unique designed
by our professional designer.











New Bus Stand, Khordha, Odisha
PIN : 752056, Ph. : 06755 - 223744

Postal Regd. No. : PURI-33/2019-21

Volume-10 | Issue No.-8 | Monthly | February-2020 | RNI Regn. No. 107608/2010 | Page-52


# SAHAJOG HOSPITAL

Lane-6, Mangala Nagar, Khordha

06755-221321, 222277, 222999

sahajoghospital@gmail.com

SAHAJOG HOSPITAL

(ସେବାରୁ ଆରମ୍ଭ, ସେବାରେ ଶେଷ)

An ISO 9001: 2015 Certified Hospital

Regd. No. 1533-2013

# ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା
(ଖଣିପାଖ), ଖୋର୍ଦ୍ଧା

ଏଠାରେ ବିଜୁ କୃଷକ କଲ୍ୟାଣ ଯୋଜନା
ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ
ସ୍ୱାସ୍ଥ୍ୟବିମା ଯୋଜନା, ଓଡ଼ିଶା ରାଜ୍ୟ ଚିକିତ୍ସାପାଣ୍ଠି
(OSTF) କାର୍ଡଧାରୀରୋଗୀ ମାନଙ୍କ ପାଇଁ ମାଗଣାରେ
ଅପରେସନ୍,ସୁଷମ ଖାଦ୍ୟ ଓ ଘରେନେଇ ଛାଡି ଆସିବାର
ବ୍ୟବସ୍ଥା ରହିଛି

ସମ୍ପର୍କ :
୦୬୭୫୫-୨୨୧୩୨୧/୨୨୨୨୭୭
୯୯୩୮୪୪୬୩୦୯, ୮୫୯୮୦୮୦୫୨୯, ୯୯୩୭୦୫୪୩୨୬, ୯୯୩୭୨୩୨୭୦୦


Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From To.

AMARISATYA

M-1/5, M.P.H.B. Colony Post- P.N. College, Dist-Khurda, Pin-752057